ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୪/୨୦୨୬ (୧୬ ପୃଷ୍ଠା) | Bhubaneswar, Tuesday, April 14/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 139 | ମୂଲ୍ୟ ₹୭/-



Government of Bharat

CBC 22201/13/0010/2627

ନାରୀ ଶକ୍ତି ବନ୍ଦନ ପାଇଁ ପ୍ରତିଶ୍ରୁତିବଦ୍ଧ

#NariShaktiVandan

ଦେଶର ମହିଳାମାନଙ୍କୁ ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି



୩+ କୋଟି ମହିଳା ହୋଇଛନ୍ତି ଲକ୍ଷପତି ଦିଦି

୩୫+ କୋଟି ମହିଳାଙ୍କୁ ମିଳିଛି ମୁଦ୍ରା ଋଣ


# ହର୍ମୁଜ୍‌ରେ ଛକାପଞ୍ଝା ସ୍ଥିତି



ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଓମାନ୍‌ର ଏକ ଜାହାଜ ଫସିରହିଛି । (ଫଟୋ: ରଏଟର୍ସ)

ଇସ୍‌ଲାମାବାଦରେ ୨୧ ଘଣ୍ଟିଆ ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବା ପରେ ଆମେରିକା ଓ ଇରାନ୍ ମଧ୍ୟରେ ପୁନଶ୍ଚ ସାମରିକ ଉତ୍ତେଜନା ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଆମେରିକୀୟ ସେନା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଏବଂ ଇରାନ୍ ଉପକୂଳସ୍ଥିତ ସମସ୍ତ ବନ୍ଦର ବନ୍ଦ କରିଦେବାକୁ ଚେତାବନୀ ଦେଇଛନ୍ତି। ଇରାନ୍ ଏହାର ଜବାବରେ ପାରସ୍ୟ ଉପସାଗରୀୟ କ୍ଷେତ୍ର ଓ ଗଲ୍ଫ ଅଫ୍ ଓମାନରେ ଥିବା ସବୁ ବନ୍ଦରକୁ ବନ୍ଦ କରିଦେବାକୁ ଧମକ ଦେଇଛି। ହର୍ମୁଜ୍ ପ୍ରଣାଳୀରେ ଛକାପଞ୍ଝା ସ୍ଥିତି ଲାଗି ରହିଥିବାରୁ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଉଭୟ ଆମେରିକା ଓ ଇରାନ୍ ଏବେ ହର୍ମୁଜ୍‌ରେ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଛନ୍ତି। ଫଳରେ କ୍ରୁଡ୍ ଅଏଲ୍ ମୂଲ୍ୟ ବ୍ୟାରେଲ ପିଛା ପୁଣି ୧୦୦ ଆମେରିକୀୟ ଡଲାର ଟପିଛି।

- ଇରାନୀୟ ବନ୍ଦର ବନ୍ଦ କରିବାକୁ ଆମେରିକାର ଚେତାବନୀ
- ମଧ୍ୟପ୍ରାଚ୍ୟର ସବୁ ବନ୍ଦର ବନ୍ଦ କରିଦେବୁ: ତେହରାନ୍
- ୱାଶିଂଟନ୍‌ଠାରୁ ମୁହଁ ମୋଡ଼ିଲେ ନାଟୋ ସହଯୋଗୀ

**କାଏରୋ/ୱାଶିଂଟନ୍/ଦୁବାଇ, ୧୩।୪(ଏ.ପି./ରଏଟର୍ସ)**

ହର୍ମୁଜ୍ ପ୍ରଣାଳୀ ହେଉଛି ଆରବ ସାଗରରେ ପାରସ୍ୟ ଉପସାଗରୀୟ ଅଞ୍ଚଳକୁ ଗଲ୍ଫ ଅଫ୍ ଓମାନ୍ ସହ ଯୋଡୁଥିବା ଜଳପଥ। ବ୍ୟବସାୟିକ ତଥା ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସାମୁଦ୍ରିକ ପଥ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୨୫ରୁ ୩୦% ତୈଳ ପରିବହନ ହୋଇଥାଏ। ଭାରତର ୮୦% ଶକ୍ତି ଆବଶ୍ୟକତା ମଧ୍ୟ ହର୍ମୁଜ୍ ଜଳପଥ ପୂରଣ କରିଥାଏ। ତେଣୁ ଇରାନ୍ ହର୍ମୁଜ୍ ଉପରେ ଏକଚାଟିଆ ନିୟନ୍ତ୍ରଣ ବଜାୟ ରଖି ତୈଳ ପରିବହନକାରୀ ଜାହାଜଗୁଡ଼ିକରୁ ଅର୍ଥ ଆଦାୟ କରିବାକୁ ଚାହୁଁଛି। ଏପରି ହେଲେ ଅଶୋଧିତ ତୈଳ ବ୍ୟାରେଲ ପିଛା ୧ ଆମେରିକୀୟ ଡଲାର ତେହରାନ୍ ଲାଭ ପାଇବ ବୋଲି ଏକ ଆକଳନରୁ ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌ର ଏଭଳି ଜିଦ୍‌କୁ ନାପସନ୍ଦ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଇରାନ୍ ହର୍ମୁଜ୍‌ରେ ଜାହାଜ ଚଳାଚଳ ବନ୍ଦ କଲେ ଆମେରିକା ଇରାନ୍ ନିୟନ୍ତ୍ରଣରେ ଥିବା ସମସ୍ତ ବନ୍ଦରକୁ ବ୍ଲକ୍ କରିଦେବ। ଏହି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଇରାନ୍‌ର ୧୫୮ ଜାହାଜକୁ ଆମେ ନିଶ୍ଚିହ୍ନ କରିଦେଇଛୁ। ଆମେରିକୀୟ ସେନା ମଧ୍ୟ ଟ୍ରମ୍ପଙ୍କ ଚେତାବନୀକୁ ଦୋହରାଇଛି। ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଆମେରିକାର ସ୍ଥାନୀୟ ସମୟ ସୋମବାର ପୂର୍ବାହ୍ନ ୧୦ଟା (ଇଡିଟି)/ଇରାନୀୟ ସମୟ ୫ଟା ୩୦ରୁ ବଳପ୍ରୟୋଗ ପୂର୍ବକ ଆରବୀୟ ଉପସାଗରୀୟ ଏବଂ ଓମାନ ଉପସାଗରୀୟ ଅଞ୍ଚଳରେ ଥିବା ଇରାନୀୟ ବନ୍ଦରଗୁଡ଼ିକରେ ବ୍ଲକେଡ୍ ଆରମ୍ଭ କରିବାକୁ ଚେତାବନୀ ଦେଇଥିଲା। ଏହି ସମୟ ଅତିକ୍ରାନ୍ତ ହେବା ପରେ ହର୍ମୁଜ୍‌ରେ ଛକାପଞ୍ଝା ଆରମ୍ଭ ହୋଇଛି। ସେଣ୍ଟକମ୍ ଆହୁରି କହିଛି, ଅଣଇରାନୀୟ ବନ୍ଦରଗୁଡ଼ିକ ଦେଇ ହର୍ମୁଜ୍ ପ୍ରଣାଳୀକୁ ଜାହାଜଗୁଡ଼ିକର ଚଳାଚଳ ପାଇଁ ଆମେ ସୁବିଧା କରିବୁ। ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ☞ପୃଷ୍ଠା-୧୨

## ଓଡ଼ିଆ ନବବର୍ଷ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

# ୧ ଡଲାର= ୯୩.୩୯ ଟଙ୍କା

### ୫୬ ପଇସା ଦୁର୍ବଳ ହେଲା ଭାରତୀୟ ମୁଦ୍ରା

**ମୁମ୍ବାଇ, ୧୩।୪(ପି.ଟି.)**

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଭୂରାଜନୈତିକ ଉତ୍ତେଜନା ଭାରତୀୟ ମୁଦ୍ରାକୁ ପୁଣି ଦୁର୍ବଳ କରିଦେଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର ଟଙ୍କା ୫୬ ପଇସା ଦୁର୍ବଳ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୩.୩୯ ଟଙ୍କା ରହିଛି। ସେସନ୍ ଆରମ୍ଭରେ ଟଙ୍କା ୯୩.୩୦ରେ ଖୋଲି ୯୩.୪୦କୁ ଛୁଇଁଥିଲା। ତେବେ ଶେଷରେ ଏହା ୯୩.୩୯ରେ ସେଟେଲ ହୋଇଥିଲା। ଏହା ପୂର୍ବରୁ ଶୁକ୍ରବାର ସେସନ୍‌ରେ ଟଙ୍କା ୩୨ ପଇସା ଦୁର୍ବଳ ହୋଇ ୯୨.୮୩ରେ ବନ୍ଦ ହୋଇଥିଲା। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଶୋଧିତ ତୈଳ ପରିବହନରେ ଅନିଶ୍ଚିତତା ଯୋଗୁ କ୍ରୁଡ୍ ମୂଲ୍ୟ (୧୦୦ ଆମେରିକୀୟ ଡଲାର ଅତିକ୍ରମ କରି) ବଢ଼ି ଚାଲିଥିବାବେଳେ ଭାରତୀୟ ପୁଞ୍ଜିବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଷ୍ଟକ୍ସ ବିକ୍ରି କରିବାରେ ଲାଗିଛନ୍ତି। ଏହା ମଧ୍ୟ ଟଙ୍କା ଅବମୂଲ୍ୟାୟନର ଏକ ପ୍ରମୁଖ କାରଣ ବୋଲି ଫରେକ୍ସ ଆନାଲିଷ୍ଟମାନେ କହିଛନ୍ତି।

## ଆଜିର ସମ୍ପାଦକୀୟ

### ଏବେ ତୁର୍କୀ ଓ କ୍ୟୁବା

## ମା'ଙ୍କୁ ହତ୍ୟା କଲେ ବାପା

# ଗୁମର ଖୋଲିଲେ ୪ ବର୍ଷର ପୁଅ

**ରାଇଘର, ୧୩।୪(କିରଣ ପଟ୍ଟନାୟକ)**

ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟାକରିବା ପରେ ପ୍ରମାଣ ଲୁଚାଇବାକୁ ଯାଇ ସ୍ୱାମୀ ପାଇଖାନା ଟାଙ୍କିରେ ମୃତଦେହକୁ ଲୁଚେଇ ରଖିଥିଲେ। ବାପାଙ୍କ ଏଭଳି ଜଘନ୍ୟ କାମକୁ ୪ ବର୍ଷର ପୁଅ ସହି ନ ପାରି ଗ୍ରାମବାସୀଙ୍କ ନିକଟରେ ହତ୍ୟା ଘଟଣାର ଗୁମର ଖୋଲିଦେଇଛନ୍ତି।

ଏଭଳି ଚାଞ୍ଚଲ୍ୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ରାଇଘର ଥାନା ଜୋଡ଼ିଗାଁ ପଞ୍ଚାୟତ ବୋରଗାଁରେ। ଗ୍ରାମବାସୀ ଏ ସମ୍ପର୍କରେ ଖବର ଦେବାରୁ ରବିବାର ବିଳମ୍ବିତ ରାତିରେ ପୋଲିସ ପହଞ୍ଚି ପାଇଖାନା ଟାଙ୍କିରୁ ମହିଳାଙ୍କ ମୃତଦେହ ଜବତ କରିଛି। ହତ୍ୟାକାରୀ ସୁବାସ ଗଣ୍ଡଙ୍କୁ ପୋଲିସ ଗିରଫକରି ତଦନ୍ତ କରୁଥିବା ରାଇଘର ଥାନା ଅଧିକାରୀ ଟିକେଟାନ୍ଦ ବାହାବଳ କରୁଆ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବୋରଗାଁ ଗ୍ରାମର ସୁବାସ ଗଣ୍ଡ ଗତ ୧୧ ବର୍ଷ ତଳେ ସେହି ଗାଁର ମନେଇ ଗଣ୍ଡଙ୍କୁ ବିବାହ କରିଥିଲେ। ୨ ପୁଅ ସହ ସେମାନଙ୍କ ପରିବାର ସୁରୁଖୁରୁରେ ଚାଲିଥିଲା। ସୁବାସ ପରିବାର ସଦସ୍ୟଙ୍କ ସହ ଶନିବାର ଏକ ବାହାଘରକୁ ବୁଲିବାକୁ ଯାଇଥିଲେ। ସେହିଦିନ ମଧ୍ୟାହ୍ନରେ ସମସ୍ତେ ଘରକୁ ଫେରିଥିଲେ। କୌଣସି ଏକ କଥାକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୁବାସ ଉତ୍ତ୍ୟକ୍ତ ହୋଇ ପିଲାଙ୍କ ସମ୍ମୁଖରେ ଏକ ☞ପୃଷ୍ଠା-୧୨


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



15001/16/2627

ସତ୍ୟମେବ ଜୟତେ



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)





ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି ।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା ।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0016

# ଶ୍ରମିକଙ୍କ ବିକ୍ଷୋଭ ବେଳେ ହିଂସା

■ କାର୍ ପୋଡ଼ାଜଳା, ରାସ୍ତା ଅବରୋଧ
■ ଲୁହବୁହା ବାଷ୍ପ ଛାଡ଼ି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଲା ପୋଲିସ

ନଏଡା/ନୂଆଦିଲ୍ଲୀ,୧୩।୪


ନଏଡାରେ ବିକ୍ଷୋଭକାରୀ ଫ୍ୟାକ୍ଟ୍ରି କର୍ମଚାରୀମାନେ ଏକ ଗାଡ଼ି ଜାଳିଦେଉଛନ୍ତି।

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ଅନ୍ତର୍ଗତ ନଏଡ଼ାରେ ଫ୍ୟାକ୍ଟ୍ରି ଶ୍ରମିକମାନେ ବିଭିନ୍ନ ଦାବି ନେଇ ବିକ୍ଷୋଭ ଚଳାଇଥିବାବେଳେ ସୋମବାର ଚତୁର୍ଥ ଦିନରେ ଏହା ହିଂସାତ୍ମକ ରୂପ ନେଇଛି। ବିକ୍ଷୋଭକାରୀ ବହୁ ଗାଡ଼ିରେ ନିଆଁ ଲଗାଇଦେବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ସର୍ବନିମ୍ନ ବଳ ପ୍ରୟୋଗ କରିଥିଲା। ବହୁସଂଖ୍ୟାରେ କଳକାରଖାନା ଥିବା ନଏଡ଼ା ଫେଜ୍-୨ରେ ବିକ୍ଷୋଭକାରୀ ଶ୍ରମିକମାନେ ଏକ ପୋଲିସ ଭ୍ୟାନ୍ ସମେତ ଅନ୍ୟ ଗାଡ଼ିଗୁଡ଼ିକୁ ଭଙ୍ଗାରୁଜା କରୁଥିବାର ଦେଖିବାକୁ ମିଳିଛି।

ବେତନ ବୃଦ୍ଧି ଓ ଅନ୍ୟାନ୍ୟ ସୁବିଧା ଦାବିରେ ବିଭିନ୍ନ ଶିଳ୍ପ ସଂସ୍ଥାର କର୍ମଚାରୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। କୌଣସି ଅପ୍ରୀତିକର ସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ସେଠାରେ ନଏଡ଼ାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବିକ୍ଷୋଭ ଯୋଗୁ ସୋମବାର ସକାଳେ ନଏଡ଼ାର ମୁଖ୍ୟ ରାସ୍ତାଗୁଡ଼ିକରେ ପ୍ରବଳ ଟ୍ରାଫିକ୍ ଜାମ୍ ଲାଗିରହିବାରୁ ଦୈନନ୍ଦିନ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦିଲ୍ଲୀ-ନଏଡ଼ା ସୀମାରେ ଗାଡ଼ି ଚଳାଚଳ ଏକପ୍ରକାର ଅଚଳ ହୋଇପଡ଼ିଥିଲା। ବହୁ କିଲୋମିଟର ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଅନେକ ଘଣ୍ଟା ଧରି ଛିଡ଼ାହୋଇ ରହିଥିବା ଦେଖାଯାଇଥିଲା।

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବା ଆବଶ୍ୟକ ଏବଂ ଶିଳ୍ପସଂସ୍ଥାଗୁଡ଼ିକ ଶ୍ରମ ଆଇନର ଅନୁପାଳନ କରିବା ଜରୁରୀ। କର୍ମଚାରୀମାନଙ୍କୁ ଉସୁକାଇବାକୁ ଉଦ୍ୟମ କରୁଥିବା ସମାଜବିରୋଧୀ ତତ୍ତ୍ୱମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ବେତନ ବୃଦ୍ଧି ଏବଂ କାର୍ଯ୍ୟସ୍ଥଳ ସ୍ଥିତିରେ ଉନ୍ନତି ଆଦି ବିଭିନ୍ନ ଦାବି ନେଇ ଫ୍ୟାକ୍ଟ୍ରି ଶ୍ରମିକମାନେ ଗତ କିଛି ବର୍ଷ ହେଲା ବିକ୍ଷୋଭ କରିଆସୁଛନ୍ତି। ଅଣକୁଶଳୀ ଶ୍ରମିକମାନଙ୍କ ସର୍ବନିମ୍ନ ମାସିକ ବେତନ ୧୧,୨୭୪ ଟଙ୍କାରୁ ୧୫,୨୨୦ ଟଙ୍କାକୁ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ବେତନ ୧୨,୪୩୦ ଟଙ୍କା ୧୮ ପଇସାରୁ ୧୬,୭୮୦ ଟଙ୍କା ୭୪ ପଇସାକୁ ବୃଦ୍ଧି କରିବା ପାଇଁ ହରିୟାଣା ସରକାର ଘୋଷଣା କରିବା ପରେ ବିକ୍ଷୋଭ ଆରମ୍ଭ ହୋଇଛି। କୁଶଳୀ ଏବଂ ଅତି କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ବେତନ ମଧ୍ୟ ୩୫% ବୃଦ୍ଧି କରାଯାଇଛି। ସର୍ବନିମ୍ନ ବେତନ ୨୦ ହଜାର ଟଙ୍କା ଏବଂ ୧୨ ଘଣ୍ଟିଆ ଶିଫ୍ଟ ବଦଳରେ ୮ ଘଣ୍ଟିଆ ଶିଫ୍ଟ ପାଇଁ ଶ୍ରମିକମାନେ ଦାବି କରିଛନ୍ତି। ଏହାଠାରୁ ଅଧିକ ସମୟ କାର୍ଯ୍ୟ ପାଇଁ ଓଭରଟାଇମ୍ ପୈଠ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି। ସେମାନେ କହିଛନ୍ତି, କମ୍ପାନୀ ଆମକୁ ଶୋଷଣ କରୁଛି। ଠିକ୍ ସମୟରେ ଆମକୁ ଖାଦ୍ୟ ମିଳୁନାହିଁ। ମହିଳା କର୍ମଚାରୀମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ନଏଡ଼ା ଶ୍ରମିକଙ୍କ ହିଂସାତ୍ମକ ବିକ୍ଷୋଭ ପାଇଁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଭାଜପା ସରକାରଙ୍କ ଏକପାଖିଆ ନୀତିକୁ ଦାୟୀ କରିଛନ୍ତି। ଭାଜପା ସରକାର ପୁଞ୍ଜିପତିମାନଙ୍କ ସପକ୍ଷରେ କାର୍ଯ୍ୟ କରୁଥିବାବେଳେ ବେତନଭୋଗୀ କର୍ମଚାରୀ ଓ ଶ୍ରମିକମାନଙ୍କୁ ଅବହେଳା କରୁଥିବା ସେ ଅଭିଯୋଗ କରିଛନ୍ତି।

# ଭୋଟିଂ ପାଇଁ ଫିଙ୍ଗରପ୍ରିଣ୍ଟ: କେନ୍ଦ୍ର, ଇସିକୁ ଜବାବ ତଲବ

## ଲୋକ ସଭା, ବିଧାନସଭା ନିର୍ବାଚନ ପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥା ବିଚାରଯୋଗ୍ୟ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୪(ପି.ଟି./ଲାଇଭ୍ ଲ)



ଦେଶରେ ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନଗୁଡ଼ିକରେ ମତଦାନ କେନ୍ଦ୍ରରେ ଭୋଟିଂ ଜାଲିଆତି ଏଡ଼ାଇବା ପାଇଁ ଫିଙ୍ଗରପ୍ରିଣ୍ଟ (ଅଙ୍ଗୁଳିଚିହ୍ନ) ସହ (ଆଇରିସ୍) ଚକ୍ଷୁପଟଳ ଆଧାରିତ ବାୟୋମେଟ୍ରିକ୍ ବ୍ୟବସ୍ଥା କରାଇବା ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ(ଇସି)ଙ୍କୁ ଜବାବ ମାଗିଛନ୍ତି।

ଭୋଟିଂରେ ଜାଲିଆତି ଓ ଲାଞ୍ଚ କାରବାର ରୋକିବା ନିମନ୍ତେ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ମତଦାନ କେନ୍ଦ୍ରରେ ଫିଙ୍ଗରପ୍ରିଣ୍ଟ ବ୍ୟବସ୍ଥା କରାଇବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛନ୍ତି। ଏଥିରେ ଅଶ୍ୱିନୀ ଦର୍ଶାଇଛନ୍ତି ଯେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨୪ ଅଧୀନରେ ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ଇସି ଫିଙ୍ଗରପ୍ରିଣ୍ଟ ଓ ଆଇରିସ୍‌ଭିତ୍ତିକ ବାୟୋମେଟ୍ରିକ୍ ଅଥେଣ୍ଟିକେଶନ୍‌କୁ କାର୍ଯ୍ୟକାରୀ କରାଇପାରିବେ। ଏହାଦ୍ୱାରା ମତଦାତାଙ୍କ ପରିଚୟ ଚିହ୍ନଟ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇପାରିବ। ସେହିପରି ଭୋଟ ପାଇଁ ଅର୍ଥ କାରବାର, ଅବାଞ୍ଛିତ ପ୍ରଭାବ, ଜାଲିଆତି ଏବଂ ଜଣକ ବଦଳରେ ଅନ୍ୟ ଜଣେ ମତଦାନ କରିବା ଭଳି କାର୍ଯ୍ୟକଳାପକୁ ରୋକିହେବ ବୋଲି ସେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଓ ଜଷ୍ଟିସ୍ ଜୟମାଲା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ବିଚାର କରିବାକୁ ରାଜି ହୋଇଛନ୍ତି। ସୋମବାର ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ବର୍ତ୍ତମାନ ହେବାକୁ ଥିବା କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ ଏହି ବ୍ୟବସ୍ଥା କରାଯାଇପାରିବ ନାହିଁ। ତେବେ ଆଗକୁ ହେବାକୁ ଥିବା ସଂସଦୀୟ ନିର୍ବାଚନ ଏବଂ/କିମ୍ବା ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ଏଭଳି ପନ୍ଥା ଅନୁସରଣ କରାଯିବା ଉପରେ ପରୀକ୍ଷାନିରୀକ୍ଷା ଆବଶ୍ୟକ। ତେଣୁ କେନ୍ଦ୍ର, ନିର୍ବାଚନ ଆୟୋଗ ଓ ଅନ୍ୟ ରାଜ୍ୟଗୁଡ଼ିକୁ ଉକ୍ତ ଆବେଦନ ଉପରେ ଜବାବ ଦାଖଲ ପାଇଁ ନୋଟିସ କରାଯାଇଛି। ଖଣ୍ଡପୀଠ ଆହୁରି କହିଛନ୍ତି, ଭୋଟିଂ ସେଣ୍ଟରରେ ବାୟୋମେଟ୍ରିକ୍ ବ୍ୟବସ୍ଥା କରାଗଲେ ଅନେକ ନିୟମଗତ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ଏପରି କି ଏହାଦ୍ୱାରା ବିପୁଳ ଆର୍ଥିକ ବୋଝ ମଧ୍ୟ ପଡ଼ିବ। କିନ୍ତୁ ଏହି ପ୍ରସଙ୍ଗ ବିଚାରଯୋଗ୍ୟ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ଆଇନଜୀବୀ ଅଶ୍ୱିନୀ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଫିଙ୍ଗରପ୍ରିଣ୍ଟ ସହ ଚକ୍ଷୁପଟଳ ଆଧାରିତ ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଇବା ସକାଶେ ଇସିଙ୍କ ସାମ୍ବିଧାନିକ କ୍ଷମତା ରହିଥିବା କହିଛନ୍ତି। ତାଙ୍କ ମତରେ ଭୋଟର ଆଇଡି ଆଧାରିତ ବ୍ୟବସ୍ଥାରେ ତ୍ରୁଟିବିଚ୍ୟୁତି ରହୁଥିବାରୁ ପରିବର୍ତ୍ତିତ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୱାନ୍ ସିଟିଜେନ୍, ୱାନ୍ ଭୋଟ (ଜଣେ ନାଗରିକ, ଗୋଟିଏ ଭୋଟ)ର କଡ଼ା ଅନୁପାଳନ ସକାଶେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଓର୍ବାନ୍ ହାରିଲେ ହଙ୍ଗେରୀ ନିର୍ବାଚନ

## ପିଟର ମାଗ୍ୟାରଙ୍କ ଦଳ ଆଗରେ

ବୁଦାପେଷ୍ଟ,୧୩।୪


ଭିକ୍ଟର ଓର୍ବାନ୍

୧୬ ବର୍ଷ ଧରି କ୍ଷମତାରେ ରହିଥିବା ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ୍ ରବିବାର ଅନୁଷ୍ଠିତ ନିର୍ବାଚନରେ ପରାଜିତ ହୋଇଛନ୍ତି। ହଙ୍ଗେରୀୟ ଭୋଟର ତାଙ୍କ ଏକଚ୍ଛତ୍ରବାଦ ନୀତି ଓ ବିଶ୍ୱସ୍ତରୀୟ ଦକ୍ଷିଣପନ୍ଥୀ ଆନ୍ଦୋଳନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପୂର୍ବରୁ ଓର୍ବାନଙ୍କ ଅନୁଗତ ଥିବା ପିଟର ମାଗ୍ୟାରଙ୍କ ସପକ୍ଷରେ ଜନମତ ଯାଉଥିବାବେଳେ ୟୁରୋପୀୟ ନେତାମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଓର୍ବାନ ସରକାରଙ୍କ ଦୁର୍ନୀତି ବିରୋଧରେ ପିଟର ପ୍ରଚାର ଚଳାଇବା ସହ ୟୁରୋପୀୟ ସଂଘ (ଇୟୁ) ଏବଂ ନାଟୋ ସହିତ ହଙ୍ଗେରୀର ସମ୍ପର୍କ ପୁନଃ ପ୍ରତିଷ୍ଠା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିନା ମେଣ୍ଟରେ ସରକାର ଗଢ଼ିବା ପାଇଁ ପିଟରଙ୍କ ଟିସ୍‌ଜା ପାର୍ଟି ଏକ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ସୋମବାର ସନ୍ଧ୍ୟା ସୁଦ୍ଧା ୭୭ ପ୍ରତିଶତ ଭୋଟଗଣତି ସରିଥିବାବେଳେ ପିଟରଙ୍କ ଦଳକୁ ୫୩% ଏବଂ ଓର୍ବାନଙ୍କ ଦଳ ଫିଡେଜ୍ ପାର୍ଟିକୁ ୩୮% ଭୋଟ ମିଳିଛି। ଓର୍ବାନ ପରାଜୟ ସ୍ୱୀକାର କରିବା ସହ ଏହାକୁ ଏକ ଯନ୍ତ୍ରଣାଦାୟକ ନିର୍ବାଚନ ଫଳାଫଳ ବୋଲି କହିଛନ୍ତି।

# ଯୁଦ୍ଧ ବିରୋଧରେ କହିଚାଲିବି: ପୋପ୍

ଅଲଜିଅର୍ସ,୧୩।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୋପ୍ ଲିଓଙ୍କୁ ସମାଲୋଚନା କରିବାରୁ ସେ କ୍ଷୁବ୍ଧ ହୋଇଛନ୍ତି। ଯୁଦ୍ଧ ବିରୋଧରେ ସେ କହିବା ଜାରି ରଖିବେ ବୋଲି ସୋମବାର ଅଲ୍‌ଜିଅର୍ସ ଯିବାବେଳେ ବିମାନରେ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ କହିଛନ୍ତି। ଯୁଦ୍ଧରେ ଅନେକ ନିରୀହ ଲୋକଙ୍କ ଜୀବନ ଯାଇଛି, ଆଜି ସାରା ବିଶ୍ୱର ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜଣେ କେହି ଏହା ବିରୋଧରେ ଛିଡ଼ାହୋଇ ଉତ୍ତମ ମାର୍ଗ ଦର୍ଶାଇବାର ଆବଶ୍ୟକତା ରହିଛି ବୋଲି ସେ ଭାବୁଥିବା ପୋପ୍ କହିଛନ୍ତି। ଇରାନ ବିରୋଧରେ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧକୁ ପୋପ୍ ଲିଓ କଡ଼ା ସମାଲୋଚନା କରିବା ସହ ଏହାକୁ ଯୁଦ୍ଧର ପାଗଳାମୀ ବୋଲି ଶନିବାର କହିଥିଲେ। ପୋପ୍‌ଙ୍କ ସମାଲୋଚନାର ଜବାବ ଦେଇ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଲେଖିଥିଲେ, ପୋପ୍ ଅପରାଧ ରୋକିବାରେ ଦୁର୍ବଳ ଏବଂ ବିଦେଶ ନୀତି ପାଇଁ ବହୁତ ଖରାପ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଆଶା ଭୋସ୍‌ଲେଙ୍କ ଶେଷକୃତ୍ୟ ସମ୍ପନ୍ନ

ମୁମ୍ବାଇ,୧୩।୪

କିମ୍ବଦନ୍ତୀ ଗାୟିକା ଆଶା ଭୋସ୍‌ଲେଙ୍କ ଶେଷକୃତ୍ୟ ମୁମ୍ବାଇର ଶିବାଜୀ ପାର୍କ ଶ୍ମଶାନରେ ସୋମବାର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ୮ ଦଶନ୍ଧି ଧରି ନିଜ ସୁମଧୁର ସ୍ୱରର ମୂର୍ଚ୍ଛନାରେ ଅଗଣିତ ସଙ୍ଗୀତପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିବା ଲୋକପ୍ରିୟ ଗାୟିକାଙ୍କୁ ଶେଷଦର୍ଶନ କରିବା ପାଇଁ ଅନେକ ହଜାର ଲୋକଙ୍କ ସମାଗମ ହୋଇଥିଲା। ମୁମ୍ବାଇ ପୋଲିସ ପାରମ୍ପରିକ ତୋପ ସଲାମୀ ଦେବା ପରେ ତ୍ରିରଙ୍ଗାରେ ଆବୃତ୍ତ ଭୋସ୍‌ଲେଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଯାଇଥିଲା।

ପ୍ରଶଂସକ, ରାଜନେତା ଏବଂ ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତର ସଦସ୍ୟମାନଙ୍କ ପାଇଁ ସୋମବାର ଏକ ଆବେଗଭରା ଦିବସ ଥିଲା। ସେମାନେ ମେଲୋଡି କୁଇନ୍‌ଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ଏକାଠି ହୋଇଥିଲେ। ପୁଅ ଆନନ୍ଦ ଭୋସ୍‌ଲେ ମୁଖାଗ୍ନି ଦେଇଥିଲେ। କିମ୍ବଦନ୍ତୀ ଗାୟିକାଙ୍କୁ ଗାୟକ ଶାନ୍ ଓ ସୁଦେଶ ଭୋସ୍‌ଲେ ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଚଳଚ୍ଚିତ୍ର ଜଗତର ବହୁ ଜଣାଶୁଣା ଚେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଥିବା ଦେଖାଯାଇଥିଲା। ଭୋସ୍‌ଲେଙ୍କ ମରଶରୀର ନେଇ ଶିବାଜୀ ପାର୍କ ଅଭିମୁଖେ ଯାଉଥିବା ଗାଡ଼ିକୁ ତାଙ୍କର ପ୍ରିୟ ଧଳା ଓ ହଳଦିଆ ଫୁଲରେ ସଜାଯାଇଥିଲା। ରାସ୍ତା ପାର୍ଶ୍ୱରେ ହଜାର ହଜାର ଲୋକ ଛିଡ଼ାହୋଇ ଅଶ୍ରୁଳ ବିଦାୟ ଜଣାଇଥିଲେ।


ମୁମ୍ବାଇର ଶିବାଜୀ ପାର୍କରେ ଆଶା ଭୋସ୍‌ଲେଙ୍କ ଶେଷକୃତ୍ୟ ବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ସୁନେତ୍ରା ପାୱାର ଶେଷ ସମ୍ମାନ ଜଣାଉଛନ୍ତି।

# ଏମ୍‌ଏସ୍‌ପି, କୃଷିଋଣ ଛାଡ଼: କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୧୩।୪(ପି.ଟି.)

ଭାରତୀୟ କୃଷକମାନେ ନିଜ ଉତ୍ପାଦିତ ସାମଗ୍ରୀ ଉଚିତ ମୂଲ୍ୟରେ ବିକ୍ରି କରିପାରୁ ନ ଥିବାରୁ ଭୟଙ୍କର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏପରି କି ସେମାନେ ନିଜ ଶସ୍ୟ ବିକି ଉତ୍ପାଦନ ଖର୍ଚ୍ଚ ମଧ୍ୟ ଉଠାଇପାରୁ ନାହାନ୍ତି। ଏଥିଯୋଗୁ ବହୁସଂଖ୍ୟକ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। ତେଣୁ କୃଷକଙ୍କୁ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ ସହ କୃଷିଋଣ ଛାଡ଼ ନିମନ୍ତେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ସୋମବାର ଏହି ସମ୍ବେଦନଶୀଳ ପ୍ରସ୍ତାବ ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ କରି ଜବାବ ମାଗିଛନ୍ତି।

ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଆବେଦନକାରୀମାନଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଛନ୍ତି ଯେ, ଅନେକ ସମୟରେ ଚାଷୀ ନିର୍ଦ୍ଧାରିତ ଏମ୍‌ଏସ୍‌ପିଠାରୁ କମ୍ ମୂଲ୍ୟ ପାଉଛନ୍ତି। ଏହା ହେଉଛି ଦେଶର କୃଷକମାନଙ୍କ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅଭାବୀ ବିକ୍ରି ଯୋଗୁ ଗତ ୫ ବର୍ଷରେ କେବଳ ମହାରାଷ୍ଟ୍ରରେ ୧୭,୦୦୦ରୁ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି। ଏମ୍‌ଏସ୍‌ପି ହିସାବ ସରକାର ନିଜେ କରନ୍ତି। ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ସାମିଲ ଥିବା ଖଣ୍ଡପୀଠ ଏହା ଶୁଣିବା ପରେ ଏସମ୍ପର୍କିତ ଆବେଦନର ବିଚାର ପାଇଁ ରାଜି ହୋଇଛନ୍ତି। ଏଥିସହ ଖଣ୍ଡପୀଠ କେନ୍ଦ୍ର ସରକାର, ଫରେନ୍ ଟ୍ରେଡ୍ ଆଣ୍ଡ କମିଶନ୍ ଫର୍ ଏଗ୍ରିକଲ୍ଚରାଲ କଷ୍ଟ ଆଣ୍ଡ ପ୍ରାଇସେସ୍ ମହାନିର୍ଦ୍ଦେଶକଙ୍କୁ ଜବାବ ମାଗିଛନ୍ତି।

# ଭାରତ ଶତାବ୍ଦୀର ସବୁଠୁ ଉଲ୍ଲେଖନୀୟ ନିଷ୍ପତ୍ତି ନେବାକୁ ଯାଉଛି: ମୋଦି

## ମହିଳା ସଂରକ୍ଷଣ ବିଲ୍ ଉପରେ ୧୫ରେ ସର୍ବଦଳୀୟ ବୈଠକ ଡାକିଲା କଂଗ୍ରେସ

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୩।୪

ଭାରତ ଏକବିଂଶ ଶତାବ୍ଦୀର ସବୁଠୁ ଉଲ୍ଲେଖନୀୟ ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛି। ବହୁ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟାଇ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ମହିଳା ସ୍ଥାନ ସଂରକ୍ଷଣ ଆଇନକୁ ୨୦୨୯ରେ କାର୍ଯ୍ୟକାରୀ କରିବା ପାଇଁ ଏଥିରେ ସଂଶୋଧନ ଅଣାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି। ଆସନ୍ତା ୧୬ରୁ ସଂସଦର ୩ ଦିନିଆ ଅଧିବେଶନ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକ ମହିଳା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି, ନାରୀଶକ୍ତି ବନ୍ଦନ ଅଧିନିୟମରେ ହୋଇଥିବା ସଂଶୋଧନ ଅତୀତର ସ୍ୱପ୍ନକୁ ସାକାର କରିବା ସହ ଭବିଷ୍ୟତର ସଂକଳ୍ପକୁ ପୂରଣ କରିବ। ଶାସନରେ ମହିଳାମାନଙ୍କ ଅବଦାନକୁ ଉଚ୍ଚ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅନେକ ମହିଳା ବଡ଼ ଭୂମିକା ନେବାକୁ ପ୍ରସ୍ତୁତ ଓ ଆଗ୍ରହୀ। ପାର୍ଲାମେଣ୍ଟ ନୂଆ ଇତିହାସ ସୃଷ୍ଟିର ନିକଟବର୍ତ୍ତୀ ହୋଇଛି। ୨୦୨୩ରେ ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଏହାକୁ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ବିରୋଧୀ ଦାବି କରିଥିଲେ। ସେଥିପାଇଁ ଅଧିନିୟମରେ ସଂଶୋଧନ ଆବଶ୍ୟକ ହେଉଛି।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର କହିଛନ୍ତି, କେନ୍ଦ୍ର ସରକାର ସବୁ ପକ୍ଷଙ୍କ ସହ ବିସ୍ତୃତ ବିଚାର ବିମର୍ଶ ପାଇଁ ପ୍ରସ୍ତୁତ ନ ଥିବାରୁ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରିତା ଉପରେ ଆଲୋଚନା ପାଇଁ ତାଙ୍କ ଦଳ ଆସନ୍ତା ୧୫ରେ ଏକ ସର୍ବଦଳୀୟ ବୈଠକ ଡାକୁଛି। ଉକ୍ତ ବିଧେୟକକୁ ତାଙ୍କ ଦଳ ପୂର୍ଣ୍ଣ ସମର୍ଥନ କରୁଛି। ତେବେ ଏହାର ସୁଦୂରପ୍ରସାରୀ ଜାତୀୟ ପ୍ରଭାବକୁ ଦୃଷ୍ଟିରେ ରଖି ମହିଳା ସଂରକ୍ଷଣ ଆଇନର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ। ଯଦି କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକନ୍ତି, ତେବେ ଆମେ ସେଥିରେ ଭାଗନେଇ ଆବଶ୍ୟକ ପ୍ରସ୍ତାବ ଦେଇପାରିବୁ ବୋଲି ବେଙ୍ଗାଲୁରୁଠାରେ ଖାର୍ଗେ ଖବରଦାତାମାନଙ୍କୁ କହିଛନ୍ତି।

15001/18/2627



"ଗଣତନ୍ତ୍ର ହେଉଛି ଏପରି ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ବିନା ରକ୍ତପାତରେ ଜନଗଣଙ୍କ ଆର୍ଥିକ ଏବଂ ସାମାଜିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସମ୍ଭବ ହୋଇଥାଏ।"
- ଡଃ. ବି. ଆର୍. ଆମ୍ବେଦକର୍

ଭାରତରତ୍ନ ବାବାସାହେବ
ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ
୧୩୬ତମ ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଅପ୍ରେଲ, ୨୦୨୬

ସକାଳ ୮.୩୦ମିନିଟ : ଏଜି ଛକ, ଭୁବନେଶ୍ୱରସ୍ଥିତ ଭାରତରତ୍ନ ବାବାସାହେବ ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୫ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

– ସମ୍ମାନନୀୟ ଅତିଥି –
ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ, ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି

– ମୁଖ୍ୟବକ୍ତା –
ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0018

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୪/୨୦୨୬ | Bhubaneswar, Tuesday, April 14/2026 | ପୃଷ୍ଠା-୩



### ଓର୍ବାନ୍ ହାରିଲେ ହଙ୍ଗେରୀ ନିର୍ବାଚନ

୧୬ ବର୍ଷ ଧରି କ୍ଷମତାରେ ରହିଥିବା ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ୍ ରବିବାର ଅନୁଷ୍ଠିତ ନିର୍ବାଚନରେ ପରାଜିତ ହୋଇଛନ୍ତି।

୦୨ ୧୪

### ନମ୍ବର ୱାନ ହେଲେ ସିନର

ଏଟିପି ପୁରୁଷ ସିଙ୍ଗଲ୍ସ ର୍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଇଟାଲୀର ଜାନିକ ସିନର।



# ବଡ଼ବିଲ ବାଇପାସ୍ ରିଂ-ରୋଡ୍ ଭିତ୍ତିପ୍ରସ୍ତର

## ୫୧ ପ୍ରକଳ୍ପ ଭିତ୍ତିପ୍ରସ୍ତର ସହ ୨୪ ପ୍ରକଳ୍ପ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

**ବଡ଼ବିଲ,୧୩।୪(ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବଡ଼ବିଲର ବହୁ ପ୍ରତିକ୍ଷିତ ବାଇପାସ ରିଂ ରୋଡର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ୫୧ଟି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେଇଥିଲେ। ୨୯.୪୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ମଧ୍ୟ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୩୦ରେ ହେଲିକପ୍ଟରରେ ଆସି ବଡ଼ବିଲଠାରେ ପହଞ୍ଚିଥିଲେ। ସେଠାରୁ କଳିଙ୍ଗସ୍ଥିତ ଖେଳପଡିଆଠାରେ ଆୟୋଜିତ ସାଧାରଣ ସଭାସ୍ଥଳକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ୨୯.୪୧ କୋଟି ଟଙ୍କା ବ୍ୟୟରେ ୨୪ଟି ବିଭିନ୍ନ ପ୍ରକଳ୍ପକୁ ରିମୋଟ ଜରିଆରେ ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପଗୁଡ଼ିକ ମଧ୍ୟରେ ୯ କୋଟି ୨୭ ଲକ୍ଷ ଟଙ୍କା ବିନିଯୋଗରେ ଉତ୍ସବ ପଡ଼ିଆରେ କ୍ରୀଡ଼ା ଭିତ୍ତିଭୂମି ଓ ବଡ଼ବିଲ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ହୋଇଥିବା କହିଛନ୍ତି। ଏହା ବ୍ୟତୀତ ବଡ଼ବିଲ ଟାଉନହଲ ନିକଟସ୍ଥ ଖେଳପଡ଼ିଆର ଉନ୍ନତୀକରଣ, ନୂତନ ସବ୍-ରେଜିଷ୍ଟ୍ରାର ଅଫିସ ବିଲଡିଂ, ପାର୍କ, ଆଇଟିଆଇ ଷ୍ଟାଫ୍ କ୍ୱାର୍ଟର୍ସ ଆଦିର ଉଦ୍‌ଘାଟନ କରିଛନ୍ତି। ପରେ ବଡ଼ବିଲ ବାଇପାସ୍ ରିଂ ରୋଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଭିଭାଷଣରେ କହିଥିଲେ, ଏହି ବାଇପାସ୍ ରିଂ ରୋଡର ଦୈର୍ଘ୍ୟ ୧୮.୩୨୬ କିଲୋମିଟର ହୋଇଥିବାବେଳେ ଏହାର ବ୍ୟୟ ଅଟକଳ ୧୫୮୧.୨୧ କୋଟି ଟଙ୍କା। ଏହି ବାଇପାସ୍ ରିଂ ରୋଡ୍ ଯୋଗୁ ବଡ଼ବିଲ ସହର ପ୍ରଦୂଷଣମୁକ୍ତ, ଦୁର୍ଘଟଣାମୁକ୍ତ ଓ ଟ୍ରାଫିକ ସମସ୍ୟା ହ୍ରାସ ହେବ। ରାସ୍ତାରେ ୪୦ ହଜାର କାର ଚାଲିପାରିବାର କ୍ଷମତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆହୁରି କହିଥିଲେ, କେନ୍ଦୁଝରରେ ଡାଟା ସେଣ୍ଟର, ସାନଘାଗରାରେ ରିଜନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର, ଆପାରେଲ ୟୁନିଟ, ଆର୍‌ବିଆର୍‌ସି, ୪୩୯ କୋଟି ଟଙ୍କାର ବ୍ୟୟ ଅଟକଳରେ କେନ୍ଦୁଝର ବାଇପାସ ନିର୍ମାଣ ନିମନ୍ତେ ଅନୁମୋଦନ ହୋଇଛି। ସଭାରେ ତେଲକୋଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ଫକୀର ମୋହନ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ଓ ଜିଲାପାଳ ବିଶାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ।



ବଡ଼ବିଲ କଳିଙ୍ଗସ୍ଥିତ ଖେଳପଡ଼ିଆଠାରେ ଆୟୋଜିତ ଲୋକାର୍ପଣ ଓ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଉପସ୍ଥିତ ଅଛନ୍ତି।

# ଏବର୍ଷ କମ୍ ବର୍ଷା: ପ୍ରଭାବିତ ହେବ କୃଷି, ଅର୍ଥନୀତି

**ଚଳିତ ବର୍ଷ ଦେଶରେ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ହୋଇପାରେ। ଦୀର୍ଘମିଆଦି ହାରାହାରି(ଏଲ୍‌ପିଏ)ର ୯୨% ବୃଷ୍ଟିପାତ ହେବାନେଇ ସୋମବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଦକ୍ଷିଣପୂର୍ବ ମୌସୁମୀ ଭାରତର ଜୀବନରେଖା ହୋଇଥିବାରୁ କୃଷିକ୍ଷେତ୍ର, ଭୂତଳ ଜଳସ୍ତରକୁ ପୁନଃ ପୂର୍ଣ୍ଣ କରିବା ଏବଂ ଜଳଭଣ୍ଡାରଗୁଡ଼ିକ ପାଇଁ ଆବଶ୍ୟକ ଜଳର ପ୍ରାୟ ୭୦ ପ୍ରତିଶତ ମୌସୁମୀ ବୃଷ୍ଟିପାତରୁ ମିଳିଥାଏ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମି ନ ଥିବାରୁ ମୁଦ୍ରାସ୍ଫୀତି ବଢ଼ିବା ସହ ଦେଶର ଅଭିବୃଦ୍ଧି ପ୍ରଭାବିତ ହୋଇଛି। ଏଭଳସ୍ଥିତିରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କୃଷି ଉତ୍ପାଦନ କମିବା ସହ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ।**

**ନୂଆଦିଲ୍ଲୀ,୧୩।୪**

ଭାରତରେ ୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଚଳିତ ବର୍ଷ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ହୋଇପାରେ ବୋଲି ସୋମବାର ସରକାରଙ୍କ ପକ୍ଷରୁ କୁହାଯାଇଛି। ଇରାନ ଯୁଦ୍ଧ ଯୋଗୁ ମୁଦ୍ରାସ୍ଫୀତି ବଢ଼ିଥିବାବେଳେ କମ୍ ବୃଷ୍ଟିପାତ ହେଲେ କୃଷି ଉତ୍ପାଦନ କମିବା ସହ ଏସିଆର ତୃତୀୟ ବୃହତ୍ ଅର୍ଥନୀତିର ଅଭିବୃଦ୍ଧି ହାରକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରାୟ ୪ ଟ୍ରିଲିୟନ ଡଲାର ଅର୍ଥନୀତି ଭାରତର ଜୀବନରେଖା ହେଉଛି ମୌସୁମୀ। କୃଷିକ୍ଷେତ୍ର, ଭୂତଳ ଜଳସ୍ତରକୁ ପୁନଃ ପୂର୍ଣ୍ଣ କରିବା ଏବଂ ଜଳଭଣ୍ଡାରଗୁଡ଼ିକ ପାଇଁ ଆବଶ୍ୟକ ଜଳର ପ୍ରାୟ ୭୦ ପ୍ରତିଶତ ମୌସୁମୀ ବୃଷ୍ଟିପାତରୁ ମିଳିଥାଏ।

### ଆଇଏମ୍‌ଡିର ପୂର୍ବାନୁମାନ

ମୌସୁମୀ ପ୍ରତିବର୍ଷ ପ୍ରାୟତଃ ଜୁନ୍ ୧ରେ ଦକ୍ଷିଣ ଭାରତୀୟ ରାଜ୍ୟ କେରଳରେ ପହଞ୍ଚି ସେପ୍ଟେମ୍ବର ମଧ୍ୟଭାଗ ବେଳକୁ ପ୍ରତ୍ୟାବର୍ତ୍ତନ କରିଥାଏ। ଚଳିତ ବର୍ଷ ଦୀର୍ଘମିଆଦୀ ହାରାହାରିର ୯୨ ପ୍ରତିଶତ ବୃଷ୍ଟିପାତ ହେବ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଚତୁର୍ମାସ ବର୍ଷାଋତୁର ୫୦ ବର୍ଷର ହାରାହାରି ବୃଷ୍ଟିପାତ ୮୭ ସେମି (୩୫ ଇଞ୍ଚ)ର ୯୬%ରୁ ୧୦୪% ମଧ୍ୟରେ ହେଉଥିବା ବର୍ଷାକୁ ସ୍ୱାଭାବିକ ☞ପୃଷ୍ଠା-୧୨



# ଆଜି କ'ଣ କେଉଁଠି

### ରାୟଗଡ଼ା
- ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ଛକ, ରାୟଗଡ଼ା, ସମୟ: ସକାଳ ୭ଟା ୩୦।
- ଓଡ଼ିଆ ପକ୍ଷ ପାଳନ ସମାରୋହ, ସ୍ଥାନ: ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାର, ଗୁଣପୁର, ସମୟ: ସକାଳ ୮ଟା।
- ଓଡ଼ିଆ ନବ ବର୍ଷ ପାଳନ, ସ୍ଥାନ: ଗୁଡାରି ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡ଼ା, ସମୟ: ଅପରାହ୍ନ ୩ଟା ୩୦।
- ବିଷୁବ ମିଳନ ସମାରୋହ, ସ୍ଥାନ: ଜଗନ୍ନାଥ ପ୍ୟାଲେସ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

### ନବରଙ୍ଗପୁର
- ଭାରତରତ୍ନ ଡ. ଭୀମରାଓ ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଆରସିଡି ହାଇସ୍କୁଲ, ନବରଙ୍ଗପୁର, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ନବବର୍ଷ ପାଳନ ସମାରୋହ ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ଜୟନ୍ତୀନଗର ହନୁମାନ ମନ୍ଦିର ପରିସର, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ଅଗ୍ନିଶମ ବାହିନୀ କେନ୍ଦ୍ର, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ଜୟନ୍ତୀ ଉପଲକ୍ଷେ ହିନ୍ଦୁ ଏକତା ବାହିନୀ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୩ ଟା।

### କୋରାପୁଟ
- ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ହାଲ ସହରାଞ୍ଚଳ କାର୍ଯ୍ୟାଳୟ ପରିସର, ସୁନାବେଡ଼ା, ସମୟ: ସକାଳ ୮ଟା।
- ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ସାଗରଗୁଡା, କୁନ୍ଦୁରା, ସମୟ: ୮ଟା ୩୦।
- ଆମ୍ବେଡକରଙ୍କ ଜୟନ୍ତୀ ନେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ସ୍ଥାନ: ଆମ୍ବେଡକର ପାର୍କ, କୋରାପୁଟ, ସମୟ: ସକାଳ ୯ଟା।
- ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ନନ୍ଦପୁର ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୯ଟା।
- ଆମ୍ବେଡକର ଜୟନ୍ତୀ ଅବସରରେ ଶୋଭାଯାତ୍ରା, ସ୍ଥାନ: ନାଲକୋ ଛକ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ନବବର୍ଷ, ହନୁମାନ ଜୟନ୍ତୀ ପାଳନ, ସ୍ଥାନ: କୁଲାବିର ବୈଶାଖୀ କାର୍ଯ୍ୟାଳୟ, ନନ୍ଦପୁର ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ଥାନ: କଲେଜ ଛକ ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ନେଇ ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: କୋରାପୁଟ ଆଖଣ୍ଡଳମଣି ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଡକରଙ୍କ ଜୟନ୍ତି, ସ୍ଥାନ: ଜିଲା କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସତ୍ତା ସାହିତ୍ୟ ସାଂସଦର ବିଷୁବ ମିଳନ କାର୍ଯ୍ୟକ୍ରମ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ବେଡକର ଜୟନ୍ତୀ ନେଇ ଶୋଭାଯାତ୍ରା, ସ୍ଥାନ: ଆରଟିଓ ଅଫିସ ପଡିଆ, କୋରାପୁଟ, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: କାକିରିଗୁମ୍ମା, ଲକ୍ଷ୍ମୀପୁର ବ୍ଲକ, ସମୟ: ଅପରାହ୍ନ ୪ଟା।
- ହନୁମାନ ଜୟନ୍ତୀ ଅବସରରେ ସାଇକେଲ ଶୋଭାଯାତ୍ରା, ସ୍ଥାନ: ନାଲକୋ ଛକ, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ଟା।

### ମାଲକାନଗିରି
- ହନୁମାନ ଜୟନ୍ତୀ ପାଳିତ, ସ୍ଥାନ: ବାଲିମେଳା, କୋରୁକୋଣ୍ଡା ବ୍ଲକ୍, ସମୟ: ପ୍ରାତଃ ୫ଟା।
- ଆମ୍ବେଡକରଙ୍କ ଜୟନ୍ତୀ ପାଳିତ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।
- ମା' କାଳୀଙ୍କ ଝାମୁଯାତ୍ରା, ଦଣ୍ଡଯାତ୍ରା ଆରମ୍ଭ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନର ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ଜିଲା ପରିଷଦ ବୈଠକ ଗୃହ, ମାଲକାନଗିରି, ସମୟ: ସକାଳ ୯ଟା ୩୦।
- ଆମ୍ବେଡକର ଜୟନ୍ତୀ ପାଳିତ, ସ୍ଥାନ: ବ୍ଲକ ପଡିଆ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ନବବର୍ଷ ପାଳିତ, ସ୍ଥାନ: ସଂସ୍କୃତି ଭବନ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ହନୁମାନ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମ ଯଜ୍ଞ, ସ୍ଥାନ : ସହର ସ୍ଥିତ ବିଭିନ୍ନ ହନୁମାନ ମନ୍ଦିର, ସମୟ : ସକାଳ ୮ଟା।
- ବିଭିନ୍ନ ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଖୋ ଖୋ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ପଡିଆବାହାଲ ସ୍ଥିତ ଦୟାନନ୍ଦ ପବ୍ଲିକ ସ୍କୁଲ ପଡିଆ, ସମୟ : ସକାଳ ୮ଟା।
- ଶ୍ରୀଶ୍ରୀ ବୀର ବଜରଙ୍ଗବଲି ମନ୍ଦିର କମିଟି ପକ୍ଷରୁ ମହାବିଷୁବ ସଂକ୍ରନ୍ତି ଏବଂ ଓଡ଼ିଆ ନବବର୍ଷ କାର୍ଯ୍ୟକ୍ରମ, ସ୍ଥାନ: ବଜବଜାର ଧୁବାପଡା, ସମୟ: ଅପରାହ୍ନ ୧ଟା।
- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା।
- ଶ୍ରୀଶ୍ରୀ ଗୌର କଥା କାର୍ଯ୍ୟକ୍ରମ, ସ୍ଥାନ: ମହାନ୍ତିପଡ଼ାସ୍ଥିତ ନିତାଇ ଗୌର ମାତା ମଠ, ସମୟ: ଅପରାହ୍ନ ୩ଟା।
- ଏସ୍‌ଆଇଟି କଲୋନୀ ୱେଲଫେୟାର କମିଟି ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ମହିଳାଙ୍କ ଶୋଭାଯାତ୍ରା, ସ୍ଥାନ: ଏସ୍‌ଆଇଟି କଲୋନୀ, ସମୟ : ଅପରାହ୍ନ ୩ଟା ୩୦।
- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ମହାଆଳତୀ ଓ ସାଂସ୍କୃତିକ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ବୁଢ଼ୀହିଲ ସ୍ଥିତ ହନୁମାନ ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

### ବଲାଙ୍ଗୀର
- ଭାରତ ରତ୍ନ ଡ. ଭୀମରାଓ ଆମ୍ବେଡ଼କରଙ୍କ ୧୩୫ ତମ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ବଲାଙ୍ଗୀର ସହର, ସମୟ: ସକାଳ ୯ଟା।
- ହନୁମାନ ଜୟନ୍ତୀ ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ବୁର୍ଡାଛକ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ରତ୍ନ ଡ. ବି.ଆର ଆମ୍ବେଡ଼କର ଜୟନ୍ତୀ, ସ୍ଥାନ: ଯୁଧିଷ୍ଠିର ଆଇନ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଓଡ଼ିଶା ରେଡ୍‌କ୍ରସ ରକ୍ତଭଣ୍ଡାର, ସରକାରୀ ଡାକ୍ତରଖାନା ପରିସର, କଣ୍ଟାବାଞ୍ଜି, ସମୟ: ପୂର୍ବାହ୍ନ ୧୦ଟା ୪୫।
- କଣ୍ଟାବାଞ୍ଜି ଆମ୍ବେଡ଼କର ଜୟନ୍ତୀ ପାଳନ ମହୋତ୍ସବ କମିଟି ପକ୍ଷରୁ ଡ.ଆମ୍ବେଡ଼କର ଜୟନ୍ତୀ ପାଳନ ଓ ବିଶାଳ ରାଲି, ସ୍ଥାନ: ଚଟୁଆନକା ଗ୍ରାମରୁ ଆମ୍ବେଡ଼କର ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଦଳିତ ସମାଜ ପକ୍ଷରୁ ଭାରତରତ୍ନ ଡ. ବି.ଆର. ଆମ୍ବେଡ଼କର ଜୟନ୍ତୀ, ସ୍ଥାନ: କୋଶଳ କଳା ମଣ୍ଡଳ ପଡ଼ିଆ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।
- ପଣା ସଂକ୍ରାନ୍ତି ପାଳନ ଓ ମିଷ୍ଟାନ୍ନ ବଣ୍ଟନ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର, ପୁରୁଣାବସ୍ତି, କଣ୍ଟାବାଞ୍ଜି, ସମୟ: ଅପରାହ୍ନ ୪ଟା।
- ଶ୍ରୀହନୁମାନ ଜୟନ୍ତୀ ଓ ବିଶାଳ ରାଲି, ସ୍ଥାନ: ସାପ୍ତାହିକ ବଜାର ଶ୍ରୀହନୁମାନ ମନ୍ଦିର, କଣ୍ଟାବାଞ୍ଜି, ଅପରାହ୍ନ ୪ଟା।
- ହନୁମାନ ଜୟନ୍ତୀରେ ଲୋଇସିଂହାରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ରାମମନ୍ଦିରରୁ ରୁଗୁଡିଖାଲ, ସମୟ: ଅପରାହ୍ନ ୫ଟା।
- ଶ୍ରୀହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ପାଳନ ଓ ନାମଯଜ୍ଞ ଆରମ୍ଭ, ସ୍ଥାନ: ଶ୍ରୀହନୁମାନ ମନ୍ଦିର, ହେମାଲ ସଂଘ ଭବନ ପରିସର, କଣ୍ଟାବାଞ୍ଜି, ସମୟ: ଅପରାହ୍ନ ୫ଟା।
- ମହାବିଷୁବ ମିଳନ ୨୦୨୬, ସ୍ଥାନ: ଗଙ୍ଗାଧର ପାର୍କ, ପାଟଣାଗଡ଼, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀହନୁମାନ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ବଲାଙ୍ଗୀର କୋଶଳ କଳା ମଣ୍ଡଳ ପଡିଆରୁ ସହର ପରିକ୍ରମା, ସମୟ: ସନ୍ଧ୍ୟା ୭ଟା।

### ରାଉରକେଲା
- ସିଏମ୍ ଟ୍ରଫିର ୫ମ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ସମୟ: ସକାଳ ୭ଟା।
- ସେଲ୍ ଏସ୍‌ସି ଏସ୍‌ଟି କର୍ମଚାରୀ ସଙ୍ଗଠନ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସକାଳ ୮ଟା ୩୦।
- ଡକ୍ଟର ବି. ଆର ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ପାନପୋଷ ବନ୍ୟପ୍ରାଣୀ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଗୁଡିଆ ସମାଜ ପକ୍ଷରୁ ପଣା ସଂକ୍ରାନ୍ତି ଓ ଓଡିଆ ନବବର୍ଷ ପାଳନ, ସ୍ଥାନ: ଗୋପବନ୍ଧୁ ନଗର, ଛେଣ୍ଡ, ସମୟ: ସକାଳ ୯ଟା।
- ଓଡ଼ିଆ ନବବର୍ଷ ପାଳନ ନେଇ ପଣା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର– –୧୭ ଷ୍ଟେଟ ବ୍ୟାଙ୍କ ସମ୍ମୁଖ, ସମୟ: ସକାଳ ୯ଟା ୩୦।
- ଶ୍ରୀ ଶ୍ରୀ ସୋଲାପୁରୀ ଶୀତଳା ମାତା ପୂଜାର ୩ୟ ଦିବସ, ସ୍ଥାନ: ରେଳବାଇ କଲୋନୀ, ସମୟ: ସକାଳ ୯ଟା।
- ଏସ୍‌ଟି ଆଣ୍ଡ ଏସ୍‌ସି ସଂଘ ପକ୍ଷରୁ ବାବାସାହେବ ଜୟନ୍ତୀ, ସ୍ଥାନ: ସେକ୍ଟର ୭/୧୭ ଛକ, ସମୟ: ସକାଳ ୯ଟା।
- ଡକ୍ଟର ଆମ୍ବେଦକର ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର ଆମ୍ବେଦକର ଛକ, ସମୟ: ସକାଳ ୯ଟା।
- ଆଭା ଅନ୍ୱେଷ ପକ୍ଷରୁ ଓଡିଆ ନବବର୍ଷ, ସ୍ଥାନ: ସାରଣା ଛକ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ପୋଲିସ ପକ୍ଷରୁ ପଣା ସଂକ୍ରାନ୍ତି, ସ୍ଥାନ: ଡିଏଭି ଛକ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ଏକତା ଫାଉଣ୍ଡେଶନ ପକ୍ଷରୁ ପଣା ବଣ୍ଟନ, ସ୍ଥାନ: ସେକ୍ଟର–୨୦ ପାଣିଟାଙ୍କି ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସମ୍ଭବ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ବଣ୍ଟନ, ସ୍ଥାନ: କୋଏଲ ନଗର ଶନିମନ୍ଦିର, ସମୟ: ଅପରାହ୍ନ ୫ଟା।
- ନବୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬ଟା।
- ଆଦର୍ଶ ପାଠାଗାର ପକ୍ଷରୁ ବିଷୁବ ମିଳନ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ମଧୁ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ପାଳନ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୪୫।

### ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଡକ୍ଟର ବି.ଆର ଆମ୍ବେଦକର ଜୟନ୍ତୀ ସମାରୋହ, ସ୍ଥାନ:ସଦଭାବନା ଭବନ,ସମୟ:ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ନବ ବର୍ଷ ପାଳନ ସମାରୋହ, ସ୍ଥାନ: ସଦଭାବନା ଭବନ, ପୂର୍ବାହ୍ନ:୧୧ଟା।
- ସୁନ୍ଦରଗଡ ଆମ୍ବେଡକର ପରିବାର ପକ୍ଷରୁ ସମ୍ବିଧାନ ପ୍ରଣେତା ଡକ୍ଟର ବି. ଆର. ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ମହୋତ୍ସବ ଓ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ:ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ପଡିଆ,ସମୟ:ସନ୍ଧ୍ୟା ୬ଟା।
- ସୁନ୍ଦରଗଡ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାଧାରଣ ସଭା, ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତି ଉତ୍ସବ ଉପଲକ୍ଷେ ସାଧାରଣ ସଭା,ସ୍ଥାନ:ଅବସର ଭବନ, ରେଭେନ୍ୟୁ କଲୋନୀ, ସୁନ୍ଦରଗଡ,ସମୟ:ପୂର୍ବାହ୍ନ ୧୦ଟା।
- ଅରଣ୍ୟ ଅନୁଷ୍ଠାନ ପକ୍ଷରୁ ବିଷୁବ ମିଳନ ସମାରୋହ,ସାହିତ୍ୟ ଆସର, ସ୍ଥାନ: ବୀରମିତ୍ର କ୍ଲବ ପରିସର,ସୁନ୍ଦରଗଡ, ସମୟ:ସନ୍ଧ୍ୟା ୬ଟା।

### ବରଗଡ଼
- ଶିବପୁରାଣ ପଠନ, ସ୍ଥାନ: ମହାପାତ୍ର କଲ୍ୟାଣ ମଣ୍ଡପ, ସରଣ୍ଡା, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ବୀର ହନୁମାନ ଜନ୍ମ ଉତ୍ସବ, ସ୍ଥାନ: ଲାଦରପାଲି, ସମୟ: ସକାଳ ୭ଟା।
- ହନୁମାନ ଜନ୍ମ ଉତ୍ସବ, ସ୍ଥାନ: ପାଇକମାଳ ବାଲାଜୀ ମନ୍ଦିର, ସମୟ: ସକାଳ ୭ଟା।
- ହନୁମାନ ଜୟନ୍ତୀ,ସ୍ଥାନ:କୋତନା, ଖାରବନ୍ଧ,ସମୟ: ପୂର୍ବାହ୍ନ ୯ଟା ୩୦।
- ହନୁମାନ ଜୟନ୍ତୀ,ସ୍ଥାନ: ଜାମପାଲି, ସୋହେଲା,ସମୟ:ପୂର୍ବାହ୍ନ ୯ଟା ୩୦।
- ଆମ୍ବେଡକର ଜୟନ୍ତୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଡକର ଜୟନ୍ତୀ, ସ୍ଥାନ: ଥାନା ଛକ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ, ସ୍ଥାନ: ବିଳାସପୁର ଶାନ୍ତିପଡ଼ା, ଖାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞ, ସ୍ଥାନ: ପାଇକମାଳ ବୈଷ୍ଣୋଦେବୀ ରାଇସମିଲ ପରିସର, ସମୟ: ଅପରାହ୍ନ ୧ଟା।
- ଷୋହଳ ପ୍ରହରୀ ନାମଯଜ୍ଞ, ସ୍ଥାନ: ସରଗୁଲ, ଖାରବନ୍ଧ, ସମୟ: ଅପରାହ୍ନ ୧ଟା ୩୦।
- ହିନ୍ଦୁ ସମାଜ, ଅତାବିରା ଖଣ୍ଡ ପକ୍ଷରୁ ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତିରେ ବାଇକ ଶୋଭାଯାତ୍ରା, ସ୍ଥାନ: ସାପ୍ତାହିକ ବଜାର ପ୍ରାଙ୍ଗଣ, ଅତାବିରା, ସମୟ: ଅପରାହ୍ନ ୩ଟା ୩୦।
- ତୁଳସୀ ରାମାୟଣ ନବାହ ପାରାୟଣ, ସ୍ଥାନ: ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା, ସମୟ: ସନ୍ଧ୍ୟା ୫ଟା।
- ହନୁମାନ ଜୟନ୍ତୀ ଅବସରରେ ଶୋଭାଯାତ୍ରା ଓ କଳାକୃତି ପ୍ରଦର୍ଶନ, ସ୍ଥାନ: ଅତାବିରା ସମୟ:ସନ୍ଧ୍ୟା ୬ଟା।

### କଳାହାଣ୍ଡି
- ହନୁମାନ ଜୟନ୍ତୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ହିଲଟାଉନ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ଆମ୍ବେଡ଼କର ଜୟନ୍ତୀ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଓଡ଼ିଆ ପକ୍ଷ ସମାରୋହ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ସରକାରୀ ବାଳିକା ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଲାଞ୍ଜିଗଡ ଗ୍ରାମ ସାପ୍ତାହିକ ବଜାର ପରିସର, ସମୟ: ସକାଳ ୭ଟା ୨୫।
- ପବିତ୍ର ହନୁମାନ ଜୟନ୍ତୀ ଉପଲକ୍ଷେ ପଞ୍ଚହାଣ୍ଡି ପଣା କାର୍ଯ୍ୟକ୍ରମ, ସ୍ଥାନ: ପୋଖରୀବନ୍ଧ ହନୁମାନ ବାଟିକା ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ହନୁମାନ ଜୟନ୍ତୀ ଅବସରରେ ବିଶାଳ ବାଇକ ଯାତ୍ରା, ସ୍ଥାନ: ସିଙ୍ଗାରି, ବୌଦ୍ଧ ବ୍ଲକ, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ଡ. ବି.ଆର୍. ଆମ୍ବେଦକର ଜୟନ୍ତୀ, ସ୍ଥାନ:ଜିଲା ସଂଗ୍ରହାଳୟ ବୌଦ୍ଧ, ସମୟ: ସକାଳ ୭ଟା ୩୦।

### ଦେବଗଡ଼
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ରିଆମାଳ ବ୍ଲକ୍ ରେଙ୍ଗାଲବେଡ଼ା, ଗୋହିରା ଛକ, ସମୟ: ସକାଳ ୭ଟା।
- ବାବା ସାହେବ ଡ. ବି.ଆର୍. ଆମ୍ବେଡ଼କର ଜୟନ୍ତୀ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ରିଆମାଳ ବ୍ଲକ୍ ଆଡ଼ସ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ଉପଲକ୍ଷେ ଅନ୍ନପ୍ରସାଦ ବଣ୍ଟନ, ସ୍ଥାନ: ଦେବଗଡ଼ ପୁରୁଣା ହସ୍ପିଟାଲ ଛକ, ସମୟ: ଅପରାହ୍ନ ୧ଟା।
- ହନୁମାନ ଝଣ୍ଡା ନଗର ପରିକ୍ରମା ଓ ଆଖଡ଼ା ପ୍ରଦର୍ଶନ, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ରାମାୟଣ ପାରାୟଣ, ସ୍ଥାନ: ଜଗଦଲପୁର ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ଆମ୍ବେଡ଼କର ଜୟନ୍ତୀ ପାଳନ, ସ୍ଥାନ: ମହାଦେବପାଲି ଆମ୍ବେଦକର କ୍ଲବ ସମ୍ମୁଖ, ସମୟ: ସକାଳ ୮ ଟା।
- ରାମାୟଣ ପାରାୟଣ, ସ୍ଥାନ: ଯୋଗେଶ୍ୱର ମନ୍ଦିର, ବିନିକା, ସମୟ: ସକାଳ ୮ ଟା।
- ଜିଲାସ୍ତରୀୟ ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳନୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୮ଟା ୩୦।
- ବିଷୁବ ସଂକ୍ରାନ୍ତି ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ବିଏସ୍‌ପି ପକ୍ଷରୁ ଆମ୍ବେଡ଼କର ଜୟନ୍ତୀ ପାଳନ ସଭା, ସ୍ଥାନ: ବନ୍ୟା ଆଶ୍ରୟସ୍ଥଳୀ, ବିନିକା ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଦକର ସେବା ସଂଘର ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର ଆମ୍ବେଦକର ସେବା ସଂଘ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଓଡ଼ିଆ ପକ୍ଷର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ପକ୍ଷରୁ ଆମ୍ବେଡ଼କର ଜୟନ୍ତୀ, ସ୍ଥାନ: ସ୍ପୋର୍ଟସ୍‌କ୍ଲବ ବିନିକା, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ସି, ଏସ୍‌ଟି, ଓବିସି ସଂଘ ପକ୍ଷରୁ ଆମ୍ବେଡ଼କର ଜୟନ୍ତୀ ପାଳନ, ସ୍ଥାନ: ବିନିକା ଏନଏସି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଡ଼କର ଜୟନ୍ତୀ ପାଳନ, ସ୍ଥାନ: ବିନିକା ଫୁଲମୁଠି କୀର୍ତ୍ତନ ମଣ୍ଡପ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ଲୁଡୁରପଙ୍କ ହନୁମାନ ଛକ, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ଦଣ୍ଡଯାତ୍ରା ମେରୁ ପାଳନ, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ:ଅପରାହ୍ନ ୧ଟା।
- ଦଣ୍ଡଯାତ୍ରା, ସ୍ଥାନ: ବଡ଼ବର୍ଡାକଟା,ବୀରମହାରାଜପୁର ବ୍ଲକ, ସମୟ : ଅପରାହ୍ନ ୧ଟା।
- ପାଣିଦଣ୍ଡ, ସ୍ଥାନ: କୁଞ୍ଜାପାଲି, ବଡ଼ମାଳ, କେଶଲଗା, ସୁନାରୀବେଣୀ, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୧ଟା।
- ଆମ୍ବେଡ଼କର ଜୟନ୍ତୀ ସାଧାରଣ ସଭା, ସ୍ଥାନ: ସେଲେଡି, ବିନିକା, ସମୟ: ଅପରାହ୍ନ ୫ଟା।
- ଆମ୍ବେଡକରଙ୍କ ଜୟନ୍ତୀ ପାଳନ ସଭା, ସ୍ଥାନ: ଆମ୍ବେଦକର ସେବା ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ତୁଳସୀ ରାମାୟଣ ଓ ହନୁମାନ ଚାଳିଶା ପଠନ, ସ୍ଥାନ: ଉର୍ଲେ ରଘୁନାଥ ମନ୍ଦିର ପ୍ରାଙ୍ଗଣ, ବିନିକା, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ବଜରଙ୍ଗ ଦଳର ଶୋଭାଯାତ୍ରା, ସ୍ଥାନ: ଉପଜିଲାପାଳ ଛକଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାଇପଲା ଗାଁ, ସମୟ: ସକାଳ ୯ଟା ୩୦।
- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲରଦନା ଗାଁ, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ବୋଡେନ ବ୍ଲକ ତାରାପୁର ଗାଁ, ସମୟ: ଅପରାହ୍ନ ୩ଟା ୩୩।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ସିନାପାଲି ବ୍ଲକ ଚଉଁରା ଗାଁ, ସମୟ: ପ୍ରାତଃ ୪ଟା ୪୫ ଓ ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଖୋଲପଥର ଗାଁ, ସମୟ: ସକାଳ ୮ଟା।
- ମାଗଣା କର୍କଟ ରୋଗ ପରୀକ୍ଷା ଶିବିର ଓ ଶପଥ ଗ୍ରହଣ ସମାରୋହ, ସ୍ଥାନ: ଏଫ୍‌ସିଆଇ ସମ୍ମୁଖ ମେଡିପ୍ଲାଜା ଖରିଆର ରୋଡ, ସମୟ: ସକାଳ ୯ଟା।
- ମହାବିଷୁବ ପଣା ସଂକ୍ରାନ୍ତି, ହିନ୍ଦୁ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ହନୁମାନ ମନ୍ଦିର ନୂଆପଡ଼ା, ସମୟ: ସକାଳ ୮ଟା।
- ମହାବିଷୁବ ପଣା ସଂକ୍ରାନ୍ତି ଓ ନବବର୍ଷ ଉପଲକ୍ଷେ ପ୍ରଥମ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଯାଦବ ସମାଜ ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୪ଟା।

### ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ସୁନାରୀମୁଣ୍ଡା, ସମୟ: ସକାଳ ୮ଟା।

### ବାଲେଶ୍ୱର
- ପିତୃପୁରୁଷଙ୍କ ଲାଗି ତିଳତର୍ପଣ, ସ୍ଥାନ : ତାଳସାରୀ ସମୁଦ୍ରକୂଳ, ଭୋଗରାଇ, ସମୟ : ପ୍ରାତଃ ୫ଟା।
- ଡ. ବିଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପୋଲିସ୍ ଲାଇନ୍ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଡ. ବିଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରେମୁଣା ଗୋଲେଇ, ବାଲେଶ୍ୱର, ସମୟ : ସକାଳ ୮ଟା।
- ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତା, ସ୍ଥାନ : ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା ୧୫।
- ଆଲୋଚନାଚକ୍ର, ସ୍ଥାନ : ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ : ସକାଳ ୯ଟା।
- ଚନ୍ଦନେଶ୍ୱର ମହାଦେବଙ୍କଠାରେ ପଣାଭୋଗ, ସ୍ଥାନ : ଚନ୍ଦନେଶ୍ୱର ମନ୍ଦିର, ଭୋଗରାଇ, ସମୟ : ସକାଳ ୯ଟା।
- ଷଷ୍ଠ ବାର୍ଷିକ ହନୁମାନ ଜୟନ୍ତୀ ଉତ୍ସବ, ସ୍ଥାନ: ବୁଢ଼ୀ ପୋଖରୀ ଛକ, ସମୟ: ଦିବସ ବ୍ୟାପୀ ।
- ହନୁମାନ ଜୟନ୍ତୀ ଉତ୍ସବ, ସ୍ଥାନ: ବାଉରିପଦା, ସମୟ: ଦିବସ ବ୍ୟାପୀ।
- ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ମଇତାପୁର, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଜିଲାପାଳଙ୍କ ନୂତନ ଅଡିଟୋରିଅମ୍ ସଭାଗୃହ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ଓଡ଼ିଆ ନବ ବର୍ଷ ପାଳନ ଓ ଉଦ୍‌ଯାପନୀ ସମାରୋହ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

### ଭଦ୍ରକ
- ହନୁମାନ ଜନ୍ମୋତ୍ସବ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବଙ୍କବାସୁଳି ମନ୍ଦିରଠାରୁ ବରାଳପୋଖରୀ ହନୁମାନ ମନ୍ଦିର ପର୍ଯ୍ୟନ୍ତ, ଭଦ୍ରକ, ସମୟ: ସକାଳ ୮ଟା।
- ବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଣାଦାନ ଓ ପାଟୁଆ ନାଚ, ସ୍ଥାନ: ମା' ଆଙ୍ଗୁଡ଼ାଶୁଣି ପୀଠ, ବିନାୟକପୁର, ମା' ଭେଡ଼ା ନାୟକାଣୀ ପୀଠ, ବାଲିମେଦ, ବାସୁଦେବପୁର, ସମୟ: ସକାଳ ୮ଟା।
- ମା'ଗଡ଼ଚଣ୍ଡୀଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ଚିଲୋ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦର ତୃତୀୟ ପ୍ରତିଷ୍ଠା ଦିବସ, ସ୍ଥାନ: ଅବଦୁଲ କଲାମ ସଭାଗୃହ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଡକର ଜୟନ୍ତୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଚଡ଼କ ଯାତ୍ରା ଉତ୍ସବ, ସ୍ଥାନ: ସୁନାମୁହିଁ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ସେବା ସଙ୍ଗଠନର ବାର୍ଷିକ ଉତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ମାଳନ୍ଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ବିରୋଳି, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଷୁବ ମିଳନ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ସାହାଡ଼ାପଲ୍ଲୀ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ମା'ସ୍ୱର୍ଣ୍ଣମୟୀଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରଗଡ଼ିଆ, ବନ୍ତ, ସମୟ: ଅପରାହ୍ନ ୪ଟା।
- ବିଷୁବ ମିଳନ ଓ କବିତା ପାଠୋତ୍ସବ, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ଗୁଜୁରାଟୀ ଭବନ, ଡାହାଣୀଗଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

### କେନ୍ଦୁଝର
- ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବ ବର୍ଷ ପାଳନ, ସ୍ଥାନ: ଐକ୍ୟକ୍ଷେତ୍ର, ପିଏଚ୍‌ଡି, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ତାରିଣୀ ପୀଠରେ ଯଜ୍ଞ, ସ୍ଥାନ: କିରିବୁରୁ ଛକ ତାରିଣୀ ମନ୍ଦିର, ପ୍ରେସ୍ କ୍ଲବ ଛକ ତାରିଣୀ ମନ୍ଦିର, ସେରେଣ୍ଡା ମନ୍ଦିର, ପିଏଚ୍‌ଡି ତାରିଣୀ ମନ୍ଦିର, କଳିଙ୍ଗନଗର ତାରିଣୀ ମନ୍ଦିର, ସାଧୁସିଂହଟି ତାରିଣୀ ମନ୍ଦିର, ବଡ଼ବିଲ, ସମୟ: ସକାଳ ୬ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାପରା ସୁଖ ଶାଳୀ
କହିଲେ ଯେବେ ସହେ,
ସଉଦା ସୁଖ କାଳି
ନ ମାଗୁଣୁ ଯେବେ ଦିଏ ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥିବାବେଳେ ଶାଳୀ ହିଁ ଭିଣୋଇର ଥଟ୍ଟାମଜାର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ, ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର କୌଣସି ଆପତ୍ତି ଅଭିଯୋଗ ନ ଥାଏ, ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟୋକା ବୋଲି ବକଟେ,
କଥା କହୁଛି ଛଟକେ।**

ଛୋଟ ମୁହଁରେ ବଡ଼ କଥା ଶୋଭା ପାଇନଥାଏ। ବୟସର ସ୍ତରକୁ ଭୁଲି ବଡ଼ ବଡ଼ କରି କଥା କହିଲେ ସମାଜରେ ନିନ୍ଦିତ ହେବାକୁ ପଡିଥାଏ। ଅତି ବାହାଦୁରୀ ଦେଖାଇ କଥା କହୁଥିବା କମ ବୟସର ଯୁବକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କ ରାଶିରେ ବିଳାସକାରକ ଗ୍ରହ ଶୁକ୍ର ଅବସ୍ଥାନକରି ଦିନଟିକୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ କରାଇବେ। ଆନୁଷ୍ଠାନିକ କାମ ମଧ୍ୟରେ ବନ୍ଧୁମାନଙ୍କ ସାନ୍ନିଧ ଓ ପରିବାର ସହ ଭ୍ରମଣର ସୁଯୋଗରୁ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବା ସହ ସାମାଜିକ ସ୍ତରରେ ସମ୍ମାନ, ପ୍ରତିଷ୍ଠା ଲାଭକରିବେ ।

**ବୃଷ** ଆଜିର ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବା ସାଙ୍ଗକୁ ମୂଲ୍ୟବାନ୍ ଜିନିଷ ଲାଭକରି ଖୁସି ହେବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଧାର୍ମିକ କାର୍ଯ୍ୟ କିମ୍ବା କୌଣସି ଆନୁଷ୍ଠାନିକ କାମରେ ନିୟୋଜିତ ହେବେ। ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦି ହୋଇପଡ଼ିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ।

**ମିଥୁନ** ଆଜି ପୁନର୍ବସୁ ନକ୍ଷତ୍ର ବିଭିନ୍ନ କୌଶଳ ମାଧ୍ୟମରେ କାର୍ଯ୍ୟହାସଲ କରିବେ। ଯୋଜନା କ୍ଷେତ୍ରରେ ଉଦ୍ୟମକୁ ସାକାର କରିବାରେ ବିଶିଷ୍ଟ ବ୍ୟକ୍ତିଙ୍କ ଅଯାଚିତ ସାହାଯ୍ୟ ପାଇବେ। ଛୋଟ କଥାକୁ ନେଇ ପରିବାରରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିବେ। ବ୍ୟବସାୟୀଙ୍କ ପାଇଁ ଋଣ ପରିଶୋଧ ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ଆଜିର ଶୁଭଯୋଗ ଏକାଧାରରେ ଅର୍ଥ, ସମ୍ମାନ, ସମ୍ବର୍ଦ୍ଧନା ଓ ଉପହାରାଦି ପ୍ରାପ୍ତ ଯୋଗ ରହିଛି। ମନ ଯେମିତି ଚାହୁଁଛି ସେହି ପ୍ରକାରେ ଆଜିର ସମସ୍ତ କାର୍ଯ୍ୟ ସମ୍ପାଦନ ହେବ। ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତିରେ ବନ୍ଧୁମିଳନ ଓ ପାରିବାରିକ ସୌଖ୍ୟ ଲାଭ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ଖୁସି ରହିପାରନ୍ତି ।

**ସିଂହ** ଦକ୍ଷତା ଓ ନିଷ୍ଠାପରତାରୁ କାର୍ଯ୍ୟସିଦ୍ଧି ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପାରୁ ଖୁସି ରହିବେ। ପଦାଧିକାରୀଙ୍କ ସହାୟତାରୁ ସମସ୍ୟା ସମାଧାନ ହୋଇଯିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଏବଂ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ ଆପଣଙ୍କ ପ୍ରଶଂସନୀୟ ଉଦ୍ୟମ ବହୁଜନ ପ୍ରଶଂସିତ ହେବ। ନିଜେ ଠିକ୍ ଥିଲେ ମଧ୍ୟ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର କ୍ରୟ କରିବା ସକାଶେ ଆଲୋଚନା କରିପାରନ୍ତି।

**ତୁଳା** ରାଶ୍ୟାଧିପତିଙ୍କ ଶୁଭ ପ୍ରଭାବରୁ ସର୍ବବିଧ ସାଧନ ପାଇଁ ମାର୍ଗ ଉନ୍ମୁକ୍ତହେବ। ପାରିବାରିକ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି, ଯାତ୍ରା, କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ସରକାରୀ କାମ, ଚୁକ୍ତିପତ୍ର, ପ୍ରଶାସନ, ରାଜନୀତି, ସାମ୍ବାଦିକତାରେ ଅସ୍ଥିରତା ଦେଖାଦେବ। ପୁରୁଣା କଥା ଚିନ୍ତାକରି କୌଣସି ଅଭାବ ନ ଥାଇ ମଧ୍ୟ ଚିତ୍ତାର ମନ ଭଲ ଲାଗିବ ନାହିଁ।

**ବିଛା** କର୍ମକ୍ଷେତ୍ରରେ ମନାନ୍ତର ସାଙ୍ଗକୁ ସମ୍ପର୍କରେ ବାଧା ସୃଷ୍ଟି ସୂଚନା ରହିଛି। ଅର୍ଥହାନି, ପାରିବାରିକ ଦ୍ୱନ୍ଦ୍ୱ ଲାଗିରହିଲେ ମଧ୍ୟ ଶନି ରାଜନୈତିକ କ୍ଷେତ୍ରରେ ସୁଫଳ ପ୍ରଦାନ କରିବେ। କଳା,ସାହିତ୍ୟ ଚର୍ଚ୍ଚା,ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି। ତଥାପି କେତେକ ଅହେତୁକ କଳ୍ପନା ମାନସିକ ସ୍ତରକୁ କ୍ଷତବିକ୍ଷତ କରିପାରେ।

**ଧନୁ** ଆଜି ସାମଗ୍ରିକ ଦୃଷ୍ଟିକୋଣରୁ ସମସ୍ତ ସୁବିଧା ପାଇଲେ ମଧ୍ୟ ସନ୍ତାନହେତୁକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**ମକର** ଆଜିର ଗ୍ରହ ସ୍ଥିତି ପ୍ରଭାବରେ ଦିନଟି ସ୍ମରଣୀୟ ହୋଇ ରହିଯିବ। ବିଶିଷ୍ଟ ବ୍ୟକ୍ତିମାନଙ୍କ ସାଙ୍ଗ ଓ ସାହାଯ୍ୟକାରୀ ମନୋଭାବରୁ ଖୁସିହେବେ। କୌଣସି କାମ ଅଟକି ରହିବ ନାହିଁ । ସାମାଜିକ, ଅର୍ଥନୈତିକ, ରାଜନୈତିକ ସ୍ଥିତି ଭଲ ରହିବ। ଶତ୍ରୁ ପରାସ୍ତ ହେବେ, କିନ୍ତୁ ଧନବ୍ୟୟ ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାଜନିତ ଟେନ୍‌ସନ ଲାଗିରହିପାରେ।

**କୁମ୍ଭ** ଆଜି ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତି ସହ ମିଷ୍ଟାନ୍ନ, ବସ୍ତ୍ରାଳଙ୍କାର, ଉପହାର ପାଇପାରନ୍ତି। ଆପଣଙ୍କ ଯାତ୍ରା ସହଜ ସୁଗମ ହେବା ସହ କାର୍ଯ୍ୟାରମ୍ଭ ପ୍ରୀତିପ୍ରଦ ରହିବ। ପରିବାରରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିଯାଇପାରେ। ଦୀର୍ଘଦିନର ପରୋକ୍ଷ ଶତ୍ରୁତା କେତେକ ସମସ୍ୟା ସୃଷ୍ଟିକରିବା ଆଶଙ୍କା ରହିଛି ।

**ମୀନ** ରାଶିରେ ବୁଧ ବୌଦ୍ଧିକ ସହାୟତା, ଦୈହିକ ସ୍ୱାସ୍ଥ୍ୟ ଓ ପାରିବାରିକ ଶାନ୍ତି ପ୍ରଦାନରେ ସହାୟକ ହେବ। ଉଚ୍ଚଶିକ୍ଷା, ସନ୍ତାନ, ଲେଖାପଢ଼ା, ସାଙ୍ଗକୁ ଆଶା ପୂରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ ।

ଆଜି ଏପ୍ରିଲ ୧୪ ତାରିଖ, ମହାବିଷୁବ ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ, ଭକ୍ତ ଶିରୋମଣି ହନୁମାନଙ୍କ ଜୟନ୍ତୀ, ଅଗ୍ନିଶମ ଦିବସ, ସମ୍ବିଧାନ ପ୍ରଣେତା ଡ. ଆମ୍ବେଡ଼କରଙ୍କ ଜୟନ୍ତୀ, ବୈଶାଖ କୃଷ୍ଣ ଦ୍ୱାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର– ଶତଭିଷା/କୁମ୍ଭ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୨ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୭ ମଧ୍ୟେ ରାହୁକାଳ ।




## ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା

# ବିଚାରବିଭାଗୀୟ ତଦନ୍ତ ଆରମ୍ଭ

- ୨ ଘଣ୍ଟା ଧରି ବିଭିନ୍ନ ଦିଗ ନେଇ ପଚରାଉଚରା
- ଘଟଣା ସମ୍ପର୍କରେ ଜନସାଧାରଣଙ୍କଠାରୁ ସତ୍ୟପାଠ ଆହ୍ୱାନ
- ବିଜ୍ଞପ୍ତିର ୧୫ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବେ ଲୋକେ

**କଟକ,୧୩।୪(ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାକୁ ଇତିମଧ୍ୟରେ ମାସେ ପୂରିବାକୁ ଯାଉଥିବାବେଳେ ସୋମବାର ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ମଧ୍ୟାହ୍ନରେ ତଦନ୍ତ କମିଶନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ଓ ଟିମ୍ ପହଞ୍ଚି ପ୍ରଥମେ ମେଡିକାଲ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପ୍ରାୟ ୧ଘଣ୍ଟା ପଚରାଉଚରା କରିବାପରେ କମିଶନ ଅଧ୍ୟକ୍ଷ ଟ୍ରମା ଆଇସିୟୁ ଭିତରେ ପଶି ପ୍ରାୟ ୩୦ ମିନିଟ୍ ଯାଞ୍ଚ କରିଥିଲେ। ପରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଆଉ ଅଧଘଣ୍ଟା ପଚରାଉଚରା କରାଯାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବିରେ ତଦନ୍ତ କମିଶନ ଅଧ୍ୟକ୍ଷ ବିଶ୍ୱାଳ ପହଞ୍ଚି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ମେଡିକାଲ କର୍ତ୍ତୃପକ୍ଷ, ପୂର୍ବତନ ଅଧୀକ୍ଷକ, ଆଇସିୟୁରେ ଡ୍ୟୁଟିରେ ଥିବା ମେଡିକାଲ ଅଫିସର, ଡାକ୍ତର ଓ ନର୍ସଙ୍କୁ ବିଭିନ୍ନ ଦିଗରେ ପଚରାଉଚରା କରିଥିଲେ। ତେବେ କେଉଁ ସମୟରେ ନିଆଁ ଲାଗିଲା, ନିଆଁ ଲାଗିବା ପରେ ସ୍ପ୍ରିଙ୍କଲର କାମ କରିଥିଲା କି ନାହିଁ, ସାଇରନ୍ ବାଜିଥିଲା ନା ନାହିଁ, ଘଟଣାସ୍ଥଳରେ କେଉଁ ଅଧିକାରୀ ଉପସ୍ଥିତ ଥିଲେ, ସେମାନଙ୍କ ଭୂମିକା କ'ଣ ରହିଥିଲା। କେତେଜଣ ରୋଗୀଙ୍କୁ ଉଦ୍ଧାର କରାଯାଇଥିଲା, ଉଦ୍ଧାର କାର୍ଯ୍ୟରେ କିଏ କିଏ ନିୟୋଜିତ ରହିଥିଲେ ଏବଂ ଅଗ୍ନିଶମ ବାହିନୀକୁ କେତେବେଳେ ଖବର ଦିଆଯାଇଥିଲା ଆଦି ବିଭିନ୍ନ ଦିଗରେ ପଚରାଉଚରା କରିଥିଲେ। କମିଶନ ଅଧ୍ୟକ୍ଷ ବିଶ୍ୱାଳ କହିଛନ୍ତି, ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଘଟଣା ସମ୍ପର୍କରେ ବିଭିନ୍ନ ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଛି, ତଦନ୍ତରେ ଯେଉଁ ବ୍ୟକ୍ତିଙ୍କ ଆବଶ୍ୟକ ଅନୁଭବ ହେବ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ଏହାସହ ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ ସାଧାରଣ ଜନତାଙ୍କଠାରୁ ସତ୍ୟପାଠ ଆହ୍ୱାନ କରାଯିବ। ଏସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ସାଧାରଣ ଲୋକ ସତ୍ୟପାଠ ଦାଖଲ କରିପାରିବେ। ତଦନ୍ତବେଳେ କୌଣସି ଦିଗକୁ ବାଦ୍ ଦିଆଯିବନାହିଁ। ଏସମ୍ପର୍କରେ ମେଡିକାଲର ଅଧୀକ୍ଷକ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ କହିଛନ୍ତି, କମିଶନ ଓ ଟିମ୍‌ଙ୍କ ନିକଟରେ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି।

ସୂଚନାଥାଉକି, ଗତ ମାର୍ଚ୍ଚ ୧୫ତାରିଖ ବିଳମ୍ବିତ ରାତିରେ ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟି ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେନ୍ଦ୍ରୀୟ ଟିମ୍ ମଧ୍ୟ ନିକଟରେ ମେଡିକାଲ ପହଞ୍ଚି ବିଭିନ୍ନ ଦିଗରେ ପଚରାଉଚରା କରିଥିଲା। ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଏସ୍‌ଓପି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେବା ସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ମୁଖ୍ୟ ଥିବା ଜିଲାପାଳଙ୍କୁ ଘଟଣା ସମ୍ପର୍କରେ କାହିଁକି ଅବଗତ କରାଯାଇ ନ ଥିଲା ସେ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଅନ୍ୟପଟେ ଏହି ଅଗ୍ନିକାଣ୍ଡ ଘଟଣା ପରେ ମେଡିକାଲର କୋଠାଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ କୋଠାର ଯାଞ୍ଚ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯାଞ୍ଚ କରାଯିବା ସହ ରିପୋର୍ଟ ପ୍ରଦାନ କରାଯାଇଥିଲା।

# ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୨୬କୁ ରାଜ୍ୟପାଳଙ୍କ ସ୍ୱୀକୃତି

**ଭୁବନେଶ୍ୱର,୧୩।୪(ସୁଚିସ୍ମିତା ସାହୁ)**

**ଉପକୃତ ହେବେ ସଂରକ୍ଷିତ ବର୍ଗର ଶିକ୍ଷକ କ୍ୟାଡର**

ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ ୨୦୨୬କୁ ରାଜ୍ୟପାଳଙ୍କ ସ୍ୱୀକୃତି ମିଳିଛି। ଫଳରେ ସଂରକ୍ଷିତ ବର୍ଗର ଶିକ୍ଷକ କ୍ୟାଡର ଉପକୃତ ହେବେ। ଗତ ମାର୍ଚ୍ଚ ୩୧ରେ ବିଧାନସଭାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ହେବା ପରେ ଏହି ବିଧେୟକକୁ ପାରିତ କରାଯାଇଥିଲା। ତେବେ ସୋମବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏହାକୁ ସ୍ୱୀକୃତି ପ୍ରଦାନ କରିଥିବାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେ କହିଛନ୍ତି, ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ ୨୦୨୬ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏହି ଅଧିନିୟମ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସ୍‌ଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବ। ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ଏସବୁ ବର୍ଗର ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ବିଚାର କରାଯିବ।

ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟରେ ବହୁଦିନ ଧରି ଖାଲି ରହିଥିବା କୁଳପତି ପଦବୀ ପୂରଣ କରାଯାଇଛି। ଆମ ଓଡ଼ିଶାର ଶିକ୍ଷାବିତ୍‌ମାନଙ୍କୁ ୧୪ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତ କରାଯାଇଛି। ଫଳରେ ସେମାନେ ଆମ ଶୈକ୍ଷିକ ସମାଜର ନେତୃତ୍ୱ ନେଇଛନ୍ତି। ଓଡ଼ିଆମାନେ ହିଁ ଓଡ଼ିଶାର ଶୈକ୍ଷିକ ସମାଜର ବିକାଶ ପାଇଁ ଦାୟିତ୍ୱ ନିର୍ବାହ କରୁଛନ୍ତି। ନବନିଯୁକ୍ତ କୁଳପତିମାନଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ, ପ୍ରୟୋଗାତ୍ମକ ଓ ଗବେଷଣାତ୍ମକ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଏଥିସହ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ୨୦୨୪ ଏବଂ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ ୨୦୨୬ ଲାଗୁ ହେବା ପରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀକୁ ପୂରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ କହିଛନ୍ତି।

# ଜୁନ୍ ସୁଦ୍ଧା ୨୦,୧୩୦ ନିଯୁକ୍ତି ଲକ୍ଷ୍ୟ: ମୁଖ୍ୟସଚିବ

**ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା)**

**ଗ୍ରୁପ୍ ଡି' ପଦ ପୂରଣକୁ ଗୁରୁତ୍ୱ ଦିଅ**

ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ନିଯୁକ୍ତିକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ୨୦୨୪ ଜୁନ୍ ୧୨ ପରେ ରାଜ୍ୟରେ ୪୧ହଜାର ୧୧୧ ନିଯୁକ୍ତି ଦିଆଯାଇ ସାରିଲାଣି। ଆସନ୍ତା ଜୁନ୍ ୩୦ ସୁଦ୍ଧା କିପରି ୨୦ହଜାର ୧୩୦ ପଦ ପୂରଣ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ବିଭାଗୀୟ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୪ରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମୁଖ୍ୟ ସଚିବ ଗର୍ଗ ସବୁ ବିଭାଗକୁ କହିଛନ୍ତି ଯେ, ବିଭାଗରେ କେତେ ଅନୁମୋଦନ ପଦ ରହିଛି ତା'ର ସମୀକ୍ଷା କରି ତୁରନ୍ତ ସାଧାରଣ ପ୍ରଶାସନ ବିଭାଗ ଏବଂ ଅର୍ଥ ବିଭାଗକୁ ଅବଗତ କରାଅ।

ମୁଖ୍ୟସଚିବ କହିଛନ୍ତି, କୌଣସି ବିଭାଗ ପକ୍ଷରୁ ଆବଶ୍ୟକ ଏବଂ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ଡି' ପଦବୀଗୁଡ଼ିକର ପୂରଣ ପାଇଁ ସରକାରଙ୍କ ନିକଟକୁ କୌଣସି ପ୍ରସ୍ତାବ ଆସିନାହିଁ। କେଉଁ ପରିପ୍ରେକ୍ଷୀରେ ଗ୍ରୁପ୍-ଡି' ପଦ ପୂରଣ ଦିଗରେ କୌଣସି ବିଭାଗ ଏହି ପ୍ରସ୍ତାବ ଦେଇ ନାହାନ୍ତି ତାହା ପୁନର୍ବାର ଅନୁଧ୍ୟାନ କରାଯିବା ଆବଶ୍ୟକ। ଏହି ପରିସ୍ଥିତିରେ ସମସ୍ତ ବିଭାଗ ସାଧାରଣ ପ୍ରଶାସନ ବିଭାଗର ୨୦୨୫ ଜାନୁଆରୀ ୧୩ ନିର୍ଦ୍ଦେଶନାମା ଅନୁଯାୟୀ, ଆବଶ୍ୟକ ସଂଖ୍ୟକ ଗ୍ରୁପ୍-ଡି'ପଦବୀ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକ ପ୍ରଦାନ କରିବେ। ଏନେଇ ସାଧାରଣ ପ୍ରଶାସନ ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତା'ର ବିଚାର କରିବ। ସେହିପରି ଗୃହ, ଜଙ୍ଗଲ ଓ ପରିବେଶ, ଅବକାରୀ ଏବଂ ବାଣିଜ୍ୟ ଓ ପରିବହନ ବିଭାଗଗୁଡ଼ିକ ୟୁନିଫର୍ମଡ ସର୍ଭିସରେ ନିଯୁକ୍ତି ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲାଗି ମୂଳ ଖାଲି ପଦବୀଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ପ୍ରତ୍ୟେକ ଅନୁମୋଦିତ ପଦବୀକୁ ଅର୍ଥ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଆଇଡି ଦିଆଯିବା ଆବଶ୍ୟକ। ସେହି ଆଇଡି ସହିତ କର୍ମଚାରୀଙ୍କ ମାନବସମ୍ବଳ ପରିଚାଳନା ସେବା(ଏଚ୍‌ଆର୍‌ଏମ୍‌ଏସ୍)କୁ ସଂଯୋଜିତ କରାଯିବ। ଅନ୍ୟପକ୍ଷରେ ପଞ୍ଚାୟତିରାଜ, ନିର୍ମାଣ ଏବଂ ଜଳସମ୍ପଦ ବିଭାଗରେ ୭୪୬ଟି କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ସହିତ ସମନ୍ୱୟ ରକ୍ଷା କରି ଚଳିତମାସ ମଧ୍ୟରେ ନିଯୁକ୍ତି ପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।




# ଜନ୍ମଦିନରେ ଜଳିଲା ଯୁବକଙ୍କ ଜୁଇ

**ଟିକିରି,୧୩।୪ (ପ୍ରଫୁଲ୍ଲ କୁମାର ବେହେରା)**


ଶ୍ରୀଧର ସ୍ୱାଇଁ

ସୋମବାର ପାଳନ କରିଥାନ୍ତେ ୨୮ତମ ଜନ୍ମଦିନ। ହେଲେ ବିଧିର ବିଧାନ କିଛି ଅଲଗା ଥିଲା। ଜନ୍ମଦିନ ପାଳନ କରିବା ପୂର୍ବରୁ ଚାଲିଗଲା ଯୁବକଙ୍କ ଜୀବନ। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ମୁଖ୍ୟ ବଜାରରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଟିକିରି ବଜାରରେ ପାନଦୋକାନ କରିଥିବା ଶ୍ରୀଧର ସ୍ୱାଇଁ। ଗତ ୨ଦିନ ହେଲା ଅଞ୍ଚଳରେ ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ଅଂଶୁଘାତରେ ଶ୍ରୀଧରଙ୍କ ମୃତ୍ୟୁ ହୋଇଥିବା ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ସେହିପରି ଯୁବକଙ୍କ ନିର୍ବନ୍ଧ ସରିଥିବାରୁ ଆଉ କିଛି ମାସ ପରେ ତାଙ୍କର ବାହାଘର ହୋଇଥାନ୍ତା ବୋଲି ପରିବାର ଲୋକେ କହିଛନ୍ତି। ଶ୍ରୀଧର ରବିବାର ମଧ୍ୟାହ୍ନରେ ଦୋକାନକୁ ଆସି ତାଙ୍କ ବାପା ସନ୍ନ୍ୟାସୀ ସ୍ୱାଇଁଙ୍କୁ ଖାଇବାକୁ ଘରକୁ ପଠାଇ ଦେଇଥିଲେ। ଏହି ସମୟରେ ଶ୍ରୀଧର ଦୋକାନରେ ବସିଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କ ନାକରୁ ରକ୍ତ ବାହାରିବା ସହ ଅତ୍ୟଧିକ ଝାଳ ବାହାରିବାରୁ ସେ ଅଚେତ ହୋଇ ଦୋକାନ ଭିତରେ ପଡ଼ିଯାଇଥିଲେ। ସନ୍ନ୍ୟାସୀ ଖାଇ ଦୋକାନକୁ ଆସି ଦେଖିଲା ବେଳକୁ ପୁଅ ଅଚେତ ହୋଇ ପଡ଼ିଛନ୍ତି। ସଙ୍ଗେ ସଙ୍ଗେ ସେ ପଡ଼ୋଶୀ ଦୋକାନୀଙ୍କୁ ଡାକି ଅଟୋରିକ୍ସା ଯୋଗେ ଉଷାପଡ଼ା ଉତ୍କଳ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ଟିକିରି ଥାନାକୁ ଜଣାଇଥିଲେ। ଥାନାରେ ଅପମୃତ୍ୟୁ ମାମଲା ନଂ. ୫/୨୬ ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛନ୍ତି। ରବିବାର ରାତି ହୋଇଯିବାରୁ ସୋମବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ତାଙ୍କ ଜନ୍ମଦିନରେ ଅନ୍ତିମ ସତ୍କାର କରାଯାଇଥିଲା। ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ମାନସ ବିଜେଡି ରାଜ୍ୟ ସଭା ସଂସଦୀୟ ଦଳ ନେତା

**ସୁଲତା ଉପନେତା, ମୁଖ୍ୟ ସଚେତକ**

**ଭୁବନେଶ୍ୱର, ୧୩।୪(ସୁନିତ୍ ମିଶ୍ର)**

ବିଜେଡିର ରାଜ୍ୟ ସଭା ସଂସଦୀୟ ଦଳ ନେତା ଭାବେ ମାନସ ରଞ୍ଜନ ମଙ୍ଗରାଜଙ୍କୁ ଦଳ ପକ୍ଷରୁ ନୂଆ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏହି ପଦରୁ ଇସ୍ତଫା ଦେବା ପରେ ଦଳ ମାନସଙ୍କୁ ଦାୟିତ୍ୱ ଦେବ ବୋଲି ଚର୍ଚ୍ଚା ହେଉଥିଲା। ସମ୍ମାନ ଭାବେ ସସ୍ମିତଙ୍କ ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକ ଗ୍ରହଣ କରିବାର ୪ ଦିନ ପରେ ମାନସଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି। ଏହାସହ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିଛି। ରାଜ୍ୟ ସଭା ସଂସଦୀୟ ଦଳ ଉପନେତା ଏବଂ ମୁଖ୍ୟ ସଚେତକ ଭାବେ ସୁଲତାଙ୍କୁ ନିଯୁକ୍ତି ମିଳିଛି। ମାନସ ଏବଂ ସୁଲତାଙ୍କୁ ନୂଆ ଦାୟିତ୍ୱ ପ୍ରଦାନ ନେଇ ନବୀନ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଚିଠି କରି ଜଣାଇ ଦେଇଛନ୍ତି। ଦାୟିତ୍ୱ ମିଳିବା ପରେ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନଠାରେ ଖବରଦାତା ସମ୍ମିଳନୀ କରି ମାନସ କହିଛନ୍ତି, ଦଳର ସଭାପତି ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ଦେଇଥିବାରୁ ଧନ୍ୟବାଦ। ବିଜେଡି ଏମ୍‌ପିମାନେ ନିଷ୍ଠାର ସହିତ ରାଜ୍ୟର ହିତ ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଆସୁଛନ୍ତି। ବିଜେଡି ଏମ୍‌ପିମାନଙ୍କ ସ୍ୱର ନିଶ୍ଚିତ ଭାବେ ଶାଣିତ ରହିବ। ସୁଲତା କହିଛନ୍ତି, ଦଳର ଜଣେ ଦାୟିତ୍ୱବାନ ସୈନିକ ହିସାବରେ ସେ ଦାୟିତ୍ୱକୁ ନିଷ୍ଠାର ସହିତ ତୁଲାଉଛନ୍ତି। ଏବେ ଯାହା ଦାୟିତ୍ୱ ମିଳିଲା ତାହା ମଧ୍ୟ ନିଷ୍ଠାର ସହ ତୁଲାଇବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କେତେଗୁଡ଼ିଏ ପ୍ରସଙ୍ଗ ଉଠାଇ ସସ୍ମିତଙ୍କୁ ରାଜ୍ୟ ସଭା ଦଳ ନେତା ପଦରୁ ହଟାଇବା ଲାଗି ସବୁ ଏମ୍‌ପି ଏକତ୍ରିତ ଭାବେ ଦଳର ସଭାପତିଙ୍କୁ ଚିଠି ଲେଖିଥିଲେ। ଯାହା ଶୁଣିବାକୁ ମିଳୁଛି, ସେହି ଚିଠିରେ ରାଜ୍ୟ ସଭା ସଦସ୍ୟମାନେ ଉଲ୍ଲେଖ କରିଥିଲେ, ବିଜୁ ବାବୁଙ୍କ ବିଷୟରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ବିବାଦୀୟ ମନ୍ତବ୍ୟ ଦେବା ପରେ ସସ୍ମିତ ତାଙ୍କ ମନଇଚ୍ଛା ସଦନରେ ଘଟଣାକୁ ବିରୋଧ କରି ଗୃହ ତ୍ୟାଗ କରିଥିଲେ, ଯାହା ଅନ୍ୟ ଏମ୍‌ପିମାନେ ଚାହୁଁ ନ ଥିଲେ। ଯେତେବେଳେ ସସ୍ମିତ ସଦନରୁ ବାହାରି ଚାଲିଗଲେ ତାପରେ ବାଧ୍ୟ ହୋଇ ଅନ୍ୟ ଏମ୍‌ପିମାନେ ମଧ୍ୟ ତାଙ୍କ ପଛରେ ଯିବାକୁ ବାଧ୍ୟ ହେଇଥିଲେ। ଯେଉଁଥିଲାଗି ସସ୍ମିତଙ୍କୁ ବିଜେଡି ରାଜ୍ୟ ସଭା ସଂସଦୀୟ ଦଳ ନେତା ପଦରୁ ହଟାଇବା ପାଇଁ ସେମାନେ ଦାବି ରଖିଥିଲେ। ପରବର୍ତ୍ତୀ ସମୟରେ ସସ୍ମିତ ନିଜଆଡୁ ଇସ୍ତଫା ଦେଇଥିଲେ।

# ବିଲ୍ ବାକିଥିଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବନି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୪(ସୁନିତ୍ ମିଶ୍ର)**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୋମବାର ନିର୍ଦ୍ଦେଶ ଦେଇଛନ୍ତି, ୨୦୨୬ର ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ମୌସୁମୀ ଆସିବା ପର୍ଯ୍ୟନ୍ତ ବକେୟା ବିଦ୍ୟୁତ୍ ବିଲ୍ ଥିଲେ ମଧ୍ୟ କୌଣସି ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ନାହିଁ। ବିଲ୍ ପୈଠ ନ କରିବା କାରଣରୁ କୌଣସି ବି ଡିସ୍‌କମ୍ ଦ୍ୱାରା ଘରୋଇ ଗ୍ରାହକଙ୍କ ଅଘୋଷିତ ବିଦ୍ୟୁତ୍ କାଟ କରାଯାଇପାରିବ ନାହିଁ। କେବଳ ଅତ୍ୟାବଶ୍ୟକ ମରାମତି କିମ୍ବା ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସାମୟିକ ଭାବେ ବିଦ୍ୟୁତ୍ କାଟ୍ ହୋଇପାରିବ। ଏହି ସମସ୍ତ ପୂର୍ବ ନିର୍ଦ୍ଧାରିତ ବିଦ୍ୟୁତ୍ କାଟ ବିଷୟରେ ଗ୍ରାହକମାନଙ୍କୁ ଏସ୍‌ଏମ୍‌ଏସ୍ ଆଲର୍ଟ ଏବଂ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ ମାଧ୍ୟମରେ ଆଗୁଆ ସୂଚନା ଦେବା ବାଧ୍ୟତାମୂଳକ କରାଯାଇଛି। ଶକ୍ତି ବିଭାଗ ଏବଂ ଡିଷ୍ଟ୍ରିବ୍ୟୁଶନ କମ୍ପାନୀଗୁଡିକୁ ସେମାନଙ୍କ କର୍ମଚାରୀମାନଙ୍କୁ ଏହି ନିର୍ଦ୍ଦେଶ ବିଷୟରେ ଅବଗତ କରାଇବାକୁ ଅନୁରୋଧ କରିଛନ୍ତି। ଏହି ଘୋଷଣାର କଡ଼ାକଡ଼ି ଅନୁପାଳନ ନିଶ୍ଚିତ କରିବା ପାଇଁ ଏକ ଦୃଢ଼ ମନିଟରିଂ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘରୋଇ ଗ୍ରାହକମାନେ ଆଶ୍ୱସ୍ତି ପାଇପାରିବେ। ଏହି ସମସ୍ତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ଏବଂ ସମୀକ୍ଷା କରି ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଅଧିକ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଉନାହାନ୍ତି ସରକାର: ମନ୍ତ୍ରୀ

**ଭୁବନେଶ୍ୱର, ୧୩।୪(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରଣୟନ ସହ ଏହାକୁ ଠିକ୍ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ନୂଆ ମଦ ଦୋକାନ ଖୋଲିବା କିମ୍ବା ଅଧିକ ମଦ ବିକ୍ରୟ କରିବା ଉପରେ କେବେ ମଧ୍ୟ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉନାହାନ୍ତି। ସରକାର ମଦ୍ୟପାନକୁ ନିରୁତ୍ସାହିତ କରିବା ପାଇଁ ଅତିରିକ୍ତ ଡି-ଆଡିକ୍ସନ୍ ସେସ୍ ଲଗାଇବା ପାଇଁ ଯୋଜନା କରିଛନ୍ତି। ଏହାଦ୍ୱାରା ମଦ୍ୟପାନ ନ କରିବା ପାଇଁ ଏକ ସଚେତନତା ବାର୍ତ୍ତା ପ୍ରସାର କରିହେବ। ଏହାସହିତ ପୂର୍ବରୁ ରହିଥିବା ଏମ୍‌ଜିକ୍ୟୁ ବ୍ୟବସ୍ଥାକୁ ଉଚ୍ଛେଦ କରାଯିବ। ଏହା ବଦଳରେ ଏମ୍‌ଜିଇଆର୍ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ଫଳରେ ସର୍ବନିମ୍ନ ମଦ ବିକ୍ରି ପାଇଁ ଡିଲରଙ୍କ ଉପରେ ରହିଥିବା ଚାପ ହ୍ରାସ ପାଇବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ସେହିପରି ବେଆଇନ ମଦ କାରବାର ଯୋଗୁ କେବଳ ଧନଜୀବନ ହାନି ହେଉନାହିଁ, ବରଂ ରାଜସ୍ୱ ହାନି ହେଉଛି। ତେଣୁ ଏହି ବେଆଇନ ନିଶା ତଥା ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ମଦ ଦୋକାନ ଆବଣ୍ଟନ ବେଳେ ଇ-ଲଟେରି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଅବକାରୀ ବ୍ୟବସ୍ଥାରେ ସୁଧାର ଦ୍ୱାରା ବେଆଇନ କାରବାର ରୋକାଯିବା ସହ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଆର୍.ଏସ୍. ଗୋପାଳନ୍, ଅବକାରୀ କମିଶନର ପି.ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଶାସନ ସଚିବ ଦେବାଶିଷ ପଟ୍ଟନାୟକଙ୍କ ସମେତ ଏନ୍‌ଆଇସି ଅଧିକାରୀମାନେ ଉପସ୍ଥିତ ଥିଲେ।



ଏହି ଘନୀଭୂତ ଓ ଜଡୀଭୂତ ଜଡ଼-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ । -ଶ୍ରୀଅରବିନ୍ଦ

-ମହାବିଷୁବ ପଣା ସଂକ୍ରାନ୍ତି, ଝାମୁ ଯାତ୍ରା, ରାଧାରମଣ ଦେବଙ୍କ ଜନ୍ମୋତ୍ସବ ଓ ହନୁମାନ ଜୟନ୍ତୀ



# ଏବେ ତୁର୍କୀ ଓ କ୍ୟୁବା

ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଏବଂ ନିକଟରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ମଧ୍ୟପ୍ରାଚ୍ୟ ପୁନର୍ବାର ଅଶାନ୍ତ । ଇରାନ୍‌କୁ ଖୁବ୍ କମ୍ ସମୟରେ ଭୂପତିତ କରିଦେଇ ତା' ଉପରେ ରାଜୁତି କରିବ ବୋଲି ଆମେରିକା ଯେଭଳି ଭାବିଥିଲା, ତାହା ସମ୍ଭବ ହେଲା ନାହିଁ । ଶତ୍ରୁ ରାଷ୍ଟ୍ର ଇରାନ୍‌ଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହେବା ପରେ ଆମେରିକା ନିଜ ଆଡୁ ଶାନ୍ତି ଆଲୋଚନା ପାଇଁ ସ୍ଥିତି ସୃଷ୍ଟି କରିଥିବା ବିଶ୍ୱବାସୀ ଜାଣିଲେ । ଏହା ଆମେରିକାର ଭାବମୂର୍ତ୍ତିକୁ ବିରାଟ ଆଞ୍ଚ ଆଣିଲା । ଆମେରିକା ପୁରୁଣାକାଳିଆ ଯୁଦ୍ଧ ପାଇଁ ପ୍ରସ୍ତୁତ ଓ ଶକ୍ତିଶାଳୀ ବୋଲି ଦର୍ଶାଇ ଆସୁଥିବା ବେଳେ ଇରାନ୍ ତାହାର ଯୁଦ୍ଧ ପଦ୍ଧତିକୁ ଛୋଟିଆ ଡ୍ରୋନ୍‌ରେ ପରିଣତ କରିଦେଇ ଯୁଦ୍ଧର ସଂଜ୍ଞା ବଦଳାଇଦେଲା । ଯେଉଁଭଳି ଘୋଡ଼ା ଓ ହାତୀ ଏବେ ଯୁଦ୍ଧରେ ଅକାମୀ ହୋଇଗଲେଣି ସେହିଭଳି ବଡ଼ ଧରଣର ତୋପ, ଲଢୁଆ ବିମାନ, ଉଡ଼ାଜାହାଜ ଓ ବୁଡ଼ାଜାହାଜର ଯୁଗ ସରିଆସିଲାଣି । ଏଭଳି ସନ୍ଧିକ୍ଷଣରେ ଦୁଇଟି ନୂଆ ଘଟଣା ଏବେ ଚର୍ଚ୍ଚାକୁ ଆସିଛି । ଇସ୍‌ଲାମାବାଦରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ପଶ୍ଚିମ ଏସିଆ ଓ ଦକ୍ଷିଣ ପୂର୍ବ ୟୁରୋପ ମଧ୍ୟରେ ଅବସ୍ଥିତ ତୁର୍କୀର ରାଷ୍ଟ୍ରପତି ରେସିପ୍ ତାଇପି ଏର୍ଦୋଗାନ୍ କହିଛନ୍ତି, ପାଲେଷ୍ଟାଇନ୍ ଓ ଲେବାନନ୍ ଉପରେ ଇସ୍ରାଏଲ ଯେଭଳି ଆକ୍ରମଣ ଜାରି ରଖିଛି ତାହା ଅତ୍ୟନ୍ତ ବର୍ବରତାର ସଙ୍କେତ ଦେଉଛି । ଇସ୍ତାନବୁଲଠାରେ ଇଣ୍ଟରନ୍ୟାଶନାଲ ଏସିଆ ପଲିଟିକାଲ ପାର୍ଟିଜ୍ କନ୍‌ଫରେନ୍ସକୁ ଏପ୍ରିଲ ୧୨ରେ ସମ୍ବୋଧନ କରି ଏର୍ଦୋଗାନ୍ କହିଛନ୍ତି ଯେ, ଇସ୍ରାଏଲ ଯେଭଳି ଭାବେ ଶିଶୁ, ମହିଳା ଓ ବେସାମରିକ ଅଞ୍ଚଳରେ ଅତ୍ୟାଚାର ଜାରି ରଖିଛି ଆବଶ୍ୟକ ପଡ଼ିଲେ ତୁର୍କୀ ତା' ବିରୋଧରେ ସାମରିକ ଆକ୍ରମଣ କରିପାରେ । ଏହାର ଦିନକ ପରେ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କ୍ୟୁବା ରାଷ୍ଟ୍ରପତି ମିଗୁଏଲ ଦିଆଜ୍-କାନେଲ କହିଛନ୍ତି, ତାଙ୍କ ଦେଶ ଉପରେ ଆମେରିକା ଆକ୍ରମଣ କରିବା କିମ୍ବା ତାଙ୍କୁ ଗାଦିଚ୍ୟୁତ କରିବାର କୌଣସି ବୈଧ କାରଣ ନାହିଁ । ସେଭଳି ଯଦି ହୁଏ ତେବେ କ୍ୟୁବା ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛି । ଯୁଦ୍ଧରେ ମରିବାକୁ ପଡ଼ିଲେ ଆମେ ପ୍ରସ୍ତୁତ ଅଛୁ, କାରଣ ଆମ ଜାତୀୟ ସଙ୍ଗୀତ କହେ-'ଦେଶ ପାଇଁ ମରିବା ହେଉଛି ବଞ୍ଚିବା' ବୋଲି କାନେଲ କହିଛନ୍ତି । ଉଲ୍ଲେଖ କରାଯାଇପାରେ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ତାଙ୍କ ଦେଶରୁ ଉଠାଇ ନେବା ପରେ କହିଥିଲେ ପରବର୍ତ୍ତୀ ଲକ୍ଷ୍ୟ କ୍ୟୁବା । ଏବେ ଯେତେବେଳେ ଆମେରିକାର କାଚ୍‌ତି ଅନ୍ତର୍ଜାତୀୟ ସ୍ତରରେ କମିଆସୁଥିବା ଲକ୍ଷ୍ୟ କରାଯାଉଛି ସେହି ସମୟରେ କ୍ୟୁବା ମଧ୍ୟ ଟ୍ରମ୍ପ୍‌ଙ୍କୁ ଚ୍ୟାଲେଞ୍ଜ କରିବାକୁ ଆଗେଇ ଆସିଛି ।

ଉପରଲିଖିତ ଦୁଇଟି ଘଟଣାକୁ ତର୍ଜମା କଲେ ବୁଝାପଡ଼େ, ଯେତେବେଳେ ଶକ୍ତିଶାଳୀ ରାଷ୍ଟ୍ର ବା ବ୍ୟକ୍ତି ଅନୈତିକ କାର୍ଯ୍ୟ କରି ନିଜ ଲକ୍ଷ୍ୟରେ ବିଫଳ ହୋଇ ନିନ୍ଦିତ ହୁଅନ୍ତି ସେତେବେଳେ କ୍ଷୁଦ୍ର ଦେଶ ବା ତା'ର ରାଷ୍ଟ୍ରମୁଖ୍ୟ ନିଜର ସ୍ଥାୟିତ୍ୱ ପାଇଁ ବଳ ପ୍ରଦର୍ଶନ କରିବା ଲାଗି ସାହସ ପାଇଥାଆନ୍ତି । କ୍ୟୁବା ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଇରାନ୍ ଯେଉଁଭଳି ଭାବେ ଆମେରିକାକୁ ଆଣ୍ଠେଇ ଦେଇ ଅନ୍ତର୍ଜାତୀୟ ସ୍ତରରେ ବାହାବା ପାଇଛି, କ୍ୟୁବା ରାଷ୍ଟ୍ରପତି ସମ୍ଭବତଃ ସେଥିରୁ ପ୍ରେରଣା ପାଇ ଦେଶର ସାର୍ବଭୌମତ୍ୱ ରକ୍ଷା ପାଇଁ ନିଜକୁ ପ୍ରସ୍ତୁତ କଲେଣି । ଅନୁରୂପ ଭାବେ ତୁର୍କୀ ରାଷ୍ଟ୍ରପତି ଏର୍ଦୋଗାନ ଇସ୍ରାଏଲକୁ ଧମକାଇବା ନିଶ୍ଚିତ ଭାବେ ଉଲ୍ଲେଖନୀୟ ବିଷୟ । ଇସ୍‌ଲାମାବାଦ ଶାନ୍ତି ଆଲୋଚନା ବିଫଳ ହେବା ଏବଂ ଛୋଟ ରାଷ୍ଟ୍ରଗୁଡ଼ିକ ଆମେରିକା ଓ ଇସ୍ରାଏଲକୁ ସିଧାସଳଖ ମୁକାବିଲା ପାଇଁ ଅଣ୍ଟା ଭିଡ଼ିବା ଆଗାମୀ ଦିନରେ ଭୂରାଜନୈତିକ ସ୍ଥିତିରେ ନୂଆ ସମୀକରଣ ଆଣିପାରେ ।

ଅତୀତକୁ ଦେଖିଲେ ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ର ଭିଏତ୍‌ନାମଠାରୁ ପରାସ୍ତ ହେବା ଏବଂ ଆଫଗାନିସ୍ତାନର ରଣକ୍ଷେତ୍ର ଛାଡ଼ି ପଳାୟନ କରିଥିଲା । ଏବର ଆମେରିକା ଓ ଇସ୍ରାଏଲ ଯୁଦ୍ଧ ନିଜ ଦେଶ ପାଇଁ ବହୁ ଦୃଷ୍ଟିରୁ କ୍ଷତି ପହଞ୍ଚାଇଛି । ଏ ନେଇ ଉଭୟ ଦେଶରେ ରାଷ୍ଟ୍ରମୁଖ୍ୟ କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି । ନିଜର ସୈନ୍ୟ ସହ ଅସ୍ତ୍ରଶସ୍ତ୍ର ନଷ୍ଟ, ତୈଳ ମୂଲ୍ୟ ବୃଦ୍ଧି ସହ ଅର୍ଥନୀତି ଉପରେ ଯୁଦ୍ଧ ଚାପ କେବଳ ଆମେରିକା ନୁହେଁ, ବିଶ୍ୱ ଅର୍ଥନୀତି ଉପରେ ଘୋର ପ୍ରଭାବ ପକାଇଛି । ନାଟୋ ସହଯୋଗୀମାନେ ଆମେରିକାକୁ ସହଯୋଗ ଦେଇ ନାହାନ୍ତି । ଇରାନ୍‌କୁ ଯେଉଁ ଉଦ୍ଦେଶ୍ୟ ନେଇ ଆମେରିକା ଆକ୍ରମଣ କରିଥିଲା ତାହାର କାଣିଚାଏ ସଫଳତା ପାଇପାରିଲା ନାହିଁ । ସେହିପରି ଇସ୍ରାଏଲ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରକୁ ଇରାନ୍ ପ୍ରତିହତ କରିବାରେ ସକ୍ଷମ ହୋଇଛି । କେବଳ ସେତିକି ନୁହେଁ, ଇସ୍ରାଏଲ ବାହୁସ୍ଫୋଟ ମାରୁଥିବା 'ଆଇରନ୍ ଡୋମ୍'ର ସୁରକ୍ଷା କବଚ ଭେଦକରି ଇରାନ ବାରମ୍ବାର ରକେଟ୍ ଓ ଡ୍ରୋନ୍ ମାଡ଼ରେ ଇସ୍ରାଏଲକୁ ଘାଇଲା କରିଚାଲିଛି ।

ଆମେରିକା ଓ ଇସ୍ରାଏଲର ଯୁଦ୍ଧଖୋର ମନୋବୃତ୍ତି ଏବଂ ଅନ୍ୟ ଉପରେ ପ୍ରଭୁତ୍ୱ ଦେଖାଇବାର ଦମ୍ଭ ନିଶ୍ଚିତ ଭାବେ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଉଛି । ଏଭଳି ସ୍ଥଳେ ଛୋଟ ଦେଶଗୁଡ଼ିକ ସେମାନଙ୍କୁ ଧମକ ଦେବାକୁ ଆଗେଇ ଆସିଲେ । ଆଧୁନିକ ବିଶ୍ୱରେ କାହାରିକୁ ଦୁର୍ବଳ ଭାବି ଆକ୍ରମଣ କରିବା ପୂର୍ବରୁ ଅନେକ ଥର ଚିନ୍ତା କରିବା ଏକ ନୂଆ ବିଶ୍ୱ ବ୍ୟବସ୍ଥା ଭାବେ ବିଚାର କରାଯିବା କଥା । ଏଥିରୁ ଆଉ ଏକ ବାର୍ତ୍ତା ଗଲା ଯେ, ନିଜକୁ ଶକ୍ତିଶାଳୀ କହିବୁଲିଲେ ଆଉ ଚଳିବ ନାହିଁ । ଶତ୍ରୁକୁ କଦାପି ଦୁର୍ବଳ ଭାବିବା ଠିକ୍ ନୁହେଁ । ଏବେକାର ବିଶ୍ୱ ପରିସ୍ଥିତିଠାରୁ ଭାରତ ମଧ୍ୟ ଶିକ୍ଷା ନେବା ଦରକାର । ଆଜିର ପୃଥିବୀରେ 'ବଡ଼' ଦେଶର ନେତା ନିଜକୁ ବିଶ୍ୱଗୁରୁ କହିଲେ ବୁମେରାଂ ହେଉଛି । ଭାରତର ବୈଦେଶିକ ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି । କାରଣ ଏହି ଦେଶର ନୀତି ଭାରତକୁ ସୁରକ୍ଷିତ ରଖିଛି ବୋଲି କହିବା ହେଉଛି ଅପରିପକ୍ୱତାର ପରିଚୟ । ଯୁଦ୍ଧରେ ସାମିଲ ନ ହୋଇ ନୀରବ ରହିବା ଏକ ବିକଳ୍ପ ନୁହେଁ । ଏଥିସହିତ ସ୍ପଷ୍ଟ ଭାବେ ଇରାନ୍‌ର ବିରୋଧୀ ସାଜିକରି ଭାରତ ତା'ର ବ୍ରିକ୍ସ ବନ୍ଧୁତ୍ୱ ଓ ନିଜ ସମ୍ପର୍କରେ ଭାବମୂର୍ତ୍ତି ଉଭୟକୁ କ୍ଷତି କରିଦେଲା ।

# ନୂଆବର୍ଷ ପାଇଁ ନୂଆ ଆଶା- ଏକ ଭାରତର ମାନସିକତା



ସି.ପି. ରାଧାକୃଷ୍ଣନ
ଉପରାଷ୍ଟ୍ରପତି

ବୈଶାଖୀ, ରଙ୍ଗୋଲି ବିହୁ, ମହାବିଷୁବ ପଣା ସଂକ୍ରାନ୍ତି, ପୋଇଲା ବୈଶାଖ, ବିଷୁ ଏବଂ ତାମିଲ ପୁଥାଣ୍ଡୁ ଅବସରରେ ଭାରତ ତଥା ସାରା ବିଶ୍ୱରେ ଯେଉଁ ପାରମ୍ପରିକ ନୂଆ ବର୍ଷ ପାଳନ କରାଯାଉଛି ସେହି ଅବସରରେ ମୁଁ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜ୍ଞାପନ କରି ନିଜକୁ ଗୌରବାନ୍ୱିତ ମନେକରୁଛି । ଏଭଳି ପାରମ୍ପରିକ ନବବର୍ଷ ଉତ୍ସବ ପାଳନ 'ଏକ ଭାରତ ଶ୍ରେଷ୍ଠ ଭାରତ' ମାନସିକତାକୁ ପ୍ରତିଫଳିତ କରେ । ଏହି ଶୁଭ ଅବସରଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣିଦେଉ । ଏହି ପର୍ବଗୁଡ଼ିକ ଆମ ସଂସ୍କୃତିର ବିଭିନ୍ନତା ମଧ୍ୟରେ ଏକତାକୁ ଆହୁରି ସୁଦୃଢ଼ କରୁ ।

ଚୈତ୍ର (ଚିଥିରାଇ) ମାସ ହେଉଛି ସେହି ସମୟ, ଯେତେବେଳେ କୃଷି କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । ଚାଷୀମାନେ ଜମିକୁ ଉର୍ବର କରିବା ପାଇଁ କ୍ଷେତରେ କାମ କରିବା ଆରମ୍ଭ କରନ୍ତି । ଯେହେତୁ ଆମ ଦେଶର ଲୋକମାନେ ବିଶ୍ୱାସ କରନ୍ତି ଯେ କଠିନ ପରିଶ୍ରମ ହିଁ ପ୍ରଗତିର ମାର୍ଗ ପ୍ରଶସ୍ତ କରେ, ତେଣୁ ସେମାନେ ଶ୍ରମର ଆରମ୍ଭକୁ ହିଁ ଏକ ଉତ୍ସବ ଭାବରେ ପାଳନ କରନ୍ତି । ସମଗ୍ର ଦେଶରେ ଆମେ ଏହିଭଳି ଅନେକ ସମାନ ଉତ୍ସବ ଦେଖିବାକୁ ପାଉ, ଯାହା ଭାରତର ଏକତା ଏବଂ ସମୃଦ୍ଧ ସାଧାରଣ ସଂସ୍କୃତିର ଜ୍ୱଳନ୍ତ ଉଦାହରଣ । ଏହି ପରମ୍ପରାଗୁଡ଼ିକ ଆମକୁ ପରସ୍ପର ସହ ଯୋଡ଼ିବା ସହ ଶ୍ରମ ଓ ସୃଜନଶୀଳତା ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ଶିକ୍ଷା ଦିଏ ।

ଉତ୍ତର ଭାରତ, ବିଶେଷ କରି ପଞ୍ଜାବରେ ଲୋକମାନେ ବୈଶାଖୀକୁ ଏକ ଅମଳର ପର୍ବ ଭାବରେ ବହୁତ ଉତ୍ସାହର ସହ ପାଳନ କରନ୍ତି । ଏହି ସମୟରେ କୃଷକମାନେ ସେମାନଙ୍କର କଠିନ ପରିଶ୍ରମର ଫଳ ସ୍ୱରୂପ ପାଚିଲା ଫସଲକୁ ଦେଖି ଆନନ୍ଦିତ ହୁଅନ୍ତି । ସେହିପରି ଦକ୍ଷିଣ ଭାରତରେ, କେରଳର ଲୋକମାନେ ବିଷୁ ପର୍ବ ପାଳନ କରନ୍ତି । ଏହି ପର୍ବରେ ଶୁଭ ବସ୍ତୁ ବା 'କାନି' ଦର୍ଶନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା, ଯାହା ଆଗାମୀ ବର୍ଷ ପାଇଁ ସମୃଦ୍ଧିର ସଙ୍କେତ ବୋଲି ବିଶ୍ୱାସ କରାଯାଏ । ଅନ୍ୟପଟେ, ଆସାମରେ ଲୋକମାନେ ବିହୁ ପର୍ବ ପାଳନ କରୁଥିବା ବେଳେ ପଶ୍ଚିମବଙ୍ଗରେ ପୋଇଲା ବୈଶାଖକୁ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରାଯାଏ । ଏହି ସମସ୍ତ ପର୍ବ ଆମ ଦେଶର ସାଂସ୍କୃତିକ ବିବିଧତା ଏବଂ ଏକତାର ଏକ ସୁନ୍ଦର ଝଲକ ପ୍ରଦାନ କରିଥାଏ ।

ଅନୁରୂପ ଭାବରେ, ମଣିପୁର, ତ୍ରିପୁରା, ଓଡ଼ିଶା, ବିହାର, ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ, ହରିୟାଣା ଏବଂ ରାଜସ୍ଥାନର ଲୋକମାନେ ନବବର୍ଷର ଏହି ଅବଧିକୁ ବିଭିନ୍ନ ପାରମ୍ପରିକ ଉତ୍ସବ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରିଥାଆନ୍ତି । ଉତ୍ତରାଖଣ୍ଡର ହରିଦ୍ୱାରଠାରେ ଏହି ଅବସରରେ ସାରା ଦେଶର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ପବିତ୍ର ଗଙ୍ଗା ନଦୀରେ ସ୍ନାନ କରିଥାଆନ୍ତି ଏବଂ ତାହା ସେମାନଙ୍କ ପାଇଁ ଏହି ଅବସରଟିକୁ ଦିବ୍ୟ ଭାବରେ ମନାଇବାର ଏକ ମାଧ୍ୟମ ବୋଲି ବିବେଚନା କରାଯାଇଥାଏ ।

ତେଲୁଗୁ ଭାଷାଭାଷୀ ଲୋକମାନେ ସେମାନଙ୍କର ନୂଆବର୍ଷକୁ ଉଗାଡ଼ି ପର୍ବ ଭାବେ ପାଳନ କରିଥାଆନ୍ତି, ଯେତେବେଳେ କି ମରାଠୀ ଓ କୋଙ୍କଣୀ ଲୋକମାନେ ଏହି ନବବର୍ଷ ଅବସରକୁ ଗୁଡ଼ି ପାଡୱା ଭାବରେ ମନାଇଥାଆନ୍ତି ।

ଆମେ ଜାଣୁ ଯେ ଆମେ ଏକ ପ୍ରାଚୀନ ସଭ୍ୟତାର ଅଂଶବିଶେଷ ଏବଂ ଏହା ହେଉଛି ଆମର ସମୃଦ୍ଧ ଐତିହ୍ୟ । ଏଥିରେ ବୈଜ୍ଞାନିକ ସମ୍ମତ ଅନେକ ଧାରା ରହିଛି ବୋଲି ଆମର ପୂର୍ବଜମାନେ ଆମକୁ କହିଛନ୍ତି । ସେମାନଙ୍କର ସୂକ୍ଷ୍ମ ଧାରଣାଟି ଥିଲା ଏହା ଯେ ନୂଆ ବର୍ଷ ଉତ୍ସବ ପାଳନ ଏକ ଜାଗତିକ ଭାବଧାରାକୁ ପ୍ରତିଫଳିତ କରିଥାଏ ।

ଅନୁରୂପ ଭାବରେ, ତାମିଲ ନବବର୍ଷ ମଧ୍ୟ ଏକ ଉଲ୍ଲେଖନୀୟ ଅବସର, ଯେତେବେଳେ ଆମ ପୂର୍ବଜମାନଙ୍କ ଜ୍ଞାନକୁ ଆମେ ମନାଇଥାଉ । ଏହା ଏଭଳି ଏକ ଉତ୍ସବ ଯାହା ମାଧ୍ୟମରେ ଆମ ପରମ୍ପରା, ପରିବାର, ଆଧ୍ୟାତ୍ମିକତା ଏବଂ ଶୃଙ୍ଖଳିତ ଜୀବନ ଧାରା ପ୍ରତିଫଳିତ ହୋଇଥାଏ । ଏହା ଏକ ନୂତନ ଅୟମାରମ୍ଭର ସୂତ୍ରପାତ ଘଟାଇଥାଏ । ଏହା ଆମକୁ ନୂତନ ଆଶା ସହିତ ଆଗକୁ ଅଗ୍ରସର ହେବାରେ ସହାୟକ ହୋଇଥାଏ, ଯାହା କି ଅତୀତର ଅନୁଭୂତି ଉପରେ ଆଧାରିତ ।

ଆଜି ଆମେମାନେ ଯେତେବେଳେ ବୈଶ୍ୱିକ କ୍ୟାଲେଣ୍ଡର ବ୍ୟବହାର କରୁଛୁ, ଆମକୁ ଏକଥା ମଧ୍ୟ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ଆମର ତାମିଲ କ୍ୟାଲେଣ୍ଡର, ଯାହାକି ଅତି ଅଭିନବ ଭାବେ ପ୍ରସ୍ତୁତ କରାଯାଇଛି । ସେଥିରେ କେବଳ ଦିନ ଅବା ମାସର ନାମ ସୂଚିତ ହୋଇନାହିଁ ବରଂ ବର୍ଷଗୁଡ଼ିକର ନାମ ମଧ୍ୟ ରହିଛି । ଏହିଭଳି ମୋଟ ୬୦ଟି ବର୍ଷର ନାମ ଅଛି ଏବଂ ଚଳିତବର୍ଷ, ଯାହାର ନାମ ପରାଭବ, ଏହି ଚକ୍ରର ୪୦ତମ ବର୍ଷ ଅଟେ ।

ଆଷ୍ଟ୍ରୋନୋମି (ଜ୍ୟୋତିର୍ବିଜ୍ଞାନ) ଶବ୍ଦଟି ଗ୍ରୀକ ଭାଷାରୁ ଆସିଛି, ଯାହା ହେଉଛି ଆକାଶର ତାରକାମାନଙ୍କର ଚଳନର ନିୟମ ସମ୍ପର୍କରେ ଅଧ୍ୟୟନ କରିବା । ତାମିଲରେ ଏହାକୁ 'ଭାନିୟାଲ' ବୋଲି କୁହାଯାଏ । ଆଜକୁ ହଜାର ହଜାର ବର୍ଷ ପୂର୍ବେ, ତାମିଲ ବିଦ୍ୱାନମାନେ ଉତ୍ତମ ରୂପେ ବୁଝିପାରିଥିଲେ ଯେ ପୃଥିବୀ ହେଉଛି ଗୋଲାକାର ବୃତ୍ତ ସଦୃଶ ଏବଂ ଏହା ମହାକାଶରେ ଅନ୍ୟାନ୍ୟ ଗ୍ରହ ନକ୍ଷତ୍ରମାନଙ୍କ ଚଳନ ତଥା ସେମାନଙ୍କର ପୃଥିବୀ ଉପରେ ପ୍ରଭାବ ରହିଛି, ଯାହାକୁ ସେମାନେ ଅଧ୍ୟୟନ କରିଥିଲେ ।

ପ୍ରାଚୀନ ତାମିଲ ସାହିତ୍ୟ ଯଥା ପଥିରୁପାଠୁରେ ବିଶ୍ୱ ବ୍ରହ୍ମାଣ୍ଡର ସ୍ୱଭାବ ଏବଂ ଗତିବିଧି ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ବିଭିନ୍ନ ଗୀତରେ ବର୍ଣ୍ଣନା କରାଯାଇଛି ଏହି ବିଶ୍ୱ କିପରି ମୂଳ ପାଞ୍ଚଗୋଟି ଉପାଦାନରୁ ଗଠିତ ହୋଇଛି ଏବଂ ଜାଗତିକ ଶକ୍ତି କିପରି ଏହାର ଚଳନ ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ନିୟନ୍ତ୍ରଣ କରୁଛନ୍ତି । 'ସିରୁପନାରୁପାଦାଇ' ଭଳି ଅନ୍ୟାନ୍ୟ କୃତିରେ ମଧ୍ୟ ଗ୍ରହ ନକ୍ଷତ୍ରମାନଙ୍କ ଗତିବିଧି ଓ ଚଳନ ସମ୍ପର୍କରେ ବର୍ଣ୍ଣନାମାନ ରହିଛି ।

ସଙ୍ଗମ ସାହିତ୍ୟରେ ଗ୍ରହ ଏବଂ ତାରକାମାନଙ୍କ ସମ୍ପର୍କରେ ଅନେକ ସ୍ଥାନରେ ଉଲ୍ଲେଖ ରହିଛି । ଉଦାହରଣ ସ୍ୱରୂପ ଶନିଙ୍କୁ କଳା (ମୈମ୍ମିନ) ବୋଲି ପୁରାନାନୁରୁରେ ବର୍ଣ୍ଣନା କରାଯାଇଛି । ସେହିଭଳି ଏହିସବୁ ଖଗୋଳୀୟ ଗ୍ରହନକ୍ଷତ୍ରମାନଙ୍କ ପ୍ରଭାବକୁ ଅଧ୍ୟୟନ କରିବାର ପରମ୍ପରା ସହିତ ସମ୍ପୃକ୍ତ ଲୋକମାନଙ୍କୁ 'କନିୟାନ' ବୋଲି କୁହାଯାଇଥାଏ । କବି କନିୟାନ ପୁଙ୍ଗୁନ୍ଦ୍ରନାରଙ୍କ ନାମ ଏହି ପରମ୍ପରାରୁ ଆହରଣ କରାଯାଇଥିବା ବିଶ୍ୱାସ କରାଯାଏ ।

ଏପରି କି ପ୍ରାଚୀନ ଗ୍ରନ୍ଥ 'ତୋଲକପିୟାମ'ରେ ଜ୍ଞାନୀ ବ୍ୟକ୍ତିମାନଙ୍କୁ 'ଅରିଭର' ବୋଲି ଉଲ୍ଲେଖ କରାଯାଇଛି । 'ଆକାନାନୁରୁ' ଭଳି ସାହିତ୍ୟ ସୂଚନା ପ୍ରଦାନ କରେ ଯେ ଶୁଭ ଉତ୍ସବାନୁଷ୍ଠାନ ଯଥା ବିବାହ ଭଳି କାର୍ଯ୍ୟ ଶୁଭଦିନ ଏବଂ ମାହେନ୍ଦ୍ର ମୁହୂର୍ତ୍ତରେ ସମ୍ପାଦନ ନିମନ୍ତେ ଧାର୍ଯ୍ୟ କରାଯାଉଥିଲା ।

ଏହି ପରମ୍ପରା ତାମିଲ ନା ଆଜି ସୁଦ୍ଧା ଅବ୍ୟାହତ ରହିଛି । ଚିଥିରାଇର ପ୍ରଥମ ଦିବସରେ, ମନ୍ଦିରରେ ପଞ୍ଚାଙ୍ଗ (ପାଞ୍ଜି) ପଢ଼ାଯାଉଥିଲା ଏବଂ ଏହାକୁ ଶୁଣିବା ଲାଗି ଲୋକମାନେ ରୁଣ୍ଡ ହେଉଥିଲେ ।

ପଞ୍ଚାଙ୍ଗ ପାଞ୍ଚଟି ମୁଖ୍ୟ ଉପାଦାନ ବା ତତ୍ତ୍ୱକୁ ନେଇ ଗଠିତ, ଯଥା: ବାର, ତିଥି, କରଣ, ନକ୍ଷତ୍ର ଏବଂ ଯୋଗ । ଏହି ପାଞ୍ଚଟି ତତ୍ତ୍ୱର ସମାହାରକୁ ହିଁ ପଞ୍ଚାଙ୍ଗ କୁହାଯାଏ, ଯାହା ଆମ ପାରମ୍ପରିକ ସମୟ ଗଣନାର ଏକ ଅଭିନ୍ନ ଅଙ୍ଗ ।

ଆମର ପୂର୍ବପୁରୁଷମାନେ ସମୟ ମାପିବା ପାଇଁ ସୌର ଏବଂ ଚନ୍ଦ୍ର ଉଭୟ ପଦ୍ଧତିର ବ୍ୟବହାର କରୁଥିଲେ । ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କ ଗତିପଥକୁ ଅନୁଧ୍ୟାନ କରି ସେମାନେ ଦିନ, ମାସ ଏବଂ ବର୍ଷର ସୂକ୍ଷ୍ମ ଗଣନା କରିବାରେ ସମର୍ଥ ହୋଇଥିଲେ । ଏହି ପାରମ୍ପରିକ ଜ୍ଞାନ କୌଶଳ ଆମର ଜ୍ୟୋତିର୍ବିଜ୍ଞାନର ସମୃଦ୍ଧିକୁ ଦର୍ଶାଇଥାଏ । ଯଦିଓ ଆଧୁନିକ ବିଜ୍ଞାନ ଆଜି ଉନ୍ନତ ଯନ୍ତ୍ରପାତି ସାହାଯ୍ୟରେ ଗ୍ରହଣ ଓ ପରାଗର ସମୟ ନିରୂପଣ କରୁଛି, ମାତ୍ର ପ୍ରାଚୀନ କାଳରେ ମଧ୍ୟ ଏହିଭଳି ମହାକାଶୀୟ ଘଟଣାଗୁଡ଼ିକୁ ଗଭୀର ଭାବେ ଅଧ୍ୟୟନ କରାଯାଉଥିଲା । ସେହି ସମୟର ବିଦ୍ୱାନମାନେ କୌଣସି ଆଧୁନିକ ବୈଷୟିକ ଜ୍ଞାନକୌଶଳ ବିନା ମଧ୍ୟ ଅତ୍ୟନ୍ତ ସଠିକ ଭାବରେ ଏହି ସବୁର ପୂର୍ବାନୁମାନ କରିପାରୁଥିଲେ ।

ଆମର ପୂର୍ବଜମାନଙ୍କଠାରୁ ଏହି ପ୍ରାଚୀନ ଜ୍ଞାନ ପିଢ଼ି ପରେ ପିଢ଼ି ଗଡ଼ି ଆସିଛି । ଏହା ଆମର ଐତିହ୍ୟ ଓ ସମ୍ପଦ । ଆମକୁ ଏହାକୁ ସଂରକ୍ଷିତ କରି ରଖିବାକୁ ହେବ ଏବଂ ଆମର ଭବିଷ୍ୟତ ବଂଶଧରମାନଙ୍କୁ ମଧ୍ୟ ଏହାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବାକୁ ପଡ଼ିବ । ମନ୍ଦିରରେ ପଢ଼ାଯାଉଥିବା ପଞ୍ଚାଙ୍ଗ ଶ୍ରବଣ ହେଉଛି ଏହି ପରମ୍ପରା ପ୍ରତି ସମ୍ମାନ ପ୍ରଦର୍ଶନ କରିବାର ଏକ ପରମ୍ପରା ।

ନୂତନ ବର୍ଷ ପାଳନ କରିବାର ଆଉ ଗୋଟିଏ କାରଣ ହେଉଛି ଆମର ଲୋକମାନଙ୍କ ମନରେ ପ୍ରକୃତି ପ୍ରତି ପ୍ରଗାଢ଼ ସମ୍ମାନ ଏବଂ ଭକ୍ତି ରହିଛି । ଆମ ଘରେ, ପବିତ୍ର ପଦାର୍ଥ ଯଥା ଫଳମୂଳ ଏବଂ ଫୁଲକୁ ଆମେ ସଜାଇ ରଖିଥାଉ ଏବଂ ଦେଖି ଉପଭୋଗ ମଧ୍ୟ କରୁ । ତାହା ହେଉଛି ଏକ ପ୍ରାତ୍ୟହିକ କାର୍ଯ୍ୟ, ଯାହା ସକାଳେ ସମ୍ପାଦନ କରାଯାଇଥାଏ ।

ବସନ୍ତ ଋତୁ ହେଉଛି ସେହି ସମୟ ଯେତେବେଳେ ପ୍ରକୃତି ନିଜର ନବକଳେବର କରେ-ଗଛଲତାଗୁଡ଼ିକ ପୁଣି ଥରେ ସବୁଜିମାରେ ଭରିଯାନ୍ତି ଏବଂ ଚତୁର୍ଦ୍ଦିଗରେ ଫୁଲ ଓ ଫଳର ସମ୍ଭାର ଦେଖିବାକୁ ମିଳେ । ପ୍ରକୃତି ସହ ନିବିଡ଼ ଭାବରେ ଜଡ଼ିତ ରହୁଥିବା ତାମିଲ ସମ୍ପ୍ରଦାୟର ଲୋକମାନେ ଏହି ପ୍ରାକୃତିକ ପ୍ରାଚୁର୍ଯ୍ୟକୁ ଦର୍ଶନ କରି ନୂତନ ବର୍ଷର ଆରମ୍ଭ କରନ୍ତି । ଏହି ସୁନ୍ଦର ପରମ୍ପରାକୁ 'କାନି କାନାଲ' ବୋଲି କୁହାଯାଏ । ଏଥିରେ ଶୁଭ ବସ୍ତୁ ଓ ପ୍ରକୃତିର ଉପହାରଗୁଡ଼ିକୁ ଦର୍ଶନ କରି ଆଗାମୀ ବର୍ଷଟି ସୁଖ ଓ ସମୃଦ୍ଧିରେ କଟିବ ବୋଲି ବିଶ୍ୱାସ କରାଯାଏ । ଏହା ମଣିଷ ଏବଂ ପ୍ରକୃତି ମଧ୍ୟରେ ଥିବା ଅତୁଟ ସମ୍ପର୍କର ଏକ ଜ୍ୱଳନ୍ତ ଉଦାହରଣ ।

ଅନୁରୂପ ଭାବରେ, ସମସ୍ତଙ୍କ ଘରେ ଏହି ଦିନ ପାରମ୍ପରିକ ଖାଦ୍ୟ ସାମଗ୍ରୀମାନ ପ୍ରସ୍ତୁତ କରାଯାଇଥାଏ, ଏପରି କି ସୁସ୍ୱାଦୁ ବ୍ୟଞ୍ଜନ, ମିଷ୍ଟାନ୍ନଠାରୁ ତିକ୍ତ ପର୍ଯ୍ୟନ୍ତ ସବୁକିଛି । ଏହା ଆମକୁ ଶିକ୍ଷାଦିଏ ଯେ ଜୀବନ ସବୁକିଛି ଅନୁଭବର ସମାହାର ; ଏଥିରେ ଆନନ୍ଦ ଓ ବିଷାଦର ସ୍ଥାନ ସମାନ ଏବଂ ଆମକୁ ଏହାକୁ ସନ୍ତୁଳନ ରକ୍ଷା ପୂର୍ବକ ଗ୍ରହଣ କରିବାକୁ ପଡ଼ିବ ।

ସାରା ଦେଶରେ ଏହି ନବବର୍ଷ ପାଳନ କରିବାରେ ଅନେକ ସାଦୃଶ୍ୟ ଥିବାର ଦେଖିବାକୁ ମିଳେ ତଥା ସାରା ବିଶ୍ୱରେ ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଭାରତୀୟ ସମୁଦାୟଙ୍କ ମଧ୍ୟରେ ମଧ୍ୟ ଏହିଭଳି ସାମଞ୍ଜସ୍ୟ ରହିଛି । ଏହିସବୁ ଉତ୍ସବ ଆମମାନଙ୍କୁ ଆମ ସଂସ୍କୃତିର ମହାନତା, ବିବିଧତା ତଥା ଉତ୍କୃଷ୍ଟତା ସମ୍ପର୍କରେ ସ୍ମରଣ କରାଇଦିଏ । ଏହା ବ୍ୟତୀତ ଏହା ପଛରେ ଥିବା ମହତ୍ତ୍ୱପୂର୍ଣ୍ଣ ଚିନ୍ତାଧାରାଟି ହେଲା ଏକତା । ସେମାନେ ସମସ୍ତେ ଆଶାକୁ ହିଁ ପ୍ରତିବିମ୍ବିତ କରନ୍ତି ଏବଂ ଆଶା କରନ୍ତି ଯେ ଆମେ ସୌହାର୍ଦ୍ଦ୍ୟର ସହିତ ଜୀବନକୁ ବଞ୍ଚି ଚାଲିଥିବୁ ।

ଆମ ପୂର୍ବଜମାନଙ୍କ ଦ୍ୱାରା ଦର୍ଶାଯାଇଥିବା ମାର୍ଗକୁ ଅନୁସରଣ କରି ସକାରାତ୍ମକତା, ବିଶ୍ୱାସ ଏବଂ ନିଷ୍ଠାର ସହ ନୂତନ ବର୍ଷକୁ ପାଳନ କରିବା ପାଇଁ ମୁଁ ଯୁବପିଢ଼ିଙ୍କୁ ଅନୁରୋଧ କରୁଛି । ଆସନ୍ତୁ, ଦେଶର ପ୍ରଗତିରେ ଯୋଗଦାନ ଦେବା ପାଇଁ ଦୃଢ଼ ସଙ୍କଳ୍ପର ସହ ଆମର ପ୍ରଚେଷ୍ଟା ଆରମ୍ଭ କରିବା । ଆମର ଭାରତ ନିଜର ସାଂସ୍କୃତିକ ତଥା ସଭ୍ୟତାଗତ ଭାବଧାରାରେ ସର୍ବଦା 'ଏକ' ହୋଇ ରହିଆସିଛି ଏବଂ ଆଗକୁ ମଧ୍ୟ 'ଏକ' ହୋଇ ରହିବ । ଆମ ଗୁରୁଜନମାନଙ୍କ ଆଶୀର୍ବାଦ ସହିତ ଯୁବପିଢ଼ି 'ଏକ ଭାରତ' ଭାବନାରେ ଆଗକୁ ବଢ଼ନ୍ତୁ ଏବଂ ୨୦୪୭ ସୁଦ୍ଧା ଏକ 'ଶ୍ରେଷ୍ଠ ଭାରତ' ତଥା 'ବିକଶିତ ଭାରତ' ଗଠନ କରିବାରେ ସଫଳ ହୁଅନ୍ତୁ ।

# ବିପଦରେ ଐତିହ୍ୟ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ସାମ୍ପ୍ରତିକ ସମୟରେ ଆମେ ଉନ୍ନତି ପଥରେ ଦୌଡ଼ିଲା ବେଳେ ପଛରେ ରହିଯାଉଛି ଆମର ଐତିହ୍ୟ ଓ ସ୍ମୃତି । ଏହି ଐତିହ୍ୟ କେବଳ ପଥରର ସ୍ଥାପତ୍ୟ ଏବଂ ଦୁର୍ଗ ଗୁଡ଼ିକରେ ସୀମିତ ନୁହେଁ, ଏହା ଆମର ଅସ୍ତିତ୍ୱର ଚିହ୍ନ ! ଆମର ପ୍ରତିଟି ଐତିହ୍ୟର ବୈଶିଷ୍ଟ୍ୟ ହେଉଛି, ଏହା ମାନବ ଜୀବନରେ ଖୁବ୍ ମହତ୍ତ୍ୱ ରଖେ । ଏହା ସାଂସ୍କୃତିକ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ମିଶ୍ରଣ । ବିଗତ କିଛି ବର୍ଷ ମଧ୍ୟରେ ଭାରତ ବିଶ୍ୱ ଐତିହ୍ୟ ସୂଚୀରେ ନିଜର ଉପସ୍ଥିତିକୁ ନିରନ୍ତର ଭାବରେ ବୃଦ୍ଧି କରିଚାଲିଛି । ଭାରତ ଏବେ ବିଶ୍ୱ ଐତିହ୍ୟ ସୂଚକାଙ୍କ ତାଲିକାରେ ୪୩ତମ ସ୍ଥାନ ଅଧିକାର କରିଛି । ଏହି ସୂଚୀ ଲିପିବଦ୍ଧ ହେବାର କାର୍ଯ୍ୟ ୧୯୮୩ ମସିହାରେ ଆଗ୍ରାର ଦୁର୍ଗଠାରୁ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ତାଜମହଲ, ଅଜନ୍ତା ଓ ଏଲୋରା ଗୁମ୍ଫାକୁ ଏଥିରେ ସାମିଲ କରାଗଲା । ଏହି ଐତିହାସିକ ସ୍ଥଳୀଗୁଡ଼ିକୁ କେବଳ ଇତିହାସର ପ୍ରତୀକ ରୂପେ ନୁହେଁ ବରଂ ଆଗାମୀ ପିଢ଼ି ପାଇଁ ଶିକ୍ଷଣୀୟ ସ୍ଥାନ ରୂପେ ସଂରକ୍ଷିତ କରାଯାଇଛି ।

ଗ୍ରାମୀଣ ଓଡ଼ିଶାର ବହୁ ପୁରାତନ ମନ୍ଦିର ବିଷୟରେ ଯଦି ଆଲୋଚନା କରାଯାଏ , କେତେ କେତେ ଶତାବ୍ଦୀ ପୁରୁଣା ଏହି ମନ୍ଦିରଗୁଡ଼ିକ ଆମର ଅବହେଳା ଯୋଗୁ ଏବେ ଭଗ୍ନ ଅବସ୍ଥାରେ । ସମୟ ଏବଂ ପ୍ରାକୃତିକ ବିପର୍ଯ୍ୟୟର ଆଘାତ ସହିବା ସହ ମଣିଷର ଅନାଗ୍ରହ ଏଗୁଡ଼ିକୁ ଅଧିକ ଧ୍ୱଂସାଭିମୁଖୀ କରିଚାଲିଛି । ଯେଉଁଠି କେବେ ଉତ୍ସବ ଓ ଆସ୍ଥାର କେନ୍ଦ୍ର ଥିଲା, ସେଠି ଆଜି ନୀରବତା ରାଜୁତି କରୁଛି । ଆମ ପୁରୁଣା ଘରବାଡ଼ି ଓ ପାରମ୍ପରିକ ନିର୍ମାଣଶୈଳୀକୁ ମଧ୍ୟ ଉଦାହରଣ ରୂପେ ନିଆଯାଇପାରେ । ସିମେଣ୍ଟ ଓ କଂକ୍ରିଟର ଆଧୁନିକ ଗୃହ ନିର୍ମାଣର ଚାକଚକ୍ୟରେ ମାଟି ଓ କାଠର ପୁରୁଣା ଘରଗୁଡ଼ିକର ଅସ୍ତିତ୍ୱ ପ୍ରାୟତଃ ହଜିଗଲାଣି ଏବଂ ସେଗୁଡ଼ିକ ସହ ଅପସରିଯାଉଛି ଆମର ପାରମ୍ପରିକ ଓଡ଼ିଆ ଜୀବନଶୈଳୀ, ଓଡ଼ିଆ ସଂସ୍କୃତିର ସ୍ମୃତି । ଲୋକକଳା ଓ ପାରମ୍ପରିକ କୌଶଳ, ପଟ୍ଟଚିତ୍ର, ପଥର ଶିଳ୍ପ, ଲୋକଗୀତ ଆଦି ନୂତନ ପିଢ଼ି ପାଖରେ ଆକର୍ଷଣ ହରାଉଛନ୍ତି । ଡିଜିଟାଲ ଯୁଗର ସହଜ ମନୋରଞ୍ଜନ ମଧ୍ୟରେ ଏହିସବୁ ମୂଲ୍ୟବାନ୍ କଳା



ଅବହେଳିତ ଅବସ୍ଥାରେ । ଫଳସ୍ୱରୂପ, କଳାକାରମାନେ ତାଙ୍କ ପେସା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି । ଉପରୋକ୍ତ କିଛି ଉଦାହରଣ ଆମକୁ ଏକ ସତ୍ୟର ସମ୍ମୁଖୀନ କରାଏ ଯେ, ଯଦି ଆମେ ଏବେ ଆଖି ଖୋଲିବାକୁ ଭୁଲିଯାଉ, ତେବେ ଆଗାମୀ ପିଢ଼ି ପାଇଁ ଆମର ଐତିହ୍ୟ କେବଳ ପୁସ୍ତକ ପୃଷ୍ଠାରେ ସୀମିତ ହୋଇଯିବ ।

ଭାରତ ସରକାର ଏ ଦିଗରେ କିଛି ପଦକ୍ଷେପ ଯେ ନେଇନାହାନ୍ତି ତା'ନୁହେଁ । ୧୯୭୬ ରୁ ୨୦୨୪ ପର୍ଯ୍ୟନ୍ତ ବିଦେଶୀ ରାଷ୍ଟ୍ରଗୁଡ଼ିକରୁ ୬୫୫ଟି ପୁରାତନ ବସ୍ତୁ ପୁନଃ ପ୍ରାପ୍ତ କରିବାର ଉଦ୍ୟମ କରାଯାଇଛି । ବିଭିନ୍ନ ଯୋଜନା ମାଧ୍ୟମରେ ସ୍ମାରକୀଗୁଡ଼ିକୁ ସଂରକ୍ଷିତ କରିବାର ପ୍ରକ୍ରିୟା ପାଇଁ ସହଯୋଗ ପ୍ରଦାନ କରାଯାଉଛି । ଭାରତୀୟ ପୁରାତନ ସର୍ବେକ୍ଷଣ ଏବଂ ବିଭିନ୍ନ ରାଜ୍ୟର ବିଭିନ୍ନ ସଂଗଠନ ମଧ୍ୟରେ ୨୧ରୁ ଅଧିକ ବୁଝାମଣାପତ୍ର ସାକ୍ଷର ହୋଇସାରିଛି । ବର୍ଷ ୨୦୨୪ ରେ ୧୪୦ ରୁ ଅଧିକ ଦେଶ ଏବଂ ୨୯୦୦ ରୁ ଅଧିକ ଅନ୍ତଃରାଷ୍ଟ୍ରୀୟ ପ୍ରତିନିଧିମାନେ ଭାଗନେଇ ଭାରତର ସାଂସ୍କୃତିକ, ପ୍ରାକୃତିକ ଏବଂ ମିଶ୍ରିତ ଐତିହ୍ୟର ସଂରକ୍ଷଣ ଉପରେ ଚର୍ଚ୍ଚା ଏବଂ ସହଯୋଗ କରିବା ପାଇଁ ଏକତ୍ରିତ ହୋଇଛନ୍ତି । ଏହା ଭାରତର ଐତିହ୍ୟ ସଂରକ୍ଷଣ ଦିଗରେ ବିଶ୍ୱସ୍ତରୀୟ ଭୂମିକା ନିର୍ବାହ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚୟ ।

ଐତିହ୍ୟକୁ ନଷ୍ଟହେବାରୁ ରକ୍ଷାକରିବା ବା ଅବୈଧ ନିର୍ମାଣକୁ ରୋକିବା ପାଇଁ ସରକାରଙ୍କ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । ଡିଜିଟାଲ ଡକ୍ୟୁମେଣ୍ଟେଶନ, 3D ସ୍କାନିଂ ଓ ସଂରକ୍ଷଣ ପ୍ରଯୁକ୍ତି ଦ୍ୱାରା ଐତିହ୍ୟକୁ ଆଧୁନିକ ଭାବେ ସୁରକ୍ଷା କରାଯାଇପାରିବ । ଗାଁ ଓ ସ୍ଥାନୀୟ ଲୋକମାନେ ଯଦି ନିଜ ଐତିହ୍ୟକୁ ନିଜର ଦାୟିତ୍ୱ ଭାବିବେ, ତେବେ ସେଗୁଡ଼ିକ ଅଧିକ ଭଲ ଭାବରେ ସୁରକ୍ଷିତ ରହିବ । ଆମର ପାରମ୍ପରିକ ଲୋକକଳା, ସଙ୍ଗୀତ, ନୃତ୍ୟ ଏବଂ ଜ୍ଞାନକୁ ଉତ୍ସାହ ଓ ସମର୍ଥନ ଦେଇ ଆମେ ରକ୍ଷା କରିପାରିବା । ପୁନରୁଦ୍ଧାର ପ୍ରକଳ୍ପ ମାଧ୍ୟମରେ ନଷ୍ଟ ହୋଇଯାଇଥିବା ସ୍ଥାନଗୁଡ଼ିକୁ ପୁନଃ ଗଢ଼ିବା ପାଇଁ ସରକାର ଓ ସଂଗଠନଗୁଡ଼ିକ ମିଶି ପ୍ରକଳ୍ପ ଗଠନ କଥା ଚିନ୍ତା କରିବା ଉଚିତ ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ବେଙ୍ଗାଲୁରୁରେ ଅଧାରୁ ପାଠ ଛାଡ଼ିଥିବା ଏବଂ ଶିଶୁ ଶ୍ରମିକ ଭାବରେ ଖଟୁଥିବା ପିଲାଙ୍କୁ ଉଦ୍ଧାର କରି ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣୁଛନ୍ତି ଏମ୍. ନାଗରାଜେଇ । ଏହି କାର୍ଯ୍ୟକୁ ସେ ପ୍ରଗତି ଚାରିଟେବଲ ଟ୍ରଷ୍ଟ ମାଧ୍ୟମରେ କରୁଛନ୍ତି । ବେଙ୍ଗାଲୁରୁର ବସ୍ତିଗୁଡ଼ିକରେ ରହୁଥିବା ଶ୍ରମିକ ପରିବାରର ପିଲାମାନେ ପଢ଼ିବାର ସୁଯୋଗ ପାଇପାରନ୍ତି ନାହିଁ କିମ୍ବା ଯେଉଁମାନଙ୍କର ନାମ ଲେଖାଯାଇଥାଏ ସେମାନେ ଅଧାରୁ ପାଠ ଛାଡ଼ି ଶିଶୁ ଶ୍ରମିକ ହୋଇ କିଛି ରୋଜଗାର କରିବାକୁ ବାଧ୍ୟ ହୋଇଥାନ୍ତି । ଅନେକେ ମଧ୍ୟ ପଢ଼ା ଛାଡ଼ି ବର୍ଜ୍ୟ ଗୋଟାଇବାରେ ଲାଗିଯାଇଥାନ୍ତି । ଶିଶୁଙ୍କର ଏଭଳି ସମସ୍ୟାକୁ ଦେଖି ସେମାନଙ୍କୁ ପୁନର୍ବାର ସ୍କୁଲକୁ ଫେରାଇ ଆଣିବା ପାଇଁ ଚେଷ୍ଟା ଜାରି ରହିଛି । କେମ୍ପାପୁରା, ସୁମନହାଲି ଏବଂ ଅମ୍ରୁଥାଲିରେ ତିନୋଟି ଶିକ୍ଷାକେନ୍ଦ୍ର ଖୋଲାଯାଇଛି, ଯେଉଁଠାରେ ୯.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଇଂଲିଶ, କନ୍ନଡ, ଗଣିତ ଓ ହିନ୍ଦୀ ପଢ଼ାଯାଉଛି । ଅପରାହ୍ନ ୧.୩୦ଟା ପରେ ପିଲାଙ୍କୁ ଚିତ୍ରାଙ୍କନ, ନୃତ୍ୟ ଓ ପେଣ୍ଟିଂ ଶିକ୍ଷା ଦିଆଯାଉଛି । ପରେ ସରକାରୀ ସ୍କୁଲରେ ସେମାନଙ୍କ ନାମ ଲେଖାଯାଉଛି । ତିନୋଟି କେନ୍ଦ୍ରର ୧୧୧ ପିଲାଙ୍କ ମଧ୍ୟରୁ ୬୫ଙ୍କୁ ସରକାରୀ ସ୍କୁଲକୁ ପଠାଗଲାଣି ।

## ଚିରନ୍ତନୀ

ଦୁଇ ବିଦେଶରେ କେତେ ପ୍ରଣୟିନୀ
ମୋହ ବିରହରେ କଲେଣି ଦୟିନି
ମୋହ ବିରହରେ କେତେ ନିଃଶ୍ୱାସ
ମିଶିଛି ଆଜି ଆକାଶେ ।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 2 | 5 |
| | | | 9 | 3 | | 7 | | 6 |
| | | | | | 2 | 3 | | |
| | 8 | 4 | | | | | 3 | 7 |
| 1 | 2 | | | | 4 | | | |
| | | 3 | | | | | | |
| 5 | | | 1 | | | | | |
| | 9 | 8 | | | | | 7 | |
| | | | 6 | 5 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 8 | 9 | 5 | 2 | 3 | 1 | 7 |
| 7 | 9 | 5 | 3 | 4 | 1 | 2 | 6 | 8 |
| 1 | 2 | 3 | 7 | 8 | 6 | 4 | 5 | 9 |
| 4 | 3 | 9 | 6 | 1 | 5 | 7 | 8 | 2 |
| 5 | 7 | 2 | 8 | 9 | 3 | 6 | 4 | 1 |
| 8 | 1 | 6 | 2 | 7 | 4 | 9 | 3 | 5 |
| 2 | 8 | 4 | 1 | 3 | 9 | 5 | 7 | 6 |
| 9 | 5 | 1 | 4 | 6 | 7 | 8 | 2 | 3 |
| 3 | 6 | 7 | 5 | 2 | 8 | 1 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜନନୀ ସୁରକ୍ଷା ନୈରାଶ୍ୟଜନକ

ମହାଶୟ,

ଭାରତରେ ମାତୃମୃତ୍ୟୁ ହାର ଚନ୍ତାଜନକ ସ୍ଥିତିରେ ରହିଛି । ଏହି ସମସ୍ୟାର ମୁକାବିଲା ଲାଗି ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନରେ ଗର୍ଭବତୀଙ୍କ ଠାବ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତଥାପି ଏହାର କାର୍ଯ୍ୟକାରିତାରେ ଅନିୟମିତତା ଥିବା ଅଭିଯୋଗ ଆସୁଛି । ସ୍ୱାସ୍ଥ୍ୟ ଏକ ରାଜ୍ୟ ବିଷୟ ହୋଇଥିବାରୁ ସରକାରୀ କାର୍ଯ୍ୟକ୍ରମର ସଫଳତା ସ୍ଥାନୀୟ ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର କରେ । ଗୁଜରାଟ, ମହାରାଷ୍ଟ୍ର ଓ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ଜାତିସଂଘ ଦ୍ୱାରା ଘୋଷିତ ସଷ୍ଟେନବୁଲ ଡେଭଲପମେଣ୍ଟ ଗୋଲ୍ (ଏସ୍‌ଡିଜି) ବା ସତତ ବିକାଶ ଲକ୍ଷ୍ୟ ହାସଲ ପାଇଁ ଟ୍ରାକ୍‌ରେ ଥିବାବେଳେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଓଡିଶା, ରାଜସ୍ଥାନ, ଛତିଶଗଡ, ଝାଡଖଣ୍ଡ, ଆସାମ ଆଦି ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବହୁ ଶୂନ୍ୟସ୍ଥାନ ଥିବା ସରକାରୀ ଓ ଲାନ୍‌ସେଟ ରିପୋର୍ଟରେ କୁହାଯାଇଛି । ଗୋଟିଏ ପକ୍ଷରେ ଭାରତ ସଫଳତାର ସହ ଅଧିକ ନବଜାତକ ଶିଶୁଙ୍କ ଜୀବନ ବଂଚାଇବାରେ ସଫଳ ହୋଇଥିବାବେଳେ ଅନ୍ୟପଟେ ମାତୃମୃତ୍ୟୁ ରୋକିବାରେ ବିଫଳ ହୋଇଛି । ଏହାର ମୁକାବିଲା ପାଇଁ ପ୍ରସୂତି ବା ଗର୍ଭବତୀଙ୍କ ସେବା, ନବଜାତକ ପ୍ରସବ ସମ୍ବନ୍ଧୀୟ ଏବଂ ପ୍ରସବ ପରବର୍ତ୍ତୀ ସେବା ଯତ୍ନକୁ ଯୁଦ୍ଧକାଳୀନଭିତ୍ତିରେ ଗ୍ରହଣ କରିବାର ଆବଶ୍ୟକତା ରହିଛି ।

-ସୌଭାଗ୍ୟ ରଂଜନ ମହାନ୍ତି, ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏମାନଙ୍କ ମତରେ ଓଡ଼ିଆ ନବବର୍ଷ

### ଓଡ୍ର ପରମ୍ପରାର ଅସ୍ମିତା ଓ ସ୍ୱାଭିମାନ ହେଉଛି ବିଷୁବ



ସନାତନ ପରମ୍ପରାରେ ବିଷୁବ ସଂକ୍ରାନ୍ତି ନୂତନ ବର୍ଷ ଭାବରେ ବହୁ ପୁରାତନ କାଳରୁ ଗୃହୀତ ହୋଇଥିଲା। ସୂର୍ଯ୍ୟ ଉପାସନାର ଭିତ୍ତିଭୂମି ଉପରେ ଏହା ପ୍ରଚଳିତ ଥିଲେ ମଧ୍ୟ ଶିବ ଉପାସନା, ଦେବୀ ଉପାସନା ଓ ବିଷ୍ଣୁ ଉପାସନାର ସମୀକରଣ ଏଥିରେ ହୋଇଛି। ଓଡ଼ିଶା ୫ ଉପାସନାର ମିଳନ ସ୍ଥଳ। ଶ୍ରୀମନ୍ଦିର ଏହାର ନାଭିକେନ୍ଦ୍ର। ମହାପ୍ରଭୁଙ୍କୁ ଆଧାର କରି ବିଷୁବ ସମୃଦ୍ଧ ହେବା ସ୍ୱାଭାବିକ। ତେଣୁ ଆମ ଐତିହ୍ୟର ବିଷୁବ କେବଳ ସ୍ୱାଭିମାନ ନୁହେଁ, ଆମର ପ୍ରାଚୀନ ଓଡ୍ର ପରମ୍ପରାର ନିଦର୍ଶନ। ତେଣୁ ଆମେ ବହୁ ଘାତ/ପ୍ରତିଘାତ ମଧ୍ୟରେ ଭୁଲିନାହୁଁ ଆମ ଅସ୍ମିତାକୁ।

**–ଡ. ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ**

### ଓଡ଼ିଆ ନବବର୍ଷ ଆମ ଜାତିର 'ଶ୍ରୀ'



ଆଜି ଓଡ଼ିଆ ନବବର୍ଷ। ଏହା 'ମହାବିଷୁବ ସଂକ୍ରାନ୍ତି' ନାମରେ ଖୁବ୍ ଜଣାଶୁଣା। ଓଡ଼ିଆ ପରମ୍ପରାନୁଯାୟୀ, ଏହି ଦିନଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ସଂସ୍କୃତି ଅନୁସାରେ, ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ, ଏହି ଦିନକୁ 'ମେଷ ସଂକ୍ରାନ୍ତି' ବୋଲି ଆମେ କହୁ। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ପଣାସଂକ୍ରାନ୍ତି ବା ଓଡ଼ିଆ ନବବର୍ଷରେ ପ୍ରଚଳନ ହୋଇଥାଏ। ଓଡ଼ିଆ ନବବର୍ଷ କେବଳ ଏକ ପର୍ବ ନୁହେଁ, ବରଂ ଏହା ଆମ ଜାତିର 'ଶ୍ରୀ'। ଏହି ପର୍ବ ଲୋକମାନଙ୍କୁ ଆଧ୍ୟାତ୍ମିକ ଦିଗରେ ପ୍ରେରିତ କରିବା ସହ ସମାଜରେ ଏକତାର ବୀଜ ବୁଣିଥାଏ। ଏହି ପରମ୍ପରାକୁ ଆମ ଆଗାମୀ ପିଢ଼ିଙ୍କୁ ପରିଚିତ କରାଇବା ସହ ସମ୍ମାନ ଦେବା ଆମର ମୁଖ୍ୟ ଆକାଂକ୍ଷା ହେବା ଅବଶ୍ୟକ।

**–ଶୁଭସ୍ମିତା ପଟ୍ଟନାୟକ, ଛାତ୍ରୀ,**
**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

### ଓଡ଼ିଆ ପର୍ବରେ ମନ ମିଶେଇ ଜାଣିଲେ ମିଠାପଣ ବାରିହୁଏ



ଆମ ଓଡ଼ିଆ ପର୍ବରେ ମନ ମିଶେଇ ଜାଣିଲେ ବେଶ୍ ମିଠାପଣ ବାରିହୁଏ। ଓଡ଼ିଆ ସଂସ୍କୃତିରେ ପଣା ସଂକ୍ରାନ୍ତି ଏକ ନିଆରା ପର୍ବ। ଏହି ପର୍ବରୁ ଆରମ୍ଭିଛି ଓଡ଼ିଆ ନବବର୍ଷର କଥା। ବସନ୍ତ ପୃଥିବୀରେ ଗୋଟାପଣେ ହଳଦିଆ ରଙ୍ଗ ଉଡେଇ ଖୁବ୍ ଝୁମେଇଲା ପରେ ଗ୍ରୀଷ୍ମ ସୁନା ଖରାର ତାତି ନେଇ ହସି ହସି ଆସେ। ଏହିଦିନ ମା' ବୃନ୍ଦାବତୀଙ୍କ ନିକଟରେ ବସୁନ୍ଧରା ଠେକିରେ ବେଲ ପଣା ଭୋଗ ଲଗେଇବାର ପରମ୍ପରା ଥାଏ। ଘରେ ଘରେ ଓଷା ଉପବାସ, ପଣା ସେବନର ବ୍ୟବସ୍ଥା ଲାଗିରହେ। ଓଡ଼ିଆ ନବବର୍ଷରେ ହନୁମାନ ଜୟନ୍ତୀ ଥିବାରୁ ଆମେ ନୂତନ ବସ୍ତ୍ର ପରିଧାନ କରି ମହାବୀରଙ୍କୁ ଦର୍ଶନ କରିବାକୁ ଯାଉ।

**–ସସ୍ମିତା ସାମଲ, ଛାତ୍ରୀ, ଆଳି, କେନ୍ଦ୍ରାପଡ଼ା**

### ଓଡ଼ିଆ ବର୍ଷର ପ୍ରଥମ ଦିନ



ଏପ୍ରିଲ୍ ୧୪ ମହାବିଷୁବ ସଂକ୍ରାନ୍ତିରେ ଆମେ ସଭିଏଁ ଓଡ଼ିଆ ନୂଆବର୍ଷ ପାଳନ କରିଥାଉ। ଏହିଦିନ ହନୁମାନ ଜୟନ୍ତୀ ଓଡ଼ିଆ ପର୍ବ ଓ ପରମ୍ପରାର ବେଶ୍ ଗୁରୁତ୍ୱ ବଖାଣିଥାଏ। ଭାଷା ଦୃଷ୍ଟିରୁ ବିଚାର କଲେ ଆମର ଏହି ନୂଆ ବର୍ଷରୁ ଆରମ୍ଭ ହୋଇଥାଏ ଗଣନା ଏବଂ ଓଡ଼ିଆ ମାସ ବା ଓଡ଼ିଆ ବର୍ଷର ପ୍ରଥମ ଦିନ। ଯେହେତୁ ଆମେ ଓଡ଼ିଆ ଭାଷା ଆଧାରରେ ଏକ ଭୌଗୋଳିକ ଭୂଖଣ୍ଡ ପାଇଛେ, ତେଣୁ ଏହିଦିନ ଆମ ଅସ୍ମିତାକୁ ପ୍ରଚାର ପ୍ରସାର କରିବା ପାଇଁ ଏକ ବଡ଼ ସୁଯୋଗ। ଇଂଲିଶ୍ ନୂଆବର୍ଷରେ ଯେମିତି ଏକ ନୂଆ କ୍ୟାଲେଣ୍ଡର ବା ଡାଏରି ଘରକୁ ଆଣୁଛେ, ସେହିପରି ଓଡ଼ିଆ ପଞ୍ଜିକାଟିଏ ମଧ୍ୟ ଆମେ ଘରକୁ ଆଣିବା ଜରୁରୀ। କାରଣ ଏପ୍ରିଲ୍ ୧୪ ହିଁ ଆମ ଓଡ଼ିଆ ନୂଆବର୍ଷର ପ୍ରଥମ ତାରିଖ। ଏଇଠୁ ହିଁ ଆମ ଓଡ଼ିଆ ମାସର ଶୁଭାରମ୍ଭ ହୁଏ। ତେଣୁ ଏହି ଦିନକୁ ଆମେ ଓଡ଼ିଆ ନବବର୍ଷ ଭାବେ ଧୁମ୍‌ଧାମ୍‌ରେ ପାଳନ କରିବା ଯଥାର୍ଥ।

**–ଡ. ଦେବାଶିଷ ମହାପାତ୍ର,**
**ଓଡ଼ିଆ ଭାଷାବିତ୍, ଭୁବନେଶ୍ୱର**

### ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାର ଅଂଶବିଶେଷ ବିଷୁବ ସଂକ୍ରାନ୍ତି



ବିଷୁବ ସଂକ୍ରାନ୍ତି ହେଉଛି ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟ ପରମ୍ପରାର ଅଂଶବିଶେଷ। ଏହି ଦିନକୁ ମହାବୀରଙ୍କ ଜୟନ୍ତୀ ଭାବେ ପାଳନ କରାଯାଏ। ତୁଳସୀ ଗଛମୂଳରେ ପଣାଭୋଗ କରାଯାଇଥାଏ। ବିଷୁବ ସଂକ୍ରାନ୍ତି ମାନବ ଜୀବନ ଓ ପ୍ରକୃତି ସହ ସମ୍ପୃକ୍ତି ଓ ସମନ୍ୱୟର ଶାଶ୍ୱତ ବାର୍ତ୍ତା ଦେଇଥାଏ। ଓଡ଼ିଆ ଘରର ପରମ୍ପରା, ସଂସ୍କୃତି ସହ ସଂକ୍ରାନ୍ତି ଜଡ଼ିତ। ଓଡ଼ିଆ ନବବର୍ଷ ପାଳନ ଭିତରେ ପଣାର ଭୂମିକା ମଧ୍ୟ ରହିଥାଏ। ପଣା ଶରୀରକୁ ପୋଷକ ତତ୍ତ୍ୱ ବିଭିନ୍ନ ଭିଟାମିନ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟତା କରିଥାଏ। ଇଂଲିଶ ନବବର୍ଷ ପାଳନ ପାଇଁ ଯେପରି ଯୁବ ପିଢ଼ି ଆଗ୍ରହ ପ୍ରକାଶ କରୁଛନ୍ତି, ତା'ଠାରୁ ବେଶି ଆଗ୍ରହ ଦେଖାଇ ଓଡ଼ିଆ ନବବର୍ଷକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯିବା ଉଚିତ। ଓଡ଼ିଆ ନବବର୍ଷ ସମାଜକୁ ଅନେକ ବାର୍ତ୍ତା ପ୍ରଦାନ କରିଥାଏ।

**–ଅଂଶୁମାନ ଜେନା, ଏସ୍‌ସିଏସ୍ କଲେଜ ଛାତ୍ର**

## ସଂସ୍କୃତି, ପରମ୍ପରାର ଅମ୍ଳାନ ପ୍ରତୀକ

ମହାବିଷୁବ ସଂକ୍ରାନ୍ତି ବା ଓଡ଼ିଆ ନବବର୍ଷ ଆମକୁ ଆମର ମୂଳ ସଂସ୍କୃତି ସହ ଯୋଡ଼ିଥାଏ। ଏହା କେବଳ ଏକ ପର୍ବ ନୁହେଁ, ବରଂ ପ୍ରକୃତିର ପୂଜା ଏବଂ ମାନବ ସମାଜ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରିବାର ଏକ ଶ୍ରେଷ୍ଠ ମାଧ୍ୟମ; ଯାହା ଆମ ସଂସ୍କୃତି ଓ ପରମ୍ପରାର ଏକ ଅମ୍ଳାନ ପ୍ରତୀକ। ଆମର ଏହି ଗୌରବମୟ ପରମ୍ପରା ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ। ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ୯ଗୋଟି ଗ୍ରହ, ୧୨ଗୋଟି ରାଶି ଓ ୨୭ଗୋଟି ନକ୍ଷତ୍ର ରହିଛନ୍ତି। ସେଥି ମଧ୍ୟରୁ ରବି (ସୂର୍ଯ୍ୟ) ହେଉଛନ୍ତି ଗ୍ରହରାଜ। ସେହି ଗ୍ରହରାଜଙ୍କୁ ପୃଥିବୀ ନିଜ କକ୍ଷପଥରେ ରହି ପ୍ରତିବର୍ଷ ପରିକ୍ରମା କରିଥାଏ। ଏହି ସମୟରେ ସୂର୍ଯ୍ୟ ୧୨ଗୋଟି ରାଶିରେ ଏକ ଏକ ମାସ ଅବସ୍ଥାନ କରିଥାନ୍ତି। ସେ ଗୋଟିଏ ରାଶିଚକ୍ରରୁ ଅନ୍ୟ ଗୋଟିଏ ରାଶିଚକ୍ରକୁ ସଂକ୍ରମଣ (ଗମନ) କରିବା ସମୟକୁ ସଂକ୍ରାନ୍ତି କୁହାଯାଏ। ସାଧାରଣତଃ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟଙ୍କର ୨ପ୍ରକାର ଗତି ରହିଛି। ଗୋଟିଏ ହେଉଛି 'ନିରୟଣ' ଏବଂ ଅନ୍ୟଟି 'ସାୟନ'। ଉଭୟ ଗତି ଜ୍ୟୋତିଷ ଶାସ୍ତ୍ରରେ ଗ୍ରହମାନଙ୍କ ସ୍ଥିତି ଗଣନା କରିବାର ମୁଖ୍ୟ ଦୁଇଟି ପଦ୍ଧତି। ନିରୟଣର ଅର୍ଥ ହେଉଛି ଅୟନ ବିହୀନ। ସେହିପରି ସାୟନ ଏହାର ଅର୍ଥ ହେଉଛି 'ଅୟନ ସହିତ'। ଏହି ପଦ୍ଧତି ଋତୁ ପରିବର୍ତ୍ତନ ଏବଂ ସୂର୍ଯ୍ୟଙ୍କ ଅୟନ ଚଳନ ଉପରେ ଆଧାରିତ।

ଆମର ଓଡ଼ିଆ ସଂସ୍କୃତିରେ ପ୍ରତ୍ୟେକ ସଂକ୍ରାନ୍ତିର ମହତ୍ତ୍ୱ ରହିଛି। ସେଥିମଧ୍ୟରୁ ମେଷ ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ଦେଖିବାକୁ ମିଳେ। ଯାହା ଆମ ପାଇଁ ଅତି ଆନନ୍ଦ ଓ ଉତ୍ସବର ଦିବସ। କାରଣ ଏହା ହେଉଛି ଓଡ଼ିଆ ଜାତିର ନୂତନ ବର୍ଷ। ଏହି ସମୟରେ ପୃଥିବୀ ବିଷୁବରେଖାକୁ ଗତି କରିଥାଏ। ଏଥିଯୋଗୁ ଦିନ ଓ ରାତି ସମାନ ହୋଇଥାଏ। ତେଣୁ ଏହାକୁ 'ବିଷୁବ ସଂକ୍ରାନ୍ତି' କୁହାଯାଏ। ଏ କାଳରେ ଗ୍ରୀଷ୍ମଋତୁର ଆରମ୍ଭ ହୋଇଥାଏ। ଏଥିଯୋଗୁ ଉତ୍ତାପ ବୃଦ୍ଧି ଘଟେ। ତେଣୁ ଶରୀରକୁ ସନ୍ତୁଳିତ ରଖିବା ପାଇଁ ବେଲ, ଛେନା, କଦଳୀ ଓ କ୍ଷୀରରୁ ପ୍ରସ୍ତୁତ ସୁସ୍ୱାଦୁ ପଣା ଭୋଗ କରାଯାଇ ବଣ୍ଟନ କରାଯାଏ। ଏଣୁ ଏହାର ନାମ ପଣା ସଂକ୍ରାନ୍ତି। ଏହିଦିନ ଓଡ଼ିଆଙ୍କ ଘରେ ଚଉରା ଉପରେ ଏକ ଛୋଟ ଝରା ମାଠିଆ ବନ୍ଧାଯାଏ, ଯାହାକୁ 'ବସୁଧା ବସା' କୁହାଯାଏ। ସେହିପରି ଏହିଦିନ ବୀର ହନୁମାନଙ୍କ ଜନ୍ମୋତ୍ସବ ପାଳନ କରାଯିବା ସହ ବିଶେଷଭାବେ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏଂ ହନୁମାନ ଚାଳିଶା ପାଠ କରାଯାଏ। ତତ୍ ସହିତ ମା' ମଙ୍ଗଳା ଓ ମା' ଚର୍ଚ୍ଚିକାଙ୍କ ପୀଠରେ 'ଝାମୁ ଯାତ୍ରା' ହୋଇଥାଏ। ଏ ଶୁଭାବସରରେ ଭକ୍ତମାନେ ନିଆଁ ଉପରେ ଚାଲି ନିଜର ଭକ୍ତି ପ୍ରଦର୍ଶନ କରନ୍ତି ଏବଂ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲାରେ ଦଣ୍ଡ ନାଚର ଉଦ୍‌ଯାପନୀ ମଧ୍ୟ ହୋଇଥାଏ।

**–ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
ଖମ୍ବେଶ୍ୱରୀ ପାଟଣା, ଆସିକା, ଗଞ୍ଜାମ
ମୋ: ୯୮୬୧୩୩୪୮୬୮





## ସଂକ୍ଷେପରେ

### ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



ଖଡ଼ିଆଳ,୧୩।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରେଡ୍‌କ୍ରସ ବିଭାଗର ମିଳିତ ଆନୁକୂଲ୍ୟରେ ଶିବିର ହୋଇଥିଲା। ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ତରୁଣ କୁମାର ପ୍ରଧାନ, ଛାତ୍ରକଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ. ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ଜିତେନ୍ଦ୍ର କଳସାଇ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ କ୍ୟାପଟେନ ବିଷ୍ଣୁଦେବ ସିଂ ମଲ୍ଲିକ, ଜିଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପ୍ରଣତି ପଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର କାର୍ଯ୍ୟକାରୀ ହୋଇଥିଲା। ବହୁସଂଖ୍ୟକ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ରକ୍ତଦାନ କରିଥିଲେ। ଡାକ୍ତର ବିଶାଳ ପଣ୍ଡାଙ୍କ ନେତୃତ୍ୱରେ ନୂଆପଡା ଓ ଖଡ଼ିଆଳ ଡାକ୍ତରଖାନାର ଟିମ୍ ରକ୍ତ ସଂଗ୍ରହ କରିଥିଲେ।

### ଛତ୍ରିଆ ବଂଶଧର ସଙ୍ଗଠନର ପ୍ରସ୍ତୁତି ବୈଠକ

ନୂଆପଡ଼ା,୧୩।୪ (ମକାରୁ ବେମାଲ): ନୂଆପଡ଼ା ଜିଲା ବୋଡେନ ବ୍ଲକ ପାତଲଗଙ୍ଗା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ରବିବାର ଛତ୍ରିଆ ଯାଦବ ବଂଶଧର ସ୍ୱେଚ୍ଛାସେବୀ ସଂଗଠନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଗବେଷଣା କେନ୍ଦ୍ର ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାର ସମସ୍ତ ବ୍ଲକର ଛତ୍ରିଆ ବଂଶର ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସଂଗଠନ ଦ୍ୱାରା ପରିବାର କଲ୍ୟାଣ, ରକ୍ତଦାନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗରିବଙ୍କୁ ସହାୟତା ଭଳି କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ସଂଗଠନ ଭ୍ରାତୃଭାବ ଓ ଏକତା ବୃଦ୍ଧି କରି ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଉପସ୍ଥିତ ବଂଶଧର ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଲୋକନାଥ ଛତ୍ରିଆ, କୁବେର ଛତ୍ରିଆ, ଶ୍ୟାମସୁନ୍ଦର ଛତ୍ରିଆ, କୁଶ ଛତ୍ରିଆ, ନାମ ଛତ୍ରିଆ, ଭାକସିନ ଛତ୍ରିଆ, ରବି ଛତ୍ରିଆ, ଡମ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡିରେ ଚିନ୍ତା ବଢ଼ାଉଛି ବନାଗ୍ନି

## ନିଆଁ ଆଁରେ ଜଳିଯାଉଛି ମୂଲ୍ୟବାନ ଗଛ

ଭବାନୀପାଟଣା,୧୩।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ନିଆଁ ପରିବେଶପ୍ରେମୀଙ୍କ ଚିନ୍ତା ବଢାଇଛି। ନିଆଁ ଆଁରେ ଜଳି ପୋଡି ପାଉଁଶ ହୋଇଯାଉଛି ଶହ ଶହ ମୂଲ୍ୟବାନ ବୃକ୍ଷ। ଜଙ୍ଗଲ ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏପରି କି ସବୁଜ ବନାନୀ କିପରି ସୁରକ୍ଷିତ ରହିବ ସେ ନେଇ ସଚେତନତା ସୃଷ୍ଟି କରୁଛନ୍ତି। ହେଲେ କେତେଜଣ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ନଷ୍ଟ ହେବାକୁ ବସିଛି ଜୀବଜଗତର ଏହି ଅମୂଲ୍ୟ ସମ୍ପଦ। ଜିଲାର ଉତ୍ତର ବନଖଣ୍ଡ ଅନ୍ତର୍ଗତ ମଦନପୁର ରାମପୁର, ନର୍ଲା, ଲାଞ୍ଜିଗଡ଼ ଓ ଭବାନୀପାଟଣା ସମେତ ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ କର୍ଲାପାଟ ଅଭୟାରଣ୍ୟର ପାର୍ଶ୍ୱ ଜଙ୍ଗଲ, ଥୁଆମୂଳ ରାମପୁର, ଜୟପାଟଣା ଆଦି ଅଞ୍ଚଳର ବିଭିନ୍ନ



ଜଙ୍ଗଲରେ ନିଆଁ ଲାଗିଛି।

ଜଙ୍ଗଲରେ ନିଆଁ ଲାଗୁଥିବା ବେଳେ ବନ ବିଭାଗ ଏହାକୁ ଲିଭାଇବାରେ ବିଫଳ ହେଉଛି। ଏଣୁ ଏଠାକାର ଜୈବ ବିବିଧତା ସହ ଜୀବଜନ୍ତୁ ସୁରକ୍ଷା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ପାଲଟିଛି । ଜଙ୍ଗଲ ସୁରକ୍ଷା ସହ ନିଆଁକୁ ଆୟତ୍ତ କରିବା ପାଇଁ ରହିଛି ସ୍ୱତନ୍ତ୍ର ଅନୁଦାନ। ହେଲେ ସାଧାରଣ ଲୋକଙ୍କ ସଚେତନତା ଅଭାବ ଓ ଜଙ୍ଗଲ ବିଭାଗର ଉଦାସୀନ ମନୋଭାବ ଯୋଗୁ ପ୍ରାୟ ଧ୍ୱଂସାଭିମୁଖୀ ଏହି ଜଙ୍ଗଲ ସମ୍ପଦ। କେତେବେଳେ ଜଙ୍ଗଲରେ ନିଆଁ ଲାଗୁଛି ତ, ଆଉ କେତେବେଳେ ମଣିଷ କାଟି ନେଉଛି ବିଶାଳକାୟ ବୃକ୍ଷ। ପ୍ରଶାସନର ସବୁପ୍ରକାର ଚେଷ୍ଟା ସତ୍ତ୍ୱେ ଆଜି ଅସୁରକ୍ଷିତ ହୋଇପଡ଼ିଛି ଜିଲାର ଅନେକ ଜଙ୍ଗଲ। ପରିବେଶ ସନ୍ତୁଳନ ରକ୍ଷା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଏବଂ ପୁରୁଣା ଜଙ୍ଗଲର ସୁରକ୍ଷା ଲାଗି ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ନା ବଞ୍ଚୁଛି ନୂଆ ବୃକ୍ଷ, ନା ସୁରକ୍ଷା ପାଉଛି ପୁରଣା ଜଙ୍ଗଲ। ସ୍ଥାନୀୟ ସାମାଜିକ କର୍ମୀ ଲକ୍ଷ୍ମୀ ନାରାୟଣ ପଣ୍ଡା କହନ୍ତି, ଜଙ୍ଗଲରେ ଅନେକ ଔଷଧୀୟ ବୃକ୍ଷ ରହିବା ସହ ବନ୍ୟଜନ୍ତୁ ବସବାସ କରୁଛନ୍ତି। ବର୍ତ୍ତମାନ କଳାହାଣ୍ଡି ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଫଳରେ ଜଙ୍ଗଲ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। ନିଆଁ ଲାଗିବା ଦ୍ୱାରା ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଛି। ଏଥିପାଇଁ ବନ ବିଭାଗ ଯେଉଁଳି ତତ୍ପରତା ଦେଖାଇବା କଥା ତାହା ଦେଖାଉ ନାହିଁ। ଜଙ୍ଗଲରେ ନିଆଁ ଲାଗୁଥିବା ଲୋକେ ଜାଣୁଥିବାବେଳେ ବନ ବିଭାଗ କିପରି ଜାଣି ପାରୁନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଅଧିକାରୀ ରମେଶ ବିଷ୍ଣୋଇ କହିଛନ୍ତି, ଘଞ୍ଚ ଜଙ୍ଗଲ ଭିତରେ ନିଆଁ ଲାଗିଲେ ଲିଭାଇବା ପାଇଁ ଟିକିଏ ସମୟ ଲାଗୁଛି। ଯେତେବେଳେ ବି ଖବର ଆସୁଛି ଆମେ ନିଆଁ ଲିଭାଇବା ପାଇଁ ତୁରନ୍ତ ସେହି ଅଞ୍ଚଳକୁ ଟିମ୍ ପଠାଉଛୁ। ପୂର୍ବ ହିସାବରେ ଯେଉଁ ସ୍ଥାନରେ ବେଶି ନିଆଁ ଲାଗୁଛି ସେହି ସ୍ଥାନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ।



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଷ୍ଟାର୍‌ନାଇଟ୍‌ରେ ଅର୍କେଷ୍ଟା ଦର୍ଶକଙ୍କୁ ବିଭୋର କଲା

ଖଡ଼ିଆଳ,୧୩।୪ (ସୁଜିତ କୁମାର ପ୍ରଧାନ)

## ଋଷିପୀଠ ଯୋଗୀମଠ ମହୋତ୍ସବ ଉଦ୍‌ଯାପିତ

ନୂଆପଡ଼ା ଜିଲା ଖଡ଼ିଆଳ ତୁକୁଲାଠାରେ ଋଷିପୀଠ ଯୋଗୀ ମଠ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଶେଷ ରଜନୀରେ ଷ୍ଟାରନାଇଟ କାର୍ଯ୍ୟକ୍ରମରେ ଅର୍କେଷ୍ଟା ପରିବେଷଣ ଦର୍ଶକଙ୍କୁ ବିଭୋର କରିଥିଲା। ମହୋତ୍ସବ କମିଟି ସଭାପତି ରାଜକୁମାର ଖେମକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି, ବିଶିଷ୍ଟ ଲେଖକ ତଥା କବି ବାସୁଦେବ ସୁନାନୀ ମୁଖ୍ୟବକ୍ତା ଓ ନୂଆପଡା ବିଧାୟକ ଜୟ ଢୋଲକିଆ, କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ଖଡିଆରରୋଡ୍ ଏନ୍ଏସି ଅଧ୍ୟକ୍ଷା ସୋନିଆ ଗୋଲ୍ଡି ଅଗ୍ରୱାଲ, ଭାଜପା ନୂଆପଡା ଜିଲା ସଭାପତି କମଲେଶ ଦୀକ୍ଷିତ, ତୁକୁଲା ସରପଞ୍ଚ ନୀଳାଦ୍ରି ମେହେର, ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଘ୍ନରାଜ ଦାଶ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରି ଋଷି ପୀଠ ଯୋଗୀମଠକୁ ଉତ୍ସବ ମାଧ୍ୟମରେ ଲୋକଲୋଚନକୁ ଆଣିଥିବାରୁ କମିଟି କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଗୌରୀ ଶଙ୍କର ଦୁବେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ଷୀରଧର ସୋନୀ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଷମା ମେହେର ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ପରେ ତୁକୁଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଷ୍ଟାର୍‌ନାଇଟ ସାଂସ୍କୃତିକ କାର୍ଯ୍ୟକ୍ରମରେ ସର୍ବେଶ୍ୱର ଭୋଇଙ୍କ ଅର୍କେଷ୍ଟା ଦେଖି ଦର୍ଶକ ବିଭୋର ହୋଇଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ରାଜକୁମାର ଖେମକା, ଉପସଭାପତି ଦିନେଶ ପ୍ରସାଦ ତିୱାରୀ, ସଦାନନ୍ଦ ତାଣ୍ଡି, ବୁଦାଙ୍ଗ ଜାନି ଓ ବେଣୁଧର ବେହେର, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ, ଉପକୋଷାଧ୍ୟକ୍ଷ ଲମ୍ବୋଦର ବେହେରା ଓ ରମେଶ ସିଂ ବାବୁ, ସାହିତ୍ୟ ସଂଯୋଜକ ତ୍ରୟ ବିଭୂତି ଭୂଷଣ ଦାଶ ଓ ହିରାଧର ମେହେର, ସୋସିଆଲ ମିଡିଆ ସଂଯୋଜକ ଭଜନ ଥନାପତି ପ୍ରମୁଖ ସହଯୋଗ କରୁଛନ୍ତି।

### ଗୋ ସମ୍ମାନ ସଚେତନତା ଅଭିଯାନ ପ୍ରସ୍ତୁତି ବୈଠକ

ବୋଡ଼େନ, ୧୩।୪ (ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ସରସ୍ୱତୀ ଶିଶୁ ମନ୍ଦିରରେ ଗୋ ସମ୍ମାନ ସଚେତନତା ଅଭିଯାନ ନେଇ ସାଧୁ ନରେଶ ବାବାଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ ତାରିଖରେ ବୋଡ଼େନ ବସ୍‌ଷ୍ଟାଣ୍ଡଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ଅଭିଯାନ କରାଯିବା ନେଇ ତହସିଲଦାରଙ୍କୁ ଦାବିପତ୍ର ଦିଆଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବେଦବ୍ୟାସ ନାଗ, ଗୟାଧର ମହାନ୍ତି, ସାଧୁ ରୁଧର ଦାସ, ଲିଲାମ୍ବର ମେହେରଙ୍କ ସମେତ ବିଦ୍ୟାଳୟର ଗୁରୁଜି ଗୁରୁମା ଉପସ୍ଥିତ ଥିଲେ।

### ଛାତ୍ରୀନିବାସରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ଖଡ଼ିଆଳ,୧୩।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦନ୍ତୀ ଛାତ୍ରୀନିବାସରେ ସ୍ନାତକ ଓ ସ୍ନାତକୋତ୍ତର ଶେଷବର୍ଷର ଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ତରୁଣ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଶାରୀରିକ ଶିକ୍ଷା ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା, ତତ୍ତ୍ୱାବଧାରିକା ଅଧ୍ୟାପିକା ଡ. କାଜଲ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶେଷବର୍ଷର ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀମାନେ ନିଜର ଅଭିଜ୍ଞତା ଓ ଅନୁଭୂତି ଉପସ୍ଥାପନ କରିଥିଲେ।

# କବିତା ଆସର, ସମ୍ବର୍ଦ୍ଧନା ସମାରୋହ



ଅତିଥିଙ୍କ ଦ୍ୱାରା କବିତା ସଙ୍କଳନ ଉନ୍ମୋଚନ କରାଯାଉଛି।

ଭବାନୀପାଟଣା/ଜୁନାଗଡ଼,୧୩।୪ (ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)

## କୁମୁଦିନୀ ଘିଙ୍କ 'ଫୁଲ ହୋଇ ଫୁଟିବି' କବିତା ସଙ୍କଳନ ଉନ୍ମୋଚିତ

କଳାହାଣ୍ଡି ଜିଲା ଜୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲାସ୍ତରୀୟ କବିତା ଆସର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶ୍ରବଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି, ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଓ ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ସୀମାଞ୍ଚଳ ନାଗ, ବଙ୍କିମ ମୁଣ୍ଡ, ବିରଞ୍ଚି ନାରାୟଣ ମୁଣ୍ଡ, କଳ୍ପନା ରଥ, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୁମୁଦିନି ଘିଙ୍କ 'ଫୁଲ ହୋଇ ଫୁଟିବି' କବିତା ସଙ୍କଳନ ଉନ୍ମୋଚିତ ହୋଇଥିଲା। ସେହିପରି ବିଶିଷ୍ଟ କବି ଓ ଗବେଷକ ସୀମାଞ୍ଚଳ ନାଗ, ବିଶିଷ୍ଟ କବି ଓ ନାଟ୍ୟକାର ବିରଞ୍ଚି ନାରାୟଣ ମୁଣ୍ଡ, ଅ' ପତ୍ରିକାର ମୁଖ୍ୟ ସମ୍ପାଦକ ତପନ କୁମାର ସାହୁ, ମହାନ ଆମ ମାତୃଭାଷା ସଂଘ ସଭାପତି ରାଜେଶ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ପ୍ରେମଲାଲ ବାଗ ମଞ୍ଚ ପରିଚାଳନା ଓ ବ୍ରଜ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କବି ଉଦ୍ଧବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବିଶିଷ୍ଟ ସାହିତ୍ୟିକ କୈଳାସ ରାଉତ ମୁଖ୍ୟ ଅତିଥି, ସାହିତ୍ୟିକ ପଦ୍ମଲୋଚନ ମିଶ୍ର ମୁଖ୍ୟବକ୍ତା ଓ ପ୍ରଗତି କଲେଜର ମୁଖ୍ୟ ପରିଚାଳକ ଅଜୟ କୁମାର ପଣ୍ଡା, ଅଧ୍ୟକ୍ଷା ପ୍ରିୟମଞ୍ଜରୀ ପଣ୍ଡା, ଶିକ୍ଷକ ସୁଧୀର ମେହେର, କବୟିତ୍ରୀ ପଲ୍ଲବୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବ ପ୍ରସାଦ ମହାରଣା ଓ ଭାଗିରଥୀ ସାଗରଙ୍କ ସଂଯୋଜନାରେ ୬୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କର୍ତ୍ତବ୍ୟର ମୁଖ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବରପୁତ୍ରଙ୍କ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ



ଅଧିକାରୀଙ୍କ ଗହଣରେ କବୟିତ୍ରୀ ଓ କବି।

ନୂଆପଡ଼ା,୧୩।୪ (ମକାରୁ ବେମାଲ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ସଂସ୍କୃତି ପରିଷଦ ନୂଆପଡ଼ା ପକ୍ଷରୁ ସଦର ମହକୁମା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡାଏଟ)ଠାରେ ଓଡ଼ିଶାର ବନ୍ଦନୀୟ ବରପୁତ୍ରମାନଙ୍କ ଶୀର୍ଷକରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଅସାମାନ୍ୟ ଅବଦାନକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ଯେଉଁମାନେ ସମାଜ ଓ ରାଷ୍ଟ୍ରର ଉନ୍ନତି ପାଇଁ ନିଜ ସ୍ୱାର୍ଥକୁ ତ୍ୟାଗ କରି କାମ କରିଛନ୍ତି ସେମାନେ ହିଁ ପ୍ରକୃତ ବରପୁତ୍ର। ଯୁବପିଢ଼ି ସେମାନଙ୍କ ଆଦର୍ଶକୁ ଅନୁସରଣ କରି ଜୀବନରେ ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ସୁର୍ମୀ ସୋରେନ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, କବି ଅଶୋକ କୁମାର ପଟ୍ଟନାୟକ ଓ ଡାଏଟ ଅଧ୍ୟକ୍ଷ ନରୋତ୍ତମ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ଓ ସେବାଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅନୁଷ୍ଠିତ ପାଠୋତ୍ସବରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବୟିତ୍ରୀ ଓ କବିମାନଙ୍କ ସହିତ ଡାଏଟର ଶିକ୍ଷାର୍ଥୀ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ରମେଶ ମହରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଷୋହଳପ୍ରହର ନାମଯଜ୍ଞ ପାଇଁ ଭବ୍ୟ କଳସ ଯାତ୍ରା

ଲାଞ୍ଜିଗଡ଼,୧୩।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ବଜାରପଡ଼ା ସାପ୍ତାହିକ ହାଟ ପ୍ରାଙ୍ଗଣରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ସୋମବାର ଭବ୍ୟ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞ ପରିଚାଳନା କମିଟି ସଭାପତି ଚନ୍ଦ୍ରମଣି ମହାକୁଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ ସଂଖ୍ୟାରେ ମହିଳା ବଂଶଧାରା ନଦୀରୁ କଳସରେ ଜଳ ଉଠାଇ ସଂକୀର୍ତ୍ତନ ମଣ୍ଡଳୀ ସହ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପରେ ଅଧିବାସ କାର୍ଯ୍ୟାରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ପୀତାମ୍ବର ଡମବିଶି ଓ ତାଙ୍କ ଧର୍ମପତ୍ନୀ ଦେବକୀ ଏବଂ ରାଘବ ଗହୀର ଓ ଲୁଚନା ପୋଡ଼ ସହକର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ମୁରଲୀଧର ତ୍ରିପାଠୀ, ଚକ୍ରଧର ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ମଧୁସୂଦନ କର, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, କରୁଣାକର ତ୍ରିପାଠୀ, ରବୀନ୍ଦ୍ର ଦାସ, ଟଙ୍କଧର ଦାସ ପ୍ରମୁଖ ପୂଜାକାର୍ଯ୍ୟ କରୁଛନ୍ତି। ଦୀନବନ୍ଧୁ ବାରିକ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଚନ୍ଦ୍ରଧ୍ୱଜ ପେଶନିଆ, ଶ୍ରୀମୁଖ ଅଗସ୍ତି ସମେତ ପ୍ରହରୀ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ମଙ୍ଗଳବାର ସକାଳ ୭ ଘଣ୍ଟା ୨୫ ମିନିଟ ସମୟରେ ନାମ ସଂକୀର୍ତ୍ତନ ଆରମ୍ଭ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।



କଳସ ଶୋଭାଯାତ୍ରାରେ ସାମିଲ ମହିଳାମାନେ।

# ବୌଦ୍ଧିକ ଆଲୋଚନାଚକ୍ର

ଖଡ଼ିଆଳ,୧୩।୪ (ସୁଜିତ କୁମାର ପ୍ରଧାନ)

ଋଷିପୀଠ ଯୋଗୀମଠ ମହୋତ୍ସବ ଅବସରରେ ଏକ ବୌଦ୍ଧିକ ଆଲୋଚନା ଚକ୍ର ତୁକଲାସ୍ଥିତ କ୍ଷମା ମେହେର ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଭୂତି ଭୂଷଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗବେଷକ ଡ. ବାସୁଦେବ ସୁନାନୀ, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ, ଖବରଦାତା ବିଜୟ ସହିସ, ସାମାଜିକ କର୍ମୀ ସୋମନାଥ ଖମାରୀ, ମହୋତ୍ସବ କମିଟି ସଭାପତି ରାଜ କୁମାର ଖେମକା, ଅଧ୍ୟାପକ ଦୁଧେଶ୍ୱର ସାହୁ, ଉମାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ରିସିପିଟି ଓ ଯୋଗୀମଠର ଐତିହାସିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଦୁଇ ପାହାଡ ସହ ଅଞ୍ଚଳର ପୁରାତନ ସଭ୍ୟତା ଉପରେ ଅଧିକ ଗବେଷଣା କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। କୁନାଲ ଚରଣ ବେହେରା ସ୍ୱାଗତ ସମ୍ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ମାଲ୍ୟବନ୍ତ ସୁନା, ଉପସଭାପତି ବୁଦାଙ୍ଗ ଜାନି, ସହ ସମ୍ପାଦକ ବେଦବର ମେହେର, ଉପଦେଷ୍ଟା ଖିରଧର ସୋନିଙ୍କ ସମେତ କରୁଣାକର ମାଝୀ, ଉଗ୍ର ମାଧବ ମାଝୀ, ରମେଶ ଦାଶ ଓ କଲେଜ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଆ ପକ୍ଷରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

ଭବାନୀପାଟଣା,୧୩।୪(ଉତ୍ତମ କୁମାର ଦାଶ)

ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର କଳାହାଣ୍ଡି ଜିଲା ପ୍ରଶାସନ ତରଫରୁ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକ ସଭା ସଦସ୍ୟ ମାଳବିକା ଦେବୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଆମ ରୁଚି ଆମ ଖାଦ୍ୟ, ଓଡିଶାର ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୌମ୍ୟ




ରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ, ସ୍ଥାନୀୟ ବିଡିଓଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଭବାନୀପାଟଣା ବିଡ଼ିଓ ଚନ୍ଦନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତଦେହ ରଖି ରାସ୍ତାରୋକୋ: ହତ୍ୟା ଅଭିଯୋଗ

ଗୋଲାମୁଣ୍ଡା, ୧୩।୪ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଉଦେଶୃଙ୍ଗ ଗ୍ରାମର ରାଜିନ ଷଣ୍ଢଙ୍କ ପୁଅ ବବଲୁ ଷଣ୍ଢ (୧୮)ଙ୍କ ମୃତ୍ୟୁ ପରେ ଘଟଣା ଭିନ୍ନମୋଡ ନେଇଛି। ପରିବାର ଲୋକେ କ୍ଷତିପୂରଣ ସହ ବବଲୁଙ୍କୁ ହତ୍ୟା କରାଯାଇଥିବା ଓ ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସୋମବାର ଉଦେଶୃଙ୍ଗ ତିନିଛକରେ ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁସାରେ ଗତ ମାର୍ଚ୍ଚ ୯ ତାରିଖରେ ବବଲୁ କୌଣସି କାମରେ ଧର୍ମଗଡ଼ ଯାଇ ଘରକୁ ଫେରୁଥିବାବେଳେ ଘୋଟିଆ ଛକରେ ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ସାଇକେଲ ଆରୋହୀଙ୍କ ଗୋଡ଼ହାତରେ ସାମାନ୍ୟ ଆଘାତ ଲାଗିଥିବାରୁ ଗ୍ରାମର କେତେଜଣ ଲୋକ ବବଲୁଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏପରି କି ତାଙ୍କ ଉପରେ ବାଇକ୍ ଲଦି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିରେ ବବଲୁଙ୍କ ପିଠିର ପ୍ରାୟ ୫୦ ପ୍ରତିଶତ ପୋଡ଼ିଯିବା ସହ ମାଡ଼ ଯୋଗୁ ହାଡ଼ ଭାଙ୍ଗିଯାଇଥିବା ଚର୍ଚ୍ଚା ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ତାଙ୍କୁ ରାୟପୁରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଆଣିବା ପାଇଁ ପରିବାର ବର୍ଗ ସକ୍ଷମ ନ ଥିବା ବେଳେ ଏ ନେଇ ବିଭିନ୍ନ ସୋସିଆଲ ମିଡିଆରେ ସାହାଯ୍ୟ ଓ ସହଯୋଗ ନିମନ୍ତେ ଗୁହାରି ଜଣାଇଥିଲେ। ଏହା ଜାଣିବା ପରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ତୁରନ୍ତ ପରିବାର ସହ ଯୋଗାଯୋଗ କରି ନିଜସ୍ୱ ଖର୍ଚ୍ଚରେ ଆମ୍ବୁଲାନ୍ସ ଯୋଗେ ମୃତଦେହ ଉଦେଶୃଙ୍ଗ ଆଣିଥିଲେ। ସୋମବାର ରାସ୍ତା ଅବରୋଧ ଖବର ପାଇ ଗୋଲାମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟପଟେ ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମା ପରିବାର ସହ ଆଲୋଚନା କରି ଥାନାରେ ମାମଲା ରୁଜୁ କରିବା ସହ ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ନ୍ୟାୟିକ ସହଯୋଗ କରିବ ଜିଲା ଓକିଲ ସଂଘ

## ଚାଷୀଙ୍କ ଧାରଣାକୁ ୩୫ ଦିନ ପୂରିଲା

**ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ)**



ଚାଷୀଙ୍କ ଧାରଣାରେ ଜିଲା ଓକିଲ ସଂଘର ପ୍ରତିନିଧିବୃନ୍ଦ ସାମିଲ ହୋଇଛନ୍ତି।

ରବିଧାନ ଅମଳ ଆଉ ମାତ୍ର ୨ସପ୍ତାହ ପରେ ଆରମ୍ଭ ହୋଇଯିବ। ହେଲେ ଏପର୍ଯ୍ୟନ୍ତ ବରଗଡ଼ ଜିଲାର ଅନେକ ଚାଷୀ ଗତ ଖରିଫ୍‌ରେ ଅମଳ ହୋଇଥିବା ଧାନ ବିକ୍ରି କରିପାରି ନାହାନ୍ତି। ବିଭାଗୀୟ ଅବହେଳା ଯୋଗୁ ସେମାନେ ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇଥିବାରୁ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଏ ନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ କିଛି ସୁଫଳ ନ ପାଇବାରୁ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଗତମାସ ୯ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ଗଦା କରି ଧାରଣାରେ ବସିଛନ୍ତି। ଏହାସତ୍ତ୍ୱେ ଜନ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ନିର୍ବିକାର ରହିଛନ୍ତି। ଅନ୍ୟପଟେ ଚାଷୀଙ୍କ ଏହି ଧାରଣାକୁ ସମର୍ଥନ ବଢ଼ିବାରେ ଚାଲିଛି। ସୋମବାର ବରଗଡ଼ ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ଧାରଣାସ୍ଥଳକୁ ପହଞ୍ଚିଥିଲେ। ଚାଷୀଙ୍କ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିବେ ଏବଂ ଆବଶ୍ୟକ ପଡ଼ିଲେ ଚାଷୀଙ୍କୁ ନ୍ୟାୟିକ ସହଯୋଗ ମଧ୍ୟ ଯୋଗାଇ ଦିଆଯିବ ବୋଲି ସଂଘର ପ୍ରତିନିଧିବୃନ୍ଦ କହିଥିଲେ।

ସୂଚନା ଅନୁଯାୟୀ, ଉପରୋକ୍ତ ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଗତ ଖରିଫ ଧାନ ସଂଗ୍ରହ ପାଇଁ ହୋଇଥିବା ଧାନ ପଞ୍ଜୀକରଣ ପ୍ରକ୍ରିୟାରେ ଚାଷୀମାନେ ନିର୍ଦ୍ଧାରିତ ସମୟରେ ଆବଶ୍ୟକ କାଗଜାତ ପ୍ରଦାନ କରି ଧାନବିକ୍ରି ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ମାତ୍ର ଅନେକ ଚାଷୀଙ୍କୁ ପଞ୍ଜୀକରଣରୁ ବାଦ୍ ଦିଆଯାଇଛି। ସେମାନେ ଅମଳ କରିଥିବା ଧାନ ମଧ୍ୟରୁ ବିକ୍ରିଯୋଗ୍ୟ ପ୍ରାୟ ୨୫ହଜାର ପ୍ୟାକେଟ୍ ଧାନ ସହରାଟିକ୍ରା ମଣ୍ଡି ଉପରେ ପଡ଼ି ରହିଛି। ଏହି ଧାନ କିଣିବା ପାଇଁ ଚାଷୀମାନେ ବାରମ୍ବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧାଁ ଧପଡ଼ ହୋଇଥିଲେ। କେବଳ ସେତିକି ନୁହେଁ, ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ଯୋଗାଣ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇଥିଲେ। ତଥାପି ସମସ୍ୟା ଅସମାହିତ ରହିଛି।

ଫଳରେ ଏହାର ପ୍ରତିବାଦରେ ଚାଷୀମାନେ ଖରା, ଝଡ଼ବର୍ଷା, କରାମାଡ଼ ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରଖିଛନ୍ତି। ସମସ୍ୟାର ସମାଧାନ କରିବା ତ ଦୂରର କଥା, କୌଣସି ନିର୍ବାଚିତ ବିଧାୟକ ଚାଷୀଙ୍କ ସହିତ ଆଲୋଚନା ପାଇଁ ସୁଦ୍ଧା ଧାରଣାସ୍ଥଳକୁ ପହଞ୍ଚି ନାହାନ୍ତି। ସେହିପରି ସମ୍ପୃକ୍ତ ଚାଷୀଙ୍କ ଧାନ କିଣିବାରେ ପ୍ରଶାସନ ମଧ୍ୟ ଅସହାୟ ହୋଇପଡ଼ି ହାତ ଟେକି ଦେଇଛି। ଅନ୍ୟପଟେ ଚାଷୀଙ୍କ ଧାରଣାକୁ ସମର୍ଥନ ବଢ଼ି ଚାଲିଛି। ଜିଲାର ବିଭିନ୍ନ ଚାଷୀ ସଂଗଠନ ସମେତ ପଡ଼ୋଶୀ ସମ୍ବଲପୁର ଜିଲାର କୃଷକ ସଂଗଠନ ଧାରଣାସ୍ଥଳକୁ ଆସି ସମର୍ଥନ ଜଣାଇ ସାରିଛନ୍ତି। ସେହିପରି ବିଜେଡି, କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି, ସମ୍ବିଧାନ ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ସଂଗଠନ ସମର୍ଥନ ଜଣାଇ ଥିବାବେଳେ ଜିଲା ଓକିଲ ସଂଘ ଧାରଣାସ୍ଥଳକୁ ଆସି ଚାଷୀଙ୍କ ହକ୍ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି।

ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହିତ ଧାରଣାରେ ବସିବା ସହିତ ସେମାନଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ଖରିଫରେ ଅମଳ ଧାନ ବିକ୍ରି କରି ନ ପାରି ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ନେଇ ଚାଷୀମାନେ ଜିଲା ଓକିଲ ସଂଘର ଦୃଷ୍ଟି ଆକର୍ଷଣ କରିଥିଲେ। ଓକିଲ ସଂଘ ଚାଷୀମାନଙ୍କ ଏହି ସମସ୍ୟାକୁ ଗୁରୁତ୍ୱର ସହିତ ନେଇଥିଲା। ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ସଂଘର ପ୍ରତିନିଧିମାନେ କହିବା ସହିତ ପ୍ରଶାସନିକ ନୀରବତାକୁ ସମାଲୋଚନା କରିଥିଲେ। ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯିବ ଏବଂ ଦରକାର ପଡ଼ିଲେ ଆଇନଗତ ସହଯୋଗ କରାଯିବ ବୋଲି ମଧ୍ୟ ଓକିଲ ସଂଘର ପ୍ରତିନିଧିବୃନ୍ଦ କହିଥିଲେ। ସଂଘର ସଭାପତି ସରାଫଙ୍କ ସମେତ ସମ୍ପାଦକ ହରିହର ପ୍ରଧାନ, ଉତ୍ତର ପ୍ରଧାନ, ସନକ ଦାଶ, ସନ୍ତୋଷ ଦାଶ, ଅଧିକାରୀ ପ୍ରଧାନ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।

## ସଂସ୍କୃତ ଭାରତୀର ରାଜ୍ୟସ୍ତରୀୟ ଗୀତା ଶଳାକା ପରୀକ୍ଷା



ସଂସ୍କୃତ ଭାରତୀର ରାଜ୍ୟସ୍ତରୀୟ ଗୀତା ଶଳାକା ପରୀକ୍ଷାରେ ପରୀକ୍ଷାର୍ଥୀ ଏବଂ ଅତିଥିବୃନ୍ଦ।

**ପଦ୍ମପୁର,୧୩।୪(ପ୍ରଦୀପ୍ତ ଦାଶ)**

ସଂସ୍କୃତ ଭାରତୀ ଆନୁକୂଲ୍ୟରେ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଏବଂ ଜନଜାଗରଣ ସୃଷ୍ଟି ପାଇଁ ପଦ୍ମପୁରସ୍ଥିତ ନବ ପ୍ରଭାତ ବୈଦିକ ବିଦ୍ୟାପୀଠରେ ରବିବାର ଶ୍ରୀମଦ ଭାଗବତ ଗୀତାର ଶଳାକା ପରୀକ୍ଷା ଆୟୋଜିତ ହୋଇଯାଇଛି । ଏହି ଅବସରରେ ରାଜସ୍ଥାନସ୍ଥିତ ଆପେକ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୋମଦେବ ଶତାଂଶୁ, ସଂସ୍କୃତ ଭାରତୀର ପ୍ରାନ୍ତ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ, ଆଚାର୍ଯ୍ୟ ପୁରନ୍ଦର ଶାସ୍ତ୍ରୀ, ଆଚାର୍ଯ୍ୟ ଭାରତୀ ନନ୍ଦନ ଶାସ୍ତ୍ରୀ, ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ଆଚାର୍ଯ୍ୟ ଭଗବାନ ଦେବ, ପ୍ରାନ୍ତ ସହ ମନ୍ତ୍ରୀ ଡଃ ମାନସ ରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରୀକ୍ଷା ପରିଚାଳନା କରିଥିଲେ। ଏହା ସହିତ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଏବଂ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। କଣ୍ଟାବାଞ୍ଜିର ଆନନ୍ଦ ଗୋୟଲ ସମସ୍ତ ପ୍ରତିଯୋଗୀଙ୍କୁ ଯଥାର୍ଥ ଗୀତା ଏବଂ ବରଗଡ଼ ଜିଲା ଅଧ୍ୟକ୍ଷ ପଣ୍ଡିତ ନେହେରୁ ଲାଲ ଶତପଥୀଙ୍କ ଶିଷ୍ୟ ଇଞ୍ଜିନିୟର ଶାନ୍ତନୁ ନାୟକ ଏବଂ ଅମ୍ବିକା ନାୟକ, ଭଟଲିର ସ୍ୱର୍ଗତ ରାଜକିଶୋର ସାହୁଙ୍କ ସ୍ମୃତିରେ ତାଙ୍କ ଧର୍ମପତ୍ନୀ ସବିତା ସାହୁ ପ୍ରମୁଖ ଅର୍ଥରାଶି ସହଯୋଗ କରିଥିଲେ। ବରିଷ୍ଠ ବିଭାଗରେ ଦେବେଶ ସାହୁ, ରବିନାରାୟଣ ବିଶ୍ୱାଳ, ସାର୍ଥକ ବର୍ମା, ସମ୍ବିତ ସାହୁ, ଅଜୁ କାଳସାଏ, କନିଷ୍ଠ ବିଭାଗରେ ଅନିକେତ ତ୍ରିପାଠୀ, ପ୍ରଭୁଦତ୍ତ ସୁଆର, ସାଇ ଅଂଶୁମାନ ମିଶ୍ର, ଉଦିତ ନାୟକ, ନୀହାରିକା ବାରିକ ପ୍ରମୁଖ ପୁରସ୍କୃତ ହୋଇଥିଲେ ।

## ଶୃଙ୍ଖଳା, ସାଧନା, ସଂଘର୍ଷ ସଫଳତାର ମୂଳମନ୍ତ୍ର

**ପଦ୍ମପୁର,୧୩।୪(ପ୍ରଦୀପ୍ତ ଦାଶ)**

ଗତ ୧୧ ଓ ୧୨ ତାରିଖରେ ପଦ୍ମପୁର ସହରସ୍ଥିତ ଜେନିଥ ଲାୟନ୍ସ ଗୁରୁକୁଳର ବାର୍ଷିକୋତ୍ସବ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ପଦ୍ମପୁର ଅତିରିକ୍ତ ଜିଲାପାଳ ସରୋଜିନୀ ପ୍ରସନ୍ନ କୁଲୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ଉପସ୍ଥିତ ଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତାପ ମିଶ୍ର, ଉପସଭାପତି ସୁଶାନ୍ତ ରଥ, ସମ୍ପାଦକ ପବନ ଅଗ୍ରୱାଲ, କୋଷାଧ୍ୟକ୍ଷ ମହମ୍ମଦ ଜାୱେଦ, ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା, ଜେନିଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଚତୁର୍ଭୁଜ ପ୍ରଧାନ ପ୍ରମୁଖ। କାର୍ଯ୍ୟକ୍ରମରେ ଗତ ଶିକ୍ଷାବର୍ଷ ବୋର୍ଡ ପରୀକ୍ଷାରେ ଶତକଡ଼ା ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗ ଶୃଙ୍ଖଳା, ସାଧନା ଏବଂ ସଂଘର୍ଷ ମାଧ୍ୟମରେ ସଫଳତା ହାସଲର ମନ୍ତ୍ର ଦେଇଥିଲେ। ଏହାପରେ ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡାଙ୍କ ଲିଖିତ ପୁସ୍ତକ (ଫୁଏଲ ଫର୍ ଦି ଫାୟାର୍: ଇଗ୍ନାଇଟ ୟୋର୍ ପ୍ୟାସନ ଆଣ୍ଡ ପର୍ପଜ) ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଶଙ୍କର ରାମଚନ୍ଦାନି, ଡ. ବାଞ୍ଛାନିଧି ପଣ୍ଡା, ନାଟ୍ୟକାର ଅଶୋକ କୁମାର ବହିଦାର, ଅମରଦୀପ ଅଗ୍ରୱାଲଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍ ବ୍ୟତୀତ ଶିକ୍ଷାନୁଷ୍ଠାନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ଗୌରବ ଆଣିଥିବା ଛାତ୍ରୀଛାତ୍ର, ସ୍ଥାନୀୟ ସାମ୍ବାଦିକ ଓ ସୋସିଆଲ ମିଡ଼ିଆ କ୍ରିଏଟରମାନଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉଭୟ ଦିନର ଅତିଥିମାନଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନେ ଅନୁଷ୍ଠାନ ପକ୍ଷରୁ ସ୍ମୃତି ଫଳକ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।


ଏମ୍‌ପି ପ୍ରଦୀପ ପୁରୋହିତ ଡା. ଶଙ୍କର ରାମଚନ୍ଦାନୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସମସ୍ୟା ନେଇ ପାଚିକା, ପାଚକ ସଂଘର ସମାବେଶ


ବରଗଡ଼ରେ ପାଚିକା, ପାଚକ ସଂଘର ସମାବେଶ।

**ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ସୋମବାର ପାଚିକା, ପାଚକ ସଂଘର ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ପାଚକ ରାଜ୍ୟ ସଂଘର ବରଗଡ଼ ଜିଲା ଶାଖା ପକ୍ଷରୁ ଏହି ସମାବେଶ ଆୟୋଜିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲା ସଭାନେତ୍ରୀ ସୂର୍ଯ୍ୟକାନ୍ତି ବଗର୍ତ୍ତୀ ସଭାପତିତ୍ୱ କରିଥିଲେ। ସଭାରେ ପାଚିକା, ପାଚକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ୭ଦଫା ଦାବି ପୂରଣ ପାଇଁ ଯୋଜନା ପ୍ରସ୍ତୁତ ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ହୋଇଥିଲା। ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଚିକା, ପାଚକମାନଙ୍କ ପ୍ରତି ସରକାରଙ୍କ ଅଣଦେଖା ମନୋଭାବ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତିମାସ ୧୦ତାରିଖ ସୁଦ୍ଧା ପାଚିକା, ପାଚକଙ୍କ ଦରମା ସମ୍ପୂର୍ଣ୍ଣ କରାଯାଇ ନ ଥିବାରୁ ସେ ଜିଲା ଶିକ୍ଷା ଅଧିକାରୀଙ୍କ ଉପରେ କ୍ଷୋଭ ପ୍ରକାଶ କରିଥିଲେ। ପାଚିକା, ପାଚକମାନଙ୍କ ଦାବି ହାସଲ ପାଇଁ ଆଗକୁ ସଂଗଠିତ ହୋଇ ଲଢ଼େଇ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଡ଼ଭୋକେଟ୍ ବିମଳ କୁମାର ଦାଶ ଅନ୍ୟତମ ଅତିଥିଭାବେ ଯୋଗଦେଇ ଜିଲାସ୍ତରରେ ହକ୍ ହାସଲ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ଡିସେମ୍ବର ମାସରେ ଜିଲାସ୍ତରରେ ଏକ ବିରାଟ ସମାବେଶ ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ ଉପସଭାପତି କାର୍ତ୍ତିକ ସା, ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ଷାଣ୍ଢ, ବରଗଡ଼ ବ୍ଲକ ସଭାନେତ୍ରୀ ବାଳି ଭୁଏ, ସମ୍ପାଦିକା ମାମି ସାହୁ, ଜିଲା ସମ୍ପାଦିକା ଯାଜ୍ଞସେନୀ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁରୀ କୋଶଳୀ କବିତା ସଂକଳନ 'ମାର୍ଟି କହଁର୍' ଉନ୍ମୋଚିତ

**ପାଇକମାଳ,୧୩।୪(ବଡ଼ ଶତପଥୀ)**



କବି ସୁଦାମ କନ୍ଧେରଙ୍କ ରଚିତ ସମ୍ବଲପୁରୀ କୋଶଳୀ କବିତା ସଂକଳନ 'ମାର୍ଟି କହଁର୍' ଡୁମରେବାହାଲ ସ୍କୁଲର ବାର୍ଷିକ ଉତ୍ସବ ଅବସରରେ ସୋମବାର ଉନ୍ମୋଚିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ହୃଷୀକେଶ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିତା ସଂକଳନକୁ ଉନ୍ମୋଚନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଡେପୁଟି ଡାଇରେକ୍ଟର କଲ୍ୟାଣୀ ଦାଶ ମୁଖ୍ୟବକ୍ତା, ସାମାଜିକ କର୍ମୀ ଟାଇଲ ଚନ୍ଦ୍ର ଭୋଇ, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ଧଲେନ୍ଦ୍ର ବାରିକ, ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସଭାରେ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ତଥା ସମ୍ବଲପୁରରୁ ପ୍ରକାଶ ପାଉଥିବା ଦୈନିକ ଜନମୁଖ ଖବରକାଗଜର ପୂର୍ବତନ ସହ ସମ୍ପାଦକ ବନବସ ସାହୁ ଏହି କବିତା ସଂକଳନ 'ମାର୍ଟି କହଁର୍'ର ପାଠକୀୟ ଅଭିମତ ଦେଇ କହିଥିଲେ ଯେ, ବଣର ମଲ୍ଲି ବଣରେ ଫୁଟି ଯେମିତି ଶୁଖି ଶୁଖି ମରିଯାଏ, ତା'ର ବାସ୍ନାକୁ ଯେମିତି କେହି ଜାଣି ପାରନ୍ତି ନାହିଁ ଓ ତା'ର ଠିକ ବ୍ୟବହାର ହୋଇପାରେ ନାହିଁ। ଜନବସତି ଅଞ୍ଚଳରେ କିମ୍ବା ନିକଟରେ ଏହା ଥିଲେ କେଉଁ ଦେବଦେବୀଙ୍କ ବେକର ମାଳ ହୋଇ ଶୋଭା ପାଉଥାନ୍ତା ଆଉ କେତେ ଯେ ଲୋକଙ୍କର ଆଦର ସତ୍କାର ପାଉଥାନ୍ତା। ଠିକ ସେମିତି ଏହି କବିତା ସଂକଳନ 'ମାର୍ଟି କହଁର୍' ଓ ଡୁମରେବାହାଲ ସ୍କୁଲରେ ସହକାରୀ ଶିକ୍ଷକ ଥିବା ଏହି କବିତା ସଂକଳନର କବି ସୁଦାମ କନ୍ଧେର ବଣ ମଲ୍ଲି ସଦୃଶ।

## ଋତୁକାଳୀନ ଛାତ୍ରାବାସ ନିରୀକ୍ଷଣ କଲେ ବିଶେଷଜ୍ଞ ଦଳ

**ଝାରବନ୍ଧ,୧୩।୪(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଚାଲୁଥିବା ଋତୁକାଳୀନ ଛାତ୍ରାବାସକୁ ବିଶେଷଜ୍ଞ ଦଳ ନିରୀକ୍ଷଣ କରିଛନ୍ତି। ଏଥିରେ କଟକର ଆଇନ ବିଶ୍ୱବିଦ୍ୟାଳୟର ସରକାରୀ ଗବେଷକ ମିଳନ କୁମାର ଭୋଇ, ବରଗଡ଼ ଜିଲା ଶ୍ରମ ଆଯୁକ୍ତ ଅଧିକାରୀ ଅରବିନ୍ଦ ହାତୀ, ହେମନ୍ତ କୁମାର ଭୋଇ, ଝାରବନ୍ଧ ବିଇଓ ଶୁଭମ କୁମାର ପତି, ସିଆର୍‌ସିସି ଦୟାନିଧି କୈବର୍ତ୍ତ ପ୍ରମୁଖ ସାମିଲ ଥିଲେ। ଛାତ୍ରାବାସର ସାମଗ୍ରୀ ମୂଲ୍ୟାୟନ କରି ପିଲାଙ୍କ ଶିକ୍ଷାକୁ ସୁନିଶ୍ଚିତ, ଆନନ୍ଦ ଦାୟୀ, ସୁଦୃଢ଼ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

**ଅତାବିରା,୧୩।୪(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପ–ଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ମହନ୍ତ, ଅତାବିରା ବିଡିଓ ରିପୁନାଥ ସୁନା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ ଏବଂ ବ୍ଲକ ଉପାଧ୍ୟକ୍ଷ ଅନନ୍ତ ମେହେର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ସମୁଦାୟ ୯୮ ଗୋଟି ଅଭିଯୋଗ ମଧ୍ୟରୁ ୬୩ ବ୍ୟକ୍ତିଗତ ଏବଂ ୩୫ ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

**ବରଗଡ଼,୧୩।(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଗାନ୍ଧୀଛକରେ ସୋମବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେଙ୍କ ପ୍ରତି ଆସାମ ମୁଖ୍ୟମନ୍ତ୍ରୀଙ୍କ ଅଶାଳୀନ ଟିପ୍ପଣୀ ବିରୋଧରେ ଏହି ବିକ୍ଷୋଭ ପ୍ରଦର୍ଶନ ସହିତ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂହଙ୍କ ନେତୃତ୍ୱରେ ଅନନ୍ତ ଶୟନ ପାଢ଼ୀ, କିଶୋର ଦଫାଦାର, ବ୍ରହ୍ମାନନ୍ଦ ମହାକୁଡ଼, ପ୍ରଦୀପ ଦେବତା, ପ୍ରତାପ ଚନ୍ଦ୍ର ନାୟକ, ଆନନ୍ଦ ପ୍ରଧାନ, ପାଣ୍ଡବ କର୍ଣ୍ଣ, ଶୁଭେନ୍ଦୁ ସାହୁ, ଅଶୋକ କୁମାର ଦାଶ, ରବିନାରାୟଣ ଦାଶ, କିଶୋର ସାହୁ, ସୁନୀତା ବାଗ, ସଂଗ୍ରାମ ନେପାକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶ୍ରମ ସ୍କୁଲ କର୍ମଚାରୀଙ୍କୁ ମିଳିନି ବକେୟା ପ୍ରାପ୍ୟ

**ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ରହିଥିବା ବିଭିନ୍ନ ଆଶ୍ରମ ତଥା ସେବାଶ୍ରମ ସ୍କୁଲ କର୍ମଚାରୀ(ଏଲ୍‌ସିସିଏ)ମାନଙ୍କୁ ଦୀର୍ଘବର୍ଷ ହେଲା ସେମାନଙ୍କ ବକେୟା ପ୍ରାପ୍ୟ ମିଳିପାରି ନାହିଁ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସମ୍ପୃକ୍ତ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଏଲସିସିଏ କର୍ମଚାରୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ଦାବିପତ୍ର ଦେଇ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସମ୍ପୃକ୍ତ ଏଲ୍‌ସିସିଏ କର୍ମଚାରୀମାନେ ଜିଲାରେ ରହିଥିବା ଏସ୍‌ସି, ଏସ୍‌ଟି ଆଶ୍ରମ ତଥା ସେବାଶ୍ରମ ସ୍କୁଲରେ ଦୀର୍ଘବର୍ଷ ହେଲା କାମ କରି ଆସୁଛନ୍ତି। ତେବେ ସେମାନଙ୍କୁ ଏପର୍ଯ୍ୟନ୍ତ ବର୍ଦ୍ଧିତ ବକେୟା ପ୍ରାପ୍ୟରାଶି ମିଳିପାରି ନାହିଁ। ଜଣ ପ୍ରତି ପ୍ରାୟ ୧୬ହଜାର ୭୪ଟଙ୍କା ଲେଖାଏ ବର୍ଦ୍ଧିତ ରାଶି ପାଇବାର ବାକି ରହିଛି ବୋଲି କର୍ମଚାରୀମାନେ କହିଛନ୍ତି। ତେବେ ସେମାନେ ଏ ନେଇ ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲୁଓ)ଙ୍କୁ ବାରମ୍ବାର ଅବଗତ କରି ଆସିଛନ୍ତି। ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ ୩ଜଣ ଡିଡବ୍ଲୁଓ ବଦଳି ହୋଇ ସାରିଛନ୍ତି। କିନ୍ତୁ ସେମାନଙ୍କୁ ବର୍ଦ୍ଧିତ ବକେୟା ପ୍ରାପ୍ୟରାଶି ମିଳି ପାରି ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ପାଇବାରେ ଅତିରିକ୍ତ ଜିଲାପାଳ ସାହୁ ତତ୍କାଳ ଡିଡବ୍ଲୁଓଙ୍କୁ ଫୋନ କରି ସେ ନେଇ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀଙ୍କ ମଧ୍ୟରେ ନିରେଶ ମାଝି, ଉର୍ମିଳା ଭୋଇ, ପଦ୍ମାଳୟା ବରିହା, ଜାନକୀ ବରିହା, ବନିତା ବିଶ୍ୱାଳ, ପଦ୍ମା ମିର୍ଦ୍ଧା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ସେମାନଙ୍କ ସହିତ ସାମାଜିକ କର୍ମୀ ଶିବାନନ୍ଦ ମଟାରୀ, ଭବାନୀ ସାହୁ ପ୍ରମୁଖ ରହିଥିଲେ।

## କ୍ରିକେଟ୍ ପ୍ରତିଯୋଗିତା:ଜିରା କଲୋନୀ ଫାଇଟର ଚାମ୍ପିୟନ

**ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ– ୧ ଜୀରା କଲୋନି ଖେଳ ପଡ଼ିଆରେ ପ୍ରିମିୟର ଲିଗ ଫ୍ଲଡ ଲାଇଟ କ୍ରିକେଟ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଜୀରା କଲୋନି କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ କ୍ଲବର ସଭାପତି ଦେବବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସୁମିତ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ରଜକ ସେବା ସମିତିର ଅଧ୍ୟକ୍ଷ ଅର୍ଜୁନ ସେଟା ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ଯୁବନେତା ଉଦ୍ଧବ ସେଟ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଗଣପତି ଫାଇଟର, ରାମ ସେନା, ରିହାନ ଇଲେଭେନ ଏବଂ ଜୀରା କଲୋନି ଫାଇଟର ଦଳ ଅଂଶଗ୍ରହଣ କରିଥିଲେ। ଜୀରା କଲୋନି ଫାଇଟର ଓ ରାମ ସେନା ଦଳ ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଥିଲେ। ରାମ ସେନା ନିର୍ଦ୍ଧାରିତ ୮ ଓଭରରେ ୯୬ ରନର ଟାର୍ଗେଟ ଦେଇଥିଲା। ଜୀରା କଲୋନି ଫାଇଟର୍ ୭.୨ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁଜିତ୍ ମେହେର, ରାଜା ବାବୁ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ସମସ୍ୟା ସମାଧାନ ପାଇଁ ସିଲାଟ ପହଞ୍ଚିଲେ ସ୍ୱତନ୍ତ୍ର ଟିମ୍

**ଅତାବିରା,୧୩।୪(ଯୁଧିଷ୍ଠିର ମହାପାତ୍ର)**


ସିଲାଟ ଗ୍ରାମରେ ସ୍ୱତନ୍ତ୍ର ଟିମ୍ ତ୍ରିପାକ୍ଷିକ ଆଲୋଚନା କରୁଛନ୍ତି।

ଅତାବିରାରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସିଲାଟ ଗ୍ରାମର ଅଭିଯୋଗକାରିଣୀ ଚାରି ଭଉଣୀ ଓ ତାଙ୍କ ପଡ଼ାବାସୀଙ୍କ ମଧ୍ୟରେ ଘରବାଡ଼ି ବିବାଦର ଅଭିଯୋଗ ରହିଥିଲା। ଏହି ସମସ୍ୟାର ସମାଧାନ ପାଇଁ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ ପାଇ ଏହି ଘଟଣାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତାବିରା ତହସିଲଦାର କେ. ରିଟୀ କୁମାରଙ୍କ ନେତୃତ୍ୱରେ ଆଇଆଇସି ପ୍ରକାଶ କର୍ଣ୍ଣ, ଗୋଡ଼ଭଗା ଜୋନ ରାଜସ୍ୱ ପରିଦର୍ଶକ ଯୋଗେନ୍ଦ୍ର ମହାନନ୍ଦ, ସିଲାଟ ରାଜସ୍ୱ ନିରୀକ୍ଷକ ଅଜିତ ପ୍ରଧାନ ପୋଲିସ ଫୋର୍ସ ସହ ସାଢେ ୪ଟାରେ ଘଟଣାସ୍ଥଳରେ ପହଞ୍ଚି ସିଲାଟ ଗ୍ରାମବାସୀ, ଅଭିଯୋଗକାରୀ, ପୂର୍ବ ଜମି ମାଲିକ ଉତ୍ତରାଧିକାରୀଙ୍କ ସହ ତ୍ରିପାକ୍ଷିକ ଆଲୋଚନା କରିଥିଲେ। ଅଭିଯୋଗ ଅନୁସାରେ, ୧୯୮୭ରେ ବେଦମତୀ ତାଣ୍ଡିଆଙ୍କ ସ୍ୱାମୀ ନୀଳକଣ୍ଠ ତାଣ୍ଡିଆ ଗ୍ରାମର ଅପୂର୍ବ କ୍ଷେତିଙ୍କଠାରୁ ଘର କିଣିଥିଲେ। ସେହିଦିନଠାରୁ ସେମାନେ

### ଘରବାଡ଼ି ବିବାଦ

ସେହି ୪ ଡିସିମିଲ ସହ ଅତିରିକ୍ତ ୪ ଡିସିମିଲ ବିକ୍ରେତାଙ୍କ କହିବା ଅନୁସାରେ ଚାଷ କରି ଦଖଲରେ ରଖି ପାଚେରି ନିର୍ମାଣ କରିଥିଲେ। ତେବେ ବର୍ତ୍ତମାନ ତାଙ୍କ ପଡ଼ାବସୀ ଉକ୍ତ ଅତିରିକ୍ତ ୪ ଡିସିମିଲ କ୍ଲବ କରିବାକୁ ଅପୂର୍ବ କ୍ଷେତି ଗ୍ରାମକୁ ଦାନ କରିଥିଲେ ବୋଲି କହି ଅଭିଯୋଗକାରୀଙ୍କୁ ଘର ନିର୍ମାଣ ବାରଣ କରିଥିଲେ। ଏହାକୁ ନେଇ ଗଣ୍ଡଗୋଳ ପରିସ୍ଥିତି ହେବାରୁ ଅତାବିରା ଥାନାରେ ନଂ.୪୯/୨୬ରେ ଅଭିଯୋଗକାରୀ ଏତଲା ଦେଇଥିଲେ। ଏପରି ସ୍ଥଳରେ ପୁଣି ରବିବାର ଗଣ୍ଡଗୋଳ ପରିସ୍ଥିତି ଉପୁଜିବାରୁ ଗତ ରାତ୍ରିରେ ପୋଲିସ ପହଞ୍ଚି ଶାନ୍ତ କରିଥିଲେ। ସୋମବାର ଏହାକୁ ନେଇ ସ୍ୱର୍ଗତ ନୀଳକଣ୍ଠଙ୍କ ୪ ଝିଅ ଜିଲାପାଳଙ୍କ ମିଳିତ ଜନ ଶୁଣାଣିରେ ଅଭିଯୋଗ କରିଥିଲେ। ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଦଳ ଶେଷରେ ସ୍ୱର୍ଗତ ଅପୂର୍ବ କ୍ଷେତିଙ୍କ ବଂଶଧରଙ୍କ ଉପରେ ଅତିରିକ୍ତ ୪ ଡିସିମିଲ ଜମି ମାଲିକାନା ନେଇ ନିଷ୍ପତ୍ତି ନେବାକୁ କହିଥିଲେ। ହେଲେ ଏହାର କୌଣସି ନିର୍ଯ୍ୟାସ ନ ଆସିବା ଯାଏ ଉଭୟ ପକ୍ଷଙ୍କ ଉପରେ ଉକ୍ତ ଘରଡ଼ିହ ଉପରେ ରୋକ ଲଗାଇଛନ୍ତି। ତେବେ ଯେହେତୁ ସ୍ୱର୍ଗତ ଅପୂର୍ବ କ୍ଷେତିଙ୍କ ସିଧାସଳଖ ଉତ୍ତରାଧିକାରୀ ନାହାନ୍ତି ତେଣୁ ଦୀର୍ଘ ୩୯ ବର୍ଷ ଧରି ଦଖଲରେ ଥିବା ଅଭିଯୋଗକାରୀଙ୍କୁ ଉକ୍ତ ଜମିରେ ଘର କରିବାକୁ ଅନୁମତି ଦେବା ପାଇଁ ପ୍ରଶାସନ ପାଖରେ ନିବେଦନ କରିଛନ୍ତି। ଅନ୍ୟ ପଟେ ପ୍ରତିପକ୍ଷ ସିଲାଟ ଗ୍ରାମର ସମ୍ପୃକ୍ତ ପଡ଼ାବାସୀ ମଧ୍ୟ ସେହି ଜମିରେ କ୍ଲବ କରିବାକୁ ଅଡ଼ି ବସିଛନ୍ତି।

## ନାମଯଜ୍ଞରେ ସଂକୀର୍ତ୍ତନ କଳାକାରଙ୍କୁ ସମ୍ବର୍ଦ୍ଧନା

**ବରଗଡ଼,୧୩।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ନିଗମାନନ୍ଦ ବିହାରଠାରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆଖପାଖ ଅଞ୍ଚଳରେଳ ୬ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାର ଯୋଗ ଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଆଇନଜୀବୀ ଅନୁପ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବରପାଲି ବ୍ଲକ ତୁଲଣ୍ଡି ସଂକୀର୍ତ୍ତନ ମଣ୍ଡଳୀ ଓ ବରପାଲି ବ୍ଲକ ଅଏଁଲାପାଲି ସଂକୀର୍ତ୍ତନ ମଣ୍ଡଳୀର ଗାୟକ ଓ ବାୟକଙ୍କ ସମେତ ବିଶିଷ୍ଟ ସଂକୀର୍ତ୍ତନ ଗୁରୁ ମକରଧ୍ୱଜ ସାହୁ ଏବଂ ଅନ୍ୟ କଳାକାରଙ୍କୁ ପଡ଼ାର ମହିଳା ମଣ୍ଡଳୀ ସମ୍ବର୍ଦ୍ଧିତ କରିଥିଲେ। ଉନ୍ନୟନ କମିଟିର ସଭାପତି ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ ଉପ ସଭାପତି ଅର୍ଜୁନ ସେଟ, ସମ୍ପାଦକ ଟିକେଲାଲ ନାଏକ, ନିଗମାନନ୍ଦ ବିହାର ସଂକୀର୍ତ୍ତନ ମଣ୍ଡଳୀର ଅଧ୍ୟକ୍ଷ ବାଙ୍କା ବିହାରୀ ସାହୁ, ନାମଯଜ୍ଞ କମିଟି ଅଧ୍ୟକ୍ଷ ଚନ୍ଦ୍ର ଶେଖର କର୍ମ, ସମ୍ପାଦକ ମୃତ୍ୟୁଞ୍ଜୟ ମିଶ୍ର, କୋଷାଧ୍ୟକ୍ଷ କୁଞ୍ଜ ବିହାରୀ ଭୋଇ, ଦୁର୍ଗାପୂଜା କମିଟି ସମ୍ପାଦକ ନବୀନ ସାବତ ଏବଂ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲୁଟ୍ ଯୋଜନା ପଣ୍ଡ, ୪ ଗିରଫ

ସୁନ୍ଦରଗଡ,୧୩।୪(ଜୟ ନାରାୟଣ ମେଣ୍ଡୁଲି)

ବିଜୁ ଏକ୍ସପ୍ରେସ ୱେରେ ରାତିରେ ଚଳାଚଳ କରୁଥିବା ଯାନବାହନ ଗୁଡିକରୁ ସଙ୍ଗଠିତ ଭାବେ ଡକାୟତି ଯୋଜନା କରୁଥିବା ବେଳେ ସୁନ୍ଦରଗଡ ସଦର ଥାନା ପୋଲିସ ସୋମବାର ଭୋର୍ ସମୟରେ ଏକ ଗ୍ୟାଙ୍ଗର ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ଜପଙ୍ଗାର ଏକାନ୍ତ ନାଏକ(୧୯), ଭେଡାବାହାଲ ଗ୍ରାମର ରୋହନ ପଟେଲ(୨୨), କରମଡିହିର ଅଙ୍କିତ ବେହେରା(୨୧) ଏବଂ ରିୟନ ନାଏକ (୧୯)। ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି, ଲୁହା ଛଡ, ଲାଠି ଆଦି ମାରଣାସ୍ତ୍ର ସମେତ ଲଙ୍କା ଗୁଣ୍ଡ, ୬ଟି କଳାମୁଖା, ମଦ ବୋତଲ, ଗୋଟିଏ ବୁଲେଟ ଓ ଗୋଟିଏ ଇଲେକ୍ଟ୍ରି ସ୍କୁଟି ଜବତ ହୋଇଛି। ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ସଦର ଥାନାରେ ବିଏନ୍ଏସ୍ ଦଫା ୩୧୦(୪), ୩୧୦(୫) ଓ ୨୫ ଆର୍ମସ ଆକ୍ଟରେ ଏକ ମାମଲା (ନଂ.୨୦୫/୨୬) ରୁଜୁ କରିଛି। ଏ ନେଇ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ସୋମବାର ଅପରାହ୍ନରେ ସଦର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ ସୂଚନା ଦେଇ କହିଥିଲେ, ରାଜ୍ୟ ରାଜପଥ-୧୦ ବିଜୁ ଏକ୍ସପ୍ରେସ ୱେରେ ରସରାଜପୁର ନିକଟ ଏକ ନିଛାଟିଆ ସ୍ଥାନରେ କିଛି ଯୁବକ ଏକତ୍ରିତ ହୋଇ ଆପରାଧିକ କାର୍ଯ୍ୟ ଘଟାଇବା ପାଇଁ ଯୋଜନା କରୁଥିବା ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ପୋଲିସ ପାଟ୍ରୋଲିଂ ଟିମ୍ ଏବଂ ସଦର ଥାନା ପୋଲିସ ଘଟଣାସ୍ଥଳରେ ଅତର୍କିତ ଚଢ଼ାଉ କରି ୪ଜଣ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରା ବେଳେ ସେମାନେ ଏହି ରାସ୍ତାରେ ଚଳାଚଳ କରୁଥିବା ଯାନବାହନଗୁଡିକୁ ଅଟକାଇ ଲୁଟ୍ ଯୋଜନା କରୁଥିବା କଥା ସ୍ୱୀକାର କରିଥିଲେ ବୋଲି ଏସ୍‌ଡିପିଓ କହିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି । ଏସ୍‌ପି ଅମ୍ରିତ ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ମହାପାତ୍ର ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

**ଦେଶୀ ବନ୍ଧୁକ, ମାରଣାସ୍ତ୍ର ଓ ୨ ବାଇକ୍ ଜବତ**

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

କୁଆଁରମୁଣ୍ଡା,୧୩।୪ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ତଳସରା ନିକଟ ୧୪୩ ନମ୍ବର ଜାତୀୟ ରାଜପଥର ପାକେରଟୋଲିରେ ରବିବାର ରାତି ପ୍ରାୟ ସାଢ଼େ ୮ଟାବେଳେ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଅନ୍ଧାରୀ ପଞ୍ଚାୟତ ଅନ୍ତର୍ଗତ ଧାଙ୍ଗରିନଟା ଗ୍ରାମ ପାକେରଟୋଲିର ମାରୀୟମ ବାର୍ଲା (୫୫)। ଖବର ପାଇ ବୀରମିତ୍ରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଜଣା ଗାଡ଼ି ଧକ୍କାରେ ଦୁର୍ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣି ତଦନ୍ତ ଜାରି ରଖିଛି।

## ଓଡ଼ିଆ ପକ୍ଷ ନେଇ ପାରମ୍ପରିକ ଖାଦ୍ୟ ଦିବସ


ମହିଳାମାନେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶିତ କରୁଛନ୍ତି।

ସୁନ୍ଦରଗଡ଼,୧୩।୪(ଜୟ ନାରାୟଣ ମେଣ୍ଡୁଲି) ଓଡ଼ିଆ ପକ୍ଷ ପାଳନର ୧୩ତମ ଦିବସକୁ ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ ଆମ ରୁଚି ଆମ ଖାଦ୍ୟ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲାରେ ସୋମବାର ବିଭିନ୍ନ ସ୍ଥାନରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରାଯାଇ ଏହି ଦିବସକୁ ପାଳନ କରାଯାଇଛି। ଏହି ଅବସରରେ ଅତିଥିମାନେ କହିଥିଲେ ଯେ , ଆମ ପାରମ୍ପରିକ ଖାଦ୍ୟ କେବଳ ଯେ ସ୍ୱାଦ ଦୃଷ୍ଟିରୁ ଉନ୍ନତ ତାହା ନୁହେଁ ବରଂ ସ୍ୱାସ୍ଥ୍ୟ ଓ ଶରୀର ମଧ୍ୟ ଲାଭ ଦାୟକ। କାରଣ ଏହି ସବୁ ଖାଦ୍ୟ ଗୁଡ଼ିକରେ କୌଣସି ରାସାୟନିକ ଦ୍ରବ୍ୟର ବ୍ୟବହାର କରାଯାଇ ନ ଥାଏ। ସେହିଭଳି ଆମ ହାଣ୍ଡିଶାଳରୁ ହଜି ଯାଉଥିବା ଏହିସବୁ ବ୍ୟଞ୍ଜନଗୁଡ଼ିକୁ ତଥା ଅନେକ ପାରମ୍ପରିକ ପିଠା, ପଣା ଆଦିକୁ ଆଜିର ପିଢ଼ି ମଧ୍ୟରେ ପୁନଃ ଆଦୃତ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅତିଥିମାନେ ଏବଂ ଅଂଶଗ୍ରହକାରୀ ମାନେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟ ବ୍ୟଞ୍ଜନ, ପିଠାପଣା ଆଦିର ମଜା ନେଇଥିଲେ।

## ଡାକ୍ତର ପଦାରବିନ୍ଦ ମିଶ୍ରଙ୍କ ପରଲୋକ



ସୁନ୍ଦରଗଡ,୧୩।୪( ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସହରର ଜଣାଶୁଣା ସ୍ୱନାମଧନ୍ୟ ଡାକ୍ତର ପଦାରବିନ୍ଦ ମିଶ୍ରଙ୍କ ସୋମବାର ଭୋରରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ରୋଗୀ ସେବା କ୍ଷେତ୍ରରେ କେବଳ ସୁନ୍ଦରଗଡ ନୁହେଁ, ସମଗ୍ର ପଶ୍ଚିମ ଓଡ଼ିଶା ତଥା ପଡୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡଖଣ୍ଡ ଅଞ୍ଚଳରେ ମଧ୍ୟ ତାଙ୍କର ସୁନାମ ରହିଥିଲା। ସୁନ୍ଦରଗଡ ଜିଲାରେ ତାଙ୍କର ଡାକ୍ତର ଚାକିରୀ ଜୀବନ ସରିବା ପରେ ମଧ୍ୟ ତାଙ୍କ ବାସ ଭବନରେ ରୋଗୀ ସେବାକୁ ଏକ ବ୍ରତ ଭାବେ ପାଳନ କରି ରୋଗୀ ସେବା କରୁଥିଲେ। ପରଲୋକଗତ ଖବର ଜଣାପଡିବା ପରେ ସୁନ୍ଦରଗଡ଼ ସ୍ଥିତ ରଙ୍ଗାଡିପାଠାରେ ତାଙ୍କ ବାସଭବନରେ ଶେଷଦର୍ଶନ ପାଇଁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ, ରାଜଗାଙ୍ଗପୁର ବିଧାୟକ ଡା.ରାଜେନ ଏକ୍କା, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଭାଜପା ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ପୂର୍ବତନ ବାଚସ୍ପତି, ମନ୍ତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟକ କିଶୋର ଚନ୍ଦ୍ର ପଟେଲ, କଂଗ୍ରେସ ନେତା ରାଜକିଶୋର ଷଡ଼ଙ୍ଗୀ, ବେଣୁମାଧବ ତ୍ରିପାଠୀ, ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ରାଜକୁମାର ପଟ୍ଟନାୟକ, ଜିଲା ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ମୁଖ୍ୟ ଚିକିସାଧିକାରୀ ଡାକ୍ତର ମହାନ୍ତି, ଟ୍ରକ ମାଲିକ ସଂଘ ପକ୍ଷରୁ ଜ୍ଞାନ ହୋତା, ଭାଜପାର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ଜଗବନ୍ଧୁ ବେହେରା, ପ୍ରଫୁଲ୍ଲ ସୁନ୍ୟାନୀ, ରାଉରକେଲା ବିଧାୟକ ପ୍ରାର୍ଥୀ ନିହାର ରାୟ, ରାଉରକେଲା ଭାଜପା ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ସୁନ୍ଦରଗଡ ଭାଜପା ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଗୁରିନ୍ଦର ସିଂହ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଯଶବନ୍ଧୁ ନାଏକ, ରାଜ୍ୟ ଉପସଭାପତି ସଂଖ୍ୟାଲଘୁ ମୋର୍ଚ୍ଚା କୁଲଦୀପ ସିଂହ, ସୁନ୍ଦରଗଡ ସହର ତଥା ଜିଲାର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତା ତଥା ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଡାକ୍ତର ମିଶ୍ରଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କର ଅନ୍ତିମ ସମୟରେ ତାଙ୍କ ପୁଅ ବୀରକିଶୋରମିଶ୍ର, ନଟକିଶୋର ମିଶ୍ର, ବଟକିଶୋର ମିଶ୍ର, ବୋହୁ ସୁନ୍ଦରଗଡ ପୌରାଧକ୍ଷା ତନୟା ମିଶ୍ର, ଅନ୍ୟ ଦୁଇ ବୋହୁ ଓ ନାତି ନାତୁଣୀ, ପରିବାର ବର୍ଗ ଉପସ୍ଥିତ ଥିଲେ। ଇବ ନଦୀର ରାଣୀବଗିଚା ସ୍ଥିତ ସ୍ୱର୍ଗ ଦ୍ୱାରରେ ଡା. ମିଶ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଲହୁଣୀପଡା,୧୩।୪(ଦାଶରଥି ପଣ୍ଡା) ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତରେ ଓଡ଼ିଆ ପକ୍ଷ ଅବସରରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ପଞ୍ଚାୟତର ଏମ୍‌ବିକେଙ୍କ ତତ୍ତ୍ୱାବଧାନରେ ଏବଂ ସିଆର୍‌ପିମାନଙ୍କ ସହଯୋଗରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ପ୍ରକାରର ପିଠା ପ୍ରସ୍ତୁତ କରି ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଥିବା ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଜଣାପଡିଛି। ଏହି ଅବସରରେ ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ପରିସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଶଙ୍ଖପୋଷ ପଞ୍ଚାୟତ ସରପଞ୍ଚ ପ୍ରେମନାଥ ମୁଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏମ୍‌ବିକେ ସୁମିତ୍ରା ମାହାନ୍ତଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଘୁଷୁରିପୋଷ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ, ନନ୍ଦାପଡା ଗ୍ରାମର ମା' ସ୍ୱୟଂ ସହାୟକ ଗୋଷ୍ଠୀ, ଶଗଡ଼ିଆପୋଷ ଗ୍ରାମର କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ପ୍ରାୟ ୧୫ ପ୍ରକାରର ପିଠା ପ୍ରସ୍ତୁତ କରି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅହଲ୍ୟା ଗଞ୍ଜୁ, ଲଳିତା ଗଞ୍ଜୁ, ଯବତୀ ମୁଣ୍ଡା, ସବିତା ନାଗ, ଅଞ୍ଜନା ମାହାନ୍ତ, ସୁଭଦ୍ରା ମାହାନ୍ତ, ଦେବକୀ ମାହାନ୍ତ, ବୀଣା ମାହାନ୍ତ, ଶାନ୍ତିଲତା ତନ୍ତି, ଲକ୍ଷ୍ମୀ କିଷାନ ଓ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ସିଆର୍‌ପି ଲକ୍ଷ୍ମୀ କିଷାନ, ଅଞ୍ଜନା ମାହାନ୍ତ, ସେବତୀ ପାତ୍ରଙ୍କ ସମେତ ସମସ୍ତ ସିଆର୍‌ପି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡିଛି।

## ପୂଜା ପାଇଲେ ମା' ସିଙ୍ଗାରଦେଈ

ଲହୁଣୀପଡା,୧୩।୪ (ଦାଶରଥି ପଣ୍ଡା) ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କୁର୍ଡା ପଞ୍ଚାୟତ ଅନ୍ତର୍ଗତ ଲଲେଇ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ ତଟରେ ପୁରାତନ ସଂସ୍କୃତି ସମ୍ପନ୍ନ ପ୍ରକୃତିର ସୁନ୍ଦରତା ମଧ୍ୟରେ ଲୁଚି ରହିଥିବା ମା' ସିଙ୍ଗାରଦେଈ ପାହାଡ଼ର ପାଦଦେଶରେ ଅବସ୍ଥିତ ବଣେଇର ପ୍ରସିଦ୍ଧ ମା' ସିଙ୍ଗାରଦେଈଙ୍କ ଆସ୍ଥାନ। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଏପ୍ରିଲ ୧୩ ତାରିଖରେ ରାଜା ରାଜୁଡା ଅମଳରୁ ପୂଜା ପାଇ ଆସୁଥିବା ମା'ଙ୍କ ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି । କେବଳ ଗୋଟିଏ ଦିନ ସକାଳୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପୂଜାରେ ସୁନ୍ଦରଗଡ଼ ଜିଲା ସମେତ ଆଖପାଖ ଜିଲା ଓ ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ଆଦି ରାଜ୍ୟରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସକାଳୁ ଭକ୍ତମାନେ ବ୍ରାହ୍ମଣୀ ନଦୀରୁ ପୂର୍ଣ୍ଣ କଳସୀରେ ପବିତ୍ର ଜଳ ଆଣି ମା'ଙ୍କ ପାଖରେ ସ୍ଥାପନ କରିଥିଲେ। ମୁଖ୍ୟ ପୂଜକ ବାବୁ ଅମାତ ମା'ଙ୍କ ପୂଜାର୍ଚ୍ଚନା ନିଷ୍ଠାର ସହିତ ନୀତିକାନ୍ତି ଭାବେ ତୁଲେଇଥିଲେ। ଶୀତଳ ଭୋଗ ଲାଗି କରିବା ସହିତ ମାନସିକଧାରୀମାନେ ମାନସିକ ପୂରଣ ପାଇଁ ବଳି ଭୋଗ ମଧ୍ୟ ଅର୍ପଣ କରିଥିଲେ। କିମ୍ବଦନ୍ତୀ ଅନୁସାରେ ବଣେଇର ୪୮ତମ ରାଜା ଭିକାରୀ ଦେଓ ଚନ୍ଦ୍ରଦେବଙ୍କ ସମୟରେ ମା' ସିଙ୍ଗାରଦେଈଙ୍କ ପୂଜା ଆରମ୍ଭ କରିଥିଲେ ବୋଲି ଜନ ମାନସରେ ଶୁଣିବାକୁ ମିଳେ। ଏହି ପୂଜାରେ ଆଖପାଖ ଗ୍ରାମ ସମେତ ଜିଲା ବାହାରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

### ସିଏମ୍ ଟ୍ରଫିର ୪ର୍ଥ ଦିବସ ଲିଗ୍ ମ୍ୟାଚ୍

## ରାଇଜିଂ ଷ୍ଟାର, ଗର୍ଜନ, ଆର୍‌ଏସ୍‌ପି ଓ ଆଦିବାସୀ ୟୁଥ୍ କ୍ଲବ ବିଜୟୀ



ରାଉରକେଲା,୧୩।୪(ସଙ୍ଗୀତା ଜେନା)

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ୧୪ ବର୍ଷରୁ କମ୍ ବର୍ଗରେ ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଫୁଟବଲ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସଂସ୍କରଣ ବିଶ୍ରା ଛକସ୍ଥିତ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍‌ରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ୪ର୍ଥ ଦିବସ ଲିଗ୍ ମ୍ୟାଚ୍‌ରେ ଝିରପାଣି ଏଫ୍‌ସି ଓ ରାଇଜିଂ ଷ୍ଟାର ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଦଳ ୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ୱେଲଫେୟାର ୟୁଥ୍ କ୍ଲବ ଲାଇଙ୍ଗ ଓ ବୀରମିତ୍ରପୁର ଆଦିବାସୀ ୟୁଥ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦିବସୀ ୟୁଥ୍ କ୍ଲବ ୭ ଗୋଲରେ ବିଜୟୀ ହୋଇଥିଲା। ୩ୟ ମ୍ୟାଚ୍ ବାଳିକା ବର୍ଗରେ ପଦ୍ମପୁର ଓ ଗର୍ଜନ ଏଫ୍‌ସି ମଧ୍ୟରେ ହୋଇଥିଲା। ଏଥିରେ ଗର୍ଜନ ଦଳ ୨ ଗୋଲରେ ଜିତିଥିଲା। ୪ର୍ଥ ମ୍ୟାଚ୍ ଆର୍‌ଏସ୍‌ପି ଓ ପଦ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ପି ଦଳ ୧୨ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍ କମିଶନର ଭାବେ ଦୁର୍ଗାମାଧବ ନାୟକ, ରେଫରୀ ଭାବେ ରୋଷନ ଖାନ୍, ରାଜକୁମାର ପାଣିଗ୍ରାହୀ, ସନିକା ତିର୍କୀ, ଡମରୁ କିଷାନ, ଗୀତା କିଷାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସିଲେକ୍ଟର ଭାବେ ସଞ୍ଜୟ ବାବୁଟା, ଧନେଶ୍ୱର ତିର୍କୀ, କେଶବ ପ୍ରଧାନ, ବନମାଳି ଜମକିଆର ପ୍ରମୁଖ ଯୋଗ ଦେଇଥିଲେ। ଡିଏଏ ଉପସଭାପତି ରାଧାମୋହନ ନାୟକ, ବିଭୁଦତ୍ତ ବେହେରା, କାଉନସିଲ୍ ମେମ୍ବର ଗୋପୀନାଥ ପଣ୍ଡା ଖେଳ ପରିଚାଳନା କରିଥିଲେ।

## ୨୬ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ରାଉରକେଲା,୧୩।୪(ସଙ୍ଗୀତା ଜେନା)

**ବିଶ୍ରା ବ୍ଲକ**

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୪ଟି ସାମୂହିକ ଓ ୧୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସୁନ୍ଦରଗଡ଼ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ଲୋକମାନଙ୍କ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଜନଶୁଣାଣି ସମୟରେ ରାଶନ ବଣ୍ଟନରେ ଅନିୟମିତତା, ଆବାସ ଯୋଜନାରେ ପକ୍ଷପାତ, ପେୟଜଳ ସମସ୍ୟା ଓ ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା। ଜିଲାପାଳ ୨ଟି ଅଭିଯୋଗର ସମାଧାନ କରିଥିଲେ ଏବଂ ସମସ୍ତ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ବିଭାଗୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ସରକାରୀ କାମରେ ଦୁର୍ନୀତି ଜଣାପଡିଲେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ ମହାପାତ୍ର କହିଥିଲେ। ଜରାଇକେଲା, ବମ୍ଭୁଆ, କପାଟମୁଣ୍ଡା ସମେତ ଅନ୍ୟ ପଞ୍ଚାୟତର ଲୋକମାନେ ନିଜ ଅସୁବିଧା ପ୍ରଶାସନ ସମ୍ମୁଖରେ ରଖିଥିଲେ। ଜରାଇକେଲାର ସମିତି ସଦସ୍ୟ ସୋମନାଥ ରାହା ଅଭିଯୋଗରେ କରିଥିଲେ, ଦୁଇ ବର୍ଷ ତଳେ କୃଷକମାନଙ୍କ ପାଇଁ କରାଯାଇଥିବା ଡିପ୍ ବୋରିଂ କାମ ଆଜି ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏପର୍ଯ୍ୟନ୍ତ କୌଣସି ବୋରିଂରୁ ପାଣି ବାହାରି ନ ଥିବାରୁ ଏହି ପ୍ରକଳ୍ପ କେବଳ ଲୋକ ଦେଖାଣିଆ ହୋଇ ରହିଛି ବୋଲି ସେ ଅଭିଯୋଗ କରିଥିଲେ। ଭାଜପା ନେତା ସୁଭାଷ ମହାତୋ କୁକୁଡ଼ା ରେଳବାଇ ଫାଟକରୁ ପୋଗ୍ରାବାହାଲ ଗ୍ରାମ ପର୍ଯ୍ୟନ୍ତ ସଡ଼କରେ ଅତ୍ୟଧିକ ସ୍ପିଡ୍ ବ୍ରେକର୍ ନିର୍ମାଣ ଉପରେ ଆପତ୍ତି ଉଠାଇଥିଲେ। ସେ କହିଥିଲେ, ସାମାନ୍ୟ ଦୂରତାରେ ୧୧ଟି ସ୍ପିଡ୍ ବ୍ରେକର୍ ତିଆରି କରାଯାଇଛି। ଏଥିଯୋଗୁ ଯାତାୟାତରେ ଅସୁବିଧା ହେଉଛି। ଏହାକୁ ଗୁରୁତ୍ୱର ସହ ନେଇ ଜିଲାପାଳ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ସହ ଅନାବଶ୍ୟକ ସ୍ପିଡ୍ ବ୍ରେକର୍ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ରାଉରକେଲା ଉପଜିଲାପାଳ ବିଜୟ କୁମାର ନାୟକ, ଏସ୍‌ପି ନିତେଶ ୱାଧୱାନୀ, ପିଡି ସୁରଞ୍ଜନ ସାହୁ, ବିଶ୍ରା ବିଡିଓ ଜଗନ୍ନାଥ ହନୁମାନ, ଏବିଡିଓ ବସନ୍ତୀ ମାଝୀଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ରେଳଷ୍ଟେଶନରେ ଲାଗିଲା ୨୦୯ ଉନ୍ନତ ସିସି କ୍ୟାମେରା

ସମ୍ବଲପୁର,୧୩।୪(ପ୍ରମୋଦ ବହିଦାର)

ଯାତ୍ରୀଙ୍କ ସୁରକ୍ଷା ଏବଂ ରେଳ ଷ୍ଟେଶନ ପରିଚାଳନା କ୍ଷେତ୍ରରେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ ମଣ୍ଡଳ ପକ୍ଷରୁ ଏହା ଅଧିନ ବିଭିନ୍ନ ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକରେ ମୋଟ ୨୦୯ଟି ଉନ୍ନତମାନର ଅତିରିକ୍ତ ସିସି କ୍ୟାମେରା ଖଞ୍ଜାଯାଇ ନୀରିକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି। ବିଶେଷ କରି ଷ୍ଟେଶନରେ ଯାତ୍ରୀଙ୍କ ଭିଡ଼ ନିୟନ୍ତ୍ରଣ ସହିତ ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ସମ୍ପ୍ରସାରିତ ନେଟୱର୍କ ଜରିଆରେ ବାସ୍ତବ ସମୟ(ରିଅଲ-ଟାଇମ୍) ପରିସ୍ଥିତି ଉପରେ ନଜର ରଖାଯାଇପାରିବ। ଫଳରେ କୌଣସି ଅପ୍ରୀତିକର ପରିସ୍ଥିତିରେ ରେଳ କର୍ମଚାରୀ ଏବଂ ସୁରକ୍ଷା ବଳ ତୁରନ୍ତ ସୁରକ୍ଷା ଜନିତ ପଦକ୍ଷେପ ଗ୍ରହଣ କରିପାରିବେ। ଉନ୍ନତମାନର ମନିଟରିଂ ଦ୍ୱାରା ସନ୍ଦେହଜନକ ଗତିବିଧି ଚିହ୍ନଟ କରିବା ସହ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ଅଧିକ ସକ୍ଷମ ହୋଇପାରିବେ। ଏହି ପଦକ୍ଷେପ ଦ୍ୱାରା ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଓ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ପାଇଁ ରେଳ ମଣ୍ଡଳ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି।

## ହନୁମାନ ଜୟନ୍ତୀ, ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ବିନିକା, ୧୩।୪( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପଞ୍ଚାୟତ କୌଡ଼ିଆମୁଣ୍ଡା ଗ୍ରାମରେ ହନୁମାନ ଜୟନ୍ତୀ ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସୋମବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଶତାଧିକ ମହିଳା ସ୍ଥାନୀୟ କେନାଲରୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । କର୍ତ୍ତା ଭାବେ ଧର୍ମରାଜ ପଣ୍ଡା ଓ ତାଙ୍କ ପତ୍ନୀ ଦୀପା ପଣ୍ଡା ଓ ହନୁମାନ ଜୟନ୍ତୀ କର୍ତ୍ତା ଭାବେ ରଞ୍ଜନ ଷାଣ୍ଢ,ଦାୟିତ୍ୱ ନିର୍ବାହ କରୁଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ବୀର ବଜରଙ୍ଗ ଯୁବକ ସଂଘ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## କୋଟସମଲାଇ ଶ୍ରୀରାମଲୀଳା, ମହିରାବଣ ବଧ

ଅମରପାଲି,୧୩।୪(ପୀତାମ୍ବର ସାହୁ) ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ରଘୁନାଥ ମନ୍ଦିର ନିକଟରେ ଶ୍ରୀ ରଘୁନାଥ ନାଟ୍ୟ କଳାପରିଷଦ ତରଫରୁ ୭୫ବର୍ଷ ପ୍ଲାଟିନମ ଜୁବଲି ଶ୍ରୀରାମଲୀଳା ଉତ୍ସବ ଚାଲିଛି। ରବିବାର ରାତିରେ ନାଟ୍ୟ ସଂସଦ ଆନୁକୂଲ୍ୟରେ ମହିରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ପାତାଳ ପୁରରେ ମହିରାବଣଙ୍କ ରାଜୁତି, କାଳୀପୂଜା, ମହୀରାବଣଙ୍କ ବିଭିନ୍ନ ରୂପ, ପାତାଳ ଲୋକକୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେଇ ଗମନ, ହନୁମାନଙ୍କ ପାତାଳ ଗମନ, ହନୁମାନଙ୍କ ଦ୍ୱାରା ମହିରାବଣ ବଧ ଆଦି ବିଭିନ୍ନ ଦୃଶ୍ୟ ଅଭିନୀତ ହୋଇଥିଲା। ଶ୍ରୀରାମ ଭୂମିକାରେ ଭିକାରୀ ସେଠୀ, ଲକ୍ଷ୍ମଣ ନରେନ୍ଦ୍ର ବାଘ, ହନୁମାନ ଲକ୍ଷିନ୍ଦ୍ର ବସ୍ତିଆ,ବିଭିଷଣ ବିଭୀଷଣ ସେଠୀ, ମହିରାବଣ ପୂର୍ଣ୍ଣଚନ୍ଦ୍ର ପାତ୍ରୀ, ରାବଣ ଦିଗାମ୍ବର ଚୌଧୁରୀ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

### ସୁନ୍ଦରଗଡ଼ରେ ଆମେ ଜାଣିବା ଆମ ବଜେଟ୍ କାର୍ଯ୍ୟକ୍ରମ

## ଆର୍ଥିକ ଦୁର୍ବଳ, ଯୁବତୀଯୁବକ, ଅନ୍ନଦାତା, ନାରୀଶକ୍ତିକୁ ପ୍ରାଧାନ୍ୟ

ସୁନ୍ଦରଗଡ଼, ୧୩।୪(ଜୟ ନାରାୟଣ ମେଣ୍ଡୁଲି) ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିକାଶ ଭବନରେ ସୋମବାର ଆମେ ଜାଣିବା ଆମ ବଜେଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, ଜିଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ରାଉରକେଲା ଅତିରିକ୍ତ ଜିଲାପାଳ ଦୀନା ଦସ୍ତଗିର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସିଇଓ, ଡିଏମ୍‌ଏଫ୍ ସୁଷମା ବିଲୁଙ୍ଗ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ବଲପୁରର ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡା. ଉମା ଚରଣ ପତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଚଳିତ ବଜେଟ୍ ଉପରେ ଆଲୋଚନା କରିଥିଲେ। ପ୍ରମୁଖ ସଚିବ ରାଜପୁତ ବାର୍ଷିକ ବଜେଟ୍ ୨୦୨୬-୨୭ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ନିଜ ଅଭିଭାଷଣରେ କହିଥିଲେ, ଏହା ହେଉଛି ଜନସାଧାରଣଙ୍କର ବଜେଟ୍। ଏହି ବଜେଟ୍‌ରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି। ଏହା ଗ୍ରାମୀଣ ବିକାଶ, ମହିଳା ସଶକ୍ତୀକରଣ, କୃଷକ ସଶକ୍ତୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ, ଯୁବ ବିକାଶ, ଭିତ୍ତିଭୂମିର ବିକାଶ ଆଦି ଅନେକ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଜନସାଧାରଣଙ୍କୁ ବଜେଟ୍ ବିଷୟରେ ଜଣେଇବା, ପଲ୍ଲୀ ସଭା, ଗ୍ରାମ ସଭା ଆଦି ମାଧ୍ୟମରେ ଜନସାଧାରଣଙ୍କୁ ବଜେଟ୍‌ସମ୍ପର୍କରେ ଅବଗତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିଭଳି ଏହି ବଜେଟ୍ ମାଧ୍ୟମରେ ଜିଲା ତଥା ଲୋକଙ୍କ ଅନେକ ବିକାଶ ହୋଇପାରିବ ବୋଲି ସଚିବ ଆଶା ପ୍ରକଟ କରିଥିଲେ। ବାର୍ଷିକ ବଜେଟ୍ ୨୦୨୬-୨୭ରେ ଆର୍ଥିକ ଦୁର୍ବଳ, ଯୁବତୀଯୁବକ, ଅନ୍ନଦାତା, ନାରୀ ଶକ୍ତି ଆଦି ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏହାସହିତ ଏହି ବଜେଟ୍‌ରେ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ-୨୦୪୭ ଭିଜନ ଲକ୍ଷ୍ୟ ହାସଲ ପାଇଁ ସୁପରିକଳ୍ପିତ ବ୍ୟବସ୍ଥା କରାଯାଇଛି ବୋଲି ରାଜପୁତ କହିଥିଲେ। ମୁଖ୍ୟ ବକ୍ତା ଡ଼ା ପତି ବଜେଟ୍ ଉପରେ ଆଲୋଚନା କରିଥିଲେ। ବାର୍ଷିକ ବଜେଟ୍‌ର ଆବଶ୍ୟକତା, ଉଦ୍ଦେଶ୍ୟ, ବଜେଟ୍ କିଭଳି ଭାବେ ପ୍ରସ୍ତୁତ ହୋଇଥାଏ ଆଦି ଉପରେସେ ଆଲୋଚନା କରିଥିଲେ। ସେହିଭଳି କେନ୍ଦ୍ରୀୟ ବଜେଟ୍ ଓ ରାଜ୍ୟ ବଜେଟ ଉପରେ ମଧ୍ୟ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଉପସ୍ଥିତ ଅଧିକାରୀମାନେ ବଜେଟ୍‌ସଂକ୍ରାନ୍ତୀୟ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା, ପିଆର୍‌ଆଇ ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ ଜନ ପ୍ରତିନିଧି।

**ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍**

ଝାରସୁଗୁଡ଼ା, (ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ଟାଉନ୍ ଥାନା ଅନ୍ତର୍ଗତ କାପୁମାଲ ନର୍ମଦା କଲୋନି ନିକଟରେ ସୋମବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳା ଜଣଙ୍କ ହେଲେ ସ୍ଥାନୀୟ କଲୋନୀର ଲକ୍ଷ୍ମୀ ଶର୍ମା। ସନ୍ଧ୍ୟାରେ ସେ ରାସ୍ତାରେ ଯାଉଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ବେକରୁ ସୁନାଚେନ୍ ଲୁଟ୍‌କରି ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ସେ ଏସ୍‌ପିଙ୍କୁ ଜଣାଇବା ସହ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟର ଇଆର୍‌ପି ପ୍ରକ୍ରିୟା ଶୁଭାରମ୍ଭ

**ବେଲପାହାଡ଼, ୧୩।୪ (ସୁବାସ ଚନ୍ଦ୍ର ପ୍ରଧାନ)**

ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟର ଶୈକ୍ଷିକ ଓ ସହ ଶୈକ୍ଷିକ ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ଏକତ୍ର ସ୍ଥାନିତ କରିବା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ଦ୍ୱାରା ଉଦ୍ୟୋଗ ସମ୍ବଳ ଯୋଜନା (ଇଆର୍‌ପି) ପ୍ରକ୍ରିୟା ସୋମବାର ଶୁଭାରମ୍ଭ ହୋଇଛି। ଏଥିରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି କୁମାର ହେରମ୍ବ ନାରାୟଣ ନାଏକ, ସମ୍ପାଦକ ମନୋରଞ୍ଜନ ପାଣିଗ୍ରାହୀ, ଉପସଭାପତି ଶୁଭାଶିଷ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ବିଦ୍ୟାଳୟର ଉନ୍ନତି ପାଇଁ ତତ୍ପରତା ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାଏକ ଇଆର୍‌ପି ପ୍ରକ୍ରିୟାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସହକାରୀ ପ୍ରଧାନ ଶିକ୍ଷକ ରଘୁନାଥ ନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଠାକୁର ଧନ୍ୟବାଦ ଦେଇଥିଲେ।

# ଭଙ୍ଗାଗଲା ୧୫ରୁ ଊର୍ଦ୍ଧ୍ୱ ବିପଦପୂର୍ଣ୍ଣ ଗୃହ

**ଝାରସୁଗୁଡ଼ା, ୧୩।୪ (ଆଶିଷ ରଞ୍ଜନ ଦାଶ)**



ବିପଦସଙ୍କୁଳ ଗୃହ ଭଙ୍ଗାଯାଉଛି।

ଝାରସୁଗୁଡ଼ା ସହରର ବିଭିନ୍ନ ସ୍ଥାନରେ ବହୁ ପୁରାତନ ଗୃହ ଓ ଅଟ୍ଟାଳିକା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯେକୌଣସି ମୁହୂର୍ତ୍ତରେ ସେଗୁଡ଼ିକ ଭୁଶୁଡ଼ି ପଡି ଜୀବନହାନି ଘଟିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଗୃହଗୁଡ଼ିକ ଭାଙ୍ଗିବା ପାଇଁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ସୋମବାର ଝାରସୁଗୁଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ଉପସ୍ଥିତିରେ ୧୫ରୁ ଊର୍ଦ୍ଧ୍ୱ ବିପଦପୂର୍ଣ୍ଣ ଗୃହକୁ ଭାଙ୍ଗି ଦିଆଯାଇଛି। ଆଗାମୀ ଦିନରେ ସହରର ବିଭିନ୍ନ ରାସ୍ତାପାର୍ଶ୍ୱ ଏବଂ ଡ୍ରେନ୍ ଉପରେ କରାଯାଇଥିବା ବେଆଇନ ଜବରଦଖଲ ଉଚ୍ଛେଦ କରାଯିବ। ସହରର ମୁଖ୍ୟ ରାସ୍ତାଗୁଡ଼ିକରେ ହେଉଥିବା ଟ୍ରାଫିକ୍ ଜାମ୍ ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ସହରରେ ଥିବା ବିପଦସଙ୍କୁଳ ଗୃହ ଭଙ୍ଗାଯିବା ପାଇଁ ପୌରପାଳିକା ପକ୍ଷରୁ ୧୬।୧।୨୦୨୫ରେ ଗୃହ ମାଲିକଙ୍କୁ ନୋଟିସ ଜାରି କରାଯାଇଥିଲା। ଏଥିସହ ଉକ୍ତ ଅଞ୍ଚଳଗୁଡ଼ିକରେ ମାଇକ୍ ଯୋଗେ ପ୍ରଚାର କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବା ସହ ଅସୁରକ୍ଷିତ ଅଟ୍ଟାଳିକା ଖାଲି କରିବାକୁ କୁହାଯାଇଥିଲା। ଏହାସତ୍ତ୍ୱେ କେତେକ ସ୍ଥାନରେ ଲୋକମାନେ ଏହାକୁ ମାନି ନ ଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଏନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ପୌରପାଳିକା ଦ୍ୱାରା ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ, କାଳୀମନ୍ଦିର ରୋଡ, କଂସାରିପଡ଼ା, ପୁରୁଣାବସ୍ତି, ମାରୱାଡିପଡ଼ା ଅଞ୍ଚଳରେ ଥିବା ବିପଦପୂର୍ଣ୍ଣ ଗୃହଗୁଡିକୁ ପର୍ଯ୍ୟାୟକ୍ରମେ ଭଙ୍ଗାଯାଉଛି। ବିଦପପୂର୍ଣ୍ଣ ଗୃହ ଭଙ୍ଗାଯିବା ସମୟରେ ପୌରପାଳିକାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଏହି ଅଭିଯାନ ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ୪୧ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଶିବିରରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଲଖନପୁର, ୧୩।୪ (ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ ୨୮ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଗୃହ, ଭତ୍ତା, ରାଶନ କାର୍ଡ, ପାନୀୟ ଜଳଯୋଗାଣ, ବେଆଇନ ମଦ ବିକ୍ରି ବନ୍ଦ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଯୋଗାଣ, ଲେବର କାର୍ଡରୁ ସହାୟତା ପ୍ରଦାନ ଭଳି ଅଭିଯୋଗ ହୋଇଥିଲା। ଜିଲାପାଳ ବିଭିନ୍ନ ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିଡ଼ି ବି.ଆର୍. ନାଏକ, ଉପଜିଲାପାଳ ଏସ୍. ପଣ୍ଡା, ବିଡିଓ ବିନୟ କୁମାର ପଟେଲଙ୍କ ସମେତ ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାଜପା ଝାଡ଼େଶ୍ୱର ମଣ୍ଡଳ କମିଟି ଗଠିତ

**ଝାରସୁଗୁଡ଼ା, ୧୩।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଭାଜପା ପକ୍ଷରୁ ଝାଡ଼େଶ୍ୱର ମଣ୍ଡଳ କମିଟି ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ଏବଂ ସାଧାରଣ ସମ୍ପାଦକ ପ୍ରେମସେନ ରାୟଙ୍କ ଉପସ୍ଥିତିରେ ବଡ଼ମାଳସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଘୋଷଣା କରାଯାଇଥିବା ତାଲିକା ଅନୁଯାୟୀ, ବିମଳେନ୍ଦୁ ଭୋଳଙ୍କୁ ଝାଡ଼େଶ୍ୱର ମଣ୍ଡଳର ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଦେବବ୍ରତ ପାଣ୍ଡେ, ରାଜେନ୍ଦ୍ର ସା, ବାସୁଦେବ ସେଠୀ, ମୁନ୍ନୁ ପାଣ୍ଡେ ଏବଂ ଯୋଶିଲା ମାଝୀଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସାଧାରଣ ସମ୍ପାଦକ ଭାବେ କ୍ଷେତ୍ରମଣି ସାହୁ, ରବି ନାରାୟଣ ହୋତା, କୋଷାଧ୍ୟକ୍ଷ ଭାବେ ଚିରାଗ ପୋଦ୍ଦାର, ସମ୍ପାଦକ ଭାବେ ମମତା ପଟେଲ, ଆଦିତ୍ୟ ସାହୁ, ରାହୁଲ ମୁଣ୍ଡା, ଶୁଭମ ତିବ୍ରେୱାଲ, ପିଙ୍କି ଦୀପ, କୋଅର୍ଡିନେଟର ଭାବେ ଆନନ୍ଦ ଶର୍ମା, କରଣ ମିଶ୍ର ଏବଂ ତରୁଣ ଗିଦୱାନୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ମହିଳା ମୋର୍ଚ୍ଚା ପାଇଁ ରୁବି ମହାନ୍ତି, ଓବିସି ମୋର୍ଚ୍ଚା ପାଇଁ ହରିଶ ପାଣ୍ଡେ, ଏସ୍‌ସି ମୋର୍ଚ୍ଚା ପାଇଁ ନିରଞ୍ଜନ ରୋହିଦାସ, ଏସ୍‌ଟି ମୋର୍ଚ୍ଚା ପାଇଁ ହୃଷୀକେଶ କିଷାନ, ସଂଖ୍ୟାଲଘୁ ମୋର୍ଚ୍ଚା ପାଇଁ ଇମ୍‌ତିଆଜ ଅଲ୍ଲୀ ଏବଂ କୃଷକ ମୋର୍ଚ୍ଚା ପାଇଁ ନରେଶ ମକରଙ୍କୁ ମନୋନୀତ କରାଯାଇଛି। ଏହି ନୂତନ କମିଟି ଗଠନ ପରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳରେ ଦଳୀୟ କାର୍ଯ୍ୟକ୍ରମ ଆହୁରି ଗତିଶୀଳ ହେବ ବୋଲି ଆଶା କରାଯାଇଛି।

## ଦୀନ୍‌ଦୟାଲଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

**ଝାରସୁଗୁଡ଼ା, ୧୩।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ବଡ଼ମାଳ ନିକଟସ୍ଥ ଭାଜପା କାର୍ଯ୍ୟାଳୟରେ ୨ ଦିନିଆ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ସମ୍ମାନିତ ଅତିଥି ଭାବରେ ପ୍ରେମସେନ ରାୟ, ଚକାମନ ସା, ନେତାଜୀ ପଟ୍ଟନାୟକ ଯୋଗଦେଇ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଦୀନ୍‌ଦୟାଲଙ୍କ ଜୀବନୀ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଦର୍ଶନକୁ ପାଥେୟ କରି ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ଧାରା ପହଞ୍ଚାଇବା ଦଳର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ପ୍ରଶିକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିମଳେନ୍ଦୁ ଭୋଳ, ରବି କୁମାର, ପଙ୍କଜ ବେହେରା, ଲକ୍ଷ୍ମଣ ବେହେରା, ସନ୍ତୋଷ ଯାଦବଙ୍କ ସମେତ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମସ୍ତ ସଦସ୍ୟ ଆଗାମୀ ଦିନରେ ଦଳୀୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସଂକଳ୍ପ ନେଇଥିଲେ।

## ଝାରସୁଗୁଡ଼ା ଦିନ୍ ପାଳିତ

**ଝାରସୁଗୁଡ଼ା, ୧୩।୪ (ଆଶିଷ ରଞ୍ଜନ ଦାଶ)**

ସମ୍ବଲପୁରିଆ ୟୁଥ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଏମ୍‌ସିଏଲ୍ ଅଡିଟୋରିୟମରେ ଝାରସୁଗୁଡ଼ା ଦିନ୍ ରବିବାର ପାଳିତ ହୋଇଯାଇଛି। ଝାରସୁଗୁଡ଼ାର ଗୌରବମୟ ଇତିହାସ, ସଂସ୍କୃତିର ପ୍ରଚାର ପ୍ରସାର ଏବଂ ମାଟିର ବରପୁତ୍ର ତଥା ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ସ୍ମୃତି ଚାରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଲୋକ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପୁରୁଷୋତ୍ତମ ମହାନ୍ତି, ପ୍ରତାପ ବେହେରା, ସନ୍ଦୀପ ଅବସ୍ଥି, ତାପସ ରାୟଚୌଧୁରୀ, ମନ୍ଦାକିନୀ ଶତପଥୀ, ସୁରଙ୍ଗା ପ୍ରଧାନ, ମନୋରଞ୍ଜନ ମହାପାତ୍ର, ରାମା ରାଓ, ଅରୁଣ କୁମାର ଚଇନି, ନିରୁପା ତାଣ୍ଡିଆ ପ୍ରମୁଖ ଯୋଗଦେଇ ଝାରସୁଗୁଡ଼ାର ବିକାଶରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅବଦାନକୁ ମନେ ପକାଇଥିଲେ। ସମ୍ବଲପୁରିଆ ୟୁଥ୍ ଆସୋସିଏଶନ ସଭାପତି ଦିନେଶ କରାଲିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୁଷୀ ଜୈସୱାଲ, ସାୱନ ଦାସ, ସନି ତାନ୍ତି, ରାହୁଲ ସାନ୍ଧ୍ୟା, ସୌଭାଗ୍ୟ ରଞ୍ଜନ ସାହୁ, ହିମାଂଶୁ କରାଲି, ସାହିଲ ପଟେଲ ଏବଂ ସୁମିତ ସୁନା ପ୍ରମୁଖ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅମନ ମହାନ୍ତି, ସ୍ୱେଜଲ ପ୍ରଧାନ, ପ୍ରତୀକ୍ଷା ତ୍ରିପାଠୀ ଏବଂ ପୁଷ୍ପାଞ୍ଜଳି ସାହୁ ଉପସ୍ଥାପନା କରିଥିଲେ। ଏହି ଅବସରରେ ଝାରସୁଗୁଡ଼ାର ସାଂସ୍କୃତିକ ଐତିହ୍ୟକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଅଞ୍ଚଳର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଯୁବପିଢ଼ିଙ୍କ ଏହି ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

## ଓଡ଼ିଆ ପକ୍ଷରେ ବିଭିନ୍ନ ପ୍ରତିଯୋଗିତା



ଏସ୍‌ଏଚ୍‌ଜି ମହିଳା ଓଡ଼ିଆ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି।

**ଝାରସୁଗୁଡ଼ା, ୧୩।୪ (ଆଶିଷ ରଞ୍ଜନ ଦାଶ)**

ଓଡ଼ିଆ ପକ୍ଷ ଏବଂ ଓଡ଼ିଆ ନବବର୍ଷ ଅବସରରେ ଝାରସୁଗୁଡ଼ା ପୌର ପରିଷଦ ବୈଠକ ଗୃହରେ ପୌର ପରିଷଦ ପକ୍ଷରୁ ସୋମବାର ବିଭିନ୍ନ ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ଯୋଗଦେଇଥିଲେ। ସ୍ଥାନୀୟ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଝୋଟି, ଚିତା, ମୁରୁଜ, ପିଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଏଣ୍ଡୁରି, ଆରିଷା, ମାଣ୍ଡିଆ ପିଠା, ପୋଡ଼ପିଠା, ଦହିବରା ଓ ମାଣ୍ଡିଆ ସରବତ ଆଦି ପ୍ରଦର୍ଶନ କରିଥିଲେ। ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ରନ୍ଧନ ଶୈଳୀକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଏବଂ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଏହି କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟ ରହିଥିଲା। ବିଜେତା ଓ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଏବଂ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା।

## କିଶୋର ମହାନ୍ତି ଦେଖିଥିବା ସ୍ୱପ୍ନ ସାକାର କରାଯିବ

**ଝାରସୁଗୁଡ଼ା, ୧୩।୪ (ଆଶିଷ ରଞ୍ଜନ ଦାଶ)**



ରକ୍ତଦାନ ଶିବିରରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ଅନ୍ୟମାନେ।

ପୂର୍ବତନ ବାଚସ୍ପତି ତଥା ବରିଷ୍ଠ ବିଜେଡି ନେତା ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ୬୮ତମ ଜୟନ୍ତୀ ଉପଲକ୍ଷେ ଝାରସୁଗୁଡ଼ା ଯୁବ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ରକ୍ତଦାନ ଶିବିର ଏବଂ ବୃନ୍ଦାମାଳସ୍ଥିତ ବିଶେଷ ବିଦ୍ୟାଳୟରେ ସ୍ୱତନ୍ତ୍ର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଝାରସୁଗୁଡ଼ା ଯୁବ ସଂଘ ସଭାପତି ପୁରୁଷୋତ୍ତମ ମହାନ୍ତି କହିଛନ୍ତି, ସହରର ବିକାଶମୂଳକ କାର୍ଯ୍ୟ ପାଇଁ କିଶୋର ମହାନ୍ତି ଯେଉଁ ସ୍ୱପ୍ନ ଦେଖିଥିଲେ, ଆଗାମୀ ଦିନରେ ତାହାକୁ ସାକାର କରାଯିବ। ଏହି କାର୍ଯ୍ୟକ୍ରମରେ ଯୁବ ସଂଘର ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ରକ୍ତଦାନ ଶିବିରରୁ ୬୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଝାରସୁଗୁଡ଼ା ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଛି। ଝାରସୁଗୁଡ଼ାର ବରିଷ୍ଠ ରକ୍ତଦାତା ରମେଶ ଗାନ୍ଧୀ ଏବଂ ତାପସ ରାୟ ଚୌଧୁରୀଙ୍କୁ ସଂଘ ସଭାପତି ପୁରୁଷୋତ୍ତମ ମହାନ୍ତି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବୃନ୍ଦାମାଳସ୍ଥିତ ମୂକ, ବଧିର ଓ ମାନସିକ ଅନଗ୍ରସର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ନାୟକ, ତାପସ ରାୟ ଚୌଧୁରୀ, ବେଣୁଗୋପାଳ ପାଣିଗ୍ରାହୀ, ହରିଶ ଗଣତ୍ରା, ଅରୁଣ ଚୈନି, ତ୍ରିନାଥ ଗୁଆଲ, ସନ୍ଦୀପ ଅବସ୍ଥି, ସାହିଦ୍ ବେଗ୍, ନାଟୁ ଶର୍ମା, ପ୍ୟାରେଲାଲ ଶ୍ରୀବାସ୍ତବ, ସଞ୍ଜୟ ପଣ୍ଡା, ପ୍ରଶାନ୍ତ ଜେନା, ମେହେତାବ ଖାନ୍, ମିକି ନାୟକ, ତପନ ପାଣ୍ଡେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କୁ ଜଣେ ଜନପ୍ରିୟ ନେତା ଭାବେ ସ୍ମରଣ କରିଥିଲେ। ଯୁବ ସଂଘର ଆବାହକ ପଲାଶ କର୍ମକାର ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ପକ୍ଷରେ ପିଠାପଣା ଦିବସ

**ଦେବଗଡ଼, ୧୩।୪ (ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ପିଠାପଣା ଦିବସ ଦେବଗଡ଼ ଡିଏମ୍‌ସି ପାର୍କରେ ସୋମବାର ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ ଓ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଇ ଯୋଗଦେଇ ଓଡ଼ିଆଙ୍କ ପିଠାପଣା ପାରମ୍ପରିକ ଖାଦ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଜିଲାରୁ ୧୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ପାରମ୍ପରିକ ଓଡ଼ିଆ ଖାଦ୍ୟ ଯଥା ମାଣ୍ଡିଆରୁ ପ୍ରସ୍ତୁତ ଏଣ୍ଡୁରି ପିଠା, ଆରିସା ପିଠା, ମଣ୍ଡା ପିଠା, କାକରା ପିଠା, ମାଣ୍ଡିଆ ଚକୁଳି, ପୋଡ଼ପିଠା ସହ ଦହିବରା, ରସାବଳି, ଛେନାପୋଡ଼, ଲସି, ଆମ୍ବ ଜୁସ, ମୁଡ଼ିମାଂସ ଓ ମାଣ୍ଡିଆ କ୍ଷୀରି ଆଦି ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ଓ କର୍ମଚାରୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ଜନସାଧାରଣ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବୁଢାପାଳ କଲେଜରେ ରକ୍ତଦାନ ଶିବିର, ଆଲୋଚନାଚକ୍ର

**ରିଆମାଳ, ୧୩।୪ (ବଦ୍ରିନାରାୟଣ ଅଗ୍ରୱାଲା)**

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅଧୀନ ବୁଢ଼ାପାଳ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଆଦିତ୍ୟ ପଣ୍ଡା, ସମ୍ମାନିତ ଅତିଥି ଭାବେ ବୀରେନ ପ୍ରଧାନ ଯୋଗଦେଇଥିଲେ। ରେଡକ୍ରସ ସଂଯୋଜକ ଡ. ନିର୍ମଳ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଶିବିରରୁ ୨୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହାପରେ ଓଡ଼ିଶା ପ୍ରଦେଶ ଗଠନ କରିବାରେ ଓଡ଼ିଆ ବରପୁତ୍ରଙ୍କ ଭୂମିକା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

**ଦେବଗଡ଼, ୧୩।୪ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୪ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ଜମିପଟ୍ଟା ସଂଶୋଧନ, ପାନୀୟଜଳ, ଶିକ୍ଷକ ବଦଳି ଓ ରାସ୍ତାଘାଟ ଉନ୍ନତୀକରଣ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ଏସିଏଫ୍ ଅରୁଣ ବେହେରା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା ଓ ତହସିଲଦାର ରବୀନ୍ଦ୍ର ସାମଲଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।

## ସମଲେଶ୍ୱରୀ କ୍ଲବ୍, ଝାରସୁଗୁଡ଼ା ଏଫ୍‌ସି ବିଜୟୀ

**ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ**

**ଝାରସୁଗୁଡ଼ା, ୧୩।୪ (ଆଶିଷ ରଞ୍ଜନ ଦାଶ)**



କାର୍ଯ୍ୟକ୍ରମରେ ଅତିଥି, ରେଫରିଙ୍କ ଗହଣରେ ଖେଳାଳି।

ଝାରସୁଗୁଡ଼ାସ୍ଥିତ ଦ୍ୱିତୀୟ ଓଏସ୍‌ଏପି ପଡ଼ିଆଠାରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟର ସୋମବାର ଚତୁର୍ଥ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ସମଲେଶ୍ୱରୀ କ୍ଲବ୍ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡ଼ା ଏଫ୍‌ସି ଟିମ୍ ବିଜୟୀ ହୋଇଛି। ଚତୁର୍ଥ ଦିବସର ପ୍ରଥମ ମ୍ୟାଚ୍ ବେଲପାହାଡ଼ ଏଫ୍‌ସି ଏବଂ ଆର୍ ଆଣ୍ଡ୍ ଆର୍ କଲୋନି ସମଲେଶ୍ୱରୀ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଲେଶ୍ୱରୀ କ୍ଲବ୍ ୪–୧ ଗୋଲ୍‌ରେ ବେଲପାହାଡ଼ ଏଫ୍‌ସିକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଡି.ବି.ଏ.ର ପୂର୍ବତନ ସଭାପତି ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିନେଶ ଜୈନ, ସମ୍ମାନିତ ଅତିଥି ଭାବେ ତାପସ ରାୟ ଚୌଧୁରୀ, ବିଜୟ ବେହେରା, ସୁଶାନ୍ତ ମାଲି, ବିଜୟ ବକ୍ସି, ପ୍ରଜ୍ୱଳ ପଟେଲ, ସୂରଜ ପ୍ରଧାନ, ସଞ୍ଜୟ ଦାସ, କିରୋରୀ ମୁଖୀ, ବିବେକ ପ୍ରଧାନ, ବାବୁ ରାଓ ପଟ୍ଟନାୟକ, ସାଗର ଥାପ୍ପା, ଟିକାରାମ ଥାପ୍ପା ଏବଂ ସଞ୍ଜୟ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅମିତ୍ ବାଗ, ଲକ୍ଷ୍ମଣ କିଷାନ, ଶରତ କିଷାନ, ସଞ୍ଜୟ କିଷାନ ମ୍ୟାଚ୍ ପରିଚାଳନା କରିଥିବାବେଳେ ମ୍ୟାଚ୍ କମିଶନର ଭାବେ କେ. ଜଗନ୍ନାଥ ରାଓ ଦାୟିତ୍ୱ ତୁଲାଇଥିଲେ। ସେହିପରି ଟୁର୍ନାମେଣ୍ଟର ଷଷ୍ଠ ମ୍ୟାଚ୍ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଝାରସୁଗୁଡ଼ା ଏଫ୍‌ସି ଏବଂ ରାଏ କିଡ୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଝାରସୁଗୁଡ଼ା ଏଫ୍‌ସି ୩–୦ ଗୋଲ୍‌ରେ ରାଏ କିଡ୍ସକୁ ପରାସ୍ତ କରି ବିଜୟୀ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଲ୍ ଓଡ଼ିଶା ଅବସରପ୍ରାପ୍ତ ଏଲ୍‌ଆଇସି କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ତଥା ପୂର୍ବତନ ସେନା କର୍ମଚାରୀ ରତ୍ନାକର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ କାଉନ୍‌ସିଲର ପ୍ୟାରେଲାଲ ଶ୍ରୀବାସ୍ତବ ଯୋଗଦେଇଥିଲେ। ଅରୁଣ ପ୍ରଧାନ, ଅନୁଭବ କୁମାର ସାହୁ ଏବଂ ଶୀତଳ ଗୁରୁଙ୍ଗ ମ୍ୟାଚ୍ ପରିଚାଳନା କରିଥିଲେ।

# ଚେତନା ସର୍ବ ରୋଗର ପ୍ରକୃତ ଔଷଧ

ରାଉରକେଲା,୧୩।୪(ବିପ୍ଲବ ରଞ୍ଜନ ଦାଶ)

## ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀର ୩୯ତମ ପ୍ରତିଷ୍ଠା ଦିବସରେ ମତପ୍ରକାଶ

ରାଉରକେଲା ସେକ୍ଟର–୫ସ୍ଥିତ ଶ୍ରୀଅରବିନ୍ଦ ଯୋଗ ମନ୍ଦିରରେ ଚାଲିଥିବା ଦ୍ୱିଦିବସୀୟ ଶ୍ରୀଅରବିନ୍ଦଙ୍କ ପବିତ୍ର ଶ୍ରୀତନୁ ସ୍ମାରକୀର ୩୯ତମ ପ୍ରତିଷ୍ଠା ଦିବସ ସୋମବାର ସମ୍ପନ୍ନ ହୋଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରକୁ ଗୀତାରାଣୀ ବେହେରା ସଂଯୋଜନା କରିଥିଲେ। ପ୍ରଭାତ କୁମାର ନାୟକ, ଭାଗିରଥି ପାତ୍ର ଓ ଡକ୍ଟର ପ୍ରଶାନ୍ତ କୁମାର ପାତ୍ର ଆଲୋଚକ ଭାବେ ଯୋଗଦେଇ ଭାରତର ପୁନରୁତ୍‌ଥାନ, ଭବିଷ୍ୟତରେ ପୃଥିବୀ ଏବଂ ଶ୍ରୀଅରବିନ୍ଦ, ଶ୍ରୀଅରବିନ୍ଦଙ୍କ ଅମର ହାସ୍ୟରେ ସକଳ ବେଦନାର ଅବସାନ ଏବଂ ଚେତନା ହିଁ ସର୍ବରୋଗର ପ୍ରକୃତ ଔଷଧ ବିଷୟରେ ଆଲୋଚନା କରିଥିଲେ। ଭାରତ ବର୍ଷ ପ୍ରାଚୀନ କାଳରୁ ଏକ ଆଧ୍ୟାତ୍ମିକ ଏବଂ ଉଦାର ଦେଶ ଭାବେ ପରିଚିତ। ଶ୍ରୀ ଅରବିନ୍ଦ ଭାରତ ବର୍ଷକୁ ଅମୃତମୟ ଭୂମି ବୋଲି ଅଭିହିତ କରିଥିଲେ। ଯାହା ନାହିଁ ଭାରତେ ତାହା ନାହିଁ ଜଗତେ। ଏଣୁ ଭାରତ ବର୍ଷର ସାମଗ୍ରିକ ଉତ୍‌ଥାନ ନିଶ୍ଚିତ, ମାତ୍ର ପୁନରୁତ୍‌ଥାନ ପାଇଁ ଶ୍ରୀଅରବିନ୍ଦଙ୍କ ମାର୍ଗ ଅନୁସରଣ ନିହାତି ଆବଶ୍ୟକ। ଶ୍ରୀ ଅରବିନ୍ଦଙ୍କ ଅନୁସାରେ ଯୁଦ୍ଧ ବା ସଂଗ୍ରାମ ଦ୍ୱାରା କେବଳ ବିନାଶ ଘଟେ ମାତ୍ର ବିକାଶ ହୁଏ ନାହିଁ। ଯେଉଁମାନେ ଭାବନ୍ତି ଯୁଦ୍ଧ ଦ୍ୱାରା ଆମେ ସମୃଦ୍ଧ ହେବୁ ତାହା ବାସ୍ତବରେ ହୁଏନାହିଁ। ବର୍ତ୍ତମାନ ସମୟରେ ଯେଉଁଭଳି ଯୁଦ୍ଧ ତିକ୍ତତା ବଢି ଚାଲିଛି, ତାହା ଗୋଟିଏ ରାଷ୍ଟ୍ରକୁ ଦୁର୍ବଳ କରୁନାହିଁ ବରଂ ଏହାଦ୍ୱାରା ବହୁ ଦେଶ କ୍ଷତି ସହୁଛନ୍ତି। ଏଣୁ ଏଭଳି ଯୁଦ୍ଧ ଭବିଷ୍ୟତରେ ପୃଥିବୀକୁ ଧ୍ୱଂସ ମୁଖକୁ ଠେଲିବା ନିଶ୍ଚିତ। ଯୁଦ୍ଧ ବ୍ୟତିରେକ ପରସ୍ପର ମଧ୍ୟରେ ଉଚିତ ବୁଝାମଣା କରାଗଲେ ଯୁଦ୍ଧ ଟଳିବା ସହିତ ପୃଥିବୀ ଧ୍ୱଂସ ମୁହଁରୁ ବର୍ତ୍ତିପାରିବ ବୋଲି ଆଲୋଚକମାନେ କହିଥିଲେ। ସେହିପରି ଚେତନା ହିଁ ସର୍ବ ରୋଗର ପ୍ରକୃତ ଔଷଧ ବୋଲି ଅଭିହିତ କରି ଆଲୋଚକମାନେ କହିଥିଲେ, ରୋଗ ସୃଷ୍ଟି ହୁଏ ଚିନ୍ତା, ଭୟ, ଅଜ୍ଞାନତା, ଅବହେଳା ଏବଂ ଅସତ୍ ଜୀବନଯାପନ ଶୈଳୀରୁ। ଏଣୁ ଶ୍ରୀ ଅରବିନ୍ଦଙ୍କ ଅନୁସାରେ ଆମ ହୃଦୟରେ ଥିବା ଅନ୍ତର୍ଚେତନା ଯଦି ଉଦ୍ରେକ କରିବା ତେବେ ଏସବୁ ଅବଗୁଣ ଆପେ ଆପେ ଅବସାନ ହେବ। ଅନ୍ତର୍ଚେତନା ଜାଗ୍ରତ ପାଇଁ ଆମକୁ ଶୁଦ୍ଧ ମନ, ଆଧ୍ୟାତ୍ମିକ ଚିନ୍ତନ, ଯୋଗାସନ ଏବଂ ଶୃଙ୍ଖଳ ଜୀବନଯାପନ ଶୈଳୀ ଉପରେ ମନ ନିବେଶ କରିବାକୁ ପଡିବ ବୋଲି ସେମାନେ କହିଥିଲେ। ପ୍ରଥମ ଦିବସରେ ଡକ୍ଟର ଜ୍ୟୋତ୍ସ୍ନା ପଟ୍ଟନାୟକ ଓ ଡକ୍ଟର ପ୍ରଶାନ୍ତ କୁମାର ପାତ୍ର ସ୍ମାରକୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଭାଗିରଥି ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ଡକ୍ଟର କିଶୋରୀ ଦାଶ ପ୍ରମୁଖ ଆଲୋଚକ ଭାବେ ଯୋଗଦାନ କରିଥିଲେ। ବିଶ୍ୱନାଥ ଆଇଚ ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଉଦଯାପନୀ ଦିବସରେ ଶ୍ରୀ ଅରବିନ୍ଦ ସ୍କୁଲର ଅଧ୍ୟକ୍ଷା ଡକ୍ଟର ମମତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଦ୍ୱିତୀୟ ଦିବସରେ ଉପସ୍ଥିତ ଶ୍ରୀଅରବିନ୍ଦଙ୍କ ଅନୁଗାମୀ।

# ଗୋମାତାଙ୍କୁ ରାଜ୍ୟମାତା ଘୋଷଣା ଦାବିରେ ସ୍ମାରକପତ୍ର


ରାଉରକେଲା ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୧୩।୪(ସଙ୍ଗୀତା ଜେନା)

ଗୋମାତା ହେଉଛି ସନାତନ ଧର୍ମର ପୂଜନୀୟ ଏବଂ ଅଭିନ୍ନ ଅଙ୍ଗ। ତେଣୁ ଓଡ଼ିଶାରେ ଗୋମାତାଙ୍କୁ ଉଚିତ ସମ୍ମାନ ଦେବାକୁ ଦାବି ହେଉଛି। ଏହି କ୍ରମରେ ଶିବସେନାର ସୁନ୍ଦରଗଡ଼ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସୋମବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ଏଡ଼ିଏମ୍ ଦିନା ଦସ୍ତଗିରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଙ୍ଗଠନର ଜିଲା ଅଧ୍ୟକ୍ଷ ପ୍ରଭାସିନୀ ଡୁମୁରି, ଜିଲା କାର୍ଯ୍ୟକାରୀ ଅଧ୍ୟକ୍ଷ ଚିନ୍ମୟ ଭୂଷଣ ପତି, ସାଧାରଣ ସମ୍ପାଦକ ତୀର୍ଥେଶ୍ୱର ଡୁମୁରୀ, ଉପସଭାପତି ପ୍ରେମଶଙ୍କର ଶୁକ୍ଲା, ସମ୍ପାଦକ ସେବକ ଷଣ୍ଢ, ଓମ୍‌ପ୍ରକାଶ ସିଂହ ଓ ଶ୍ରୀକାନ୍ତ ମାଛଖଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ଗୋମାତାଙ୍କୁ ରାଜ୍ୟମାତା ଘୋଷଣା, ରାଜ୍ୟରେ ଗୋହତ୍ୟା ପାଇଁ ମୃତ୍ୟୁଦଣ୍ଡ, ଗୋଚାଲାଣ ପାଇଁ ୧୦ ବର୍ଷରୁ ଉର୍ଦ୍ଧ୍ୱ ଜେଲଦଣ୍ଡ ସହିତ ୧୦ଲକ୍ଷ ଟଙ୍କା ଅର୍ଥଦଣ୍ଡ, ବୁଲା ଗୋମାତାଙ୍କ ଉଚିତ ଥଇଥାନ ପାଇଁ ପଦକ୍ଷେପ, ଆବଶ୍ୟକ ସ୍ଥଳେ ରାଜ୍ୟରେ ଉନ୍ନତମାନର ନୂତନ ଗୋଶାଳା ନିର୍ମାଣ ଆଦି ସ୍ମାରକପତ୍ରରେ ଦାବି କରାଯାଇଛି।

# ନାରୀ ଶକ୍ତି ବନ୍ଦନ ଅଧିନିୟମ ମହିଳା ସମାଜକୁ ନବଶକ୍ତି ଦେବ

ରାଉରକେଲା,୧୩।୪(ବିପ୍ଲବ ରଞ୍ଜନ ଦାଶ)

ଭାରତର ଗଣତାନ୍ତ୍ରିକ ଇତିହାସରେ ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏ ନେଇ ରାଉରକେଲା ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ସେକ୍ଟର–୩ କାର୍ଯ୍ୟାଳୟରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ରାଜ୍ୟ ମହିଳା ଶିଶୁ କଲ୍ୟାଣ ଆୟୋଗ ସଦସ୍ୟା କଳ୍ପନା ଲେଙ୍କା, ବରିଷ୍ଠ ନାରୀ ନେତ୍ରୀ ପ୍ରମିଳା ଦାସ, ଭାଜପା ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଯୋଗଦେଇ କହିଥିଲେ, ଲୋକସଭା ସମେତ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା କେବଳ ପ୍ରତିନିଧି ବୃଦ୍ଧି ମଧ୍ୟରେ ସୀମିତ ନୁହେଁ ବରଂ ନୀତି ନିର୍ମାଣକୁ ଅଧିକ ସମାବେଶୀ କରିଛି। ଏହି ଅଧିନିୟମ ଲାଗୁ ହେବାର ସବୁଠାରୁ ବଡ଼ ଲାଭ ହେବ ଯେ ଶାସନର ପ୍ରାଥମିକତା ଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିବ। ଯେତେବେଳେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଏ, ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସୁରକ୍ଷା, ଜଳ ଏବଂ ସ୍ୱଚ୍ଛତା ଭଳି ପ୍ରସଙ୍ଗଗୁଡ଼ିକୁ ଅଧିକ ପ୍ରାଥମିକତା ମିଳେ। ସ୍ଥାନୀୟ ସଂସ୍ଥାଗୁଡ଼ିକରେ ମହିଳାଙ୍କ ସଂରକ୍ଷଣର ଅନୁଭବ ପୂର୍ବରୁ ଦର୍ଶାଇସାରିଛି ଯେ ମହିଳା ପ୍ରତିନିଧିତ୍ୱ ଦ୍ୱାରା ନୀତିଗୁଡ଼ିକ ଅଧିକ ଜନକୈନ୍ଦ୍ରିକ ଏବଂ ପ୍ରଭାବଶାଳୀ ହୋଇଥାଏ। ବର୍ତ୍ତମାନ ଏହି ପ୍ରଭାବ ସଂସଦ ଏବଂ ବିଧାନସଭା ସ୍ତରରେ ଦେଖାଯିବ। ଫଳରେ ବିକାଶର ଦିଗ ଅଧିକ ସନ୍ତୁଳିତ ଏବଂ ସମାବେଶୀ ହୋଇପାରିବ ବୋଲି ଭାଜପା କାର୍ଯ୍ୟକର୍ତ୍ତା ଦର୍ଶାଇଥିଲେ।


ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ଆର୍‌ଏସ୍‌ପିରେ ଇଣ୍ଟରଫେସ୍ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଏସ୍‌ଏଚ୍‌ଜି ମହିଳା।

ରାଉରକେଲା,୧୩।୪(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ଦ୍ୱାରା ବିଶ୍ରା ବ୍ଲକ ଅନ୍ତର୍ଗତ ଭାଲୁଲତା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏକ ଇଣ୍ଟରଫେସ୍ କାର୍ଯ୍ୟକ୍ରମ 'ମେଲ୍ ମିଲାପ' ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ରା ଏବଂ ଭାଲୁଲତା ସରପଞ୍ଚ ବିଚା ମିଞ୍ଜ ଅଧ୍ୟକ୍ଷତା କରିଥିଲେ। ସିଏସ୍‌ଆର ବିଭାଗର ଜିଏମ ବିଭାବସୁ ମଲ୍ଲିକ, ଡିଜିଏମ ପି. ସାହୁ, ବ୍ଲକ୍ ସ୍ତରୀୟ ଫେଡେରେଶନ ବିଶ୍ରା ବ୍ଲକ ସଭାପତି ସୁଶ୍ରୀ ବରଦାନୀ ଟପ୍ପୋ, କମିଟି ସଭ୍ୟା ସୁଶ୍ରୀ ସୁନିତା ମିଞ୍ଜଙ୍କ ସମେତ ସିଏସଆର ବିଭାଗର ଅନ୍ୟ କର୍ମଚାରୀ ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି, ସମ୍ପ୍ରଦାୟ ସମ୍ବଳ ବ୍ୟକ୍ତି, ବ୍ଲକ ସ୍ତରୀୟ ଫେଡେରେଶନ ଏବଂ ବିଶ୍ରା ବ୍ଲକ ଅଧୀନରେ ଆସୁଥିବା ଗ୍ରାମ ପଞ୍ଚାୟତ ପିଆରଆଇ ସଦସ୍ୟମାନେ ଏକତ୍ରିତ ହୋଇଥିଲେ। ସୁଶ୍ରୀ ମୁନମୁନ ମିତ୍ରା ସମ୍ପ୍ରଦାୟ ଗୋଷ୍ଠୀ ସହଭାଗିତାରେ ସିଏସଆର ପଦକ୍ଷେପ କାର୍ଯ୍ୟକାରୀ କରିବା ସହିତ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ବିକାଶ ସୁନିଶ୍ଚିତ କରିବା ପାଇଁ ସରକାରୀ ପ୍ରକଳ୍ପଗୁଡ଼ିକୁ ଉପଯୋଗ କରିବା ଉପରେ ଆର୍‌ଏସ୍‌ପିର ଲକ୍ଷ୍ୟକୁ ଦୋହରାଇଥିଲେ। ସରପଞ୍ଚ ଆରଏସପି–ସିଏସଆର ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହିତ ଉକ୍ତ ଅଞ୍ଚଳରେ ପ୍ରଚଳିତ ବିକାଶମୂଳକ କାର୍ଯ୍ୟକଳାପ ବିଷୟରେ ମୂଲ୍ୟାଙ୍କନ କରିଥିଲେ। ସୁଶ୍ରୀ ବରଦାନୀ ଟପ୍ପୋ ବିଭିନ୍ନ ସମ୍ପ୍ରଦାୟ କେନ୍ଦ୍ରିକ ଜୀବିକା ପ୍ରକଳ୍ପ ଏବଂ ସରକାରଙ୍କ ଗ୍ରାମୀଣ ବିକାଶ ପଦକ୍ଷେପ ସହିତ ସମନ୍ୱୟର ଲାଭ ବିଷୟରେ ବ୍ୟାଖ୍ୟା କରିଥିଲେ। ପ୍ରାରମ୍ଭରେ ବି. ମଲ୍ଲିକ ସିଏସ୍‌ଆର କାର୍ଯ୍ୟକଳାପର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ସିଏସ୍‌ଆର ବିଭାଗର ସେକ୍ସନ ଅଫିସର ବି ଏକ୍କା କାର୍ଯ୍ୟକ୍ରମ ସଂଯୋଜନା ଏବଂ ପି. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସ୍ୱାସ୍ଥ୍ୟ ଶିବିର



ରାଉରକେଲା,୧୩।୪(ସଙ୍ଗୀତା ଜେନା): ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଜଗଦା ପ୍ରଗତି ବିଦ୍ୟାମନ୍ଦିର ସ୍କୁଲ ପରିସରରେ ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରକୁ ଅସ୍ଥିଶଲ୍ୟ ଚିକିତ୍ସକ ଡା. ୟୁ. ସି ଜେନା ଉଦ୍‌ଘାଟନ କରିଥିଲେ। ସଭାପତି ତ୍ରିଲୋଚନ ପରିଡା ସ୍ୱାଗତ ଭାଷଣ ଏବଂ ସମ୍ପାଦକ ମଧୁସୂଦନ ମହାପାତ୍ର ସମ୍ପାଦକୀୟ ବିବରଣୀ ଦେଇଥିଲେ। ଶିବିରରେ ଅସ୍ଥି, ମେଡ଼ିସିନ, ଚକ୍ଷୁ ବିଭାଗର ବିଶେଷଜ୍ଞ ଚିକିତ୍ସକମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେହିପରି ରକ୍ତଚାପ, ରକ୍ତପରୀକ୍ଷା, ହେମୋଗ୍ଲୋବିନ୍, ୟୁରିକ ଏସିଡ୍, କ୍ୟାଲସିୟମ୍ ଆଦି ପରୀକ୍ଷା କରାଯାଇଥିଲା। ଏଥିସହ ରୋଗୀମାନଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଡା. ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ଡା. ସଞ୍ଜୟ ତିର୍କୀଙ୍କ ସମେତ ଏଲ.ଭି ପ୍ରସାଦ ଚକ୍ଷୁଚିକିତ୍ସାଳୟର ଟେକ୍‌ନିସିଆନ୍, ସ୍ଥାନୀୟ ନର୍ସିଂ କଲେଜ ଛାତ୍ରୀମାନେ ଶିବିର ପରିଚାଳନା କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ହୃଷୀକେଶ ନାୟକ, ସଦସ୍ୟ ପ୍ରଭାତ ମହାନ୍ତି, ପରଭେଜ ଅରୋରା, ବସନ୍ତ ବାରିକ, କୋଷାଧ୍ୟକ୍ଷ ପ୍ରଦୀପ ପତି, ସୁବୋଧ ଚନ୍ଦ୍ର ଲାକ୍ରା, ପଙ୍କଜ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple,
Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

# ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଶୋକସଭା

ରାଉରକେଲା,୧୩।୪(ବିପ୍ଲବ ରଞ୍ଜନ ଦାଶ)

ବିଶିଷ୍ଟ ବାଗ୍ମୀ, ସାହିତ୍ୟିକ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ତଥା ଇସ୍ପାତ ସାହିତ୍ୟ ସଂସଦର ପ୍ରାକ୍ତନ ସାଧାରଣ ସମ୍ପାଦକ ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଇସ୍ପାତ ସାହିତ୍ୟ ସଂସଦ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱ ଏବଂ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ 'ସ୍ମୃତିରେ ସ୍ମୃତିରେ ସଦାନନ୍ଦ ତ୍ରିପାଠୀ' କାର୍ଯ୍ୟକ୍ରମରେ ବହୁ ପାଠକ ଯୋଗ ଦେଇଥିଲେ। ସଦାନନ୍ଦଙ୍କ ସ୍ମୃତି ଓ ସାହିତ୍ୟ କୃତି ଉପରେ ତାରିଣୀ ଚରଣ ସାହୁ, ପ୍ରତାପ କୁମାର ପଣ୍ଡା, ବ୍ରଜେନ୍ଦ୍ର ଦାସ, ଉମେଶ ଚନ୍ଦ୍ର ନାୟକ, ଉପେନ୍ଦ୍ର ବସ୍ତିଆ, ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର, ଏସ୍. କେ. ପଣ୍ଡା, ଗୌତମ ସିଂ, ପ୍ରୀତମ ମହାନ୍ତି ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।


ଶୋକସଭାରେ ଉପସ୍ଥିତ ସଂସଦର କାର୍ଯ୍ୟକର୍ତ୍ତା।

# ଫୁଡ୍ ଫେଷ୍ଟିଭାଲରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ

## ବିଶ୍ରାରେ ଓଡ଼ିଆ ପକ୍ଷ


ଖାଦ୍ୟ ପ୍ରଶାସନ ଅଧିକାରୀ ଖାଦ୍ୟ ଷ୍ଟଲ ବୁଲି ଦେଖୁଛନ୍ତି।

ରାଉରକେଲା/ବନ୍ଧମୁଣ୍ଡା,୧୩।୪
(ସଙ୍ଗୀତା ଜେନା/ସୁବ୍ରତ ଡେ)

ଓଡିଆ ପକ୍ଷ ଅବସରରେ ବିଶ୍ରା ବ୍ଲକ କାର୍ଯ୍ୟାଳୟରେ ସୋମବାର ଏକ ଭବ୍ୟ ଫୁଡ୍ ଫେଷ୍ଟିଭାଲ୍ ଆୟୋଜିତ ହୋଇଥିଲା। ପାରମ୍ପରିକ ଓଡ଼ିଆ ଖାଦ୍ୟର ସୁଗନ୍ଧ ଓ ଓଡିଆ ସଂସ୍କୃତିର ଝଲକ ସମଗ୍ର ପରିବେଶକୁ ଉତ୍ସବମୟ କରିଦେଇଥିଲା। ଫୁଡ୍ ଫେଷ୍ଟିଭାଲରେ ବିଶ୍ରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନେ ନିଜ ନିଜ ଷ୍ଟଲ୍‌ରେ ପାରମ୍ପରିକ ଓ ଆକର୍ଷଣୀୟ ଖାଦ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଓ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଷ୍ଟଲ ବୁଲି ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିଥିଲେ। ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ସମେତ ଅନ୍ୟ ଗୋଷ୍ଠୀମାନଙ୍କ ପ୍ରୟାସକୁ ସେମାନେ ପ୍ରଶଂସା କରିଥିଲେ।

# କଣ୍ଠଶିଳ୍ପୀ ଆଶା ଭୋସଲେଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୧୩।୪(ଦିନେଶ ମିଶ୍ର): ପ୍ରସିଦ୍ଧ କଣ୍ଠଶିଳ୍ପୀ ଆଶା ଭୋସଲେଙ୍କୁ ଜୟ ମା' ତାରିଣୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୋମବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସମାଜସେବୀ କହରା ଜେନାଙ୍କ ଅଧ୍ୟକ୍ଷତାରେ ବାସନ୍ତୀ କଲୋନୀସ୍ଥିତ ଡିଏଭି ଡଙ୍ଗା ଛକ ମା' ତାରିଣୀଙ୍କ ପୀଠରେ କମିଟିର କର୍ମକର୍ତ୍ତା ସ୍ୱର୍ଗତ ଭୋସଲେଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ପ୍ରାର୍ଥନା କରାଯାଇଥିଲା। ଟୁନୁ କର, ହର ପ୍ରସାଦ ସାମଲ, ଗଙ୍ଗାଧର ବାରିକ, ସୁବାଷ ନାୟକ, କବିତା ଜେନା ଉପସ୍ଥିତ ଥିଲେ।

# ରାଉରକେଲା ଶ୍ରମିକ ସଂଘର ମହିଳା ସମାବେଶ

ରାଉରକେଲା,୧୩।୪(ସଙ୍ଗୀତା ଜେନା)

ରାଉରକେଲା ଶ୍ରମିକ ସଂଘ ଅଫିସ ପରିସରରେ ରବିବାର ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦିକା ପଦ୍ମାଳୟା ଧରଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ସଂଘ କର୍ମକର୍ତ୍ତାଙ୍କ ସହଯୋଗରେ ଶତାଧିକ ମହିଳା କର୍ମଚାରୀ ସମାବେଶରେ ଉପସ୍ଥିତ ଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପସାଧାରଣ ସମ୍ପାଦକ ଦିଲୀପ କୁମାର ମହାପାତ୍ର ଓ ଚକ୍ରଧର ପ୍ରଧାନ, ବରିଷ୍ଠ ଉପସଭାପତି ଆର୍. କେ. ପଣ୍ଡା, ଅକ୍ଷୟ ଜେନା, ନିହାର ରଞ୍ଜନ ଦାସ, ସୁରେଶ ପାଣିଗ୍ରାହୀ, ଚମାରୀ ଓରାମ୍, ସେବତୀ ବିଲୁଙ୍ଗ, ନିଳୀମା ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ବେହେରା ନିଜ ବକ୍ତବ୍ୟରେ କହିଥିଲେ, ପ୍ରଥମେ ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କୁ ସୁଯୋଗ ଦିଆଯାଉନଥିଲା। କିନ୍ତୁ ରାଉରକେଲା ଶ୍ରମିକ ସଂଘର ନିରବଚ୍ଛିନ୍ନ ଲଢ଼େଇ ଯୋଗୁ ମହିଳାମାନଙ୍କୁ ସୁଯୋଗ ମିଳିଲା। ଯାହାକି ଆଜି ଦୁଇଶହରୁ ଉର୍ଦ୍ଧ୍ୱ ମହିଳା ଏହି ଅନୁକମ୍ପାମୂଳକ ନିଯୁକ୍ତି ପାଇ ବର୍ତ୍ତମାନ କାର୍ଯ୍ୟରତ ବୋଲି ସେ କହିଥିଲେ। ସମ୍ପାଦିକା ଧର ମହିଳା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଟି.ଏମ୍. ମଧୁସୂଦନ, କେ. ସି ଆଚାର୍ଯ୍ୟ, ଭାଗ୍ୟଧର ପରିଡା, ରମାକାନ୍ତ ପରିଡା, ପ୍ରଫୁଲ୍ଲ ଦାସ ପ୍ରମୁଖ ସହଯୋଗ କରିଥିଲେ।


ସମାବେଶରେ ଯୋଗ ଦେଇଥିବା ମହିଳା।

# ନିଷ୍ଠାର ସହ କାମ କରିବାକୁ ଆହ୍ୱାନ

## ଆର୍‌ଏସ୍‌ପିର ୮୭୭ତମ ଗଣ ଯୋଗାଯୋଗ କାର୍ଯ୍ୟକ୍ରମ

ରାଉରକେଲା,୧୩।୪(ବିପ୍ଲବ ରଞ୍ଜନ ଦାଶ)

ଗୋପବନ୍ଧୁ ଅଡିଟୋରିୟମରେ ସୋମବାର ଆର୍‌ଏସ୍‌ପିର ୮୭୭ତମ ଗଣ ଯୋଗାଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଆରଏସପିର ସାମଗ୍ରିକ ବିକାଶ ପାଇଁ ସମସ୍ତେ ନିଷ୍ଠାର ସହିତ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଜିଓଏମ, ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବି.କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.ଆର୍. ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲଚୌଧୁରୀ ମଞ୍ଚରେ ଉପସ୍ଥିତ ଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜେ. କେ. ଆଚାର୍ଯ୍ୟଙ୍କ ସମେତ କାରଖାନାର ବହୁ ସିଜିଏମ୍ ଏବଂ ଏଚ୍‌ଓଡି ତଥା ଖଣି ସମେତ ଆର୍‌ଏସପିର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ। ଭାରତର ଶ୍ରେଷ୍ଠ ଇସ୍ପାତ ନିର୍ମାତା ହେବାର ସମ୍ଭାବନା ଥିବା ବିଶ୍ୱାସକୁ ଜୋର ଦେଇ ବର୍ମା ସମସ୍ତ ସୁରକ୍ଷା ମାନଦଣ୍ଡ ଅନୁପାଳନ କରି ଚଳିତ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ଡି ଆଇ ସି କହିଥିଲେ, 'ବର୍ତ୍ତମାନ ଆମର ଦୁଇଟି ଆହ୍ୱାନ ରହିଛି, ଗୋଟିଏ ହେଉଛି ମୂଲ୍ୟ ଅନୁକୂଳନ ସୁନିଶ୍ଚିତ କରିବା ଏବଂ ଅନ୍ୟଟି ହେଉଛି ଭବିଷ୍ୟତରେ ଆମର କ୍ୟାପେକ୍ସ ଯୋଜନାରେ ପରିକଳ୍ପିତ ୯.୮ ମେଟ୍ରିକ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ହାସଲ କରିବା। ନିଜ ପାଇଁ ସୁଯୋଗ ସୃଷ୍ଟି କରିବା ସହ ସଙ୍ଗଠନ ପାଇଁ ମଧ୍ୟ ନୂତନ ସୁଯୋଗ ସୃଷ୍ଟି କରିବା।' ବି. ଆର ପଲାଇ ଗତ ଆର୍ଥିକ ବର୍ଷ ପାଇଁ ଆରଏସ୍‌ପି ସାମୁହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏସ୍. ପାଲଚୌଧୁରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ କର୍ପୋରେଟ୍ ଏଏମ୍‌ଆର ଏବଂ ସିଓଏମ୍ ପ୍ରକଳ୍ପର ସ୍ଥିତି ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ଅବସରରେ ଡିଆଇସି ତିନି ଜଣ କର୍ମଚାରୀଙ୍କୁ ଶ୍ରେଷ୍ଠ ପ୍ରସ୍ତାବଦାତା ପୁରସ୍କାର ପ୍ରଦାନ କରିଥିଲେ। ପରେ ଗତ ଆର୍ଥିକ ବର୍ଷରେ ଆରଏସ୍‌ପିର ପ୍ରଦର୍ଶନ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଚ୍‌ଆର ଏଲ ଏଣ୍ଡ ଡି ବିଭାଗର ପ୍ରଶାସକ ସହଯୋଗୀ ସୁଶ୍ରୀ ସତ୍ୟବତୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଡିଆଇସି ଜଣେ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି।

# ବଢ଼ିଲା ତାତି, ଦ୍ୱିପ୍ରହରେ ରାସ୍ତା ଶୂନ୍‌ଶାନ

ବଲାଙ୍ଗୀର, ୧୩।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ଗ୍ରୀଷ୍ମ ତାତି ବଢ଼ିଛି। ପ୍ରଚଣ୍ଡ ଖରା ଯୋଗୁ ଜିଲାବାସୀ ଆଉଟୁପାଉଟୁ ହେଲେଣି। ସୋମବାର ବଲାଙ୍ଗୀର ଜିଲାର ତାପମାତ୍ରା ୪୦ ଡିଗ୍ରୀ ଟପିଛି। ଟିଟିଲାଗଡଠାରେ ସର୍ବାଧିକ ୪୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀର ଜିଲା ସଦର ମହକୁମା ତାପମାତ୍ର ୪୦.୨ ଡିଗ୍ରୀ ରହିଛି। ତାପମାତ୍ରା ବୃଦ୍ଧି ପାଇବା ପରେ ପୂର୍ବାହ୍ନ ୧୦ଟାରୁ ଖରା ଟାଣି ହେବା ଅନୁଭବ ହେଉଛି। ଦିନ ୧୨ଟା ପରେ ରାସ୍ତା ଶୂନଶାନ୍ ହୋଇପଡୁଛି। ବିଶେଷକରି ବାଇକ୍, ସାଇକେଲ ଏବଂ ପଥଚାରୀ ଯିବା ଆସିବା ପ୍ରାୟତଃ କମିଯାଉଛି।



ଖରା ବୃଦ୍ଧି ପାଇବା ପରେ ବଲାଙ୍ଗୀର ସହର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସର ଶୂନଶାନ ହୋଇପଡୁଛି।

ତାପମାତ୍ରା ବୃଦ୍ଧି ଯୋଗୁ ଦୋକାନ ବଜାର ମଧ୍ୟ ବନ୍ଦ ହୋଇପଡୁଛି। ସକାଳୁଆ ସ୍କୁଲ ଆରମ୍ଭ ହୋଇଥିଲେ ମଧ୍ୟ ପୂର୍ବାହ୍ନ ୧୦ଟା ୩୦ରେ ସ୍କୁଲ ଛୁଟି ହେଉଛି। ଛୁଟି ପରେ

## ଟିଟିଲାଗଡ଼ରେ ୪୧, ବଲାଙ୍ଗୀରରେ ୪୦.୨ ଡିଗ୍ରୀ ତାପମାତ୍ରା

ଅଟୋରିକ୍ସାରେ ଯାଉଥିବା ଛାତ୍ରୀଛାତ୍ର ଏବଂ ଆଖପାଖ ଗାଁରୁ ପାଠ ପଢ଼ିବାକୁ ଆସୁଥିବା ଛାତ୍ରୀଛାତ୍ରମାନେ ଘରକୁ ଫେରିଲାବେଳେ ବିଳମ୍ବ ହେଉଛି। ଫଳରେ ସେମାନଙ୍କୁ ଖରାଝାସ ବାଜୁଛି। ଘରକୁ ଫେରିବାବେଳେ ଅନେକ ଛୋଟଶିଶୁ ତାତିରେ ସିଝି ଲାଲ ପଡିଯାଉଥିବା ଅନେକ ଅଭିଭାବକ କହିଛନ୍ତି। ବିଭିନ୍ନ ଗାଁ ଓ ସହରରୁ ବଲାଙ୍ଗୀର ଆସୁଥିବା ଲୋକେ ଖରା ସମୟରେ କୁଆଡେ ଯାଇ ନ ପାରି ସହର ଭିତର ତଥା ରାସ୍ତାକଡ ଗଛ ଛାଇରେ କିଛି ସମୟ ଅଟକି ରହୁଥିବା ଦେଖିବାକୁ ମିଳୁଛି। ଅପରାହ୍ନ ୫ଟା ପରେ ଲୋକେ ଘରୁ ବାହାରୁଥିବା ଦେଖିବାକୁ ମିଳୁଛି। ବଲାଙ୍ଗୀର ସହରରେ ଚଳିତବର୍ଷ ଟ୍ରାଫିକ୍ ପୋଷ୍ଟଗୁଡିକରେ ଅଟକି ରହୁଥିବା ପଥଚାରୀ ଏବଂ ୨ଚକିଆ ଯାନବାହନ ଚାଳକଙ୍କ ପାଇଁ ଛାଇ ସକାଶେ ଅସ୍ଥାୟୀ ସେଡ୍ ତିଆରି ହୋଇନାହିଁ। ଏହାକୁ ଶୀଘ୍ର ତିଆରି ପାଇଁ ଲୋକେ ଦାବି କରିଛନ୍ତି। ଗ୍ରୀଷ୍ମପ୍ରଭାବ ଯୋଗୁ ତାତି ବୃଦ୍ଧି ପାଉଥିବାରୁ ଅଂଶୁଘାତ ଭୟ ଦେଖାଦେଲାଣି। ବିଶେଷକରି ହସ୍ପିଟାଲ ଏବଂ ଜରୁରୀ କାମରେ ଆସୁଥିବା ଲୋକଙ୍କ ମଧ୍ୟରେ ଅଂଶୁଘାତ ଭୟ ଦେଖାଦେଇଛି। ଅପରାହ୍ନରେ ରାସ୍ତାଘାଟ, ବଜାର ଶୂନଶାନ ହୋଇପଡୁଛି।

# ଫୁଟ୍‌ବଲ ଚାମ୍ପିୟନଶିପ୍ ଲୋଇସିଂହା ଏଫ୍‌ସିର ବିଜୟ


ଲୋଇସିଂହା ଏଫସି ପକ୍ଷରୁ ଖେଳିଥିବା ବୁର୍ଡା ପଞ୍ଚାୟତ ହାଇସ୍କୁଲର ୪ ଛାତ୍ର।

ଲୋଇସିଂହା, ୧୩।୪ (ସୁଶାନ୍ତ ବାରିକ)

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ଆନ୍ତଃ କ୍ଲବ ଓ ଆନ୍ତଃଜିଲା ଫୁଟବଲ ଚାମ୍ପିୟନଶିପ୍ ୨୦୨୬ (ଦ୍ୱିତୀୟ ସଂସ୍କରଣ)ର ତୃତୀୟ ଦିନର ଖେଳ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ବାଳକ ବର୍ଗର ମ୍ୟାଚରେ ଲୋଇସିଂହା ଏଫ୍‌ସି ଦମଦାର ପ୍ରଦର୍ଶନ କରି ବଙ୍ଗୋମୁଣ୍ଡା ଏଫ୍‌ସିକୁ ୫-୧ ଗୋଲରେ ପରାସ୍ତ କରିଥିଲା। ଦଳର ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ଦେଖାଇ ଆରମ୍ଭରୁ ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ରଖିଥିଲେ। ଏହି ମ୍ୟାଚରେ ବୁର୍ଡା ପଞ୍ଚାୟତ ହାଇସ୍କୁଲରୁ ୪ ଛାତ୍ର ଲୋଇସିଂହା ଏଫସି ପକ୍ଷରୁ ଖେଳିଥିଲେ। ସେମାନେ ମ୍ୟାଚରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଦଳର ବିଜୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ।

# ଓଡ଼ିଆ ପକ୍ଷ, ବଜେଟ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ, ୧୩।୪ (ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଓଡ଼ିଆ ପକ୍ଷ ଓ ବଜେଟ ସଚେତନତା କାର୍ଯ୍ୟକ୍ରମ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଓଡ଼ିଶାର ଗୌରବମୟ ଐତିହ୍ୟ, ସମୃଦ୍ଧ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେହିପରି ସରକାରୀ ବଜେଟ କେବଳ ଏକ ଆର୍ଥିକ ଦଲିଲ ନୁହେଁ, ବରଂ ଲୋକମାନଙ୍କ ଉନ୍ନତିର ମୂଳ ଆଧାର। ସାଧାରଣ ଲୋକ ଯଦି ବଜେଟ ବିଷୟରେ ସଚେତନ ହେବେ, ତେବେ ସେମାନେ ନିଜ ଅଧିକାର ଓ ସୁବିଧାକୁ ଭଲ ଭାବେ ବୁଝିପାରିବେ ଏବଂ ଉନ୍ନତିରେ ସକ୍ରିୟ ଭାଗୀଦାର ହୋଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ବ୍ଲକର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଏମ୍‌ବିକେ, ସିଆର୍‌ପି, ଏସଏଚଜି ମହିଳା, ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।

# ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି, ୧୩।୪ (ଗୁରୁଦୟାଲ ହଂସ)

ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ଦିବସଠାରୁ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ସୋମବାର ଆମ ରୁଚି ଆମ ଖାଦ୍ୟ, ଲୋକକଳା ପାଇଁ ଦିନଟିଏ ଓ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତାରେ ନୈନା ହାତୀ ଓ ଲୋକକଳା ପାଇଁ ଦିନଟିଏରେ ଜ୍ୟୋସ୍ନାମୟୀ ତାଣ୍ଡି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ, ଓଡ଼ିଆ ପକ୍ଷ ନୋଡାଲ ଅଧିକାରୀ ଅଧ୍ୟାପକ ଯୁଧିଷ୍ଠିର ବେହେରା, ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତ ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କରେ କହିଥିଲେ, ବନ୍ଦନୀୟ ବରପୁତ୍ରଙ୍କୁ ସ୍ମରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ପକ୍ଷ ସଂଯୋଜିକା ଅଧ୍ୟାପିକା ଧରାଶ୍ରୀ ମହାନ୍ତି, ଅଧ୍ୟାପିକା ସୁନନ୍ଦା ରଥ, ରଶ୍ମି ରମିତା ମେହେର, ନିରବତି ପଧାନ, ଲିପନୀତା ପଧାନ, ଖେଳ ଶିକ୍ଷୟିତ୍ରୀ ରଞ୍ଜୁ ବନଛୋର, ଗ୍ରନ୍ଥାଗାର ରକ୍ଷକ ସନ୍ତୋଷ ମହାନ୍ତି, କର୍ମଚାରୀ ସନ୍ତୋଷ ତ୍ରିପାଠୀ, ବିବେକ ଭୂଷଣ ସାହୁ, ନାଜନିନ ପରମାର, ଲୀନା ଖଟୁଆ, ସାବିତ୍ରୀ ପୁଟେଲ, ହିତେଶ ରଣା, ତପନ ସତନାମୀ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଇଂରାଜୀ ଅଧ୍ୟାପକ ସୋମନାଥ ମେହେର ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ସଂଯୋଜିକା ଶ୍ରୀମତୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# କଂଗ୍ରେସର ବିଦ୍ୟୁତ୍ ଏସ୍‌ଡିଓ ଅଫିସ ଘେରାଉ



କଂଗ୍ରେସର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଓ ରାଲିରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଅନ୍ୟମାନେ।

କଣ୍ଟାବାଞ୍ଜି, ୧୩।୪ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନଗର କଂଗ୍ରେସ ତରଫରୁ ସୋମବାର ପୂର୍ବାହ୍ନରେ କଣ୍ଟାବାଞ୍ଜି ସବ୍‌ଡିଭିଜନ ଅଫିସ ଘେରାଓ କରାଯାଇଥିଲା। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ କଂଗ୍ରେସ ଅଫିସରୁ ଏକ ରାଲି ବାହାରି ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ରାଲି ସବ୍‌ଡିଭିଜନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ୬ଟି ଦାବି ମଧ୍ୟରେ ଦାଦନ ପ୍ରବଣ ବଲାଙ୍ଗୀର ଜିଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ସମସ୍ତ ୩ଟି ବ୍ଲକ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଓ କଣ୍ଟାବାଞ୍ଜି ଏନଏସିରେ ବସବାସ କରୁଥିବା ସମସ୍ତ ବିଜୁଳି ଉପଭୋକ୍ତାଙ୍କ ଉପରେ ମନମୁଖୀ କାର୍ଯ୍ୟ ବନ୍ଦ କରାଯାଉ ବୋଲି ଦାବି ହୋଇଥିଲା। ଏରିୟର ନାମରେ ବାକିଆ ୧୦ ରୁ ୨୦ ବର୍ଷ ପୁରୁଣା ବିଲ ଜବରଦସ୍ତି ଆଦାୟ ବନ୍ଦ କରାଯାଉ, ଘରେ ଜବରଦସ୍ତ ପ୍ରବେଶ କରି ପଏଣ୍ଟ ଗଣିବା ଏବଂ ଭିଜିଲାନ୍ସ ଦ୍ୱାରା ଜବରଦସ୍ତ ଫାଇନ ଏବଂ ପ୍ରବେଶକୁ ନିଷେଧ କରାଯାଉ, ରାଜ୍ୟ ସରକାର ନିଜେ ସ୍ମାର୍ଟ ମିଟର କିଣି ଏବଂ ଟାଟା କମ୍ପାନି ଦ୍ୱାରା ଉପଭୋକ୍ତାମାନଙ୍କୁ ଜବରଦସ୍ତି ଲଗାଇବା ବନ୍ଦ କରାଯାଉ, ବିଦ୍ୟୁତ୍ କଟା ବନ୍ଦ କରାଯାଉ, ଅତିଶୀଘ୍ର ସମସ୍ତ ବିଜୁଳି ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ ବିଜୁଳି ମାଗଣା ଦିଆଯାଉ ଦାବି କରାଯାଇଛି। ଏହି ୬ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଦ୍ୟୁତ୍ ସବ୍‌ଡିଭିଜନାଲ ଅଫିସର ସଞ୍ଜୟ ତିର୍କୀଙ୍କୁ ପ୍ରଦାନ କରିଥିଲେ। ଏହି ଘେରାଓରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲା କଂଗ୍ରେସ କମିଟି ସଭାପତି ଅନିଲ ମେହେର, କଣ୍ଟାବାଞ୍ଜି ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ବଙ୍ଗୋମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ନାରାୟଣ ଜୈନ, ଜିଲା ପରିଷଦ ଜୋନ ୧୧ ସଭ୍ୟ କୌଶିକ ମେହେର, ଜିଲା ପରିଷଦ ଜୋନ ୨୧ ସଭ୍ୟ ଓମପ୍ରକାଶ କୁମ୍ଭାର, ଜିଲା ପରିଷଦ ଜୋନ ୨୯ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ବଙ୍ଗୋମୁଣ୍ଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୁରୁଚରଣ ବେହେରା, କଣ୍ଟାବାଞ୍ଜି ଏନଏସି ପୂର୍ବତନ ନଗରପାଳ ଉମ୍ବରୁଧର ବେହେରା, ବରିଷ୍ଠ କଂଗ୍ରେସ ନେତା ଟିଟିଲାଗ ବିରେନ୍ଦ୍ର ବାଗ ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ଥିଲେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସବ୍ ଡିଭିଜନାଲ ଅଫିସରଙ୍କୁ ଦାବିପତ୍ର ପ୍ରଦାନ

# ବିଂଝାଲ ସମାଜର ବ୍ଲକସ୍ତରୀୟ ନୂତନ ପରିଚାଳନା କମିଟି ଗଠନ

ପାଟଣାଗଡ଼, ୧୩।୪
(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ବାଲିପଟା ପଞ୍ଚାୟତର ଆମ୍ବ ବଗିଚାଠାରେ ସୋମବାର ସ୍ୱଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ଜିଲା କମିଟିର ନିର୍ଦ୍ଦେଶ କ୍ରମେ ବ୍ଲକ ସ୍ତରୀୟ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା। ଅସ୍ଥାୟୀ ସଭାପତି ମହେନ୍ଦ୍ର ବରିହାଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସଭା କାର୍ଯ୍ୟକୁ ଗୌରୀଶଙ୍କର ବରିହା ପରିଚାଳନା କରିଥିଲେ। ହରିଶଙ୍କରରେ ଅବସ୍ଥିତ ମା' ବିନ୍ଧ୍ୟବାସିନୀଙ୍କ ମନ୍ଦିର କାମ କିପରି ଶୀଘ୍ର ସମ୍ପୂର୍ଣ୍ଣ ହେବ ସେନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଜିଲା ସଭାପତି ପଦ୍ମନ କୁମାର ସିଂ ବରିହା, ଉପଦେଷ୍ଟା ଅଷ୍ଟରତ୍ନ ବରିହା, ଉପ ସଭାପତି ଗୌତମ ବରିହା, ସମ୍ପାଦକ କ୍ଷୀରୋଦ ବରିହା, କୋଷାଧ୍ୟକ୍ଷ ମହେନ୍ଦ୍ର ବରିହା, ସମାଜସେବୀ କ୍ଷମାନିଧି ବରିହା, ଜିଲା ମିଡିଆ ସେଲ ସଂଯୋଜକ ପଲସି ବରିହାଙ୍କ ସମ୍ମତି କ୍ରମେ ପାଟଣାଗଡ଼ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ବ୍ଲକ ସଭାପତି ଭାବେ ଯୁବରାଜ ବରିହା, ଉପସଭାପତି ଭାବରେ ବଳରାମ ବରିହା, ସମ୍ପାଦକ ଭାବେ ସାଧୁଚରଣ ସାମିନି, ସହସମ୍ପାଦକ ଭାବେ ଗଣେଶ ବରିହା, କୋଷାଧ୍ୟକ୍ଷ ଭାବେ ଶ୍ରୀକର ବରିହା, ସ୍ଥାୟୀ ସଭ୍ୟ ଭାବେ ବିକ୍ରମ ବରିହା, ସକ୍ରିୟ ସଭ୍ୟ ଭାବେ ପ୍ରଦୀପ ବରିହା, ଉମାକାନ୍ତ ବରିହା, ନୀଳକାନ୍ତ ବରିହା ମିନିକେତନ ବରିହା , ଚପରାସି ଭାବେ ଅମର ବରିହା, ସମାଜସେବୀ କ୍ଷମାନିଧି ବରିହା ନୂତନ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଥିଲେ। ପରେ ସମସ୍ତ ନିର୍ବାଚିତ ପ୍ରତିନିଧି ସମାଜ କିପରି ଆହୁରି ମଜବୁତ ହେବ ସେନେଇ ଶପଥପାଠ କରିଥିଲେ।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

# ବାଇକ୍ ଦୁର୍ଘଟଣା ପରେ ଧରାପଡିଗଲେ କଫ୍ ସିରପ ବେପାରୀ

ବଲାଙ୍ଗୀର, ୧୩।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ମହାଦେବ ମନ୍ଦିର ଛକ ନିକଟରେ ସୋମବାର ପୂର୍ବାହ୍ନରେ ଜଣେ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ବାଇକ୍‌ରୁ ପଡିଯିବା ପରେ ସେ ଧରିଥିବା ବ୍ୟାଗରୁ କପ୍ ସିରପ୍ ବିଚେଇ ହୋଇ ରାସ୍ତାରେ ପଡିଯାଇଥିଲା। ଏହାପରେ ସମ୍ପୃକ୍ତ ଯୁବକ କପ୍ ସିରପ ବେପାରୀ ସନ୍ଦେହ କରି ସ୍ଥାନୀୟ ଲୋକେ ଟାଉନ୍ ଥାନାକୁ ଫୋନ୍ କରିଥିଲେ। ଏହାପରେ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେହି ଯୁବକଙ୍କୁ କାବୁ କରିନେବା ସହ ବାଇକ୍‌କୁ ଜବତି କରିଥିଲା। ଅଟକ ଯୁବକ ଜଣକ ବରଗଡ ଜିଲାର ବୋଲି କୁହାଯାଇଛି।

# ସିଏମ୍ ଟ୍ରଫି-୨୦୨୬ ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର, ୧୩।୪
(ବୀରେନ୍ଦ୍ର କୁମାର ଝାଙ୍କର)

## ଭାଗ ନେଲେ ୧୦ ବାଳକ ଦଳ, ୬ ବାଳିକା ଦଳ

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଭଲିବଲ ଚମ୍ପିୟନଶିପ୍ ୨୦୨୬ ସୋମବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉଦ୍‌ଘାଟିତ ହୋଇଥିଲା। ଏଥିରେ ୧୦ଟି ବାଳକ ଦଳ ଏବଂ ୬ଟି ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ବଲାଙ୍ଗୀର (କ), ବଲାଙ୍ଗୀର (ଖ), ବଙ୍ଗୋମୁଣ୍ଡା (କ), ବଙ୍ଗୋମୁଣ୍ଡା (ଖ), ଆଗଲପୁର, ପୁଇଁନ୍ତଲା (କ), ପୁଇଁନ୍ତଲା (ଖ), ସଇଁନ୍ତଲା, ଖପ୍ରାଖୋଲ, ମୁରିବାହାଲ ଦଳ ଅଂଶଗ୍ରହଣ କରିଥିଲେ। ବାଳିକା ବର୍ଗରେ ପୁଇଁନ୍ତଲା, ଦେଓଗାଁ, ମୁରିବାହାଲ, ସଇଁନ୍ତଲା, ଟିଟିଲାଗଡ଼ ଓ ବଙ୍ଗୋମୁଣ୍ଡା ଦଳ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବକୁ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂସଦର ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାରଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ସୁଧୀର ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ରୀ, ଡ଼ା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ୍ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମଞ୍ଚାସୀନ ଥିଲେ। ଖେଳକୁ ପ୍ରଶାନ୍ତ ପଟ୍ଟନାୟକ, ସୁନୀଲ ଚନ୍ଦ୍ର ବିଶ୍ୱାଳ, ବୁଦ୍ଧିରାଜ ବିଶ୍ୱାଳ, ଉମାକାନ୍ତ ପଧାନ, ବିକାଶ ଦାସ, ଆଲୋକ ଦାସ, ସୁନୀଲ କୁମାର ପଧାନ, ଚୂଡ଼ାମଣି ସାହୁ, ଅଭିଷେକ ନାଗ, ସସ୍ମିତା ମିଶ୍ର, ସ୍ମରଣିକା ବେହେରା, ସଙ୍ଗୀତା ମିଶ୍ର, ସୌରଭ ପଧାନ, ରାଜେନ୍ଦ୍ର ସେଠ, ଜିତେନ୍ଦ୍ର ବାରିକ ଓ ସୁବାସ ସୁନା ପରିଚାଳନା କରିଥିଲେ। ଶେଷରେ ଭଲିଭଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର ଧନ୍ୟବାଦ ଦେଇଥିଲେ।

# ସୁନାମୁଦି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଲାଠୋର, ୧୩।୪ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସୁନାମୁଦି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ସନ୍ଧ୍ୟାରେ ପ୍ରଧାନ ଶିକ୍ଷକ କୁଳମଣି ଧରୁଆଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସରପଞ୍ଚ ସୁନାଫୁଲ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଚୋରମୁଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଲାରାମ ନାଏକ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ। ପୂର୍ବତନ ସରପଞ୍ଚ ଉତ୍ତରା ଭୋଇ ଏବଂ ସାମାଜିକ କର୍ମୀ ପରମାନନ୍ଦ ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥି ଭାବେ ମସିଣା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଞ୍ଚୁ କୁମ୍ଭାର, ଏସ୍‌ଏମ୍‌ସି ସଭାପତି ଲକ୍ଷ୍ମଣ ରାଉତ, ସଦସ୍ୟ କୁଳମଣି ବାଗ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ସହ କ୍ରୀଡ଼ାରେ ଭିନ୍ନ ଭିନ୍ନ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଏବଂ ନାଟକ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଶିକ୍ଷକ ଶେଷଦେବ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଯୁବକଙ୍କ ମୃତ୍ୟୁ ଦୁର୍ଘଟଣା ନା ହତ୍ୟା

- ହତ୍ୟାକରି ଦୁର୍ଘଟଣାର ରୂପ ଦିଆଯାଉଥିବା ପରିବାର ଲୋକଙ୍କ ଅଭିଯୋଗ
- ପୋଲିସ କହୁଛି ଅଜଣା ଗାଡ଼ି ଧକ୍କା

ଲୋଇସିଂହା, ୧୩।୪ (ସୁଶାନ୍ତ ବାରିକ)

ସାଙ୍ଗମାନଙ୍କ ସହିତ ଯାତ୍ରା ଦେଖିଯିବା ହେଲା କାଳ। ଶୁକ୍ରବାର ରାତିରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା କୁଟେନପାଲି ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୁହୁରାପାଲି ଗ୍ରାମର ସୁଶୀଲ ଧରୁଆ(୩୫) । ଲୋଇସିଂହା ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୁଶୀଲଙ୍କ ମୃତ୍ୟୁ ପରେ ସ୍ତ୍ରୀ ଗୀତାଞ୍ଜଳି ଏବଂ ୨ଝିଅ ରୁଜି(୧୨) ଓ ପ୍ରିତି (୮)ଅସହାୟ ହୋଇ ପଡିଛନ୍ତି। ଏନେଇ ଲୋଇସିଂହା ଥାନାରେ ଏକ ଦୁର୍ଘଟଣା ମାମଲା (ନଂ.୮୨।୨୦୨୬) ରୁଜୁକରି ପୋଲିସ ଅଧିକ ତଦନ୍ତ ଚଳାଇଛି। ସୁଶୀଲଙ୍କୁ ହତ୍ୟାକରି ଦୁର୍ଘଟଣାର ରୂପ ଦିଆଯାଉଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ସୁଶୀଲଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ।

ସୂଚନା ଅନୁଯାୟୀ, ଲୋଇସିଂହା ଥାନା ଦୁମଦୁମି ଛକରେ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ଶୁକ୍ରବାର ସନ୍ଧ୍ୟାରେ ସମ୍ବଲପୁରୀ ଅର୍କେଷ୍ଟ୍ରା ପ୍ରୋଗ୍ରାମ ରହିଥିଲା। ସୁଶୀଲ ଗ୍ରାମର ୫ରୁ ୬ ଜଣ ସାଙ୍ଗଙ୍କ ସହିତ ଅର୍କେଷ୍ଟ୍ରା ଦେଖିବାକୁ ଯାଇଥିଲେ। ରାତି ସାଢେ ୧୦ଟାବେଳେ ଯାତ୍ରା ପଡିଆଠାରୁ ଅଳ୍ପବାଟ ଲୋଇସିଂହା-ପଦ୍ମପୁର ରାସ୍ତା କୁଟେନପାଲି ନିକଟସ୍ଥ କଲଭର୍ଟ ନିକଟରେ ରାସ୍ତା ଉପରେ ଜଣେ ଯୁବକ ଗୁରୁତର ଅବସ୍ଥାରେ ପଡିଥିବା ଲୋଇସିଂହା ପୋଲିସକୁ ଖବର ମିଳିଥିଲା। ସେଠାରେ ଲୋଇସିଂହା ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଡକାଇ ସୁଶୀଲଙ୍କୁ ଗୁରୁତର ଅବସ୍ଥାରେ ଲୋଇସିଂହା ଡାକ୍ତରଖାନାକୁ ଆଣିଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସୁଶୀଲଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁଶୀଲଙ୍କ ବଡଭାଇ ଘନଶ୍ୟାମ କହିଛନ୍ତି, ଆମ୍ବୁଲାନ୍ସ କର୍ମଚାରୀଙ୍କଠାରୁ ସୂଚନା ପାଇ ଲୋଇସିଂହା ଡାକ୍ତରଖାନାରେ ପହଞ୍ଚିଥିଲେ। ତାଙ୍କ ଭାଇର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ


ମୃତ ସୁଶୀଲଙ୍କ ଫାଇଲ ଫଟୋ

ପାଇଥିଲେ। ଘଟଣାସ୍ଥଳରେ ତାଙ୍କ ଭାଇଙ୍କ ମୃତ୍ୟୁ ହୋଇଥିବା ସେ ସନ୍ଦେହ କରିଛନ୍ତି। ତାଙ୍କ ଭାଇକୁ ଯୋଜାନବଦ୍ଧ ଭାବେ ହତ୍ୟାକରି ରାସ୍ତା ଉପରେ ଫିଙ୍ଗି ଦେଇଥିବା ସେ ସନ୍ଦେହ କରିଛନ୍ତି। ଏହି ଘଟଣା ପରେ ସାଙ୍ଗରେ ଯାଇଥିବା ଯୁବକମାନେ କୁଆଡେ ଫେରାର ହୋଇଯାଇଛନ୍ତି। ଯାହାକି ସାଧାରଣରେ ରହସ୍ୟ ବଢାଇଛି। ଏସମ୍ପର୍କରେ ଆଇଆଇସି ସିପୋରାସରାୟ ଲୁଗୁନ କହନ୍ତି, ରାସ୍ତା ଉପରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ, ଏଣୁ ରାସ୍ତା ପାରି ହେଉଥିବାବେଳେ କୌଣସି ଗାଡି ତାଙ୍କୁ ଧକ୍କା ଦେଇଥିବ ବୋଲି ସେ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସ୍ପଷ୍ଟ ହେବ ବୋଲି ଆଇଆଇସି ଲୁଗୁନ କହିଛନ୍ତି। ଲୋଇସିଂହା ପଟରେ ସୁଶୀଲଙ୍କ ଗାଁ ରହିଥିବାବେଳେ କୁଟେନପାଲି ପଟକୁ କାହିଁକି ସେ ଯାଇଥିଲେ ଏବଂ ସାଙ୍ଗରେ ଥିବା ଯୁବକମାନେ ସେତେବେଳେ କୁଆଡେ ଯାଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି, ଶୁକ୍ରବାର ଅର୍କେଷ୍ଟ୍ରା ଚାଲିଥିବାବେଳେ ଏକାଧିକ ଗଣ୍ଡଗୋଳ ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ସୁଜିଆ ଅଞ୍ଚଳର ଜଣେ ଯୁବକଙ୍କୁ ନିର୍ଘୃମ ମାଡ ମରାଯାଇଥିବା ଆଲୋଚନା ହେଉଛି। ମୁଣ୍ଡ ପଛପଟେ ଆଘାତ ଲାଗିଥିବାରୁ ଆକ୍ରମଣକାରୀଙ୍କ ମାଡରେ ସୁଶୀଲଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ହେଲା ପରେ ରହସ୍ୟର ପରଦା ହଟିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ରାମଲୀଳା ଯାତ୍ରା: ପ୍ରଭୁ ଶ୍ରୀରାମଙ୍କ ରାଜାଭିଷେକ

ବୌଦ୍ଧ,୧୩।୪(ଅଜିତ କୁମାର ବାରିକ)

ବୌଦ୍ଧଜିଲାର ସର୍ବପୁରାତନ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ରାମଲୀଳା ନାଟ୍ୟସଂସଦ ପକ୍ଷରୁ ସ୍ଥାନୀୟ ମାରୁତି ମଣ୍ଡପଠାରେ ଚାଲିଆସୁଥିବା ବୌଦ୍ଧଗଡ଼ଜାତର ଗଣପର୍ବ ରାମଲୀଳା ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ମାରୁତି ମଣ୍ଡପଠାରେ ରାମଲୀଳା ଯାତ୍ରାରେ ଶ୍ରୀରାମଚନ୍ଦ୍ରଙ୍କ ଲୀଳାକୁ ନାଟକ ମାଧ୍ୟମରେ ରାମଜନ୍ମଠାରୁ ରାଜାଭିଷେକ ପର୍ଯ୍ୟନ୍ତ ନାଟକ ପରିବେଷଣ କରାଯାଇଥିଲା। ସମସ୍ତ ନାଟକ ରାମଲୀଳା ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଏହି ଅନୁଷ୍ଠାନର ବ୍ରତୀମାନେ ୧୮ ଦିନ ଧରି ଗୃହତ୍ୟାଗୀ ହେବା ସହିତ ଦିନକୁ ଗୋଟିଏ ଓଳି ଅନ୍ନ ଭକ୍ଷଣ କରିବା ଓ ସମସ୍ତ ସୁଖ ସୁବିଧାକୁ ତ୍ୟାଗ କରି ଭୂମିରେ ଶୋଇବା ସହ ନିଷ୍ଠାର ସହିତ


ରାମ, ଲକ୍ଷ୍ମଣ, ମାତା ସୀତାଙ୍କ ସହରରେ ଶୋଭାଯାତ୍ରା।

ଯାତ୍ରାରେ ଅଭିନୟ ପ୍ରଦର୍ଶନ କରିଥାନ୍ତି। ଗତ ରବିବାର ରାତି ତମାମ ରାମ ରାବଣଙ୍କ ସମର ଶୋଭାଯାତ୍ରା ବିରାଟ ପଟୁଆରରେ ବାହାରି ସହର ପରିକ୍ରମା କରିବା ପରେ ଜିଲା ଷ୍ଟାଡିୟମ,ବାଘଗୁଡ଼ା ଛକ ଓ ଯାତ୍ରାପଡ଼ିଆଠାରେ ଉଭୟ ସେନା ମୁହାଁମୁହିଁ ହୋଇଥିଲେ। ଜିଲା ଷ୍ଟାଡିୟମ, ଯାତ୍ରାପଡ଼ିଆ ସମେତ ସହରର ବିଭିନ୍ନ ଛକରେ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାତିସାରା ଦର୍ଶକମାନେ ଉପଭୋଗ କରିଥିଲେ। ଜିଲା ତଥା ଜିଲା ବାହାରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଯାତ୍ରାର ଅନ୍ତିମ ଦିବସରେ ସାମିଲ ହୋଇଥିଲେ। ଶେଷରେ ଯାତ୍ରା ପଡ଼ିଆଠାରେ ପରିବେଷଣ ହୋଇଥିଲା ନାଟକ ରାବଣ ବଧ। ଯାତ୍ରା ପଡ଼ିଆରେ ୩୦ ଫୁଟ ଉଚ୍ଚର ରାବଣର ପ୍ରତିକୃତି ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ରରେ ଖଣ୍ଡ ବିଖଣ୍ଡିତ ହେବାରେ ଚାରିଆଡେ ଜୟଶ୍ରୀରାମ ଧ୍ୱନି ଗୁଞ୍ଜରିତ ହୋଇ ଉଠିଥିଲା। ସୋମବାର ପ୍ରଭୁ ଶ୍ରୀରାମଙ୍କ ରାଜାଭିଷେକ ହୋଇଥିଲା। ଏହି ଅବସରରେ ଯାତ୍ରା ପଡିଆଠାରୁ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କୁ ସହରର ପରିକ୍ରମା କରାଯାଇଥିଲା।

## କୋଟସମଲାଇ ଶ୍ରୀରାମଲୀଳା, ମହିରାବଣ ବଧ


ଅଭିନୀତ ମହିରାବଣ ବଧର ଏକ ଦୃଶ୍ୟ ।

ଅମରପାଲି, ୧୩।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ରଘୁନାଥ ମନ୍ଦିର ନିକଟରେ ଶ୍ରୀ ରଘୁନାଥ ନାଟ୍ୟ କଳାପରିଷଦ ତରଫରୁ ୭୫ବର୍ଷ ପ୍ଲାଟିନମ ଜୁବଲି ଶ୍ରୀରାମଲୀଳା ଉତ୍ସବ ଚାଲିଛି। ରବିବାର ରାତିରେ ନାଟ୍ୟ ସଂସଦ ଆନୁକୂଲ୍ୟରେ ମହିରାବଣ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ପାତାଳ ପୁରରେ ମହିରାବଣଙ୍କ ରାଜୁତି, କାଳୀପୂଜା, ମହୀରାବଣଙ୍କ ବିଭିନ୍ନ ରୂପ, ପାତାଳ ଲୋକକୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେଇ ଗମନ, ହନୁମାନଙ୍କ ପାତାଳ ଗମନ, ହନୁମାନଙ୍କ ଦ୍ୱାରା ମହିରାବଣ ବଧ ଆଦି ବିଭିନ୍ନ ଦୃଶ୍ୟ ଅଭିନୀତ ହୋଇଥିଲା। ଶ୍ରୀରାମ ଭୂମିକାରେ ଭିକାରୀ ସେଠୀ, ଲକ୍ଷ୍ମଣ ନରେନ୍ଦ୍ର ବାଘ, ହନୁମାନ ଲକ୍ଷିନ୍ଦ୍ର ବସ୍ତିଆ,ବିଭିଷଣ ବିଭୀଷଣ ସେଠୀ, ମହିରାବଣ ପୂର୍ଣ୍ଣଚନ୍ଦ୍ର ପାଢୀ, ରାବଣ ଦିଗାମ୍ବର ଚୌଧୁରୀ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

# ବନଜାତ ଦ୍ରବ୍ୟ ବିକ୍ରି ପାଇଁ ବ୍ୟବସ୍ଥା ନାହିଁ

ପଦ୍ମପୁର,୧୩।୪(ପ୍ରଦୀପ୍ତ ଦାଶ)

- ବେପାରୀ ନିର୍ଦ୍ଧାରଣ କରୁଛନ୍ତି ମୂଲ୍ୟ
- ଆଦିବାସୀଙ୍କ ଆର୍ଥିକ ସ୍ଥିତି ସୁଧୁରିବ କେମିତି

ବରଗଡ଼ ଜିଲାର ପଦ୍ମପୁର ଉପଖଣ୍ଡ ଏକ ଅବହେଳିତ ଆଦିବାସୀ ଅଞ୍ଚଳ । କୃଷି ପାଇଁ ସ୍ଥାୟୀ ଜଳସେଚନ କିମ୍ବା କୌଣସି କଳକାରଖାନା ନ ଥିବା ଏହି ଅଞ୍ଚଳର ଲୋକେ ଖଟିଖିଆ ଓ ଶ୍ରମିକ। କୃଷି ଓ ଜଙ୍ଗଲ ଜାତ ସାମଗ୍ରୀ ଏମାନଙ୍କ ଆର୍ଥିକ ସ୍ଥିତି ନିର୍ଦ୍ଧାରଣ କରେ। ଚାଷକୁ ବାଦ ଦେଲେ ଏମାନେ ବର୍ଷକରେ ୬ମାସ ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି। ମହୁଲଠାରୁ ଆରମ୍ଭ କରି ଚାରମଞ୍ଜି, ଟୋଲ, ଶାଳପତ୍ର, ଶାଳମଞ୍ଜି, ଆମ୍ବୁଲ, ତେନ୍ତୁଳି ଆଦି ସେମାନଙ୍କ ଆୟର ପ୍ରମୁଖ ଉତ୍ସ। ହେଲେ ବହୁ କଷ୍ଟରେ ଏ ସବୁ ସଂଗ୍ରହ କରୁଥିଲେ ମଧ୍ୟ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁନାହିଁ; ଯେଉଁଥିପାଇଁ ସେମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସୁନାହିଁ। ଏହାର ମୁଖ୍ୟ କାରଣ ହେଉଛି ସରକାରଙ୍କ ପକ୍ଷରୁ ଲଘୁବନଜାତ ଦ୍ରବ୍ୟର କିଣାବିକା ପାଇଁ କୌଣସି ସ୍ୱତନ୍ତ୍ର ବଜାର ସୁବିଧା କରାଯାଇନାହିଁ। ଏହି ଜଙ୍ଗଲଜାତ ସାମଗ୍ରୀର ବଜାର ଚାହିଦା ଥିଲେ ବିକ୍ରିପାଇଁ ବ୍ୟବସ୍ଥା କିମ୍ବା ସରକାରଙ୍କ ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ ହେଉ ନ ଥିବାରୁ ବେପାରୀମାନେ ହିଁ ନିଜର ମନମୁତାବକ ଦର ନିର୍ଦ୍ଧାରଣ କରିଥାନ୍ତି। ସେଥିପାଇଁ ଏହି ନିରୀହ ଆଦିବାସୀ ୫୦ଟଙ୍କାର ସାମଗ୍ରୀକୁ ୨୦/୨୫ଟଙ୍କାରେ ବିକ୍ରି ପାଇଁ ବାଧ୍ୟ ହୋଇଥାନ୍ତି । ଏପଟେ ସେହି ସାମଗ୍ରୀକୁ ରପ୍ତାନି କରି ଖୁବ୍ ଚଢ଼ା ଦରରେ ବିକ୍ରି କରି ମୁନାଫା କରିଥାନ୍ତି।

୨୦୦୮ରେ ସରକାର ବନଜାତ ଦ୍ରବ୍ୟ ଉଚିତ ମୂଲ୍ୟରେ କିଣିବା ପାଇଁ ପଞ୍ଚାୟତଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେହି ନିର୍ଦ୍ଦେଶ ଫାଇଲ ଭିତରେ ସୀମିତ ରହିଲା ଓ ସରକାର ମଧ୍ୟ ଏହି ଦିଗକୁ ସମ୍ପୂର୍ଣ୍ଣ ଅଣଦେଖା କରିଦେଲେ । ତେବେ ଧାନ ଓ ମାଣ୍ଡିଆ ଭଳି ଯଦି ସରକାର ଏହି ବନଜାତ ଦ୍ରବ୍ୟର ମଣ୍ଡି ବ୍ୟବସ୍ଥା କରନ୍ତେ ତେବେ ଆଦିବାସୀ ତଥା ଗାଁରେ ବସବାସ କରୁଥିବା ଲୋକଙ୍କ ଜୀବନଧାରା ବଦଳି ଯାଆନ୍ତା।


ବନଜାତ ଦ୍ରବ୍ୟକୁ ମହିଳାମାନେ ରାସ୍ତାକଡରେ ବିକ୍ରି କରୁଛନ୍ତି।

# ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧିତ, କୃତୀ ପ୍ରତିଯୋଗୀ ପୁରସ୍କୃତ


ମଞ୍ଚାସୀନ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ତରଭା, ୧୩।୪(ମାନଭଞ୍ଜନ ମିଶ୍ର)

**ତରଭା ବ୍ଲକରେ ଓଡ଼ିଆ ପକ୍ଷ ପାଳିତ**

ସୁବର୍ଣ୍ଣପୁର ଜିଲା ତରଭା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ସଭା ଗୃହରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସମାଜସେବା ପ୍ରତି ସମର୍ପିତ ୨୭ ଜଣ ଏନଏସଏସ ସ୍ୱେଚ୍ଛାସେବୀଙ୍କୁ ସେମାନଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ତରଭା ବିଡିଓ ଶିବାନନ୍ଦ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଶ୍ୱେତାଲିନା ମାହାଣା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ ଏବଂ ଏବିଇଓ ସତ୍ୟ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଯୁବ ଲେଖକଙ୍କ ମଧ୍ୟରେ ବକ୍ତୃତା ପ୍ରବନ୍ଧ ଲିଖନ ଓ ଯୁବପୀଢ଼ିଙ୍କ ଆଲୋଚନାଚକ୍ର ତଥା ଆମ ରୁଚି ଆମ ଖାଦ୍ୟ ଆୟୋଜନ ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ପକ୍ଷ ଅବସରରେ ଓଡ଼ିଆ ଭାଷା ଓ ପରମ୍ପରାର ସୁରକ୍ଷା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରବନ୍ଧ ପ୍ରତିଯୋଗିତା (ଓଡ଼ିଆ ଅସ୍ମିତାର ଭୂତ ଓ ଭବିଷ୍ୟତ), ବକ୍ତୃତା ପ୍ରତିଯୋଗିତା (ସମୃଦ୍ଧ ଓଡ଼ିଶାର ବାର୍ତ୍ତା– ଓଡ଼ିଆ ଅସ୍ମିତା) ଏବଂ ଆଲୋଚନାଚକ୍ର (ଓଡ଼ିଶାର ବରପୁତ୍ର) ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱାଭିମାନର ଜାଗରଣ ସୃଷ୍ଟି କରାଯାଇଥିଲା। ବିଡିଓ କର୍ମୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଅଧିବେଶନରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ସମ୍ମାନୀତ ଅତିଥି ଭାବେ ତରଭା ଏନଏସି ଏମ୍‌ପି ପ୍ରତିନିଧି ମାନସ ସାହୁ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଆମ ରୁଚି ଆମ ଖାଦ୍ୟ ପାଳନ ଅନୁଯାୟୀ ବିଭିନ୍ନ ପ୍ରକାର ସୁସ୍ୱାଦୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଂଯୋଜନା କରିଥିଲେ। ଉତ୍ସବର ସଫଳ ସମାପନରେ ଏପିଓ ସମିତ ମହାକୁର, ଜେଆରଏ ଜିତେନ୍ଦ୍ର ସାହୁ, ବିକ୍ରମ ବିଶି, କିଶୋର ଧରୁଆ, ଉମା ଶଙ୍କର ସାହୁ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ବିନିକା, ୧୩।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ସୋଭଗିନି ସୁନା ଅଧ୍ୟକ୍ଷତା କରିଥିଲେ। ଜିପିଡିଓ ଶରତ କୁମାର ମିଶ୍ର, ଏଇଇ ବିଜୟ କୁମାର ପୂର୍ତ୍ତି, ଏପିଓ ସୁବାଷ ଚନ୍ଦ୍ର ବେହେରା, ସିଡିଏସଏସଓ/ ଆଇସି ମନୋଜ ବିଭାର, ଏଏଫଓ ସଙ୍ଗୀତା କିଶାନ, ସୁଭଦ୍ରା ହେଲ୍ଥଡେକ୍ସ ଭାଗ୍ୟସିନୀ ପାତ୍ର, ଫରେଷ୍ଟର ବନମାଳୀ ପାଣ୍ଡେ,ଏଇ ସରୋଜ କୁମାର ସାହୁ, ସିଆରସିସି ବାଲଗୋପାଳ ନେଗୀ, ଆଇସିଡିଏସ ଏଲଏସ କନକଲତା ନେପାକ, ଏମପିଏଚଡବ୍ଲୁ(ଏଫ) ରଶ୍ମିତା ମିଶ୍ର, ଆଶା ଗାୟତ୍ରୀ ନାଏକ ଯୋଗ ଦେଇଥିଲେ। ଏଥିରେ ମୋଟ ୩୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

## ଆମ୍ବେଡକର ଛକରେ ଭାଜପାର ସଫେଇ ଅଭିଯାନ

ବିନିକା, ୧୩।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଆମ୍ବେଦକର ଛକରେ ସୋମବାର ଭାଜପା ନଗର ସମ୍ପାଦକ ଭୁବନେଶ୍ୱର ପାତ୍ରଙ୍କ ନେତୃତ୍ୱରେ ସଫେଇ କରାଯାଇଛି। ସେଠାରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିକୁ ଭାଜପା କର୍ମକର୍ତ୍ତାମାନେ ଧୋଇ ପରିଷ୍କାର କରିଥିଲେ। ଏଥିସହିତ ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱ ପ୍ରାୟ ୨ଶହ ମିଟର ସଫେଇ କରିଛନ୍ତି। ସଫେଇ କାର୍ଯ୍ୟରେ ଉପସଭାପତି ପ୍ରଦ୍ୟୁମ୍ନ ମାହାଣା, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା, ସରୋଜ ରଣା, ବାଳ ଗୋପାଳ ପଣ୍ଡା, ସତ୍ୟ ସାହୁ, ପୂର୍ଣ୍ଣ ମେହେର, ବିକ୍ରମ ମେହେର, ସୁରଚି ବେହେରା, ବିରେନ ମହାଲିଙ୍ଗ, ରଞ୍ଜନ ଦୀପଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ନିୟୋଜିତ ହୋଇଥିଲେ। ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ କରାଯାଇଥିଲା।

SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036

# ସାଢ଼େ ୩ ମାସରେ ୪୨ ଏନ୍‌ଡିପିଏସ୍ ମାମଲା

ସୋନପୁର,୧୩।୪(ମୃତ୍ୟୁଞ୍ଜୟ ଶତପଥୀ)

- ୪୬୪୫.୫୦୭କିଲୋ ଗଞ୍ଜେଇ, ୨୦୩୪୭ ବୋତଲ କଫସିରପ୍ ଜବତ
- ୧୫୩୧୮ ଅଫିମ ଗଛ ନଷ୍ଟ
- ୬୭ ଅଭିଯୁକ୍ତଙ୍କୁ ଗିରଫ

ଗଞ୍ଜେଇ ଚୋରାଚାଲାଣ କରିଡରକୁ ବନ୍ଦ କରିବା ସହ ଡ୍ରଗ୍ସ କାରବାରରେ ସମ୍ପୃକ୍ତଙ୍କୁ ଗିରଫ କରିବା ପାଇଁ ସୁବର୍ଣ୍ଣପୁର ଜିଲା ପୋଲିସ ଉଦ୍ୟମ ଜାରି ରଖିଛି। ସ୍ୱତନ୍ତ୍ର ନିଶାମୁକ୍ତ ଅଭିଯାନ ପାଇଁ ବୈଷୟିକ ଜ୍ଞାନକୌଶଳ ଓ ବିଭିନ୍ନ ସୂତ୍ରରୁ ସୂଚନାକୁ ଆଧାର କରି ଏସ୍‌ପି ନାରାୟଣ ନାୟକଙ୍କ ନେତୃତ୍ୱରେ ପୋଲିସ ଗତ ଜାନୁଆରୀ ୧ରୁ ଏପ୍ରିଲ ୧୩ତାରିଖ ସୋମବାର ପର୍ଯ୍ୟନ୍ତ ସାଢେ ୩ ମାସରେ ଜିଲାର ବିଭିନ୍ନ ଥାନାରେ ମୋଟ ୪୨ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରିଛି। ଏଥିରେ ସମ୍ପୃକ୍ତ ୬୭ଜଣଙ୍କୁ ଗିରଫ କରାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରକୁ ଚୋରାଚାଲାଣ ହେଉଥିବା ୪୬୪୫.୫୦୭କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ନିଶା ପାଇଁ ବହୁଳ ଭାବେ ବ୍ୟବହୃତ ହେଉଥିବା ୨୦ହଜାର ୩୪୭ ବୋତଲ କଫସିରପ୍ ପୋଲିସ ଜବତ କରିଛି। ସେହିପରି ଉଲୁଣ୍ଡା ବନାଞ୍ଚଳର ସିଂହାସନୀ ସଂରକ୍ଷିତ ଜଙ୍ଗଲରେ ଚାଷ ହୋଇଥିବା ୧୫ହଜାର ୩୧୮ଟି ଅଫିମ ଗଛକୁ ନଷ୍ଟ କରାଯାଇଛି। ଏହି ସବୁ ଘଟଣାରେ ୧୪ଟି ଟ୍ରକ୍, ୨୫ଟି ଚାରିଚକିଆ ଯାନ, ୧୩ଟି ମୋଟର ସାଇକେଲ, ୬୦ଟି ମୋବାଇଲ ଜବତ ହୋଇଛି। ସେହିପରି ଅଭିଯୁକ୍ତଙ୍କ ନିକଟରୁ ନଗଦ ୪୬ହଜାର ୭୯୬ଟଙ୍କା ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୪୬କୋଟିରୁ ଊର୍ଦ୍ଧ୍ୱ ହେବ। ଏହା ପୋଲିସର ବଡ ସଫଳତା ବୋଲି କୁହାଯାଉଛି। ତେବେ ଡ୍ରଗ୍ସ କାରବାର ଭଳି ବେଆଇନ କାର୍ଯ୍ୟରୁ ଜନସାଧାରଣ ଦୂରେଇ ରହିବାକୁ ଏସ୍‌ପି ନାୟକ ପରାମର୍ଶ ଦେଇଛନ୍ତି।

# ଭାଜପାରେ ମିଶିଲେ ବିସିସିବି ସଭାପତି

ବୌଦ୍ଧ,୧୩।୪(ଅଜିତ କୁମାର ବାରିକ)

ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ତଥା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରୁଣ କୁମାର ପ୍ରଧାନ ସୋମବାର ଭାଜପାରେ ଯୋଗଦାନ କରିଛନ୍ତି। ଜିଲା ଭାଜପା କାର୍ଯ୍ୟାଳୟରେ ମଣ୍ଡଳ ସଭାପତିମାନଙ୍କ ଏକ ବୈଠକରେ ଦଳର ଜିଲା ସଭାପତି ପ୍ରେମାନନ୍ଦ ମିଶ୍ର ଦଳୀୟ ଟୋପି ପିନ୍ଧାଇ ଅରୁଣଙ୍କୁ ଦଳରେ ସାମିଲ କରାଇଥିଲେ। ଏହି ଅବସରରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲା, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ବିପ୍ର ଚରଣ ମହାନ୍ତି ଓ ସଂଯୁକ୍ତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅରୁଣଙ୍କ ଯୋଗଦାନ ଦ୍ୱାରା ଆଗାମୀ ସମବାୟ ନିର୍ବାଚନରେ ଭାଜପା ମଜଭୁତ ହେବ ବୋଲି ଦଳ ସଭାପତି ମିଶ୍ର ପ୍ରକାଶ କରିଥିଲେ। ତେବେ ସମବାୟ ନିର୍ବାଚନ ପୂର୍ବରୁ ଅରୁଣଙ୍କ ଭାଜପାରେ ଯୋଗଦାନ ବୌଦ୍ଧ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛି।

## ହନୁମାନ ଜୟନ୍ତୀ, ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ବିନିକା, ୧୩।୪( ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପଞ୍ଚାୟତ କୌଡ଼ିଆମୁଣ୍ଡା ଗ୍ରାମରେ ହନୁମାନ ଜୟନ୍ତୀ ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସୋମବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ସ୍ଥାନୀୟ କେନାଲରୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ଧର୍ମରାଜ ପଣ୍ଡା ଓ ତାଙ୍କ ପତ୍ନୀ ଦୀପା ପଣ୍ଡା ଓ ହନୁମାନ ଜୟନ୍ତୀ କର୍ତ୍ତା ଭାବେ ରଞ୍ଜନ ଷାଣ୍ଢ,ଦାୟିତ୍ୱ ନିର୍ବାହ କରୁଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ବୀର ବଜରଙ୍ଗ ଯୁବକ ସଂଘ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର

ସୋନପୁର,୧୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁଜନ ନାଗ ଫୁଟବଲ ଏକାଡେମୀ ପକ୍ଷରୁ ସ୍ଥାନୀୟ ବ୍ଲକ ଛକସ୍ଥିତ ରୟାଲ ସ୍ପୋର୍ଟିଂ କ୍ଲବ ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା।



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଯୁବ ନେତା ଅରବିନ୍ଦ ବାରିକ୍ ଓ ଜୁନିୟର ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ଅତିଥି ଭାବରେ ଯୋଗଦାନ କରି ଏହି ଶିବିରର ଶୁଭାରମ୍ଭ କରିଥିଲେ। ରକ୍ତଦାନ ମହାପୂଣ୍ୟ। ତେଣୁ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। ସେହିପରି ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା। ଶିବିରରେ ମୋଟ ୨୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତ ଭଣ୍ଡାର ର ଡାକ୍ତର ଗୌରିଶଙ୍କର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗତ ଦରୱାନ, ସୁଦାମ ବିଶ୍ୱାଳ, ଯୁଧିଷ୍ଠିର ନାଏକ ଓ ସତ୍ୟବ୍ରତ ତାଣ୍ଡି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଫୁଟବଲ ଏକାଡେମୀର ରାକେଶ ନାଗ, ଶ୍ରୀରାମ ସୁନା, ଜନ୍ମେଜୟ ନାଗ, ଜଳନ୍ଧର ଦୀପ, ନୀଳକଣ୍ଠ କୁମ୍ଭାର, ଖଗେଶ୍ୱର ତାଣ୍ଡି, ସୁରଜ ବାଗ, ତ୍ରିଲୋଚନ ସେନାପତି, ସିଦ୍ଧାର୍ଥ ବାଘ, ରବି ମୁଣ୍ଡା ଓ ଧର୍ମପଦ ଦୀପ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଡୁଙ୍ଗୁରିପାଲି, ୧୩।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ତମାମୁରା ଗ୍ରାମପଞ୍ଚାୟତ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ଼ ନୃପରାଜ ସାହୁ, ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତାପ କୁମାର ରଣା ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୩୩ ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିରୁ ବ୍ୟକ୍ତିଗତ ୧୦୬ ଓ ୨୭ଟି ସାମୂହିକ ଅଭିଯୋଗ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧ଟି ଅଭିଯୋଗ ଆସିଥିଲା। ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ସମସ୍ତ ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡ଼ିଓ ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ଶୁଣାଣିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ)ରାଜେନ୍ଦ୍ର ମାଝୀ, ଜିଲାପାଳଙ୍କ ପ୍ରତିନିଧି ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କାଳିଆ ମଲ୍ଲିକ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଅତିରିକ୍ତ ଡେପୁଟି କଲେକ୍ଟର ପ୍ରିଦର୍ଶନୀ ସାହୁ, ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ଏଇଇ ଅମୂଲ୍ୟରତନ ସାମିନି, ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ଅତିରିକ୍ତ ତହସିଲଦାର ରୋହିତ ବାଘ, ଡୁଙ୍ଗୁରିପାଲି ଥାନା ଅଧିକାରୀ ରୋଜାଲିନ ପଟେଲ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏବିଡ଼ିଓ ମହେଶ୍ୱର ପଧାନ, ତମାମୁରା ସରପଞ୍ଚ ମିତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ଦୁଲ୍ଲଭ ପଧାନ, ସମିତି ସଭ୍ୟ ପର୍ଶୁରାମ ପୂଜାରୀ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଜିଲାପାଳ ଡ଼ ସାହୁ ଗ୍ରାମପଞ୍ଚାୟତର ମା’ ଓ ମମତା କକ୍ଷକୁ ଉଦ୍‌ଘାଟନ କରି ନୂତନ ଭାବେ ତିଆରି ହୋଇଥିବା ଲାଇବ୍ରେରୀ କକ୍ଷ, ମିନି ବ୍ୟାଙ୍କ ଶାଖା କେନ୍ଦ୍ର, ମହିଳାମାନଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ପାରମ୍ପରିକ ଖାଦ୍ୟ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ।

# ୱାର୍କଚାର୍ଜ, ଠିକା ଶ୍ରମିକଙ୍କୁ ନିୟମିତ କର

- ମୁଖ୍ୟଯନ୍ତ୍ରୀଙ୍କ ଅଫିସ ଘେରିଲା ହୀରାକୁଦ ଡ୍ୟାମ ମଜଦୁର ସଂଘ
- ୨୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ


ହୀରାକୁଦ ଡ୍ୟାମ୍ ମଜଦୁର ସଂଘର ପ୍ରତିନିଧିମାନେ ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ସମ୍ବଲପୁର, ୧୩।୪(ପ୍ରମୋଦ ବହିଦାର)

ଠିକା ଶ୍ରମିକଙ୍କୁ ସମାନ କାମକୁ ସମାନ ଦରମା, ଇପିଏଫ୍ ଓ ଇଏସ୍ଆଇ ସୁବିଧା ଆଦି ୨୨ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ହୀରାକୁଦ ଡ୍ୟାମ୍ ମଜଦୁର ସଂଘ। ସୋମବାର ସଂଘ ପକ୍ଷରୁ ହୀରାକୁଦ ନଦୀବନ୍ଧ ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ବୁର୍ଲାସ୍ଥିତ ହୀରାକୁଦ ମୁଖ୍ୟ ଡ୍ୟାମ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ତଥା ଆଇନଜୀବୀ ପ୍ରଶାନ୍ତ ପାଢ଼ୀଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ମୁଖ୍ୟଯନ୍ତ୍ରୀ ତଥା ବେସିନ ପ୍ରବନ୍ଧକ ଇଂ. ସୁଶିଳ କୁମାର ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. ଜ୍ୟୋତି ରଞ୍ଜନ ବେହେରା, ଅଧୀକ୍ଷଣ ଯନ୍ତ୍ରୀ ସୁଧାଂଶୁ ଦ୍ୱିବେଦୀ ଓ ଷ୍ଟଡି ରିସର୍ଚ୍ଚ ସେଣ୍ଟର ନିର୍ଦ୍ଦେଶକ ପ୍ରଦାତ ଶୁକ୍ଲାଙ୍କୁ ୨୨ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ମଜଦୁର ସଂଘର ସାଧାରଣ ସମ୍ପାଦକ ପାଢ଼ୀ କହିଛନ୍ତି, ହୀରାକୁଦ ବନ୍ଧ ପାଇଁ ହଜାର ହଜାର ପରିବାର ନିଜ ଭିଟାମାଟି ହରାଇଥିଲେ। ଏହି ନଦୀବନ୍ଧର ବହୁମୁଖୀ ପ୍ରକଳ୍ପର ମୂଳ ଲକ୍ଷ୍ୟ ଥିଲା ଚାଷୀଙ୍କୁ ଜଳସେଚନଜନିତ ଜଳ ଓ ବିଜୁଳି ଯୋଗାଣ। ହେଲେ ବାସ୍ତବରେ ଏଠାରୁ କେନାଲ ଜରିଆରେ ହେଉଥିବା ଜଳଯୋଗାଣ ଶେଷମୁଣ୍ଡରେ ପହଞ୍ଚି ପାରୁନାହିଁ। ଫଳରେ ଚାଷୀ ଏବେ ପାଣି ପାଇଁ ଡହଳବିକଳ ହେଉଥିବା ବେଳେ ବିଜୁଳି ଉତ୍ପାଦନ ଆଶାନୁରୂପ ହେଉନାହିଁ। ଚିନ୍ତାଜନକ ବିଷୟ ହେଉଛି, ଡ୍ୟାମ୍‌ର ପରିଚାଳନା ଏବେ ସମ୍ପୂର୍ଣ୍ଣଭାବେ ଠିକା ଓ ଆଉଟସୋର୍ସିଂ ଶ୍ରମିକଙ୍କ ହାତକୁ ଚାଲିଗଲାଣି। ପୂର୍ବରୁ ୨୫୦ରୁ ଅଧିକ ସ୍ଥାୟୀ କର୍ମଚାରୀ ଥିବାବେଳେ ଏବେ ମେକାନିକାଲ ଓ ମୁଖ୍ୟବନ୍ଧ ଡିଭିଜନକୁ ମିଶାଇ ମାତ୍ର ୩୬ଜଣ ସ୍ଥାୟୀ କର୍ମଚାରୀ ରହିଛନ୍ତି। କ୍ରେନ ଅପରେଟର, ପମ୍ପ ଡ୍ରାଇଭର ଓ ଗେଜ ରିଡର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ସ୍ଥାୟୀ କର୍ମଚାରୀ ନାହାନ୍ତି। ଏପରିକି ଏଠାରେ ଜଳ ନିଷ୍କାସନ ପାଇଁ ରହିଥିବା ୬୪ଟି ସ୍ଲୁଇସ୍ ଓ ୨୪ଟି କ୍ରେଷ୍ଟ ଗେଟ୍ ମିଶି ମୋଟ ୯୮ଟି ଫାଟକ ପରିଚାଳନାରେ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ଠିକା ଶ୍ରମିକମାନେ ଦାୟିତ୍ୱ ନିର୍ବାହ କରୁଛନ୍ତି। ମାତ୍ର ସେମାନେ ସମସ୍ତ ପ୍ରକାର ସରକାରୀ ସବିଧା ସହିତ ବୀମା ଓ ଜୀବନ ବୀମା ଭଳି ଯେକୌଣସି ସାଧାରଣ ବା ସାମାଜିକ ସୁରକ୍ଷାରୁ ବଞ୍ଚିତ ରହିଛନ୍ତି।

ତେଣୁ ସଂଘ ପକ୍ଷରୁ ଦୀର୍ଘଦିନର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଗ୍ରାଚ୍ୟୁଇଟି, ପେନସନ, ବିପଦ ଭତ୍ତା, ସମୟମାନ୍ୟ ଦରମା ପ୍ରଦାନ ସହିତ ଖାଲିପଦବୀ ପୂରଣ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି। ୧୯୯୨ରୁ ୨୦୦୩ ମସିହା ମଧ୍ୟରେ ସଂଘର ଆନ୍ଦୋଳନ ଯୋଗୁ ଅନେକ ଏନ୍ଏମ୍ଆର୍ ଶ୍ରମିକ ସ୍ଥାୟୀ ହୋଇଥିଲେ ମଧ୍ୟ ଗତ ୨୩ ବର୍ଷ ହେବ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ବନ୍ଦ ରହିଛି। ସରକାର ଶ୍ରମ ଆଇନକୁ ଅଣଦେଖା କରି ଶ୍ରମିକ ଶୋଷଣ କରୁଥିବା ଅଭିଯୋଗ କରି ସମସ୍ତ ୱାର୍କଚାର୍ଜ୍ ଓ ଠିକା ଶ୍ରମିକଙ୍କୁ ତୁରନ୍ତ ନିୟମିତ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଉଗ୍ର ରୂପ ଧାରଣ କରିବ ବୋଲି ସଂଘ ଚେତାବନୀ ଦେଇଛି। ଏହାପୂର୍ବରୁ ରବି ଗୁରୁ, କୁନୁ ଛତ୍ରିୟା, ଚନ୍ଦ୍ରମଣି ବେହେରା, ଜୟନ୍ତ ପାଣିଗ୍ରାହୀ, ଗୁଣ ଭୋଇ, ଭାଗିରଥୀ ଲୁହା ବ୍ରହ୍ମ ମିର୍ଦ୍ଧା, ରାଜୀବ ପଟ୍ଟନାୟକ, ସୁନୀଲ ଖଡ଼ିଆ ପ୍ରମୁଖ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ସଂଖ୍ୟାରେ ଶ୍ରମିକ ଏକ ଶୋଭାଯାତ୍ରାରେ ଆସି ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ହୀରାକୁଦ ଆଜାଦ ଛକରେ ଶୌଚାଳୟ ନିର୍ମାଣ ଦାବି


ଏସ୍ଏମ୍ସି ଉପାୟୁକ୍ତ ତଥା ପ୍ରବର୍ତ୍ତନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମ୍ବଲପୁର, ୧୩।୪(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ପୁରୁଣା ବଜାରର ଆଜାଦ ଛକ ନିକଟରେ ଏକ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିବାକୁ ଦାବି ହୋଇଛି। ସୋମବାର ଅଜିତ କୁମାର ମଲ୍ଲିକ, ତରୁଣ କୁମର ହେହେରା, ରମେଶ ଚନ୍ଦ୍ର ବେହେରା, ସୁଶାନ୍ତ ମେହେର, ଶତ୍ରୁଘ୍ନ ସାହୁ ପ୍ରମୁଖ ସ୍ଥାନୀୟ ବାସିନ୍ଦାଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ଏବଂ ସମ୍ବଲପୁର ମହାନଗର ନିଗମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଉପାୟୁକ୍ତ ତଥା ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଜାଦ ଚୌକ ଏକ ବ୍ୟସ୍ତବହୁଳ ବାଣିଜ୍ୟିକ କେନ୍ଦ୍ର ହୋଇଥିବାରୁ ଏଠାରେ ସାର୍ବଜନୀନ ଶୌଚାଳୟ ଏବଂ ପାର୍କିଂ ବ୍ୟବସ୍ଥାର ଘୋର ଅଭାବ ରହିଛି। ଫଳରେ ସ୍ଥାନୀୟ ଦୋକାନୀ, ଯାତ୍ରୀ ଏବଂ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ଉକ୍ତ ଛକ ନିକଟରେ ଥିବା ପ୍ରାୟ ୨୫ ଫୁଟ୍ ଚଉଡ଼ା ଓ ୮୦ ଫୁଟଲମ୍ବ ବିଶିଷ୍ଟ ଏକ ସରକାରୀ ଜମି ରହିଛି। ହେଲେ ଏହା କେତେଜଣ ଜବରଦଖଲ କରି ରଖିଛନ୍ତି। ଏହି ଜମିକୁ ତୁରନ୍ତ ଜବରଦଖଲମୁକ୍ତ କରି ସେଠାରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଭକ୍ତି ଗୀତ ସିଡି ଉନ୍ମୋଚିତ

## ଆକାଶବାଣୀରେ ନିୟମିତ ଅଡିଶନ ନ ହେବା ଯୋଗୁ ସୃଷ୍ଟି ହେଉନାହାନ୍ତି କଳାକାର

ସମ୍ବଲପୁର, ୧୩।୪(ବି.ଶଙ୍କର)

ପବିତ୍ର ହନୁମାନ ଜୟନ୍ତୀ ଉପଲକ୍ଷେ ତ୍ରିମୂର୍ତ୍ତି ପ୍ରଡ଼କ୍ସନ ପକ୍ଷରୁ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ଉପରେ ଆଧାରିତ ଭକ୍ତିଗୀତ ସିଡି ସୋମବାର ମଧ୍ୟାହ୍ନ ୧୨ଟାରେ ସାମ୍ବାଦିକ ଭବନଠାରେ ଶୁଭ ଉନ୍ମୋଚିତ ହୋଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ତ୍ରିଲୋଚନ ତ୍ରିପାଠୀଙ୍କ ସହ ପୂଜା ମୁଣ୍ଡା ଏହି ଗୀତରେ କଣ୍ଠଦାନ କରିଛନ୍ତି। ଗୀତିକାର ସନତ ମିଶ୍ର ସମ୍ବଲପୁରୀ ଭାଷାରେ ଭକ୍ତି ଗୀତ ଭଜୁଥିବୁରେ ଜପୁଥିବୁରେ ମନେ ମନେ ଗୁଟେ ନାଆଁ...ରାମ ରାମ.... ରଚନା କରିଥିବା ବେଳେ ଏସପି ମ୍ୟୁଜିକ ଗୀତକୁ ସଙ୍ଗୀତରେ ସଜାଇଛନ୍ତି। ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ ମିତ୍ର, ମୋତିଲାଲ ଦୋରା, ପ୍ରମୋଦ ମିଶ୍ର, ପ୍ରୟାଗରାଜ ବେହେରା ଉପସ୍ଥିତ ଥିଲେ। ସଙ୍ଗୀତଜ୍ଞ ମିତ୍ର କହିଥିଲେ, ଆଜିର ଦିନରେ ଯେତେମାତ୍ରାରେ କଣ୍ଠ ଶିଳ୍ପୀମାନେ ସୃଷ୍ଟି ହେବା କଥା ତାହା ହୋଇପାରୁନାହିଁ। ବିଗତ ଦିନରେ ଆକାଶବାଣୀ ଏହା ଏକ ମୁଖ୍ୟ ଆଧାର ଥିଲା, ଯେଉଁଠୁ କଳାକାର ସୃଷ୍ଟି ହୋଇ ସମାଜରେ ପ୍ରତିଷ୍ଠିତ ହେଉଥିଲେ। କିନ୍ତୁ ଯେଉଁପରିଭାବେ କଳାକାରଙ୍କ ପାଇଁ ଅଡିସନ ହେବା କଥା ତାହା ହେଉନାହିଁ। ଯଦ୍ୱରୋ କଳାକାର ସମସ୍ୟା ସୃଷ୍ଟି ହେଉଛି। ଅନ୍ୟତମ ଅତିଥି ସଙ୍ଗୀତଜ୍ଞ ଦୋରା କହିଥିଲେ, ନିୟମିତ ଭାବେ ଏମିତି ମ୍ୟୁଜିକ ଆଲବମ ଗୀତଗୁଡିକ ରିଲିଜ ହେବା କଥା। ଫଳରେ ଲୁକ୍କାୟିତ କଳାକାରମାନେ ଲୋକଲୋଚନକୁ ଆସିପାରନ୍ତେ। ଏହି ସଙ୍ଗୀତମୟ ପରିବେଶରେ ଉନ୍ମୋଚିତ ଭକ୍ତି ଗୀତର ଅଡିଓ, ଭିଡିଓକୁ ପ୍ରଦର୍ଶିତ କରାଯାଇଥିଲା। ଏହି ଗୀତ ଉଭୟ ମହିଳା ଓ ପୁରୁଷ କଣ୍ଠରେ ପ୍ରଯୋଜିତ ହୋଇଛି।



ଶ୍ରୀରାମ ଗୀତ ଉନ୍ମୋଚନ ଉତ୍ସବରେ ସଙ୍ଗୀତଜ୍ଞ ପ୍ରଫୁଲ୍ଲ ମିତ୍ର ମତ ରଖୁଛନ୍ତି।

# ସମ୍ବଲପୁରରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ


ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ନାରୀ ଶକ୍ତି ବନ୍ଦନ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ସମ୍ବଲପୁର, ୧୩।୪(ପ୍ରମୋଦ ବହିଦାର)

ଦେଶରେ ମହିଳା ସଂରକ୍ଷଣ ପାଇଁ ନୂତନ ଭାବେ ଲାଗୁ ହୋବାକୁ ଯାଉଥିବା ନୂତନ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ନେଇ ମହିଳାମାନେ ଉତ୍ସାହିତ ବୋଲି କହିଛନ୍ତି ସମ୍ବଲପୁର ଜିଲା ଭାରପ୍ରାପ୍ତ ସମାଜ କଲ୍ୟାଣ ଅଧିକାରୀ ସରୋଜା ବେହେରା। ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁହାଯାଇଥିଲା ଯେ, ନାରୀ ଶକ୍ତି ବନ୍ଦନ ସମ୍ମିଳନୀର ମୂଳ ଲକ୍ଷ୍ୟ ହେଉଛି ନୂତନ ମହିଳା ସଂରକ୍ଷଣ ବିଲ୍ ବାବଦରେ ମହିଳାମାନଙ୍କୁ ସଚେତନତା କରିବା। ସେ ସୂଚନା ଦେଇ କହିଥିଲେ, ଆସନ୍ତା ୧୬ରୁ ୧୮ ତାରିଖ ମଧ୍ୟରେ ସଂସଦରେ ଆଗତ ହେବାକୁ ଥିବା ନାରୀ ସଂରକ୍ଷଣ ଅଧିନିୟମ ଦ୍ୱାର ମହିଳା ସଶକ୍ତୀକରଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହା ପୂର୍ବରୁ ସକାଳେ ୩ଶହରୁ ଅଧିକ ମହିଳା, ସମାଜସେବୀ, ପ୍ରଶାସନିକ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଲକ୍ଷ୍ମୀଟକିଜ୍ ଛକରୁ ନାରୀ ଶକ୍ତି ବନ୍ଦନ ସଚେତନତା ଧର୍ମୀ ଏକ ରାଲିରେ ସଭାସ୍ଥଳ ତପସ୍ୱିନୀ ପ୍ରେକ୍ଷାଳୟରେ ପହଞ୍ଚିଥିଲେ। ଏଠାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ସବିତା ତ୍ରିପାଠୀ, ଏନ୍ଏସ୍ସିବି ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଶିକ୍ତା ନନ୍ଦ, ଆଇନଜୀବୀ ପୁଷ୍ପାଞ୍ଜଳି ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସବିତା ନନ୍ଦ, ପୂର୍ବତନ ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବୋଧନକୁ ମଧ୍ୟ ସିଧାପ୍ରସାରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ନାରୀ ସଶକ୍ତୀକରଣ ଓ ପ୍ରସ୍ତାବିତ ଅଧିନିୟମ ନାରୀ ଶକ୍ତି ବନ୍ଦନ ଉପରେ ଗୁରୁତ୍ୱାରୋପ କରି ଏହାକୁ ଆସନ୍ତା ୨୦୨୯ ମସିହା ସୁଦ୍ଧା ଲାଗୁ କରିବାକୁ ସେ ବଦ୍ଧପରିକର ବୋଲି କହିଥିଲେ। ସମ୍ବଲପୁର ସମେତ ଭୁବନେଶ୍ୱର, ମୟୂରଭଞ୍ଜ, ଅନୁଗୋଳ ଏବଂ ପୁରୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନର ସିଧାପ୍ରସାରଣ କରାଯାଇଥିଲା।

# ନାରୀଶକ୍ତି ବନ୍ଦନ ଅଧିନିୟମ ଆଲୋଚନାଚକ୍ର

କୁଚିଣ୍ଡା, ୧୩।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ସୋମବାର ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନ ଅଧ୍ୟକ୍ଷତା କରି କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଯାଉଥିବା ନାରୀଶକ୍ତି ବନ୍ଦନ ଅଧିନିୟମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ମନୋରମା ପଟେଲ, ନମିତା ନାୟକ ଅଧ୍ୟାପକ ରୋସନଦତ୍ତ ଶର୍ମା, ବିନୋଦ ବିହାରୀ ପୃଷ୍ଠେଠ, ହରେଶ କୁମାର ସାହୁଙ୍କ ସମେତ କଲେଜ ଛାତ୍ରୀ ଅଂଶଗ୍ରହଣ କରି ସାଂପ୍ରତିକ ସମାଜରେ ନାରୀର ଗୁରୁତ୍ୱ ସହ ଭାରତୀୟ ଅର୍ଥନୀତିର ଉନ୍ନତିରେ ନାରୀର ଭୂମିକା ନେଇ ଆଲୋଚନା କରିଥିଲେ। ଏହାଛଡା ନାରୀ ସଶକ୍ତୀକରଣ, ସଂରକ୍ଷଣ ଓ ରାଜନୀତି କ୍ଷେତ୍ରରେ ନାରୀମାନଙ୍କ ଭାଗିଦାରିତାର ସଫଳ ଗାଥା ବର୍ଣ୍ଣନା କରିଥିଲେ।


SAMALESWARI GROUP OF INSTITUTIONS
S.R.I.T. Colony, Near Hanuman Temple, Budharaja, Sambalpur-768004
B.Ed.
DIRECT ADMISSION
SESSION 2026-28
2 Years (4 Sems) B.Ed.
Eligibility- Any Graduate
NCTE Recognised Course
Under Acharya Nagarjuna University & Andhra Kesari University
CONTACT US- 9777167095, 9437446036


# ଶୀତଳଷଷ୍ଠୀ ଯାତ୍ରା, ଶଗଡ଼େଶ୍ୱର ମହୋତ୍ସବ ପ୍ରସ୍ତୁତି ବୈଠକ

ଜମନକିରା, ୧୩।୪(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତର ବାମଣ୍ଡା ଗଡ଼ଜାତର ପୁରାତନ ଶଗଡ଼େଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୃପଲାଲ ପଲେଇଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କର୍ତ୍ତା ଚୟନ ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଙ୍ଗଲମୁଣ୍ଡା ନିବାସୀ ମଣ୍ଟୁ ପଟେଲ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ପଟେଲଙ୍କୁ ବରକର୍ତ୍ତା ଏବଂ ସୁନ୍ଦରଗଡ଼ ପଚୁଆଡିହି ନିବାସୀ ପ୍ରଭାସ ପଟେଲ ଓ ତାଙ୍କ ସ୍ତ୍ରୀ ମୋନାଲିସା ନାୟକଙ୍କୁ କନ୍ୟାକର୍ତ୍ତା ଭାବେ ଚୟନ କରାଯାଇଥିଲା। ଆସନ୍ତା ୨୦ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗଣ୍ଠିଲା ଫିଟା କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରାରମ୍ଭରେ ମନ୍ଦିରର ପୃଷ୍ଠପୋଷକ ଶଶୀଭୂଷଣ ଡେଇଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମଳୟ ବେହେରା ବିଗତ ବର୍ଷର ଯାତ୍ରା ଓ ମହୋତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ଜୁନ ୧୮ ଓ ୧୯ଦୁଇଦିନ ଧରି ହେବାକୁ ଥିବା ଶୀତଳଷଷ୍ଠୀ ଯାତ୍ରା ଓ ଶଗଡେଶ୍ୱର ମହୋତ୍ସବକୁ ଆଡମର ସହକାରେ ପାଳନ କରାଯିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ମନ୍ଦିର ପରିଚାଳନା କମିଟି ସଭାପତି ରୁଦ୍ରନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, ରାଜା ଶର୍ମା,ନରେନ୍ଦ୍ର ପଲେଇ,ସନ୍ତୋଷ ଠାକୁର,ସତୀଶ ମହାକୁଳ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ରେଳଷ୍ଟେଶନରେ ଲାଗିଲା ୨୦୯ ଉନ୍ନତ ସିସି କ୍ୟାମେରା

ସମ୍ବଲପୁର, ୧୩।୪(ପ୍ରମୋଦ ବହିଦାର)

ଯାତ୍ରୀଙ୍କ ସୁରକ୍ଷା ଏବଂ ରେଳ ଷ୍ଟେଶନ ପରିଚାଳନା କ୍ଷେତ୍ରରେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ ମଣ୍ଡଳ ପକ୍ଷରୁ ଏହା ଅଧିନ ବିଭିନ୍ନ ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକରେ ମୋଟ ୨୦୯ଟି ଉନ୍ନତମାନର ଅତିରିକ୍ତ ସିସି କ୍ୟାମେରା ଖଞ୍ଜାଯାଇ ନୀରିକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି। ବିଶେଷ କରି ଷ୍ଟେଶନରେ ଯାତ୍ରୀଙ୍କ ଭିଡ଼ ନିୟନ୍ତ୍ରଣ ସହିତ ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ସମ୍ପ୍ରସାରିତ ନେଟୱର୍କ ଜରିଆରେ ବାସ୍ତବ ସମୟ(ରିଅଲ-ଟାଇମ୍) ପରିସ୍ଥିତି ଉପରେ ନଜର ରଖାଯାଇପାରିବ। ଫଳରେ କୌଣସି ଅପ୍ରୀତିକର ପରିସ୍ଥିତିରେ ରେଳ କର୍ମଚାରୀ ଏବଂ ସୁରକ୍ଷା ବଳ ତୁରନ୍ତ ସୁରକ୍ଷା ଜନିତ ପଦକ୍ଷେପ ଗ୍ରହଣ କରିପାରିବେ। ଉନ୍ନତମାନର ମନିଟରିଂ ଦ୍ୱାରା ସନ୍ଦେହଜନକ ଗତିବିଧି ଚିହ୍ନଟ କରିବା ସହ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ଅଧିକ ସକ୍ଷମ ହୋଇପାରିବେ।

# ଛାତ୍ରୀଛାତ୍ର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରସ୍ଥ

- ଏସ୍ୟୁରେ କମ୍ୟୁନିକେଟିଭ ଇଂଲିଶ ପରୀକ୍ଷାରେ ଗଣଫେଲ
- ଆନ୍ଦୋଳନ ଚେତାବନୀ ଦେଲା ପ୍ରୋଗ୍ରେସିଭ ସମ୍ବଲପୁର



ଛାତ୍ରୀଛାତ୍ରମାନେ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ସମ୍ବଲପୁର, ୧୩।୪(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍ୟୁ) ଅଧିନରେ ଥିବା ଯୁକ୍ତ ୩ ତୃତୀୟ ସେମିଷ୍ଟାର କମ୍ୟୁନିକେଟିଭ ଇଂଲିଶ(ବ୍ୟାକପେପର) ପରୀକ୍ଷାରେ ଅନିୟମିତତା ଅଭିଯୋଗ ହୋଇଛି। ସରକାରୀ ମହିଳା ମହାବିଦ୍ୟାଳୟ, ହୀରାକୁଦ ମହାବିଦ୍ୟାଳୟ, ଏନ୍ଏସ୍ସିବି ମହାବିଦ୍ୟାଳୟ ଓ ଲରମ୍ଭା ମହାବିଦ୍ୟାଳୟର ଷଷ୍ଠ ସେମିଷ୍ଟାର ଛାତ୍ରୀଛାତ୍ରମାନେ ଏହି ବିଷୟରେ ଗଣଫେଲ ହେବା ପରେ ସୋମବାର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଅନ୍ୟ ସମସ୍ତ ବିଷୟରେ ଉଚ୍ଚ ଗ୍ରେଡ ରଖିଥିବା ସତ୍ତ୍ୱେ କେବଳ ଏହି ପେପରରେ ଶତାଧିକ ବିଦ୍ୟାର୍ଥୀଙ୍କୁ ଫେଲ କରାଯାଇଛି। ଯାହା ମୂଲ୍ୟାୟନ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ଅଭିଯୋଗ କରିଛି। ପ୍ରୋଗ୍ରେସିଭ ସମ୍ବଲପୁର ସାଧାରଣ ସମ୍ପାଦକ ଚୁମନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଏସ୍ୟୁକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ଉପସ୍ଥାପନ କରିଛନ୍ତି। କମ୍ୟୁନିକେଟିଭ ଇଂଲିଶ ସମୂହ ଫେଲ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପ୍ରତି ଅବହେଳା ଓ ଭବିଷ୍ୟତକୁ ନଷ୍ଟ କରିବାର ପ୍ରୟାସ। ବିନା କୌଣସି ପୂର୍ବ ସୂଚନାରେ ପରୀକ୍ଷା ପ୍ୟାଟର୍ଣ୍ଣ ବଦଳା ଯାଇଥିଲା। ଯଦି ତୁରନ୍ତ ଖାତା ପୁନଃ ମୂଲ୍ୟାୟନ କରା ନ ଯାଏ କିମ୍ବା ୧୫ ଦିନ ମଧ୍ୟରେ ସ୍ୱତନ୍ତ୍ର ସପ୍ଲିମେଣ୍ଟାରୀ ପରୀକ୍ଷା କରା ନ ଯାଏ ତେବେ ଅନେକ ଛାତ୍ରୀ ସିପିଇଟି ଏବଂ ବିଇଡି ଭଳି ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ହେବେ। ଆସନ୍ତା ୨୦ଦିନ ମଧ୍ୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାସତ୍ତ୍ୱେ ଯଦି ସମସ୍ୟାର ସମାଧାନ ନ ହୁଏ, ତେବେ ଜ୍ୟୋତି ବିହାର ମୁଖ୍ୟ ଫାଟକ ସମ୍ମୁଖରେ ଗଣତାନ୍ତ୍ରିକ ଆନ୍ଦୋଳନ କରାଯିବ ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିବାଦ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଚୁମନ ପ୍ରଧାନ, ଜୟନ୍ତ ପଟ୍ଟନାୟକ, ଆର୍ୟନ ବହିଦାର, ଐଶ୍ୱର୍ଯ୍ୟା ମହାପାତ୍ର, ଲିପ୍ସାରାଣୀ ଗୌର, ସମ୍ପଦା ମେହେର, ଶିବୁ ସେଠ, ନିଗମ ପାତ୍ର, ଜ୍ୟୋତି, ସପ୍ନା, ତନୁଶ୍ରୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଓଡ଼ିଆ ପକ୍ଷରେ ପାରମ୍ପରିକ ଖାଦ୍ୟ ଦିବସ ପାଳିତ

ନାକଟିଦେଉଳ, ୧୩।୪ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ପାରମ୍ପରିକ ଖାଦ୍ୟ ଦିବସ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସମ୍ପର୍କିତ ସଭାରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକର ଅତିରିକ୍ତ ବିଡିଓ ବିଦ୍ୟାଧର ରାଉତରାୟ, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ ଓଡ଼ିଶାର ସଂସ୍କୃତିରେ ପାରମ୍ପରିକ ଖାଦ୍ୟ ପିଠା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶେଷଦେବ ବିଶ୍ୱାଳ, ଦେବେଶ ବିଶ୍ୱାଳ, ସୁଭାଷ ବେହେରା, ବିନୋଦ ବିହାରୀ ପ୍ରଧାନ ଓ ଗ୍ରନ୍ଥାଗାରିକ ବିଭୂତି ଭୁଷଣ ସାହୁ ଓଡ଼ିଶାର ଖାଦ୍ୟ ସଂସ୍କୃତିର ଐତିହାସିକ ଓ ସାମାଜିବ ପୃଷ୍ଠଭୂମି ତଥା ଓଡିଶା ବାହାରେ ଓଡ଼ିଆ ଖାଦ୍ୟର ଚାହିଦା ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ଡ ଆର୍.ପୁଷ୍ପାଞ୍ଜଳି, ଜୟନ୍ତୀ ସାହୁ, ଲିଟିନା ପ୍ରିୟଦର୍ଶିନୀ, ଗିରିଶବାଳା ନାୟକ ଓ ସଙ୍ଗୀତା ସେଠଙ୍କ ଦ୍ୱାରା ପ୍ରସ୍ତୁତ ମହୁଲ ପିଠା, ଆଡ଼କାଳି, ଚିତଉ ପିଠା, କାକରା, ଆରିଶା ପିଠା, ଭାତପିଠା, ଚାଉଳ ବରା, ମୁଆଁ ପିଠା, ରସବରା ଓ ପୋଡ଼ ପିଠା ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଅଂଶବିଶେଷ ଝୋଟି ଓ ହୁଳହୁଳି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇଥିବା ଯୁକ୍ତ ୩ ୨ୟ ବର୍ଷ ଛାତ୍ରୀ ଲିଜା ପ୍ରଧାନ, ଝୋଟିରେ ୨ୟ ହୋଇଥିବା ଶୁଭସ୍ମିତ ସାହୁ, ୩ୟ ହୋଇଥିବା ରଚନା ପ୍ରଧାନ, ହୁଳହୁଳି ପ୍ରତିଯୋଗିତାରେ ୨ୟ କଳ୍ପନା ଗଡ଼ତିଆ ଓ ୩ୟ ହୋଇଥିବା ଛାତ୍ରୀ ବର୍ଷା ସିଂହଙ୍କୁ ପୁରସ୍କୃତ କରାଯାଇଥିଲା। ପାରମ୍ପରିକ ଖାଦ୍ୟ ସମ୍ପର୍କରେ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଅଧ୍ୟାପିକା ଡ ଆର.ପୁଷ୍ପାଞ୍ଜଳି ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା: ରୂପାନ୍ତରଣର ଏକ ନୂଆ ଅଧ୍ୟାୟ

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ନାରୀକୁ ସବୁବେଳେ ଶକ୍ତିର ଆଧାର ଭାବେ ଗ୍ରହଣ କରାଯାଇଛି। ଆମ ସଭ୍ୟତାର ମୂଳଦୁଆ ନାରୀତ୍ୱର ଗୌରବ ଏବଂ ମହିମା ଉପରେ ପ୍ରତିଷ୍ଠିତ। ଶାସ୍ତ୍ରର ସେହି ପ୍ରସିଦ୍ଧ ପଂକ୍ତି 'କାର୍ଯ୍ୟେଷୁ ଦାସୀ, କରଣେଷୁ ମନ୍ତ୍ରୀ, ରୂପେଷୁ ଲକ୍ଷ୍ମୀ, କ୍ଷମୟା ଧରିତ୍ରୀ' ଜଣେ ନାରୀର ବହୁମୁଖୀ ପ୍ରତିଭାକୁ ଦର୍ଶାଇଥାଏ। ଏହାର ଅର୍ଥ ହେଉଛି, ଜଣେ ନାରୀ ନିଜର ଦକ୍ଷତା, ବୁଦ୍ଧିମତ୍ତା ଏବଂ ଅସୀମ ସହନଶୀଳତା ଦ୍ୱାରା ନିଜ ପରିବାରଠାରୁ ଆରମ୍ଭକରି ସମାଜ ପର୍ଯ୍ୟନ୍ତ ସବୁ ସ୍ତରରେ ସନ୍ତୁଳନ ରକ୍ଷା କରିଥାଏ। କିନ୍ତୁ ଆଜିର ପରିବର୍ତ୍ତିତ ଓଡ଼ିଶାରେ ନାରୀ କେବଳ ଘରର ଚାରିକାନ୍ଥ ଭିତରେ ସୀମିତ ନାହିଁ କିମ୍ବା କେବଳ ସରକାରୀ ଯୋଜନାର ଜଣେ ପରୋକ୍ଷ 'ହିତାଧିକାରୀ' ହୋଇ ରହିନାହିଁ, ବରଂ ସେ ଆଜି ବିକଶିତ ଓଡ଼ିଶାର ମୁଖ୍ୟ ସାରଥି ଏବଂ ନୀତି ନିର୍ଦ୍ଧାରକ ଭାବେ ଉଭା ହୋଇଛି।

ଭାରତୀୟ ଗଣତନ୍ତ୍ର ଇତିହାସରେ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବା ମହିଳା ସଂରକ୍ଷଣ ବିଲ୍ ଏକ ଯୁଗାନ୍ତକାରୀ ପଦକ୍ଷେପ। ଦୀର୍ଘ ଦଶନ୍ଧି ଧରି ପ୍ରତୀକ୍ଷିତ ଏହି ବିଲ୍ ବର୍ତ୍ତମାନ ଏକ ବାସ୍ତବିକ ରୂପ ନେଇଛି। ଏହି ଅଧିନିୟମ ଅନୁଯାୟୀ, ଭାରତର ଲୋକ ସଭା ଏବଂ ସମସ୍ତ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିବ। ୧୨୮ତମ ସମ୍ବିଧାନ ସଂଶୋଧନ ବିଲ୍ ଭାବେ ଆଗତ ହୋଇ ଏହା ବର୍ତ୍ତମାନ ୧୦୬ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଭାବେ ଗୃହୀତ ହୋଇଛି।

ଏହି ଐତିହାସିକ ନିଷ୍ପତ୍ତିର ବିଶେଷତ୍ୱ ହେଉଛି, ଏହା କେବଳ ସାଧାରଣ ବର୍ଗ ନୁହେଁ, ବରଂ ଅନୁସୂଚିତ ଜାତି (SC) ଏବଂ ଅନୁସୂଚିତ ଜନଜାତି (ST) ବର୍ଗର ମହିଳାମାନଙ୍କୁ ମଧ୍ୟ ସମାନ ଭାବେ ଅଧିକାର ପ୍ରଦାନ କରିବ। ଏହା ସମାଜର ସବୁଠାରୁ ତଳସ୍ତରରେ ଥିବା ମହିଳାଙ୍କୁ ସଂସଦ ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ସାମାଜିକ ନ୍ୟାୟ ପ୍ରଦାନ କରିବାରେ ଏକ ବଳିଷ୍ଠ ମାଧ୍ୟମ ସାଜିବ।



ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ନୂତନ ଜନଗଣନା ଏବଂ ସୀମା ନିର୍ଦ୍ଧାରଣ (Delimitation) ପ୍ରକ୍ରିୟା ସମାପ୍ତ ହେବା ପରେ ଏହି ସଂରକ୍ଷଣ ବ୍ୟବସ୍ଥା ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ ହେବ। ଏହା ପ୍ରାଥମିକ ପର୍ଯ୍ୟାୟରେ ୧୫ ବର୍ଷ ପାଇଁ ଲାଗୁରହିବ। ଗୋଟିଏ ପଟେ ଯେତେବେଳେ ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୮୮କୁ ବୃଦ୍ଧି ପାଇବାକୁ ଯାଉଛି, ସେତେବେଳେ ସେଥିମଧ୍ୟରୁ ପ୍ରାୟ ୨୯୩ଟି ଆସନ କେବଳ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ପୂର୍ବରୁ ପଞ୍ଚାୟତ ଓ ପୌରପାଳିକା ସ୍ତରରେ ମହିଳାମାନେ ନିଜର ଦକ୍ଷତା ପ୍ରତିପାଦିତ କରିସାରିଛନ୍ତି। ଏବେ ଏହି ନୂଆ ଆଇନ ସେମାନଙ୍କୁ ଜାତୀୟ ଓ ରାଜ୍ୟ ସ୍ତରରେ ନେତୃତ୍ୱ ନେବାର ସୁଯୋଗ ଦେଇ ସମ୍ବିଧାନର 'ସମାନତା ଅଧିକାର'କୁ ଅଧିକ ଅର୍ଥପୂର୍ଣ୍ଣ କରିବ।

ଆମ ସରକାରଙ୍କ ବିଚାରଧାରାରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଆମେ କେବଳ 'ମହିଳାଙ୍କ ବିକାଶ'ରେ ଅଟକିନାହୁଁ, ବରଂ 'ମହିଳା ନେତୃତ୍ୱାଧୀନ ବିକାଶ' କୁ ପ୍ରାଥମିକତା ଦେଉଛୁ। ଏହାର ପ୍ରକୃତ ଅର୍ଥ ହେଉଛି, ନାରୀ ନିଜ ଭାଗ୍ୟର ନିୟନ୍ତ୍ରକ ନିଜେ ହେବ। ସେ କେବଳ ସାହାଯ୍ୟ ଅପେକ୍ଷାରେ ରହିବ ନାହିଁ, ବରଂ ସେ ନିଜର ଆବଶ୍ୟକତା, ନିଜ ପରିବାରର ଉନ୍ନତି ଏବଂ ଦେଶର ଭବିଷ୍ୟତ ପାଇଁ ନିଜେ ନିଷ୍ପତ୍ତି ନେବାର ଶକ୍ତି ହାସଲ କରିବ। ଓଡ଼ିଶାରେ ଆମେ ଏଭଳି ଏକ ସମାବେଶୀ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ, ଯେଉଁଠାରେ ଜଣେ ସାଧାରଣ ମହିଳା ଗାଁ ପଞ୍ଚାୟତରୁ ନିଜର ଯାତ୍ରା ଆରମ୍ଭକରି ରାଜ୍ୟ ପ୍ରଶାସନର ଶୀର୍ଷ ପଦବୀ ପର୍ଯ୍ୟନ୍ତ ନିଜର ପ୍ରଭାବ ବିସ୍ତାର କରିପାରିବେ।

ରାଜ୍ୟ ସରକାରଙ୍କ ସବୁଠାରୁ ମହତ୍ତ୍ୱାକାଂକ୍ଷୀ ଏବଂ ପ୍ରତୀକାତ୍ମକ ପଦକ୍ଷେପ ହେଉଛି 'ସୁଭଦ୍ରା ଯୋଜନା'। ଏହା କେବଳ ଏକ ଆର୍ଥିକ ଅନୁଦାନ ଯୋଜନା ନୁହେଁ, ବରଂ ମା'ମାନଙ୍କ ମର୍ଯ୍ୟାଦା ଏବଂ ଆତ୍ମନିର୍ଭରଶୀଳତାର ପ୍ରତୀକ। ଏହି ଯୋଜନା ମାଧ୍ୟମରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରାଯାଇଛି, ଯାହାଦ୍ୱାରା ସେମାନେ ପରିବାରର ଆର୍ଥିକ ନିଷ୍ପତ୍ତିରେ ସକ୍ରିୟ ଅଂଶଗ୍ରହଣ କରିପାରୁଛନ୍ତି। ଏହା ସେମାନଙ୍କ ମଧ୍ୟରେ ଆତ୍ମସମ୍ମାନ ବୃଦ୍ଧିକରିବା ସହ ସମାଜରେ ସେମାନଙ୍କ ସ୍ଥିତିକୁ ସୁଦୃଢ଼ କରୁଛି।

ଓଡ଼ିଶାର କୋଣ ଅନୁକୋଣରେ ଆଜି ମହିଳାମାନେ ଉଦ୍ୟୋଗୀ ସାଜିଛନ୍ତି। 'ମିଶନ ଶକ୍ତି' ଆଜି ଏକ ଆନ୍ଦୋଳନରେ ପରିଣତ ହୋଇଛି। ରାଜ୍ୟର ପ୍ରାୟ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ନେଇ ଗଠିତ ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଆଜି ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରୁଛନ୍ତି। ହସ୍ତଶିଳ୍ପଠାରୁ ଆରମ୍ଭକରି କୃଷିଜାତ ଦ୍ରବ୍ୟ ପ୍ରସ୍ତୁତି ଏବଂ ବ୍ୟବସାୟ ପରିଚାଳନା ପର୍ଯ୍ୟନ୍ତ ସବୁଠି ମା'ମାନଙ୍କର ଦକ୍ଷତା ଦେଖିବାକୁ ମିଳୁଛି। ଏହି ଗୋଷ୍ଠୀଗୁଡ଼ିକ କେବଳ ରୋଜଗାରକ୍ଷମ ହୋଇନାହାନ୍ତି, ବରଂ ଗ୍ରାମୀଣ ଓଡ଼ିଶାରେ ସାମାଜିକ ପରିବର୍ତ୍ତନର ସୂତ୍ରଧର ସାଜିଛନ୍ତି।

ନାରୀ ଶକ୍ତିର ବିନା ସହଯୋଗରେ କୌଣସି ଜାତି ବା ରାଷ୍ଟ୍ରର ପ୍ରଗତି ଅସମ୍ଭବ। ସମ୍ବିଧାନ ପ୍ରଦତ୍ତ ଅଧିକାର, ରାଜନୈତିକ ସଂରକ୍ଷଣ ଏବଂ ସୁଭଦ୍ରା ଯୋଜନା ଭଳି କଲ୍ୟାଣକାରୀ ପଦକ୍ଷେପ ମାଧ୍ୟମରେ ଓଡ଼ିଶାର ନାରୀ ଆଜି ଅଗ୍ରଗତିର ନୂଆ ପଥ ପ୍ରସ୍ତୁତ କରୁଛି। ଆମ ସରକାର ପ୍ରତିଟି ମା', ଭଉଣୀ ଓ ଝିଅଙ୍କ ସୁରକ୍ଷା, ସମ୍ମାନ ଏବଂ ସମୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। 'ନାରୀ ଶକ୍ତି'ର ଏହି ନୂତନ ଅଭ୍ୟୁଦୟ ହିଁ ଆଗାମୀ ଦିନରେ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବ।

# ବିଭାଗୀୟ କୃତିତ୍ୱ ମାପିବେ ସରକାର

## ଉପଲବ୍ଧି ପୋର୍ଟାଲରେ ରହିବ ତଥ୍ୟ

ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା)

ଓଡ଼ିଶାକୁ ୨୦୩୬ ସୁଦ୍ଧା ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକଗୁଡ଼ିଏ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ସେସବୁ ବାସ୍ତବରେ କାର୍ଯ୍ୟାନ୍ୱୟନ ହେଉଛି କି ନାହିଁ, ତାହାକୁ ଏବେ ସରକାରଙ୍କ ପକ୍ଷରୁ ଆକଳନ କରାଯିବ। କେଉଁ ବିଭାଗ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ କିଭଳି ଭାବେ ସଫଳ ରୂପାୟନ କରୁଛନ୍ତି ସେସବୁର ତଥ୍ୟ ପ୍ରତିମାସରେ ପୋର୍ଟାଲ ମାଧ୍ୟମରେ ଦର୍ଶାଇବେ। ଏସଂକ୍ରାନ୍ତରେ ଏପ୍ରିଲ ୧୫ରେ ସେଣ୍ଟର ଫର ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ(ସିଏମ୍‌ଜିଆଇ) ପକ୍ଷରୁ ଏକ ରିପୋର୍ଟ ସଚିବସ୍ତରୀୟ ବୈଠକରେ ଉପସ୍ଥାପନ ହେବ ବୋଲି ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସବୁ ବିଭାଗକୁ ପ୍ରଦାନ କରାଯାଇଥିବା ପତ୍ରରୁ ଜଣାଯାଇଛି।

ବିଭାଗୀୟ ଉପନିର୍ଦ୍ଦେଶକ ସୁଧା ପଣ୍ଡା ଏପ୍ରିଲ ୧୦ରେ ସବୁ ବିଭାଗକୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଖାରବେଳ ଭବନରେ ମୁଖ୍ୟଶାସନ ସଚିବଙ୍କ ଅଧକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହି ଅବସରରେ ସିଏମ୍‌ଜିଆଇ ପକ୍ଷରୁ ଉପଲବ୍ଧି ପୋର୍ଟାଲ ଉପସ୍ଥାପନ କରାଯିବ। ଏହି ପୋର୍ଟାଲ ଜରିଆରେ ବିଭାଗ ପକ୍ଷରୁ ପ୍ରତିମାସରେ କ'ଣ କୃତିତ୍ୱ ହାସଲ କରାଗଲା ତାହା ଉଲ୍ଲେଖ ରହିବ।

ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ପୁଞ୍ଜି ନିବେଶ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସ୍ୱତନ୍ତ୍ର ସହାୟତା(ଏସ୍‌ଏଏସ୍‌ସିଆଇ)ରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି କେଉଁ ବିଭାଗର ପ୍ରକଳ୍ପଗୁଡ଼ିକ ରହିଛି ତାହା ଉପରେ ଅର୍ଥ ବିଭାଗ ପକ୍ଷରୁ ରିପୋର୍ଟ ଉପସ୍ଥାପନ ହେବ। ଏହି ଅବସରରେ ଓଡ଼ିଶାର ବିକାଶକୁ ଦୃଷ୍ଟିରେ ରଖି ୨୦୨୩ ଲାଗି ୩୬ଟି ଫ୍ଲାଗସିପ୍ କାର୍ଯ୍ୟକ୍ରମ ନକ୍ସା ଅଙ୍କା ଯିବ। ଏନେଇ ନିର୍ମାଣ ଓ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିସ୍ତୃତ ତଥ୍ୟ ଦର୍ଶାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁସବୁ ବ୍ୟକ୍ତିଗତ ନୋଟ୍ ବିଭିନ୍ନ ବିଭାଗକୁ ପ୍ରଦାନ କରିଥିଲେ ତାହା କେତେଦୂର ଅଗ୍ରଗତି ହୋଇଛି ଏବଂ କେଉଁ ବିଭାଗ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଉପରେ ବିଶେଷ ଆଲୋଚନା ହେବ। ଏହାସହିତ ରାଜ୍ୟରେ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରିବାପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗତ ୧୦ତାରିଖରେ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ପାଇଥିବା ନୂତନ ନୀତିର ରୂପରେଖ ନେଇ ଆଲୋଚନା ହେବ ବୋଲି ଜଣାଯାଇଛି।



ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନରୁ ରାମ ମନ୍ଦିର ଅଭିମୁଖେ ବାହାରିଥିବା 'ନାରୀ ଶକ୍ତି ବନ୍ଦନ' ପଦଯାତ୍ରା। (ଫଟୋ- ବିକାଶ ନାୟକ)

# ରାଜଧାନୀର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୧୩।୪ (ବନ୍ଦନା ସେଠୀ)

**୭୮ତମ ରାଜଧାନୀ ପ୍ରତିଷ୍ଠା ଉତ୍ସବ**

- ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କଲେ ବାଚସ୍ପତି
- ଫଟୋଚିତ୍ର ପ୍ରଦର୍ଶନୀରେ ଓଡ଼ିଶାର ଗାଥା

୭୮ତମ ରାଜଧାନୀ ପ୍ରତିଷ୍ଠା ଉତ୍ସବ ଓ ଜନ୍ମଦିନ ସୋମବାର ବିଧାନସୌଧ ସମ୍ମୁଖ ତଥା ପିଏମ୍‌ଜି ଛକସ୍ଥିତ ଶିଳାନ୍ୟାସ ଫଳକ ନିକଟରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଲେ, ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା। ମହିମାମଣ୍ଡିତ ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ୍ ଗୌରବ ମଣ୍ଡିତ। ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବାଚସ୍ପତି ରାଜଧାନୀବାସୀଙ୍କୁ ଆହ୍ୱାନ ଦେଇଥିଲେ। ସକାଳେ ପ୍ରଥମେ ଲିଙ୍ଗରାଜ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବଢ଼େଇବାଙ୍କ ଛକ, ମାଉସୀ ମା', ଶିଶୁଭବନ ଛକ, ରାଜମହଲ, ମାଷ୍ଟରକ୍ୟାଣ୍ଟିନ ଦେଇ ପିଏମ୍‌ଜିଠାରେ ପହଞ୍ଚିଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବାଚସ୍ପତି ପତାକା ଉତ୍ତୋଳନ କରିବା ସହ ବେସାମରିକ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ମୋଟ ୫୧ଟି ଦଳ ଭାଗ ନେଇଥିଲା। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର କୈଳାଶ ଦାସ ଓ ରତ୍ନାକର ସାହୁ, ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲାପାଳ ଡ. ମନୋରଞ୍ଜନ ସାହୁ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଆସିୟା ବେଗମ, ଭୁବନେଶ୍ୱର ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, କମିଟିସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ସୂଚନା ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବାଚସ୍ପତି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଦର୍ଶିତ ଫଟୋଚିତ୍ରଗୁଡ଼ିକ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧ୍ୟାତ୍ମିକ ପରିଦୃଶ୍ୟ, ସ୍ମାର୍ଟସିଟି ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶର କଥା କହୁଛି।

# ୧୯ରେ ସିଜିଏଲ୍ ପରୀକ୍ଷା: ଡାଉନ୍‌ଲୋଡ୍ ହେଉନି ଆଡ୍‌ମିଟ କାର୍ଡ

ଭୁବନେଶ୍ୱର,୧୩।୪(ସୁଚିସ୍ମିତା ସାହୁ)

## ଆଶାୟୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରିଚାଳିତ କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ (ସିଜିଏଲ) ପରୀକ୍ଷା ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ପାଇଁ ଗତ ୧୦ ତାରିଖରୁ ଓଏସ୍‌ଏସ୍‌ସି ପକ୍ଷରୁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ କରାଯାଇଛି। ହେଲେ ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ ହେଉ ନ ଥିବାରୁ ଆଶାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ବହୁ ଛାତ୍ରୀଛାତ୍ର ଲଗ୍‌ଇନ୍ କରିବା ସମୟରେ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡି ଇନ୍‌ଭାଲିଡ୍ ବୋଲି ଦେଖାଉଛି। ଫଳରେ ସେମାନେ ନିଜ ପ୍ରୋଫାଇଲ୍ ଖୋଲିପାରୁ ନାହାନ୍ତି। ସେହିପରି ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ପ୍ରକାଶ ପାଇଥିଲେ ମଧ୍ୟ ଫଟୋ ରହିନାହିଁ। ଆଉ କେତେଜଣ ଆବେଦନକାରୀ ଅଭିଯୋଗ କରୁଛନ୍ତି ଯେ, ସେମାନଙ୍କ ମୋବାଇଲକୁ ଓଟିପି ଯାଉନାହିଁ। ଓଏସ୍‌ଏସ୍‌ସି ସହାୟତା ନମ୍ବରରେ ଫୋନ୍ କଲେ କେହି ଉଠାଉ ନାହାନ୍ତି। ଏଭଳି ଘଟଣାକୁ ନେଇ ଆଶାୟୀମାନେ ସୋମବାର କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ପରୀକ୍ଷା ପାଖେଇ ଆସୁଥିବା ବେଳେ ପାଠପଢ଼ିବା ପରିବର୍ତ୍ତେ କାର୍ଯ୍ୟାଳୟକୁ ଧାଇଁବା ଠିକ୍ ଲାଗୁନାହିଁ ବୋଲି ସେମାନେ କହିଛନ୍ତି। ଏହି ସମସ୍ୟା ଓ ଅଭିଯୋଗ ସଂକ୍ରାନ୍ତରେ ଓଏସ୍‌ଏସ୍‌ସି ପକ୍ଷରୁ କୁହାଯାଇଛି, ଯେଉଁ ପ୍ରାର୍ଥୀଙ୍କ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡି ଇନ୍‌ଭାଲିଡ୍ ଦେଖାଉଛି ସେମାନେ ରେଜିଷ୍ଟ୍ରେଶନ ନମ୍ବର ଦେଇ ଲଗ୍‌ଇନ୍ କରିପାରିବେ। ସେହିପରି ଯେଉଁ ପ୍ରାର୍ଥୀଙ୍କ ଆଡମିଟ୍ କାର୍ଡରେ ଭୁଲ୍ ଫଟୋ ରହିଛି, ସେମାନେ ପରୀକ୍ଷା ଦେବାରେ କୌଣସି ସମସ୍ୟା ରହିବ ନାହିଁ। ସୂଚନାଯୋଗ୍ୟ, ରାଜ୍ୟରେ ଗତ ଦେଢ଼ ବର୍ଷ ହେଲା ନିଯୁକ୍ତି ପରୀକ୍ଷାରେ ବ୍ୟାପକ ବିଭ୍ରାଟ, ଚାକିରି ବିକ୍ରି, ପ୍ରଶ୍ନପତ୍ର ଲିକ୍ ପାଇଁ ପରୀକ୍ଷାର୍ଥୀମାନେ ମାନସିକ ଚିନ୍ତାଗ୍ରସ୍ତ ରହୁଛନ୍ତି। ଏଭଳି ନୂଆ ନୂଆ ସମସ୍ୟା ଚାକିରି ଆଶାୟୀଙ୍କୁ ଆହୁରି ଚିନ୍ତାରେ ପକାଉଛି।

# ୪୦ ଡିଗ୍ରୀ ଉପରେ ୮ ସ୍ଥାନର ତାପମାତ୍ରା

ଭୁବନେଶ୍ୱର, ୧୩।୪ (ବନ୍ଦନା ସେଠୀ)

ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ସୋମବାର ୮ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଖରା ତାତି ସହ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଥିଲା। ଆସନ୍ତା ୧୯ ତାରିଖ ଯାଏ ରାଜ୍ୟରେ ହିଟ୍ ୱେଭ୍ ଜାରି ରହିବ। ତାପମାତ୍ରା ଆହୁରି ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇବ। ମଙ୍ଗଳବାର ପଣା ସଂକ୍ରାନ୍ତିଠାରୁ ଗ୍ରୀଷ୍ମପ୍ରଭାବ ବଢ଼ିବ। ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଗତ ୨୪ଘଣ୍ଟାରେ ଟିଟିଲାଗଡ଼ରେ ସର୍ବାଧିକ ୪୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ସେହିପରି ଝାରସୁଗୁଡାରେ ୪୦.୮ ଡିଗ୍ରୀ, ହୀରାକୁଦ, ସମ୍ବଲପୁର ଏବଂ ଭବାନୀପାଟଣାରେ ୪୦.୪ ଡିଗ୍ରୀ, ବଲାଙ୍ଗୀର ୪୦.୨, ସୋନପୁର ଏବଂ ଅନୁଗୋଳରେ ୪୦.୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ୭ ଦିନ ଯାଏ ରାଜ୍ୟରେ କୌଣସି ନିୟାମକ ପାଣିପାଗ ସକ୍ରିୟ ନାହିଁ। ତେଣୁ ପାଗ ମୁଖ୍ୟତଃ ଶୁଖିଲା ରହିବ, ବର୍ଷା ହେବାର କୌଣସି ସମ୍ଭାବନା ନାହିଁ। ଆଗାମୀ ଦିନରେ ତାପମାତ୍ରା ଆହୁରି ୬ ଡିଗ୍ରୀ ଯାଏ ବୃଦ୍ଧି ପାଇବ। ମଙ୍ଗଳବାର ଗରମ ଓ ଗୁଳୁଗୁଳି ନେଇ ରାଜ୍ୟର ୧୧ଟି ଜିଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର ଏହି ୧୧ଟି ଜିଲା ସମେତ ବଲାଙ୍ଗୀର, କନ୍ଧମାଳ, ଝାରସୁଗୁଡା ଏବଂ ସମ୍ବଲପୁର ଜିଲାକୁ ହିଟ୍ ୱେଭ୍ ୱାର୍ନିଂ ଜାରି କରାଯାଇଛି।

# ରାଜ୍ୟପାଳଙ୍କୁ ୪ ବାମପନ୍ଥୀ ଦଳର ସ୍ମାରକପତ୍ର

ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସୁଙ୍ଗେର ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଟାମାଳ ଗ୍ରାମରେ ଆଦିବାସୀଙ୍କ ଉପରେ ହୋଇଥିବା ପୋଲିସର ଦମନ ବିରୋଧରେ ୪ଟି ବାମପନ୍ଥୀ ଦଳ ପକ୍ଷରୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି, ସେଠାରେ ବେଦାନ୍ତ କମ୍ପାନୀ ସ୍ୱାର୍ଥରେ ସରକାରଙ୍କ ନୀତି ନିୟମ ଉଲ୍ଲଂଘନ କରାଯାଇଛି। ବିନା ଗ୍ରାମସଭାରେ ଉକ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ ଓ ଖନନ କାର୍ଯ୍ୟ ଚାଲିଛି। ଏହାସହିତ ଏପ୍ରିଲ ୭ତାରିଖ ବଡ଼ିଭୋରରୁ କଣ୍ଟାମାଳ ଗ୍ରାମରେ ପୋଲିସ ପକ୍ଷରୁ ଲାଠିଚାର୍ଜ, ଲୁହବୁହା ଗ୍ୟାସ୍ ଓ ବିଦ୍ୟୁତ୍ ବିଚ୍ଛିନ୍ନ କରି ଲୋକଙ୍କୁ ବର୍ବର ଭାବେ ଆକ୍ରମଣ କରାଯାଇଛି। ଏଥିରେ ବହୁ ଆଦିବାସୀ ଆହତ ହୋଇଛନ୍ତି । ମିଥ୍ୟା ମାମଲାରେ ଆନ୍ଦୋଳନକାରୀମାନଙ୍କୁ ଜେଲ୍ ପଠାଯାଇଛି ବୋଲି ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ (ଏମ୍‌ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏଦିଗରେ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଥିବା ସୁରେଶ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି।

# ୩୦ ସାଙ୍ଗଠନିକ ଜିଲାରେ ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ନିଯୁକ୍ତ କଲା ଭାଜପା

ଭୁବନେଶ୍ୱର, ୧୩।୪(ସୁନିତ୍ ମିଶ୍ର)

ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ୩୦ ଜିଲା ପାଇଁ ସଭାପତି ପଦରେ ନୂଆ ନେତାମାନଙ୍କୁ ଦାୟିତ୍ୱ ମିଳିଛି। ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବାଇଧର ମଲ୍ଲିକଙ୍କ ଦସ୍ତଖତରେ ଏନେଇ ବିଭିନ୍ନ ଜିଲା ପାଇଁ ସଭାପତିମାନଙ୍କ ନାମ ପ୍ରକାଶ ପାଇଛି। ଅନୁଗୋଳରେ ଅନିଲ ବେହେରା, ବାଲେଶ୍ୱର(ପୂର୍ବ)ରେ ସନ୍ତୋଷ ସେଠୀ, ବଲାଙ୍ଗୀରରେ ବିକ୍ରମ ତାଣ୍ଡି, ବରଗଡ଼ରେ ଈଶ୍ୱର ବାଗ, ଭଦ୍ରକରେ ଅଭୟ ଚରଣ ମଲ୍ଲିକ, ଭୁବନେଶ୍ୱରରେ ପବିତ୍ର ଭୋଇ, ବୌଦ୍ଧରେ ରାମଚନ୍ଦ୍ର ତାଣ୍ଡି, କଟକ(ନଗର) ଯୋଗେନ୍ଦ୍ରନାଥ ଭୋଇ, କଟକ(ଗ୍ରାମୀଣ)ରେ ମହେଶ୍ୱର ସେଠୀ, ଦେବଗଡ଼ରେ ଦେବାନନ୍ଦ ନାଏକ, ଢେଙ୍କାନାଳରେ ସନ୍ତୋଷ କୁମାର ନାଏକ, ଗଞ୍ଜାମରେ କୀର୍ତ୍ତନ ଦାସ, ଘୁମୁସର(ଭଞ୍ଜନଗର)ରେ ଗନ୍ଧମାର୍ଦ୍ଦନ ସେଠୀ, ଘୁମୁସା(ଆସ୍କା)ରେ ବିକାଶ ସେଠୀ, କଳାହାଣ୍ଡିରେ ବିଷ୍ଣୁ ନାଏକ, କନ୍ଧମାଳରେ ପର୍ଶୁରାମ ନାଏକ, କେନ୍ଦ୍ରାପଡ଼ାରେ ପ୍ରଦୀପ ସେଠୀ, କେନ୍ଦୁଝରରେ ଶାନ୍ତନୁ ସେଠୀ, ଖୋର୍ଦ୍ଧାରେ ପ୍ରଭାତ ବେହେରା, କୋରାପୁଟରେ ସାହେବ ଖିଲ, ମାଲକାନଗିରିରେ ସାଜୁ ସରକାର, ମୟୂରଭଞ୍ଜ(ପୂର୍ବ)ରେ ଜଗନ୍ନାଥ ମଲ୍ଲିକ, ମୟୂରଭଞ୍ଜ(ପଶ୍ଚିମ)ରେ ସୁବାସ ବେହେରା, ନବରଙ୍ଗପୁରରେ ମିହିର ଢାଲି, ନୂଆପଡ଼ାରେ ରାଧେ ବାଗ, ପୁରୀରେ ପ୍ରଦ୍ୟୁମ୍ନ ମଲ୍ଲିକ, ସମ୍ବଲପୁରରେ ହରବ୍ରତ ସେନାପତି, ସୁବର୍ଣ୍ଣପୁରରେ ସୁମନ୍ତ କୁମାର ଜଗଦଲା ଏବଂ ସୁନ୍ଦରଗଡ଼ରେ ଉଚ୍ଛବ ତନ୍ତିଙ୍କୁ ସଭାପତି ଭାବେ ନିଯୁକ୍ତି ମିଳିଛି।

# 'ଯୁବପିଢ଼ି ଆମ ଐତିହ୍ୟ, ପରମ୍ପରା ସଂରକ୍ଷଣ ଲାଗି ଉଦ୍ୟମ କରନ୍ତୁ'

ଭୁବନେଶ୍ୱର,୧୩।୪
(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ଫାଉଣ୍ଡେଶନ ପକ୍ଷରୁ ସୋମବାର ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଚର୍ଚ୍ଚା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋହିନୀମୋହନ ସେନାପତିଙ୍କ ପ୍ରବନ୍ଧ ସଂକଳନ 'ବିବିଧ ପ୍ରସଙ୍ଗ'ର ନୂତନ ସଂସ୍କରଣ, ପ୍ରଫେସର ମଣୀନ୍ଦ୍ର କୁମାର ବେହେରାଙ୍କ 'ମୁକ୍ତିକାମୀ ମୋହିନୀ ମୋହନ' ଓ ଫକୀରମୋହନଙ୍କ ଦାୟାଦ ଡ.ମୋନିକ ଦାସଙ୍କ ଇଂଲିଶ୍ ପୁସ୍ତକ 'ଇଣ୍ଡିଆନ କଲ୍‌ଚର ଅଫ୍ ବିଉଟି' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଡ. ମିହିର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉନ୍ମୋଚିତ ପୁସ୍ତକର ସାହିତ୍ୟିକ ଗୁରୁତ୍ୱ, ଭାଷା, ଭାବ ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ମୋନିକା ଦାସ ସମସାମୟିକ ଯୁବପିଢି ଆମ ଐତିହ୍ୟ ଓ ପରମ୍ପରାର ସଂରକ୍ଷଣ ନିମନ୍ତେ ସଂକଳ୍ପବଦ୍ଧ ହୋଇ ଏହାର ପ୍ରସାର ଓ ପ୍ରଚାର ନିମନ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ପ୍ରାବନ୍ଧିକ ମୋହିନୀମୋହନ ତାଙ୍କର ପ୍ରଚଣ୍ଡ ବୁଦ୍ଧିମତା ଓ ବୌଦ୍ଧିକ ଦାମ୍ଭିକତା ଯୋଗୁ ବହୁ ଯୁକ୍ତିନିଷ୍ଠ ତର୍କ ସମ୍ବଳିତ ପ୍ରସଙ୍ଗଭିତ୍ତିକ ପ୍ରବନ୍ଧ ମାଧ୍ୟମରେ ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ମଣିନ୍ଦ୍ର କୁମାର ମେହେର, କବି ରକ୍ଷକ ନାୟକ ଯୋଗଦେଇ ଓଡ଼ିଆ ସାହିତ୍ୟରେ ପ୍ରବନ୍ଧର ଗୁରୁତ୍ୱ ଓ ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ପରେ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍କୁଲ ବସ୍-ହାଇୱା ଧକ୍କା: ହାଇୱା ଡ୍ରାଇଭର ମୃତ, ୨୦ ଛାତ୍ର ଆହତ

ଯାଜପୁର/ପାଣିକୋଇଲି(ହର୍ଷବର୍ଦ୍ଧନ ବେହେରା/ବିକାଶ ମଲ୍ଲିକ),୧୩।୪

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଅଢ଼େଇବାଟିଆ ଡାଇଭର୍ସନ ନିକଟରେ ରବିବାର ରାତି ୧୧ଟାରେ ଏକ ଘରୋଇ ସ୍କୁଲ ବସ୍ ଓ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ହାଇୱା ଡ୍ରାଇଭର କେନ୍ଦୁଝର ଜିଲା ହରିଦାସପୁର ଅଞ୍ଚଳର ସୁଶାନ୍ତ ମାଝୀଙ୍କ ଜିଲା ମୁଖ୍ୟ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ମୃତ୍ୟୁ ହୋଇଛି। ଏହାବାଦ ୨୦ ଜଣ ଛାତ୍ର ଆହତ ହୋଇଥିବାବେଳେ ସମସ୍ତଙ୍କୁ ଯାଜପୁର ରୋଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ୨ଜଣ ଛାତ୍ରଙ୍କୁ କଟକ ଓ ଅନ୍ୟ ୨ଜଣଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ୧୧ ଜଣ ଛାତ୍ରଙ୍କୁ କଳିଙ୍ଗନଗର ସ୍ଥିତ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଆହତଙ୍କ ମଧ୍ୟରୁ ଜଣେ ଛାତ୍ର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୂଚନା ମୁତାବକ ପ୍ରୟାସ ନାମକ ଘରୋଇ କଲେଜର ଏକ ବସ୍ (ଓଡି୦୪ୟୁ ୯୩୮୫) ଛାତ୍ରମାନଙ୍କୁ ନେଇ ଯାଉଥିବାବେଳେ ଯାଜପୁର ରୋଡ୍ ଅଭିମୁଖେ ଆସୁଥିବା ହାଇୱା (ଓଡି୦୨ ଏଜେ ୨୩୪୪) ସହ



ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ହାଇୱାର ଇଞ୍ଜିନ ଓ ଡାଲା ଅଲଗା ହୋଇ ରାସ୍ତାକଡ଼କୁ ଖସି ଯାଇଥିଲା। ଅପରପକ୍ଷେ ଚାଳକ ବସ୍‌ଟିକୁ ଡିଭାଇଡର୍ ଉପରେ ଚଳାଇ ରାସ୍ତା ସେପଟ କଡ଼କୁ ନେଇ ଅଟକାଇ ଦେଇଥିଲେ। ଫଳରେ ବସ୍ ଚାଳକ, ଖଲାସୀ ଓ ଛାତ୍ରମାନେ ଆହତ ହୋଇଥିଲେ। ଘଟଣାସ୍ଥଳେ ପାଣିକୋଇଲି ପୋଲିସ ଓ କୋରେଇ ପୋଲିସ ତଦନ୍ତ ଆରମ୍ଭ କରିବା ସହ ବସ୍ ଓ ହାଇୱାକୁ ଜବତ କରିଛି। ଏହାସହ ଘରୋଇ ସ୍କୁଲ ବସ୍ ଓ ହାଇୱାର ଫିଟନେସ, ଅନୁମତି ଇତ୍ୟାଦି ଯାଞ୍ଚ କରିବା ପ୍ରକ୍ରିୟା ଚାଲିଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ସମଲିଙ୍ଗୀ, ତ୍ରିକୋଣୀୟ ପ୍ରେମ ପାଇଁ ହତ୍ୟା

## ସୌମ୍ୟ ସାଗରଙ୍କୁ ଗୁଳିକରି ହତ୍ୟା ଘଟଣା

### ସ୍ତ୍ରୀ ଶୁଭଶ୍ରୀଙ୍କ ସମେତ ୫ କୋର୍ଟ ଚାଲାଣ, ବନ୍ଧୁକ, ବାଇକ୍ ଜବତ



ଖବରଦାତା ସମ୍ମିଳନୀରେ ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ, ପୋଲିସ ଅଧିକାରୀ।


ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ବନ୍ଧୁକ।

ଯାଜପୁର ଟାଉନ,୧୩।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଟାଉନ ଥାନା ଅଞ୍ଚଳରେ ସୌମ୍ୟ ସାଗର ସାମଲଙ୍କୁ ସମଲିଙ୍ଗୀ ଓ ତ୍ରିକୋଣିଆ ପ୍ରେମ ପାଇଁ ଗୁଳିକରି ହତ୍ୟା କରାଯାଇଥିବା ଘଟଣାକୁ ପୋଲିସ ପର୍ଦ୍ଦାଫାଶ କରିଛି। ମୃତକ ସୌମ୍ୟଙ୍କ ସ୍ତ୍ରୀ ଶୁଭଶ୍ରୀ ବେହେରାଙ୍କ ସମେତ ୫ ଜଣଙ୍କୁ ପୋଲିସ ଗିରଫକରି ସୋମବାର କୋର୍ଟ ଚାଲାଣ କରିଥିବା ଯାଜପୁର ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ ଟାଉନ ଥାନାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ୬ ତାରିଖ ରାତିରେ ଯାଜପୁରର ଜନଗହଳିପୂର୍ଣ୍ଣ ଜାଗା କାଳିମେଘା ରାସ୍ତାରେ ସୌମ୍ୟ ସାଗର ସାମଲଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ଫେରାର ହୋଇଯାଇଥିଲେ। ସୌମ୍ୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ୭ ତାରିଖରେ ସୌମ୍ୟଙ୍କ ଶଳା ଓମ୍ ପ୍ରକାଶ ବେହେରା ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତିକରି ଯାଜପୁର ଟାଉନ ଥାନାରେ ପୋଲିସ ନଂ.୧୪୨/୨୬ରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଯାଜପୁର ଏସ୍‌ପି ଶ୍ରୀମାଲଙ୍କ ନିର୍ଦ୍ଦେଶରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୩ଟି ଦଳ ଗଠନ କରାଯାଇଥିଲା। ପୂର୍ବରୁ ପୋଲିସ ଏହି ହତ୍ୟାକାଣ୍ଡ ପଛରେ ସୌମ୍ୟ ସାଗରଙ୍କ ସ୍ତ୍ରୀ ଶୁଭଶ୍ରୀ ବେହେରାଙ୍କ ହାତ ରହିଛି ବୋଲି ସନ୍ଦେହ କରି ଅଟକ ରଖିଥିଲା। ଶୁଭଶ୍ରୀ ଦେଢ଼ବର୍ଷ ତଳେ ସୌମ୍ୟଙ୍କୁ ପ୍ରେମ ବିବାହ କରିଥିଲେ। ସୌମ୍ୟଙ୍କ ଘର କୁଆଁସରପୁର ହୋଇଥିବା ବେଳେ ସେ କାଳିମେଘା ନିକଟରେ ଭଡ଼ାରେ ରହୁଥିଲେ। ଶୁଭଶ୍ରୀ ବିୟୁଟିପାର୍ଲରରେ କାମ କରୁଥିବାବେଳେ ଯାଜପୁର ସଦର ଥାନା ସିମିଳିଆ ପଞ୍ଚାୟତ ମିର୍ଜାପୁର ଗ୍ରାମର ପ୍ରୀତିପ୍ରଭା ପ୍ରିୟଦର୍ଶିନୀ (ଚିନୁ)ଙ୍କ ସହିତ ସମଲିଙ୍ଗୀ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହି ସମ୍ପର୍କ ୨୦୨୦ ମସିହାରୁ ଆରମ୍ଭ ହୋଇଥିଲା। ଏହି ଘଟଣାରେ ଶୁଭଶ୍ରୀ ପ୍ରୀତିପ୍ରଭାଙ୍କ ଘରକୁ ଯିବା ଆସିବା କରୁଥିଲେ। ଏହି ସମୟରେ ପ୍ରୀତିପ୍ରଭାଙ୍କ ସମ୍ପର୍କୀୟ ଭାଇ ତାପସ ଖିଲାରଙ୍କ ସହିତ ଶୁଭଶ୍ରୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଏକାଠି ହୋଇ ବିଭିନ୍ନ ସ୍ଥାନକୁ ବୁଲିଯିବା ସହ ନିଜ ସ୍ୱାମୀକୁ ଛାଡ଼ପତ୍ର ଦେବା ପାଇଁ ତାପସ ଶୁଭଶ୍ରୀଙ୍କୁ କହିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଚଳିତବର୍ଷ ହୋଲିରେ ସୌମ୍ୟ ଓ ତାପସଙ୍କ ମଧ୍ୟରେ ଭୀଷଣ ଭାବରେ ପାଟିତୁଣ୍ଡ ହୋଇଥିଲା। ସେହିଦିନଠାରୁ ସୌମ୍ୟଙ୍କୁ ରାସ୍ତାରୁ ହଟାଇବା ପାଇଁ ତାପସ, ଶୁଭଶ୍ରୀ ଓ ପ୍ରୀତିପ୍ରଭା ୩ଜଣ ମିଶି ଷଡ଼ଯନ୍ତ୍ର କରିଥିଲେ। ଏଥିପାଇଁ ପ୍ରୀତିପ୍ରଭା ୪୯ହଜାର ଟଙ୍କା ବନ୍ଧୁକ କ୍ରୟ ନିମନ୍ତେ ସମ୍ପର୍କୀୟ ଭାଇ ତାପସଙ୍କୁ ଦେଇଥିଲେ। ତାପସ ରାଉରକେଲାରେ ଡ୍ରାଇଭର ଥିବାରୁ ସେଠାର ଅପରାଧୀ ସୁରଜ ସିଂ, ଅଙ୍କିତ ଠାକୁରଙ୍କ ସହିତ ଯୋଗାଯୋଗ କରି ଏକ ବନ୍ଧୁକ କିଣିଥିଲେ। ୬ ତାରିଖ ରାତିରେ ଏହି ବନ୍ଧୁକରେ ତାପସ କାଳିମେଘା ନିକଟରେ ସୌମ୍ୟଙ୍କୁ ଗୁଳି କରି ହତ୍ୟାକରି ରାଉରକେଲା ଫେରାର ହୋଇଯାଇଥିଲେ। ହେଲେ ବ୍ୟବହୃତ ବନ୍ଧୁକକୁ ଯଯାତି କେଶରୀ ମେଡ଼ିକାଲ କଲେଜ ପଛପଟରେ ଥିବା ଏକ ନାଳରେ ପକାଇ ଦେଇଥିଲେ। ମୃତ୍ୟୁ ପୂର୍ବରୁ ଶୁଭଶ୍ରୀ ସହିତ ହତ୍ୟାକାରୀ ତାପସ ସୌମ୍ୟଙ୍କ ଗତିବିଧି ସମ୍ପର୍କରେ ମୋବାଇଲରେ ସୂଚନା ଗ୍ରହଣ କରୁଥିଲେ। ସିଧାସଳଖ ଫୋନ କରିବା ପରିବର୍ତ୍ତେ ହ୍ୱାଟ୍ସଆପ୍‌ରେ କଲ୍ କରାଯାଉଥିଲା ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ହତ୍ୟା ଘଟଣାରେ ମୃତ ସୌମ୍ୟଙ୍କ ସ୍ତ୍ରୀ ଶୁଭଶ୍ରୀଙ୍କୁ ପୋଲିସ ପୂର୍ବରୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ଅନ୍ୟତମ ଅଭିଯୁକ୍ତ ପ୍ରୀତିପ୍ରଭାଙ୍କୁ ନିଜ ଘର ସଦର ଥାନା ମିର୍ଜାପୁର ଅଞ୍ଚଳରୁ ପୋଲିସ ଗିରଫ କରିଥିଲା। ପରେ ରାଉରକେଲାରୁ ମୁଖ୍ୟ ଅଭିଯୁକ୍ତ ତାପସ ଓ ବନ୍ଧୁକ ବିକ୍ରି କରିଥିବା ଅଙ୍କିତ ଠାକୁର, ସୁରଜ ସିଂହଙ୍କୁ ପୋଲିସ ଗିରଫ କରିଥିଲା। ସମସ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମାଝୀ, ଥାନାଧିକାରୀ ଶରତ କୁମାର ନାୟକ, ଅତିରିକ୍ତ ଥାନାଧିକାରୀ ଭୁବନମୋହନ ସେଠୀ, ଏସ୍‌ଆଇ ସୁବାଷ ଚନ୍ଦ୍ର ମୁଦୁଲି, ଏସ୍‌ଆଇ ମହେନ୍ଦ୍ର କୁମାର ସେଠୀ, ଏସ୍‌ଆଇ ତୃପ୍ତିମୟୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୌମ୍ୟଙ୍କ ମା' ସୁମିତ୍ରା ସାମଲ ତାଙ୍କ ନିଜ ବୋହୂ ପୁଅକୁ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଥିଲେ।

# କଲରାପତରିଆ ବାଘଛାଲ ଜବତ, ୫ ଗିରଫ

ଡାବୁଗାଁ, ୧୩।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମା ନିକଟ ସିକିଲି ସଂରକ୍ଷିତ ଜଙ୍ଗଲରେ ସୋମବାର ବନ ବିଭାଗ ଚଢ଼ାଉକରି ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଥାନା ଅଧୀନ ବଣିଆ ଗ୍ରାମର ଅର୍ଜୁନ ହରିଜନ (୩୦),ପୋଖନାଗୁଡ଼ା ଗ୍ରାମର ମିହିର ହରିଜନ (୨୫), ମଇଦଲପୁର ଥାନା ଅଧୀନ ମଇଦଲପୁର ଗ୍ରାମର ଶିବ କଲାର (୩୮) ଓ କେଦାରନାଥ ବିଶୋୟୀ (୪୨) ଏବଂ ଗୋପିଗୁଡ଼ା ଗ୍ରାମର ବଇଚନ୍ଦ୍ର ମଙ୍ଗଲି (୪୯)। ପୋଲିସ ସେମାନଙ୍କ ନିକଟରୁ ୨ ବାଇକ୍ ଜବତ କରିଛି।

ମଇଦଲପୁର ଅଞ୍ଚଳର ମାଫିଆମାନେ କଳାହାଣ୍ଡି ଜିଲା କାର୍ଲପାଟ ଅଭୟାରଣ୍ୟ ଅଞ୍ଚଳରୁ ଏକ କଲରାପତରିଆ ବାଘଛାଲ ଆଣି ବିକ୍ରୟ ପାଇଁ କୋରାପୁଟକୁ ନେଉଥିଲେ। ଏ ସମ୍ପର୍କରେ ଡାବୁଗାଁ ବନ ବିଭାଗ ଖବରପାଇ ମଇଦଲପୁର ନିକଟରେ ଜଗି ରହିଥିଲେ। ବନ କର୍ମଚାରୀ ଜଗିଥିବା ଖବରପାଇ ମାଫିଆମାନେ ରାସ୍ତା ବଦଳାଇ ବିଭିନ୍ନ ଜଙ୍ଗଲ ଦେଇ ଆସି ଡାବୁଗାଁ ନିକଟ ସିକିଲି ଜଙ୍ଗଲରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଲୁଚି ରହିଥିବା ବନ ବିଭାଗ କର୍ମଚାରୀ ସେମାନଙ୍କୁ ଚାରିପଟୁ ଘେରିଯାଇ ୨ ଜଣଙ୍କୁ କାବୁକରି ଡାବୁଗାଁ ବନ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କୁ ପଚରାଉଚରା ପରେ ସହଯୋଗୀ ୩ ଜଣଙ୍କୁ ମଇଦଲପୁରଠାରୁ ଡାବୁଗାଁ ଅଣାଯାଇଥିଲା। ସମସ୍ତଙ୍କୁ ପଚରାଉଚରା କରିବା ପରେ ଉକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ କେସ୍ ନଂ. ୧/୨୬ରେ ଏକ ମାମଲା ରୁଜୁ କରାଯାଇଛି । ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରାସାଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ବନ ସଂରକ୍ଷକ ଦିବ୍ୟାମାଧୁରୀ ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।


ଜବତ ବାଘଛାଲ ସହ ଗିରଫ ଅଭିଯୁକ୍ତ।

# ଦଣ୍ଡନାଚରେ ଗଣ୍ଡଗୋଳ, ୩ ଆହତ

### ୩ ଅଭିଯୁକ୍ତ ଗିରଫ

ଆସିକା,୧୩।୪ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମରେ ଶନିବାର ରାତି ସାଢେ ୧୧ଟାରେ ଦଣ୍ଡନାଚ ଚାଲିଥିଲା ବେଳେ ଗଣ୍ଡଗୋଳ ହୋଇଛି। ଏଥିରେ ଗୋଟିଏ ପରିବାରର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସେହି ଗ୍ରାମର ବିଭୂତି ଭୂଷଣ ସ୍ୱାଇଁ(୫୪), ତାଙ୍କ ପୁଅ ସୁଧାଂଶୁ ସ୍ୱାଇଁ (୨୫)ଓ ଭଣଜା ଚିନ୍ମୟ ସ୍ୱାଇଁ(୨୬)। ଆହତ ୩ ଜଣଙ୍କୁ ଚିକିତ୍ସା ଲାଗି ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି ଗୁରୁତର ଥିବା ବିଭୂତି ଓ ସୁଧାଂଶୁଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ତେବେ ଏନେଇ ଅଭିଯୋଗ ପରେ ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରବୀନ୍ଦ୍ର ସ୍ୱାଇଁ, ବଳିଆ ସ୍ୱାଇଁ ଓ କୃଷ୍ଣ ସ୍ୱାଇଁ।

ତେବେ ଦଣ୍ଡନାଚ ଦେଖିବାକୁ ବାହାର ଗ୍ରାମରୁ ଆସିଥିବା କେତେକ ଯୁବକଙ୍କ ସହ ପ୍ରଥମେ ହୋଇଥିବା ଗଣ୍ଡଗୋଳକୁ ସମାଧାନ କରିବାକୁ ଯାଇଥିବା ବେଳେ ପ୍ରଥମେ ଚିନ୍ମୟଙ୍କୁ ଆକ୍ରମଣ କରାଯାଇଥିଲା ଓ ପରେ ଆକ୍ରମଣକାରୀଙ୍କ ଘର ଦେଇ ଆସୁଥିଲା ବେଳେ ସମସ୍ତଙ୍କୁ କାତିରେ ଆକ୍ରମଣ ହୋଇଥିବା ଆହତମାନେ କହିଛନ୍ତି। ଖବର ପାଇ ଆସିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା । ଘଟଣାକୁ ନେଇ ଆହତ ଲୋକଙ୍କ ପରିବାର ପକ୍ଷରୁ ଜ୍ୟୋସ୍ନାରାଣୀ ସ୍ୱାଇଁ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏହାକୁ ଭିତ୍ତି କରି ନଂ. ୧୬୩/୨୬ରେ ଏକ ମାମଲା ରୁଜୁ କରିଛି। ଆକ୍ରମଣ ମାମଲାରେ ପୋଲିସ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ କୌଣସି କାରଣ ନ ଥାଇ ହଠାତ ଏଭଳି ଗଣ୍ଡଗୋଳର ସୁତ୍ରପାତ ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲିଥାନା ଅଧିକାରୀ ସୁଧୀର ସାହୁକହିଛନ୍ତି।

# ଅନ୍‌ଲାଇନ ପରୀକ୍ଷା ସେଣ୍ଟର ଉପରେ ସିବିଆଇର ଯାଞ୍ଚ

## ପୋଲିସ ଏସ୍‌ଆଇ ଜାଲିଆତି ମାମଲା

- ■ପରୀକ୍ଷା କେନ୍ଦ୍ର ଫିକ୍ସିଂ ନେଇ ମିଳିଥିଲା ପ୍ରମାଣ
- ■ଏକାଧିକ ଦସ୍ତାବିଜ୍ ଜବତ କଲା ସିବିଆଇ

ଭୁବନେଶ୍ୱର,୧୩।୪(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ସକ୍ରିୟ ହୋଇ ଉଠିଛି। ଏହି ମାମଲାରେ ଫେରାର ଅଭିଯୁକ୍ତ ଗୋବିନ୍ଦ ତ୍ରିପାଠୀଙ୍କ ସହ ସମ୍ପୃକ୍ତ ଅନ୍‌ଲାଇନ ପରୀକ୍ଷା ସେଣ୍ଟର ଉପରେ ସିବିଆଇ ପ୍ରଥମ ଚଢ଼ାଉ କରିଛି। ଟେକ୍ନୋ ସ୍କୁଲ୍ କ୍ୟାମ୍ପସ୍ ଭିତରେ ମଧ ସିବିଆଇ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ଚଢ଼ାଉ ବେଳେ ଏକାଧିକ ଦସ୍ତାବିଜ୍ ସିବିଆଇ ଜବତ କରିଛି। ସିବିଆଇର ୨୦ଜଣିଆ ଟିମ୍ ତଥ୍ୟ ଓ ପ୍ରମାଣ ସଂଗ୍ରହ ପାଇଁ ବ୍ୟାପକ ତଦନ୍ତ କରୁଛି। ଏହି କେଲେଙ୍କାରୀ ସହ ସମ୍ପୃକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକଙ୍କ ସହିତ ୧୭ଜଣ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ କୋର୍ଟରେ ପ୍ରମାଣପତ୍ର ଦାଖଲ କରିଛି। ଗିରଫ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇ ରିପୋର୍ଟ ପାଇଁ ରାଜ୍ୟ ବାହାରକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ୧୫ଲକ୍ଷ ଟଙ୍କା ନେଇ ପରୀକ୍ଷାର୍ଥୀମାନଙ୍କ ରୋଲ୍ ନମ୍ବରକୁ ପୁନଃ ସମୟ ନିର୍ଦ୍ଧାରଣ ଅର୍ଥାତ୍ ରିସିଡ୍ୟୁଲ କରାଯାଇ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ଏହି ସେଣ୍ଟରକୁ ପରୀକ୍ଷା ଦେବାକୁ ଆଣାଯାଉଥିଲା। ପୂର୍ବରୁ ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଥିବାବେଳେ ସେଥିରୁ ସମଗ୍ର ଘଟଣାର ଗୁପ୍ତ ତଥ୍ୟ ବାହାରକୁ ଆସିଥିଲା। ସୂଚନା ଅନୁଯାୟୀ, ଟେକ୍ନୋ ସ୍କୁଲ ପରୀକ୍ଷା କେନ୍ଦ୍ରରେ କିଛି ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା। ବର୍ତ୍ତମାନ ସିବିଆଇ ଟିମ୍ ସ୍କୁଲର ସମସ୍ତ ରେଜିଷ୍ଟାର ଓ ଜରୁରୀ କାଗଜପତ୍ରକୁ ତନ୍ନତନ୍ନ କରି ଯାଞ୍ଚ କରୁଛି। ଚଢ଼ାଉ ପରେ ଆଉ ଅଧିକ ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି। ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ମୁଖ୍ୟ କାର୍ଯଟଦାର ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି , ସିଲିକନ ଟେକ୍ ମାଲିକ ସୁରେଶ ନାୟକ, ମଧ୍ୟସ୍ଥ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ପ୍ରିୟଦର୍ଶିନୀ ସାମଲ, ସାଗର ଗୌଡ଼, ଅରବିନ୍ଦ ଦାସ, ବିରଞ୍ଚି ନାୟକ, ଅର୍ଜୁନ ନାୟକ, ନୀତିଶ କୁମାର ସମେତ ୧୭ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ ତଥ୍ୟ ପ୍ରମାଣ କୋର୍ଟଙ୍କ ନିକଟରେ ଦାଖଲ କରିସାରିଛି।

# ତିର୍ତ୍ତୋଲରେ ସେକ୍ସ ର୍‍ୟାକେଟ୍ ଠାବ: ମହିଳାଙ୍କ ସମେତ ୪ ଗିରଫ

ତିର୍ତ୍ତୋଲ, ୧୩।୪
(ଗୌରାଙ୍ଗ ଚରଣ ସାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ସ୍ଥାନୀୟ ପୋଲିସ ରବିବାର ରାତିରେ ଚଢ଼ାଉ କରି ଏକ ସେକ୍ସ ର୍‍ୟାକେଟ ଠାବ କରିଛି। ଏହି ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଏରସମା ଥାନା ମହିମାଦେଇପୁର ଗ୍ରାମର ଏକ ଦମ୍ପତି ଓ ତିର୍ତ୍ତୋଲ ଗ୍ରାମର ରଞ୍ଜନ ମଲ୍ଲିକ, ପଙ୍କପାଳ ଗ୍ରାମର ବିଶ୍ୱଜିତ କଣ୍ଡ।

ଏନେଇ ତିର୍ତ୍ତୋଲ ଥାନା ପରିସରରେ ସିଡିପିଓ ଅଜୟ କୁମାର ଦାସ ଏକ ଖବରଦାତା ସମ୍ମିଳନୀ ଡାକି ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ଖବରପାଇ ତିର୍ତ୍ତୋଲ ପୋଲିସର ଏକ ଟିମ୍ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତିର୍ତ୍ତୋଲସ୍ଥିତ ମୁଣ୍ଡାସାହିର ଏକ ଘର ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ଜଣେ ଯୁବତୀ ଓ ପୁରୁଷ ଅନୈତିକ କାର୍ଯ୍ୟରେ ଲିପ୍ତ ଥିଲେ। ପୋଲିସ ସମ୍ପୃକ୍ତ ଯୁବତୀଙ୍କୁ ସେଠାରୁ ଉଦ୍ଧାର କରିବା ସହ ଅନ୍ୟମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଜେରା ସମୟରେ ଅଭିଯୁକ୍ତ ମହିଳା ପ୍ରତି ଗ୍ରାହକଙ୍କଠାରୁ ୭୦୦ ଟଙ୍କା ସଂଗ୍ରହ କରୁଥିଲା ବେଳେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଯୁବତୀଙ୍କୁ ୩୦୦ ଟଙ୍କା ପ୍ରଦାନ କରୁଥିବା ସ୍ୱୀକାର କରିଛନ୍ତି। ଏହାପରେ ସମ୍ପୃକ୍ତା ମହିଳାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଏବଂ ୨୦୫୦ ଟଙ୍କା ଜବତ କରାଯାଇଛି। ଏଥିସହ ଉଦ୍ଧାର ହୋଇଥିବା ଯୁବତୀଙ୍କଠାରୁ ଏକ ଭ୍ୟାନିଟି ବ୍ୟାଗ, ମୋବାଇଲ ଫୋନ, ୩୫୦ ଟଙ୍କା ସମେତ କସ୍‌ମେଟିକ୍ ସାମଗ୍ରୀ ଓ ଲୁଗାପଟା ଥିବା ଏକ ବ୍ୟାଗ ଓ ଗୋଟିଏ ହୋଣ୍ଡା ସ୍କୁଟି( ଓଡି୨୧କେ-୮୭୩୧) ଜବତ କରାଯାଇଛି । ଏନେଇ ପୋଲିସ ଥାନାରେ ମାମଲା (ନଂ.୨୩୧/୨୬) ରୁଜୁ କରିଛି।

# ୯.୯୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୬ ଗିରଫ

- ■ପାହାଡ଼ ତଳ କୃଷି ଫାର୍ମ ପାଲଟିଥିଲା ଗଞ୍ଜେଇ ଗୋଦାମ
- ■୧ ଟ୍ରକ୍, ୪ ଚାରିଚକିଆ ଯାନ ଓ ୫ ବାଇକ୍ ଜବତ
- ■ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୦ କୋଟି : ଏସ୍‌ପି


ଫାର୍ମ ହାଉସ୍‌ରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଟିମ୍ ଗଞ୍ଜେଇ ଓଜନ କରୁଛନ୍ତି।

ସୋନପୁର,୧୩।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପାହାଡ଼ତଳ ଜଙ୍ଗଲିଆ ଅଞ୍ଚଳ ଗୁଜା ଗ୍ରାମରେ ଥିବା ସମନ୍ୱିତ କୃଷି ଫାର୍ମ ପାଲଟିଥିଲା ଗଞ୍ଜେଇ ଗୋଦାମ। ବୌଦ୍ଧ ଜିଲାରେ ଚାଷ ହେଉଥିବା ଗଞ୍ଜେଇ ଏଠାରେ ଗଚ୍ଛିତ କରି ରଖାଯାଉଥିଲା। ସୁବିଧା ଦେଖି ଗଞ୍ଜେଇକୁ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା। ଉଲୁଣ୍ଡା ପୋଲିସ ଏହି ଫାର୍ମରେ ସୋମବାର ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ଫାର୍ମ ପରିସରରୁ ଗୋଟିଏ ଟ୍ରକ୍, ୪ଟି ଚାରିଚକିଆ ଯାନ ଓ ୪ଟି ବାଇକ ଜବତ ହୋଇଛି। ସେହିପରି ତରଭା ପୋଲିସ ତଳପଦର ଗ୍ରାମ ନିକଟରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ, ଗୋଟିଏ ବାଇକ୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଉଲୁଣ୍ଡା ଓ ତରଭାରେ ପୋଲିସ ଚଢ଼ାଉ କରି ମୋଟ ୯୯୨.୮୫୭କିଲୋଗ୍ରାମ ଗଞ୍ଜେଇ ସହ ଗୋଟିଏ ଟ୍ରକ୍, ୪ଟି ଚାରି ଚକିଆ ଯାନ ଓ ୫ଟି ବାଇକ୍ ଜବତ କରିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୦କୋଟି ଟଙ୍କା ହେବ। ଉଭୟ ଘଟଣାରେ ମୋଟ ୬ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଉଲୁଣ୍ଡା ବନାଞ୍ଚଳର ସିଂହାସନୀ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ଗୁଜା ଗ୍ରାମରେ ଚକ୍ର ପାତ୍ର ଏକ ସମନ୍ୱିତ କୃଷି ଫାର୍ମ କରିଥିଲେ। ତେବେ ନିଛାଟିଆ ଜଙ୍ଗଲିଆ ଅଞ୍ଚଳରେ ଫାର୍ମ ହାଉସ କରି ସେ ବେଆଇନ କାର୍ଯ୍ୟ କରୁଥିବା ପୋଲିସକୁ ସୂଚନା ମିଳିଥିଲା। ସେ ବୌଦ୍ଧ ଜିଲାରୁ ଗଞ୍ଜେଇ ଆଣି ଏହି ଫାର୍ମରେ ରଖୁଥିଲେ ଓ ପରେ ସେଗୁଡିକୁବାହାରକୁଚାଲାଣ କରୁଥିବା ସୁବର୍ଣ୍ଣପୁର ଏସ୍‌ପି ନାୟକଙ୍କୁ ରବିବାର ରାତିରେ ସୂଚନା ମିଳିଥିଲା। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସୋମବାର ଫାର୍ମରେ ଚଢାଉ କରିଥିଲେ। ପୋଲିସ ତନଖି ସମୟରେ ଫାର୍ମର ବିଭିନ୍ନ ସ୍ଥାନରେ ଗଞ୍ଜେଇ ପ୍ୟାକେଟ୍ ଲୁଚା ଯାଇଥିବା ଦେଖିବାକୁ ମିଳିଥିଲା। ଗଞ୍ଜେଇ ପରିବହନ ପାଇଁ ଫାର୍ମରେ ୨ଟି ବଡ ଡାଲା ବଡି ଟ୍ରକ୍, ୨ଟି କାର, ୨ଟି ପିକ୍‌ଅପ୍ ଭ୍ୟାନ୍, ୪ଟି ବାଇକ୍ ଠାବ ହୋଇଥିଲା। ଉଲୁଣ୍ଡା ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ୍ ନିରଞ୍ଜନ କୁମାର ଧଲଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଫାର୍ମରୁ ମୋଟ ୮୫୩.୭୧୫ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ବୌଦ୍ଧ ଜିଲା ମହିବାହାଲ ଗ୍ରାମର ହୃଷୀକେଶ ନାଏକ, ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ସଂଗ୍ରାମପୁରର ପଞ୍ଚାନନ ମହାକୁର, ସମ୍ବଲପୁର ଜିଲା ରେଢାଖୋଲ ଥାନା ଧଉରାଖମନ ଗ୍ରାମର ଅଚ୍ୟୁତାନନ୍ଦ ମହାକୁର ଓ ମଧ୍ୟପ୍ରଦେଶ ଜବଲପୁର ଥାନା ଅଞ୍ଚଳର ମଣିରାମ ବିଶ୍ୱକର୍ମାଙ୍କୁ ଗିରଫ କରାଯାଇଛି। ତେବେ ଗଞ୍ଜେଇ ବ୍ୟବସାୟର ମାଷ୍ଟର ମାଇଣ୍ଡ ତଥା ଫାର୍ମ ମାଲିକ ଚକ୍ର ପାତ୍ର ଫେରାର ହୋଇ ଯାଇଛନ୍ତି।

ସେହିପରି ତରଭା ଥାନା ତାଳପଦର ନିକଟରେ ପୋଲିସ ଚଢ଼ାଉ କରି ବୌଦ୍ଧ ଜିଲାରୁ ଚାଲାଣ ହୋଇଥିବା ୧୩୯.୧୪୨ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ତରଭା ଥାନା ବ୍ରାହ୍ମଣୀର ସତ୍ୟବ୍ରତ ସାହୁ ଓ ବାବୁ ନାଏକଙ୍କୁ ପୋଲିସ ଗିରଫ କରିଛି। ନିଶାମୁକ୍ତ ଓଡ଼ିଶାର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ପୋଲିସ ପକ୍ଷରୁ ଏହି ଅଭିଯାନ ଜାରି ରହିଥିବା ଏସ୍‌ପି କହିଛନ୍ତି। ଅତିରିକ୍ତ ଏସ୍‌ପି କେ କେ ହରିପ୍ରସାଦ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପ୍ରଥମ, ତୃତୀୟ ପୃଷ୍ଠାରୁ...

### ହର୍ମୁଜ୍‌ରେ ଛକାପଞ୍ଝା...

ଇରାନ୍‌ବ୍ରଡ୍‌କାଷ୍ଟିଂ ପକ୍ଷରୁ ସୋମବାର ରିପୋର୍ଟ କରାଯାଇଛି ଯେ, ଇରାନ୍ ସେନା ଏବଂ ଆଇଆର୍‌ଜିସି ମଧ୍ୟପ୍ରାଚ୍ୟର ସମସ୍ତ ବନ୍ଦରକୁ ବନ୍ଦ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଅନ୍ୟପକ୍ଷେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟ ଏବଂ ଆମେରିକାର ପାଶ୍ଚାତ୍ୟ ସହଯୋଗୀମାନେ ଟ୍ରମ୍ପଙ୍କ ଏଭଳି ପଦକ୍ଷେପକୁ ନାପସନ୍ଦ କରିଛନ୍ତି। ହର୍ମୁଜ୍ ବନ୍ଦ ଅଭିଯାନରେ ସେମାନେ ସାମିଲ ହେବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି।

ସେପଟେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଲିଓ ଚତୁର୍ଦ୍ଦଶଙ୍କୁ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ସମାଲୋଚନା କରି କହିଛନ୍ତି, ବହିର୍ବ୍ୟାପାର ନୀତିକୁ ନେଇ କ୍ୟାଥୋଲିକ୍ ନେତାଙ୍କ ଆଭିମୁଖ୍ୟ ଭୟଙ୍କର। ଏହି ପ୍ରସଙ୍ଗ ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ଜାହାଜ ଚଳାଚଳ ଉପରେ ନଜର ରଖୁଥିବା ମରିନ୍ ଟ୍ରାକର୍ ଲୟଡ୍ସ ଲିଷ୍ଟ ଇଣ୍ଟେଲିଜେନ୍ସ ସୂତ୍ରରୁ ଜଣାପଡ଼ିଛି ଯେ, ଅସ୍ତ୍ରବିରତି ଘୋଷଣା ହେବା ପରଠାରୁ ଅଦ୍ୟାବଧି ୪୦ କମର୍ସିଆଲ ଜାହାଜ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଛି। ଯୁଦ୍ଧ ପୂର୍ବରୁ ଦୈନିକ ୧୦୦ରୁ ୧୩୫ ଜାହାଜ ଏହି ଜଳପଥ ଦେଇ ଯାତ୍ରା କରିଥାଏ। ଏସବୁ ଭିତରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବର୍ତ୍ତମାନ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଜାପାନ ପ୍ରଧାନମନ୍ତ୍ରୀ ସନାଏ ତାକାଇଚି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫଙ୍କୁ ଫୋନ୍ କରି ଆଲୋଚନା କରିଛନ୍ତି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ଚାଇନା ଗସ୍ତ କରି ହର୍ମୁଜ୍ ପ୍ରସଙ୍ଗରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

### ଗୁମର ଖୋଲିଲେ...

କାଠଫାଳିଆରେ ମନେଇଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମନେଇ ମରିଯିବା ଜାଣିବା ପରେ ସୁବାସ ତାଙ୍କ ମୃତଦେହ ଘରେ ଲୁଚାଇ ରଖିଥିଲେ। ଶନିବାର ମଧ୍ୟରାତ୍ରି ପ୍ରାୟ ୧୨ଟାରେ ସମସ୍ତେ ଶୋଇଯିବା ପରେ ମୃତଦେହକୁ ପାଇଖାନା ଟାଙ୍କିରେ ନେଇ ପକେଇ ଦେଇଥିଲେ। ରବିବାର ସକାଳୁ ସ୍ତ୍ରୀ କେଉଁ ଆଡ଼େ ଚାଲିଯାଇଥିବା ସୁବାସ ଗ୍ରାମବାସୀଙ୍କ ସମ୍ମୁଖରେ କହିଥିଲେ। ତେବେ ସୁବାସଙ୍କ ୪ ବର୍ଷର ସାନପୁଅ ଗ୍ରାମବାସୀଙ୍କ ସମ୍ମୁଖରେ ସବୁ ସତ କଥା କହିଦେଇଥିଲେ। ବାପା କିପରି ତାଙ୍କ ମା'ଙ୍କୁ ପିଟି ପିଟି ମାରିଲେ ଏବଂ ସେ ମରିଗଲା ପରେ ରାତିରେ ତାଙ୍କ ଶବକୁ ପାଇଖାନା ଟାଙ୍କିରେ ଲୁଚାଇ ରଖିଥିବା ସାନପୁଅ ଗ୍ରାମବାସୀଙ୍କ ଆଗରେ କହିଥିଲେ। ପୋଲିସ ଏନେଇ ୭୯/୨୬ ନମ୍ବରରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ଏବର୍ଷ କମ୍...

ଧରାଯାଇଥାଏ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କହିବା ଅନୁଯାୟୀ ସମ୍ପ୍ରତି ଦୁର୍ବଳ ଲା-ନିନା ସ୍ଥିତି ବଦଳି ସାଧାରଣ ସ୍ଥିତିକୁ ଆସୁଛି। ତେବେ ଜୁନ୍ ପରେ ଏଲ୍-ନିନୋ ବିକଶିତ ହୋଇପାରେ। କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରର ତାପମାତ୍ରା ସ୍ୱାଭାବିକଠାରୁ ବୃଦ୍ଧି ପାଇଲେ ଏଲ୍-ନିନୋ ସ୍ଥିତି ଉପୁଜିଥାଏ। ଫଳରେ ଦକ୍ଷିଣପୂର୍ବ ଏସିଆ ଏବଂ ବିଶ୍ୱର ଅନ୍ୟାନ୍ୟ ଭାଗରେ ଉତ୍ତପ୍ତ ଓ ଶୁଷ୍କ ପାଗ ଦେଖାଦିଏ। ଅଧିକାଂଶ ଏଲ୍-ନିନୋ ବର୍ଷରେ ଭାରତରେ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ହୋଇଛି ଏବଂ ବେଳେବେଳେ ଉତ୍କଟ ମରୁଡ଼ି ଦେଖାଦେବା ଫଳରେ ଫସଲ ନଷ୍ଟ ହୋଇଛି। କୃଷି ଉତ୍ପାଦନ ହ୍ରାସ ପାଇଲେ ଶସ୍ୟ ରପ୍ତାନି କମିଯିବ। ତେବେ ମୌସୁମୀ ଋତୁର ପରବର୍ତ୍ତୀ ଭାଗରେ ଭାରତ ମହାସାଗରରେ ସକାରାତ୍ମକ ଦ୍ୱିଧ୍ରୁବୀୟ ସ୍ଥିତି ବିକଶିତ ହେବାକୁ ଥିବାରୁ ମୌସୁମୀ ପାଇଁ ସହାୟକ ହେବ ବୋଲି ମହାପାତ୍ର କହିଛନ୍ତି। ଭାରତ ମହାସାଗରରେ ଦ୍ୱିଧ୍ରୁବୀୟ (ଆଇଓଡି) ସ୍ଥିତି ହେଉଛି ପଶ୍ଚିମ ଏବଂ ପୂର୍ବ ଭାରତ ମହାସାଗରର ତାପମାତ୍ରାରେ ପାର୍ଥକ୍ୟ ଦେଖାଦେବା। ସକାରାତ୍ମକ ଆଇଓଡି ଅର୍ଥ ପଶ୍ଚିମ ଭାରତ ମହାସାଗରର ଜଳ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା। ଏହା ଭାରତରେ ମୌସୁମୀ ବର୍ଷାକୁ ସକ୍ରିୟ କରିବାରେ ସହାୟକ ହୋଇଥାଏ। ଗତ ୨ ବର୍ଷରେ ବୃଷ୍ଟିପାତ ସ୍ୱାଭାବିକଠାରୁ ଅଧିକ ଥିବାବେଳେ ଚଳିତ ବର୍ଷ କମ୍ ବର୍ଷା ହେବାକୁ ଥିବାରୁ ଫସଲ ଉତ୍ପାଦନ, ମୁଦ୍ରାସ୍ଫୀତି ଏବଂ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଏହାର ପ୍ରଭାବକୁ ନେଇ ନୀତି ନିର୍ଦ୍ଧାରକ ଏବଂ ବଜାର ଏହି ପୂର୍ବାନୁମାନକୁ ନିବିଡ଼ ଭାବରେ ଅନୁସରଣ କରିବେ।

## ରାଜ୍ୟ ଖବର

# ରାଜ୍ୟର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି: ଦେଓରଞ୍ଜନ

ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା)

ରାଜ୍ୟର ସମୃଦ୍ଧି ପାଇଁ ଯୋଜନା ଓ ସଂଯୋଜନ ବିଭାଗ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ଉନ୍ନୟନ ଆୟୁକ୍ତ (ଡିସି) ଦେଓରଞ୍ଜନ କୁମାର ସିଂ ସୋମବାର ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ୯ ଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କୁ ପରାମର୍ଶ ଦେଇ କହିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ସେ କହିଛନ୍ତି, ଚାକିରି ଜୀବନରେ ଲୋକଙ୍କ ସେବାକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ରାଜ୍ୟରେ ଆକାଂକ୍ଷୀ ଜିଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ, ସଂପୂର୍ଣ୍ଣତା ଅଭିଯାନ ୨.୦, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟ ଓ ଏହା ମାଧ୍ୟମରେ ସମ୍ପୃକ୍ତ ଜିଲା ଓ ଅଞ୍ଚଳର ସମାବେଶୀ ବିକାଶ, ବିଧାୟକ ଆଞ୍ଚଳିକ ବିକାଶ ପାଣ୍ଠି (ଏମ୍‌ଏଲ୍‌ଏ ଲାଡ୍), ସାଂସଦ ଉନ୍ନୟନ ପାଣ୍ଠି (ଏମ୍‌ପି ଲାଡ୍) କାର୍ଯ୍ୟକାରିତା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍), ଓଡ଼ିଶା ଖଣିଜ କ୍ଷେତ୍ର ବିକାଶ ପାଣ୍ଠିର ଉପଯୋଗ ଓ ଆଞ୍ଚଳିକ ବିକାଶ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହିତ ରାଜ୍ୟର ବିତ୍ତୀୟ ସ୍ଥିତି, ରାଜ୍ୟ ବଜେଟ ପ୍ରସ୍ତୁତି ପ୍ରକ୍ରିୟା, ରାଜ୍ୟ ବଜେଟରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ରାଜ୍ୟର ଦୂରଦୃଷ୍ଟି ସମ୍ପନ୍ନ ଭିଜନ ଡକ୍ୟୁମେଣ୍ଟ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଆଭିମୁଖ୍ୟ ଏବଂ ୨୦୩୬ ପାଇଁ ୩୬ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ,ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହାନିର୍ଦ୍ଦେଶିକା ଡ. ମୋନାଲିସା ଲେଙ୍କା ପ୍ରଶିକ୍ଷଣ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ ପ୍ରମୁଖ ଯୋଗଦେଇ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ।



ଔପଚାରିକ ଶିକ୍ଷା ଜଣଙ୍କୁ ଜୀବନଧାରଣ ପାଇଁ ସୁଯୋଗ ଦେଇପାରେ, କିନ୍ତୁ ଆତ୍ମଜ୍ଞାନ ଓ ଶିକ୍ଷା ମଣିଷର ଭାଗ୍ୟ ନିର୍ଦ୍ଧାରଣ କରିବାକୁ ବାଟ କଢ଼ାଇଥାଏ ।
– ଜିମ୍ ରନ୍ (ଶିଳ୍ପୋଦ୍ୟୋଗୀ ଓ ଲେଖକ)



ବିଏସ୍ଇ ସେନ୍ସେକ୍ସ
୭୬,୮୪୭ (-୭୦୨)



୧ ଡଲାର = ୯୩.୬୨ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୧୦୧.୦୦ ଡଲାର

# ଯୁଦ୍ଧ ପ୍ରଭାବରେ ବଢ଼ିଛି ଖାଦ୍ୟପଦାର୍ଥ ମୂଲ୍ୟ

## ମାର୍ଚ୍ଚରେ ଖାଉଟି ମୁଦ୍ରାସ୍ଫୀତି ୩.୪%

**ନୂଆଦିଲ୍ଲୀ, ୧୩।୪**

୨୦୨୬ ମାର୍ଚ୍ଚରେ ଦେଶର ଖାଉଟି ମୁଦ୍ରାସ୍ଫୀତି ହାର ୩.୪ ପ୍ରତିଶତ ରହିଥିବା ସୋମବାର କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏହାପୂର୍ବ ମାସ ଅର୍ଥାତ୍ ଫେବୃଆରୀରେ ଖାଉଟି ମୁଦ୍ରାସ୍ଫୀତି ୩.୨ ପ୍ରତିଶତ ରହିଥିଲାବେଳେ ମାର୍ଚ୍ଚରେ ଏହା ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଇନ୍ଧନ ଯୋଗାଣ କ୍ଷେତ୍ର ବ୍ୟାହତ ହେବା ଏବଂ ଉଭୟ ଘରୋଇ ଓ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ଘଟିବା କାରଣରୁ ଖାଉଟି ସ୍ତରରେ ଅନେକ ସାମଗ୍ରୀ ମୂଲ୍ୟ ବୃଦ୍ଧି ହୋଇଛି। ଏହାକୁ ନେଇ ଖାଉଟି ମୂଲ୍ୟସୂଚୀ ଆଧାରରେ ହାରାହାରି ଭାବେ ଖାଉଟି ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଥିବା କୁହାଯାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସଓ) ତଥ୍ୟ ଅନୁସାରେ ପୂର୍ବ ତୁଳନାରେ ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଗତ ଫେବୃଆରୀରେ ଏହା ୩.୪୭ ପ୍ରତିଶତ ରହିଥିଲାବେଳେ ମାର୍ଚ୍ଚରେ ଏହା ୩.୮୭ ପ୍ରତିଶତ ଛୁଇଁଛି। ବର୍ତ୍ତମାନ ସୁଦ୍ଧା ସୁନା ଓ ରୁପା ସମେତ ନଡ଼ିଆ,ଟମାଟୋ ଏବଂ ଫୁଲକୋବି ସମେତ ଆଉ କିଛି ପରିବା ଓ ଫଳ ମୂଲ୍ୟରେ ବୃଦ୍ଧି ହୋଇଛି। ହେଲେ ଆଳୁ, ରସୁଣ, ହରଡ଼ ଡାଲି ଏବଂ ମଟର ଆଦି ଖାଦ୍ୟ ପଦାର୍ଥ ମୂଲ୍ୟରେ ସାମାନ୍ୟ ହ୍ରାସ ଘଟିଥିବା କୁହାଯାଇଛି। ଅନ୍ୟପକ୍ଷରେ ବିଦ୍ୟୁତ ଶକ୍ତି, ଗ୍ୟାସ୍ ଏବଂ ଅନ୍ୟାନ୍ୟ ଇନ୍ଧନ ମୂଲ୍ୟରେ ବର୍ତ୍ତମାନ ୧.୬୫ ପ୍ରତିଶତ ବୃଦ୍ଧି ଘଟିଛି। ଆଗକୁ ଯୁଦ୍ଧ ଜାରି ରହିଲେ ଖାଉଟି ମୁଦ୍ରାସ୍ଫୀତି ହାରାହାରି ଭାବେ ଆହୁରି ବଢ଼ିବ ବୋଲି ଆଶଙ୍କା ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଏମ୍‌ପିସି ବୈଠକରେ ରେପୋ ହାର ଅପରିବର୍ତ୍ତିତ ରଖିବା ସହିତ ବଜାର ଦରକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ଲାଗି ପଦକ୍ଷେପ ନେଇଛନ୍ତି।




# ୨୦୨୭ରୁ ଅଟୋମୋବାଇଲ କ୍ଷେତ୍ର ପାଇଁ ବାଧ୍ୟତାମୂଳକ ହେବ 'କାଫେ-୩' ନିୟମ

**ନୂଆଦିଲ୍ଲୀ, ୧୩।୪**



୨୦୨୭ ଏପ୍ରିଲ ୧ରୁ ଯାନ ନିର୍ମାଣକାରୀ କମ୍ପାନୀଙ୍କ ପାଇଁ ଇନ୍ଧନ ଦକ୍ଷତା ନିୟମ( କର୍ପୋରେଟ୍ ଫୁଏଲ ଏଫିସିଏନ୍ସି-୩') ପାଳନ ବାଧ୍ୟତାମୂଳକ ହେବ। ଚଳିତ ବର୍ଷଠାରୁ ଏହାକୁ ଲାଗୁ କରିବାକୁ ଯୋଜନା କରାଯାଇଥିଲେ ହେଁ କେତେକ ଦିଗକୁ ଦୃଷ୍ଟିରେ ରଖି ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଛି। କିନ୍ତୁ ୨୦୨୭ ଏପ୍ରିଲ ପରେ ଏହି ନିୟମ ଲାଗୁ କରିବା ନେଇ ଆଉ ସମୟ ଦିଆଯାଇପାରିବ ନାହିଁ ବୋଲି ଭାରି ଶିଳ୍ପ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ହାନିଫ୍ କ୍ୟୁରେସି ସୋମବାର ସ୍ପଷ୍ଟ କରିଛନ୍ତି। ୨୦୨୭ରୁ ଏହାକୁ ଲାଗୁ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇସାରିଛି ଏବଂ ଏଥିପାଇଁ ଅଟୋମୋବାଇଲ କମ୍ପାନୀଗୁଡିକ ସହ ନିୟମିତ ଯୋଗାଯୋଗ ଜାରି ରହିଥିବା ସେ କହିଛନ୍ତି। ତେବେ ଯାନର ଶ୍ରେଣୀ ଏବଂ କ୍ଷମତାକୁ ନେଇ ଏହି ନିୟମ ଲାଗୁ କରିବା ଦିଗରେ ଅଟୋମୋବାଇଲ କମ୍ପାନୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିଲାବେଳେ ଏହାକୁ ଦୂର କରିବା ଲାଗି ବିଭିନ୍ନ ସ୍ତରରେ ଆଲୋଚନା ଚାଲିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଗାଡିର ଇନ୍ଧନ କ୍ଷମତାକୁ ନେଇ ପ୍ରଦୂଷଣ ମାତ୍ରାକୁ ଧାର୍ଯ୍ୟ ନିୟମ ଓ ସର୍ତ୍ତ ମୁତାବକ ରଖିବାକୁ କାଫେ-୩ ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି।

# ଅକ୍ଷୟତୃତୀୟାରେ ସେନ୍‌କୋ ଗୋଲ୍ଡର ବ୍ୟାଙ୍ଗଲ୍ ଉତ୍ସବ



**ମୁମ୍ବାଇ, ୧୩।୪**

ଚଳିତ ବର୍ଷ ଅକ୍ଷୟ ତୃତୀୟା ଅବସରରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ 'ବ୍ୟାଙ୍ଗଲ ଉତ୍ସବ-୨୦୨୬'ର କରାଯାଇଛି। ସେନ୍‌କୋ ଗୋଲ୍ଡ ପକ୍ଷରୁ ଅକ୍ଷୟ ତୃତୀୟ ଅବସରରେ ଗ୍ରାହକମାନଙ୍କୁ ନୂତନ ଅନୁଭବ ଦେବାକୁ ଏହି ଉତ୍ସବ ଆୟୋଜନ କରାଯାଇଛି। ବିଶେଷକରି ଯୁବପିଢ଼ିର ଗ୍ରାହକମାନଙ୍କୁ ଦୃଷ୍ଟିରେ ରଖି ସେମାନଙ୍କ ଲାଗି ନୂତନ ଏବଂ ଆଧୁନିକ ଶୈଳୀରେ ପ୍ରସ୍ତୁତ ବ୍ୟାଙ୍ଗଲ ଉପଲବ୍ଧ କରାଯାଇଛି। ବ୍ୟାଙ୍ଗଲ ଉତ୍ସବକୁ ନେଇ 'ମେରି ଜିନ୍ଦେଗି ମେରେ ହାତୋଁ ମେ' ଅଭିଯାନ ଆରମ୍ଭ କରାଯାଇଛି। ଚଳିତ ବର୍ଷ ବ୍ୟାଙ୍ଗଲ ଉତ୍ସବରେ ପ୍ରାୟ ୫୦୦ କିସମର ସୁନା, ଡାଏମଣ୍ଡ ଏବଂ ପ୍ଲାଟିନମ୍‌ଯୁକ୍ତ ବ୍ୟାଙ୍ଗଲ ଗ୍ରାହକମାନଙ୍କ ଲାଗି ଉପଲବ୍ଧ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଅକ୍ଷୟ ତୃତୀୟା ଭଳି ପବିତ୍ର ଏବଂ ସମୃଦ୍ଧି ଦିବସରେ ଗ୍ରାହକଙ୍କ ରୁଚି ମୁତାବକ ଡିଜାଇନକୁ ଦୃଷ୍ଟି ଦେଇ ବିଭିନ୍ନ ଶ୍ରେଣୀର ବ୍ୟାଙ୍ଗଲ ପ୍ରସ୍ତୁତ କରାଯାଇଛି। କମ୍ପାନୀ ପକ୍ଷରୁ ସୁନା, ଡାଏମଣ୍ଡ ଗହଣା ମେକିଂ ଚାର୍ଜ ଉପରେ ସ୍ୱତନ୍ତ୍ର ଭାବେ ରିହାତି ଘୋଷଣା କରାଯାଇଛି। ଡାଏମଣ୍ଡଯୁକ୍ତ ଅଳଙ୍କାର ଉପରେ ୨୦ ପ୍ରତିଶତ ରିହାତି ସହିତ ମେକିଂ ଚାର୍ଜରେ ୭୫ ପ୍ରତିଶତ ଏବଂ ପ୍ରତି ୧୦ ଗ୍ରାମ୍ ସୁନା ଅଳଙ୍କାର ଉପରେ ସବାଧିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ । ନୂଆ ଡିଜାଇନର ଗହଣାର ଅନୁଭୂତି ନେବା ସହ ଅକ୍ଷୟ ତୃତୀୟାରେ ଜୀବନକୁ ଆହୁରି ସମୃଦ୍ଧ କରିବାର ଅବକାଶର ଉପଲବ୍ଧି ପାଇଁ ସେନ୍‌କୋ ଗୋଲ୍ଡ ଏହାର ଗ୍ରାହକମାନଙ୍କ ଲାଗି ଅପୂର୍ବ ସୁଯୋଗ ଆଣିଛି ବୋଲି ଏହାର ମାର୍କେଟିଂ ମୁଖ୍ୟ ଜୋଇତା ସେନ୍ କହିଛନ୍ତି।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଜନସମାଗମ ବଢୁଛି

**ଭୁବନେଶ୍ୱର, ୧୩।୪**

ଜନତା ମୈଦାନଠାରେ ଚାଲିଥିବା ୧୩ତମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବାବେଳେ ଚତୁର୍ଥ ଦିନରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ୧୫ ହଜାରରୁ ଅଧିକ ଲୋକଙ୍କ ସମାଗମ ହେବା ସହ ଦେଶ ବିଦେଶରୁ ଆସିଥିବା ସାମଗ୍ରୀ ପରଖିବା ଏବଂ କିଣିବାକୁ ଭିଡ଼ ଜମୁଛି। ଏଠାରେ ବିଭିନ୍ନ କିସମର ଖୋଦେଇ ଫର୍ନିଚର୍ , ୩୦୦ ପ୍ରକାରର ଡ୍ରାଏ ଫ୍ରୁଟ୍ , ଦୁବାଇର ବକ୍‌ଲାଭା ପାଷ୍ଟ୍ରି ଲୋକମାନଙ୍କ ମଧ୍ୟରେ ବିଶେଷ ଚାହିଦା ବଢ଼ାଇଥିବା ଦେଖିବାକୁ ମିଳିଛି। ଏଥର ଏହି ମେଳାରେ ବିଭିନ୍ନ ଡିଜାଇନର ହସ୍ତତନ୍ତ କଲେକ୍ସନଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟର ହସ୍ତତନ୍ତ ଶାଢ଼ି ଓ ଡ୍ରେସ୍ ମ୍ୟାଟେରିଆଲ, ଆକର୍ଷଣୀୟ ଜୁଏଲେରି ଏବଂ ଆଣ୍ଟିକ୍ ସାମଗ୍ରୀର ସମ୍ଭାର ଲାଗିଛି। ଏହାଛଡ଼ା ବିଭିନ୍ନ ବର୍ଗର ଘରକରଣା ଓ ଘର ସାଜସଜ୍ଜା ସାମଗ୍ରୀ ଏବଂ ମହିଳାଙ୍କ ଲାଗି ପ୍ରସାଧନ ସାମଗ୍ରୀ ମଧ୍ୟ ଉପଲବ୍ଧ କରାଯାଇଛି। ବିଭିନ୍ନ ବ୍ରାଣ୍ଡର ଯାନ ମଧ୍ୟ ଅଟୋମୋବାଇଲ ପ୍ରତି ଆଗ୍ରହ ରଖୁଥିବା ଲୋକଙ୍କ ପାଇଁ ଆକର୍ଷଣୀୟ ହୋଇଛି। ଏହି ମେଳାରେ ଲାଗିଥିବା ବିଭିନ୍ନ ରାଜ୍ୟର ସୁସ୍ୱାଦୁ ଖାଦ୍ୟ ଲୋକଙ୍କୁ ଆହୁରି ଆନନ୍ଦ ଦେଉଛି ବୋଲି ବହୁ ପରିଦର୍ଶକ କହିଛନ୍ତି। ଏହି ମେଳା ଆସନ୍ତା ୨୦ ପର୍ଯ୍ୟନ୍ତ ଚାଲିବ ଏବଂ ପ୍ରତ୍ୟେକ ଦିନ ଅପରାହ୍ନ ୨ଟାରୁ ରାତି ୧୦ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଆୟୋଜକ ସଂସ୍ଥା ପକ୍ଷରୁ କୁହାଯାଇଛି।




# ଆଗକୁ ନିଯୁକ୍ତି କ୍ଷେତ୍ର ପାଇଁ ସଙ୍କଟଜନକ ସ୍ଥିତି: ବିଶ୍ୱବ୍ୟାଙ୍କ

**ୱାଶିଂଟନ୍ , ୧୩।୪**



ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଚଳିତ ସପ୍ତାହରେ ୱାଶିଂଟନ୍‌ଠାରେ ବୈଶ୍ୱିକ ସ୍ତରରେ ବିତ୍ତୀୟ ଅଧିକାରୀମାନଙ୍କ ବୈଠକ ହେବାକୁ ଯାଉଛି। କିନ୍ତୁ ଏହାପୂର୍ବରୁ ବିଶ୍ୱବ୍ୟାଙ୍କ ଆଗକୁ ନିଯୁକ୍ତି କ୍ଷେତ୍ର ପାଇଁ ଯେଉଁଳି ସଙ୍କଟ ସୃଷ୍ଟି ହେବାକୁ ଯାଉଛି, ସେ ସମ୍ପର୍କରେ ଚେତାଇ ଦେଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବକୁ ନେଇ ଆଗକୁ ବୈଶ୍ୱିକ ଅର୍ଥନୀତି କିଭଳି ପ୍ରଭାବିତ ହେବାକୁ ଯାଉଛି, ସେନେଇ ଦୁଇ ଦିନ ତଳେ ବିଶ୍ୱବ୍ୟାଙ୍କ ସଭାପତି ଅଜୟ ବାଙ୍ଗା ବିଶ୍ୱସମୁଦାୟକୁ ସତର୍କ କରାଇଦେଇଥିଲେ । ଏବେ ନିଯୁକ୍ତି କ୍ଷେତ୍ରରେ ବଡ଼ ସମସ୍ୟା ଦେଖାଯିବ ବୋଲି ସେ କହିଛନ୍ତି। କରୋନା କାଳରୁ ପ୍ରଭାବିତ ହୋଇ ଆସିଥିବା ବୈଶ୍ୱିକ ଅର୍ଥନୀତି ପରବର୍ତ୍ତୀ ସମୟରେ ବିଭିନ୍ନ କାରଣକୁ ନେଇ ମାନ୍ଦା ହୋଇଚାଲିଛି। କରୋନା ପରେ ରୁଷିଆ-ୟୁକ୍ରେନ ଯୁଦ୍ଧ ପ୍ରଭାବ ଅର୍ଥନୈତିକ ଧାରାକୁ ସଙ୍କୁଚିତ କରିଥିଲାବେଳେ ଏବେ ମଧ୍ୟପ୍ରାଚ୍ୟ ସ୍ଥିତି ଏହାକୁ ଆହୁରି ଗମ୍ଭୀର କରିଛି। ଏହିକ୍ରମରେ ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ସାରା ବିଶ୍ୱରେ ନିଯୁକ୍ତି କ୍ଷେତ୍ରରେ ଉତ୍କଟ ସମସ୍ୟା ଦେଖାଯାଇପାରେ ବୋଲି ବାଙ୍ଗା କହିଛନ୍ତି। ସେ କହିଛନ୍ତି, ବିଶ୍ୱର ବହୁ ପ୍ରଗତିଶୀଳ ରାଷ୍ଟ୍ରଗୁଡିକରେ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରାୟ ୧୦୦ କୋଟିରୁ ଅଧିକ ତରୁଣ ନିଯୁକ୍ତ ହେବାକୁ ସୁଯୋଗ ଖୋଜିବେ। କିନ୍ତୁ ସେଥିମଧ୍ୟରୁ କେବଳ ୪୦ ଲକ୍ଷ ଲୋକ ନିଯୁକ୍ତି ପାଇବାକୁ ସୁଯୋଗ ପାଇବେ। ବାକି ୮୦ କୋଟିରୁ ଅଧିକ ଲୋକ ନିଯୁକ୍ତି ପାଇବା ଲାଗି ନାନା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଗତ କିଛି ବର୍ଷ ହେଲା ବିଭିନ୍ନ କାରଣକୁ ନେଇ ବୈଶ୍ୱିକ ଅର୍ଥନୈତିକ ଧାରା ଯେଉଁଳି ପ୍ରଭାବିତ ହୋଇଚାଲିଛି ତଦ୍ୱାରା ଅର୍ଥନୈତିକ ଅଧୋଗତି ସହ ନିଯୁକ୍ତି କ୍ଷେତ୍ର ମଧ୍ୟ ମାତ୍ରାଧିକ ପ୍ରଭାବିତ ହେବ ବୋଲି ବାଙ୍ଗା ସତର୍କ କରାଇ ଦେଇଛନ୍ତି।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)**

ଗ୍ରୀଷ୍ମ ଋତୁରେ ବୃଦ୍ଧି ପାଉଥିବା ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ଏବଂ ଯାତ୍ରାକୁ ସୁଗମ ଓ ସହଜ କରିବା ପାଇଁ ଭାରତୀୟ ରେଳପଥ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏହି ଟ୍ରେନଗୁଡ଼ିକ ଆନନ୍ଦ ବିହାର-ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର-କୋଲକାତା, ବିଶାଖାପାଟଣା-ଶାଲିମାର, ସମ୍ବଲପୁର-ଶାଲିମାର, ପାଟନା-ଖୋର୍ଦ୍ଧା ରୋଡ୍ ଏବଂ ପୁରୀ-ପାଟନା ପରି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସଂଯୋଗ କରିବ। ଏହିସବୁ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟରେ ୦୪୦୬୬ ଆନନ୍ଦ ବିହାର ଟର୍ମିନାଲ-ଖୋର୍ଦ୍ଧା ରୋଡ୍ ସ୍ୱତନ୍ତ୍ର ଟ୍ରେନ୍, ୦୪୦୬୫ ଖୋର୍ଦ୍ଧା ରୋଡ୍ - ଆନନ୍ଦ ବିହାର ଟର୍ମିନାଲ୍ ସ୍ୱତନ୍ତ୍ର, ୦୮୪୦୧ ଭୁବନେଶ୍ୱର-କୋଲକାତା ସ୍ପେଶାଲ୍, ୦୮୪୦୨ କୋଲକାତା - ଭୁବନେଶ୍ୱର ସ୍ପେଶାଲ୍, ୦୮୫୦୨ ବିଶାଖାପାଟଣା-ଶାଲିମାର ସ୍ପେଶାଲ୍ ଟ୍ରେନ, ୦୮୫୦୩ ଶାଲିମାର-ବିଶାଖାପାଟଣା ସ୍ପେଶାଲ୍ ଟ୍ରେନ୍, ୦୮୩୦୧ ସମ୍ବଲପୁର-ଶାଲିମାର ସ୍ପେଶାଲ୍, ୦୮୩୦୨ ଶାଲିମାର - ସମ୍ବଲପୁର ସ୍ପେଶାଲ୍, ୦୩୨୩୦ ପାଟନା - ଖୋର୍ଦ୍ଧା ରୋଡ୍ ସ୍ପେଶାଲ,୦୩୨୨୯ ଖୋର୍ଦ୍ଧା ରୋଡ୍-ପାଟନା ସ୍ପେଶାଲ୍, ୦୮୪୩୯ ପୁରୀ - ପାଟନା ସ୍ପେଶାଲ୍ ଏବଂ ୦୮୪୪୦ ପାଟନା - ପୁରୀ ସ୍ପେଶାଲ୍ ଟ୍ରେନ୍ ରହିଛି। ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭାରତୀୟ ରେଳପଥର ସରକାରୀ ୱେବସାଇଟ୍ କିମ୍ବା ନିକଟସ୍ଥ ରେଳ ଷ୍ଟେଶନରେ ସର୍ବଶେଷ ଟ୍ରେନ୍ ସମୟସୂଚୀ ଏବଂ ଉପଲବ୍ଧତା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

# ୭୦୩ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ, ୧୩।୪**

ଇରାନ୍-ଆମେରିକା ଯୁଦ୍ଧ ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ଯୋଗୁ ଶେୟାର ବଜାରରେ ପୁଣି ଅସ୍ଥିରତା ଦେଖାଯାଇଛି। ଭାରତୀୟ ଶେୟାର ବଜାର ସମେତ ବିଶ୍ୱର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜଗୁଡିକରେ ସୋମବାର କାରବାର ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ବିଶେଷକରି ଇରାନ୍ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ବୁଝାମଣା ଅସଫଳ ହେବା ଏବଂ ସ୍ଥିତି ଆହୁରି ଖରାପ ହେବା ଯୋଗୁ ନିବେଶକ ମହଲ ଆଶଙ୍କିତ ହୋଇପଡ଼ିଥିବାରୁ ଅଧିକାଂଶ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର ହୋଇଛି। ଏହାକୁ ନେଇ ବିଏସ୍ଇ ସେନସେକ୍ସରେ କାରବାର ଶେଷ ସୁଦ୍ଧା ୭୦୩ ପଏଣ୍ଟ ହ୍ରାସ ଘଟିବା ସହ ଏହା ୭୬,୮୪୭ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନିଫ୍ଟି କାରବାର ମଧ୍ୟ ହ୍ରାସ ପାଇବା ସହ ଏଥିରେ ୨୦୭ ପଏଣ୍ଟ ହ୍ରାସ ଘଟି ଏହା କାରବାର ଶେଷ ସୁଦ୍ଧା ୨୩,୮୪୨ରେ ବନ୍ଦ ରହିଥିବା ଜଣାପଡ଼ିଛି।

# ଓଡ଼ିଶାରେ ଦୈନିକ ୪୫ ହଜାର ସିଲିଣ୍ଡର ବିତରଣ

**ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)**



ସାମ୍ପ୍ରତିକ ଭୂରାଜନୈତିକ ଘଟଣାକ୍ରମ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରିବା ସତ୍ତ୍ୱେ ଭାରତର ଏଲପିଜି ଯୋଗାଣ ସ୍ଥିର ରହିଛି ଏବଂ ଘରୋଇ ଏଲପିଜି ଉପଭୋକ୍ତାମାନଙ୍କୁ ସ୍ୱାଭାବିକ ଗ୍ୟାସ ବିତରଣ କରିବା ଲାଗି ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଥିବା ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ବାଧାମୁକ୍ତ ଘରୋଇ ଏଲପିଜି ଯୋଗାଣକୁ ବଜାୟ ରଖିବା ଲାଗି ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲଗାତର ପଦକ୍ଷେପ ନେଉଛି। ଦୈନିକ ପାଖାପାଖି ୪୫ ହଜାର ସିଲିଣ୍ଡର ବିତରଣ କରାଯାଉଛି। ଏହା ସଂକଟ ପୂର୍ବ ଅବଧିରେ ହେଉଥିବା ସ୍ୱାଭାବିକ ବିତରଣ ସହ ପ୍ରାୟ ସମାନ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି। ସିଲିଣ୍ଡର ରିଫିଲ୍ ବୁକିଂ ଲାଗି ଉପଭୋକ୍ତାମାନଙ୍କୁ ଏସ୍ଏମ୍ଏସ୍ ଓ ଆଇଭିଆରଏସ ଭଳି ଡିଜିଟାଲ ପଦ୍ଧତି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ବର୍ତ୍ତମାନ ପାଖାପାଖି ୮୬% ବୁକିଂ ଡିଜିଟାଲ ମାଧ୍ୟମରେ ହସ୍ତଗତ ହେଉଛି। ସିଲିଣ୍ଡରଗୁଡ଼ିକ ଡେଲିଭରି ପ୍ରମାଣୀକରଣ କୋଡ ବା ଡିଏସି ଓଟିପି ଆଧାରରେ କରାଯାଉଛି, ଯାହାଫଳରେ ଅସଲି ଉପଭୋକ୍ତାଙ୍କ ନିକଟରେ ସିଲିଣ୍ଡର ପହଞ୍ଚି ପାରିବ। କିଛି ଏଲପିଜି ବିତରକ ଅନିୟମିତତା କରୁଥିବାର ଅଭିଯୋଗ ସୋସିଆଲ ମିଡିଆ ମାଧ୍ୟମରେ ଏବଂ ଗ୍ରାହକଙ୍କ ଅଭିଯୋଗକ୍ରମେ ହସ୍ତଗତ ହୋଇଛି। କଳାବଜାର ଏବଂ ବେଆଇନ ମହଜୁଦକୁ ରୋକିବା ପାଇଁ ଏକାଧିକ ପ୍ରବର୍ତ୍ତନ ଦଳ ଗଠନ କରାଯାଇଛି ଯେଉଁମାନେ ସାରା ଓଡ଼ିଶାରେ ଏଲପିଜି ବିତରକମାନଙ୍କ ଠିକଣାରେ ଅଚାନକ ଯାଞ୍ଚ କରୁଛନ୍ତି। ଅନିୟମିତତା କରୁଥିବା ଏଲପିଜି ବିତରକଙ୍କ ବିରୋଧରେ ମଧ୍ୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ଅନିଶ୍ଚିତତା କମିବ, ସୁଯୋଗ ବଢ଼ାଇବ ଏଆଇ




**ତାଞ୍ଜାଭୁର, ୧୩।୪**

ଆର୍ଥିକ କ୍ଷେତ୍ରରେ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ବ୍ୟବହାର କରିବା ଦ୍ୱାରା ଅନିଶ୍ଚିତତା କମିବ ଏବଂ ସମସ୍ତଙ୍କ ପାଇଁ ନୂଆ ସୁଯୋଗ ବଢ଼ିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଡିଜି ଜେ. ସ୍ୱାମୀନାଥନ୍ କହିଛନ୍ତି। ତାଞ୍ଜାଭୁରସ୍ଥିତ ଶାସ୍ତ୍ର ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ କ୍ଷେତ୍ରରେ ଏଆଇକୁ ପୂରାପୂରି ବ୍ୟବହାର କରିବା ପାଇଁ ୫ଟି ଗୁରୁତ୍ୱପୂର୍ଣ୍ଣ ନିୟମ ରହିଛି। ସେଗୁଡ଼ିକ ହେଲା- ମଣିଷର ଦାୟିତ୍ୱ, ନ୍ୟାୟ, ସ୍ପଷ୍ଟ ବ୍ୟାଖ୍ୟା, ଭଲ ତଥ୍ୟ ପରିଚାଳନା, ଠିକ୍ ବ୍ୟବହାର ଏବଂ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା। ସ୍ୱାମୀନାଥନ୍ କହିଛନ୍ତି ଯେ ଏଆଇ ବ୍ୟବହାର କରି ଆର୍ଥିକ ନିଷ୍ପତ୍ତି ନେବା ସମୟରେ ମଣିଷର ଦାୟିତ୍ୱ ରହିବା ଉଚିତ। କୌଣସି ନିଷ୍ପତ୍ତି ଗୁପ୍ତ ବା ଅସ୍ପଷ୍ଟ ନ ରହିବା ଉଚିତ। ଛୋଟ ଋଣଗ୍ରହୀତାଙ୍କୁ ଅଣଦେଖା କରାଯିବା ଉଚିତ୍ ନୁହେଁ ବୋଲି ସେ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିଟି ୟୁନିୟନ ବ୍ୟାଙ୍କର ଅଧିକାରୀ, ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୟୁବିଆଇ-ନାଲ୍‌କୋ ମଧ୍ୟରେ ଚୁକ୍ତି



**ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନାଲ୍‌କୋ କର୍ମଚାରୀମାନଙ୍କୁ ଏକ ବର୍ଦ୍ଧିତ କର୍ପୋରେଟ୍ ବେତନ ପ୍ୟାକେଜ୍ ପ୍ରଦାନ କରିବା ପାଇଁ ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିଃ. (ନାଲ୍‌କୋ) ସହ ସହଭାଗିତା କରିଅଛି ଯାହା ଆର୍ଥିକ ଅନ୍ତର୍ଭୁକ୍ତି ଓ କର୍ମଚାରୀ-କୈନ୍ଦ୍ରିକ ବ୍ୟାଙ୍କିଙ୍ଗ୍ ସମାଧାନ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ଭୁବନେଶ୍ୱରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବ୍ୟବସ୍ଥା ଅନୁଯାୟୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ପ୍ରିଫରେନ୍ସିଆଲ୍ ବ୍ୟାଙ୍କିଙ୍ଗ୍ ସେବା, ଆକର୍ଷଣୀୟ ଋଣ ସୁବିଧା ଏବଂ ବିଭିନ୍ନ ଭାଲ୍ୟୁ ଆଡେଡ୍ ସୁବିଧା ସହିତ ଏକ ସଂପୂର୍ଣ୍ଣ ପ୍ୟାକେଜ୍ ପ୍ରଦାନ କରାଯାଉଛି। ଏହି କର୍ପୋରେଟ୍ ବେତନ ପ୍ୟାକେଜ୍ କର୍ମଚାରୀମାନଙ୍କ ଆର୍ଥିକ ସୁରକ୍ଷା ଓ ସୁବିଧାକୁ ବୃଦ୍ଧି କରିବା ପାଇଁ ବିଶେଷ ଭାବେ ଡିଜାଇନ୍ କରାଯାଇଛି, ଯେଉଁଥିରେ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ବୀମା କଭର, ୧.୫୦କୋଟି ପର୍ଯ୍ୟନ୍ତ ମାଗଣା ବ୍ୟକ୍ତିଗତ ଦୁର୍ଘଟଣା ବୀମା କଭର, ୧ ଲକ୍ଷ ପର୍ଯ୍ୟନ୍ତ ହସ୍ତି-କ୍ୟାଶ ସୁବିଧା, ପ୍ରିମିୟମ୍ ମେଟାଲ ଡେବିଟ୍ କାର୍ଡ ସୁବିଧା ଏବଂ ବିଭିନ୍ନ ଲାଇଫ୍ ଷ୍ଟାଇଲ ସୁବିଧା ଆଦି ଉପଲବ୍ଧ ରହିଛି।

# କମ୍ପ୍ୟୁଟେଶନାଲ୍ ଫାଇନାନ୍ସ, ବ୍ୟବସାୟ ବିଶ୍ଳେଷଣ ସମ୍ପର୍କିତ ସମ୍ମିଳନୀ

**ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)**

ଆଇଆଇଏମ୍‌ଟି ଭୁବନେଶ୍ୱର ପକ୍ଷରୁ ୪ର୍ଥ ଅନ୍ତର୍ଜାତୀୟ କମ୍ପ୍ୟୁଟେଶନାଲ୍ ଫାଇନାନ୍ସ ଏବଂ ବ୍ୟବସାୟ ବିଶ୍ଳେଷଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ୨ ଦିନିଆ ସମ୍ମିଳନୀରେ ଅଧ୍ୟକ୍ଷତା କରି ଆଇଆଇଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହାୟକ ପ୍ରଫେସର ଆଲୋକ ଅରୁଣ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ଡିନ୍, ପ୍ରଫେସର ଡ. ପ୍ରମୋଦ କୁମାର ପୃଷ୍ଟି ପ୍ରତିଷ୍ଠାନର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଏବଂ ପ୍ରତିଷ୍ଠାତା ନିର୍ଦ୍ଦେଶକ, ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ କୃତ୍ରିମ ବୁଦ୍ଧିମତ୍ତା ସମନ୍ୱୟ ବିକାଶ ଏବଂ ଶାସନ ଉପରେ ମତ ରଖିଥିଲେ। ପ୍ରକାଶନ ଅଧ୍ୟକ୍ଷ ଭାବରେ ପ୍ରଫେସର ପଟ୍ଟନାୟକ ଉଦୀୟମାନ ଏଆଇ ଗବେଷଣା ଧାରା ଉପରେ ଆଲୋକପାତ କରିଥିଲେ।

# ଓଡ଼ିଶାରେ ୧୮,୫୦୦ କୋଟି ଆୟକର ଆଦାୟ

- ଡା. ଡି. ସୁଧାକର ରାଓ ଓଡ଼ିଶାର ନୂତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ
- ଆୟକରଦାତା ସଂଖ୍ୟା ୧୫ ଲକ୍ଷକୁ ହ୍ରାସ

**ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)**



ଡା. ଡି. ସୁଧାକର ରାଓ

ଓଡ଼ିଶାର ନୂଆ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ଭାବେ ଡା. ଡି. ସୁଧାକର ରାଓ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ଆୟକର ଭବନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡ. ରାଓ ଓଡ଼ିଶାରେ ଆୟକର ଆଦାୟ ସମ୍ପର୍କିତ ବିସ୍ତୃତ ତଥ୍ୟ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରୁ ୨୦୨୫-୨୬ ଆର୍ଥିକବର୍ଷରେ ପ୍ରାୟ ୧୮,୫୦୦ କୋଟି ଟଙ୍କାର ନିଟ୍ ଆୟକର ଆଦାୟ ହୋଇଛି। ୨୦୨୪-୨୫ରେ ରାଜ୍ୟରେ ପ୍ରାୟ ୧୬.୭ ଲକ୍ଷ ଆୟକରଦାତା ଥିଲେ ମାତ୍ର ବଜେଟରେ ଆୟକର ସୀମା ବଢ଼ିଯିବା ଫଳରେ ୨୦୨୫-୨୬ରେ ରାଜ୍ୟରେ ଆୟକରଦାତାଙ୍କ ସଂଖ୍ୟା ପ୍ରାୟ ୧୫ ଲକ୍ଷକୁ ହ୍ରାସ ପାଇଛି। ଅର୍ଥାତ ପ୍ରାୟ ୧୫ ଲକ୍ଷ ଆୟକର ରିଟର୍ନ ଦାଖଲ କରିଛନ୍ତି। ୨୦୨୪-୨୫ ତୁଳନାରେ ୨୦୨୫-୨୬ରେ ଆୟକର ଦାତାଙ୍କ ସଂଖ୍ୟା ପ୍ରାୟ ୧.୭ ଲକ୍ଷ କମିଛି। ୨୦୨୫-୨୬ ଆର୍ଥିକବର୍ଷରେ ରାଜ୍ୟରେ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ସର୍ବାଧିକ ୩୭୫୦ କୋଟି ଟଙ୍କାର ଆୟକର ପ୍ରଦାନ କରିଛି। ୨୦୨୬-୨୭ ବର୍ଷ ପାଇଁ ଆୟକର ଆଦାୟ କେନ୍ଦ୍ରୀୟ ପ୍ରତ୍ୟକ୍ଷ ବୋର୍ଡ (ସିବିଡିଟି) ପକ୍ଷରୁ ଲକ୍ଷ୍ୟ ଦିଆଯିବା ପରେ ତାହାକୁ ପୂରଣ କରାଯିବ ବୋଲି କୁହାଯାଇଛି। ତେବେ ଏହା ପ୍ରାୟ ୨୦ ହଜାର କୋଟି ଟଙ୍କା ରହିପାରେ ବୋଲି ଅନୁମାନ କରାଯାଉଛି। ଡା. ଡି. ରାଓ କହିଥିଲେ ଯେ, ନୂଆ ଆୟକର ଆଇନ ୨୦୨୫କୁ ଅତ୍ୟନ୍ତ ସରଳ କରାଯାଇଛି। ତେବେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିମାସରେ ଗୋଟିଏ ଲେଖାଏଁ ଆଉଟରିଚ୍ କାର୍ଯ୍ୟକ୍ରମ କରାଯିବ। ପୁରୀରେ ଏନେଇ କାର୍ଯ୍ୟକ୍ରମ ହୋଇ ସାରିଥିବାବେଳେ ଆଗାମୀ ଦିନରେ ଭୁବନେଶ୍ୱର ସମେତ ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଆଦି ସହରରେ କରାଯିବ। ସେହିଭଳି ଓଡ଼ିଶାରେ ମଧ୍ୟ ବିଭାଗ ସମ୍ମୁଖରେ କର୍ମଚାରୀ ଅଭାବ ଭଳି ଅନେକ ଆହ୍ୱାନ ସତ୍ତ୍ୱେ ଅଧିକ ଆୟକର ଆଦାୟ ପାଇଁ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ସୂଚନା ଥାଉକି, ଡା. ରାଓ ୧୯୯୦ ବ୍ୟାଚର ରାଜସ୍ୱ ସେବା(ଆଇଆର୍‌ଏସ୍) ଅଧିକାରୀ ହୋଇଥିବାବେଳେ ସେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଗୋଆ, କର୍ନାଟକ, ପଣ୍ଡିଚେରୀ, କେରଳମ୍ ଏବଂ ମହାରାଷ୍ଟ୍ରରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସେ ବିହାର ଓ ଝାଡ଼ଖଣ୍ଡ ଅଞ୍ଚଳର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରୁଛନ୍ତି। ଡା. ରାଓ ତେଲଙ୍ଗାନାର ବାସିନ୍ଦା ଏବଂ ସେ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରୁ ପରିବେଶ ବିଜ୍ଞାନରେ ଏମ୍ ଫିଲ୍ ଡିଗ୍ରୀ ଅର୍ଜନ କରିଛନ୍ତି।

ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱରର ପ୍ରଧାନ ଆୟକର ଆୟୁକ୍ତ-୧ ନୀରଜା ପ୍ରଧାନ, ସମ୍ବଲପୁରର ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଏବଂ ଆୟକର ଆୟୁକ୍ତ ଶୋଭନକୃଷ୍ଣ ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ କ୍ରୀଡ଼ା ପୁରସ୍କାରରେ ବିଳମ୍ବ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

ବହୁ ପ୍ରତୀକ୍ଷିତ ଜାତୀୟ ପୁରସ୍କାର ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ ଘଟିଛି। କେବଳ ଯୋଗ୍ୟ କ୍ରୀଡ଼ାବିତ୍ ଯେପରି ଏହି ସମ୍ମାନ ପାଆନ୍ତି ସେ ଦିଗରେ ଏଥର ବିଶେଷ ଧ୍ୟାନ ଦିଆଯାଇଛି। ପୁନଃ ମୂଲ୍ୟାୟନ ପ୍ରକ୍ରିୟା ଯୋଗୁ ବିଳମ୍ବ ଘଟିଥିବା କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଗତବର୍ଷ ଆବେଦନ ପ୍ରକ୍ରିୟାରେ ସ୍ୱାଭାବିକ ସମୟଠାରୁ ଟିକେ ବିଳମ୍ବରେ ଆରମ୍ଭ ହୋଇଥିଲା। ଡିସେମ୍ବରରେ ପୁରସ୍କାର ଚୟନ କମିଟି ନାମ ସୁପାରିସ କରିଥିଲା। ତଥାପି ମନ୍ତ୍ରଣାଳୟ ସୁପାରିସଗୁଡ଼ିକର ପୁନଃ ମୂଲ୍ୟାୟନ କରୁଥିବାରୁ ଅନୁମୋଦିତ ନାମଗୁଡ଼ିକ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ। ବର୍ତ୍ତମାନ ଅର୍ଜୁନ ପୁରସ୍କାର ତାଲିକାର ପୁନଃ ମୂଲ୍ୟାୟନ କରାଯାଉଛି। ପୁରସ୍କାରର ମହତ୍ତ୍ୱ କାଏମ ରହୁ, ଏଥର ବାଛବିଚାର ନ ରହୁ ବୋଲି ଏହା ଆମର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରଣାଳୟର ଏକ ସୂତ୍ରରୁ ପ୍ରକାଶ କରାଯାଇଛି। ଅର୍ଜୁନ ପୁରସ୍କାର ବିଜେତା ଚୟନ କ୍ଷେତ୍ରରେ ବିବାଦ ସୃଷ୍ଟି ନ ହେଉ। ଅତୀତରେ କେତେଥର ଏହି ମାମଲା କୋର୍ଟ କଚେରିକୁ ଯାଉଛି। ଗଣମାଧ୍ୟମରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ମନ୍ତ୍ରଣାଳୟ ମତ ପ୍ରକାଶ କରି କହିଛି, ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି ଏକ ଚୟନ କମିଟିର ଆବଶ୍ୟକତା

### ଚୟନ ପ୍ରକ୍ରିୟାର ପୁନଃ ସମୀକ୍ଷା

ରହିବା ଉଚିତ ନୁହେଁ। ଏହି ପୁରସ୍କାର ଯେପରି କୌଣସି ଅଯୋଗ୍ୟ ବ୍ୟକ୍ତି ନ ପାଆନ୍ତି, ସେଥିପାଇଁ ଏକ ସ୍ପଷ୍ଟ ମାନଦଣ୍ଡ ରହିବା ଆବଶ୍ୟକ। ଠିକ୍ ପୁରସ୍କାର ରାଶି ଭଳି ଯଦି ଜଣେ ଅଲିମ୍ପିକ ପଦକ ପାଏ ସମ୍ପୃକ୍ତ ଆଥ୍‌ଲେଟଙ୍କୁ ୭୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇବା ପାଇଁ ଏକ ଫର୍ମ ପୂରଣ କରିବାର ଆବଶ୍ୟକ ପଡ଼ିବା ଉଚିତ ନୁହେଁ। ସହଜରେ ପୁରସ୍କାର ରାଶିକୁ ସ୍ଥାନାନ୍ତର କରାଯାଇ



ପାରିବ। ଆବଶ୍ୟକୀୟ ସଫଳତା ହାସଲ କରିଥିବା ଖେଳାଳିଙ୍କୁ ଏକ ପ୍ୟାନେଲ ଦ୍ୱାରା ମୂଲ୍ୟାୟନ କରିବାକୁ ପଡ଼ିବ ନାହିଁ। ଜାତୀୟ କ୍ରୀଡ଼ା ପୁରସ୍କାର ପାରମ୍ପରିକ ଭାବେ ହକି କମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅଗଷ୍ଟ ୨୯ରେ ପ୍ରଦାନ କରାଯାଇ ଆସୁଥିଲା। ମାତ୍ର କିଛି ବର୍ଷ ହେଲା ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଖବର ଅନୁସାରେ ଏଥର ଖେଳରତ୍ନ ପୁରସ୍କାର ପାଇଁ ଆବେଦନ କରିଥିବା ଆଥ୍‌ଲେଟମାନଙ୍କର ଏକ ୨୪ ଜଣିଆ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ତାଲିକାରେ ସ୍ୱଳ୍ପ ବୟସ୍କ ଚେସ୍ ଷ୍ଟାର ଦିବ୍ୟା ଦେଶମୁଖ ଏବଂ ଡେକାଥଲେଟ ତେଜସ୍ୱିନୀ ଶଙ୍କରଙ୍କ ନାମ ସ୍ଥାନ ପାଇଥିଲା। ସେମାନଙ୍କ ମଧ୍ୟରୁ ହକି ଖେଳାଳି ହାର୍ଦ୍ଦିକ ସିଂଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଯୋଗାସନକୁ ଏକ କ୍ରୀଡ଼ାର ମାନ୍ୟତା ଦିଆଯିବା ପରେ ଅର୍ଜୁନ ପୁରସ୍କାର ପାଇଁ ପ୍ରଥମ ଥର ଯୋଗାସନ ଆଥ୍‌ଲେଟ ଆରତୀ ପାଲ୍‌ଙ୍କ ନାମ ସୁପାରିସ କରାଯାଇଛି। ୧୯ ବର୍ଷୀୟ ଦେଶମୁଖ ପ୍ରଥମ ଭାରତୀୟ ମହିଳା ଭାବେ ଚେସ୍ ବିଶ୍ୱକପ୍ ଜିତିବାର ଗୌରବ ଅର୍ଜନ କରିଥିବା ବେଳେ ତେଜସ୍ୱିନୀ ୨୦୨୩ ଏସିଆନ ଗେମ୍ସରେ ଏକ ଐତିହାସିକ ରୌପ୍ୟ ଏବଂ ଗତବର୍ଷ ଏସିଆନ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଖେଳ ରତ୍ନ ପୁରସ୍କାର ବିଜେତାଙ୍କୁ ଏକ ପଦକ, ଏକ ମାନପତ୍ର ଏବଂ ୨୫ ଲକ୍ଷ ଟଙ୍କା ପୁରସ୍କାର ମିଳିଥାଏ। ସେହିପରି ଅର୍ଜୁନ ପୁରସ୍କାର ବିଜେତା ୧୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପାଇଥାନ୍ତି।

# ଅଲ୍‌କାରାଜଙ୍କୁ ହଟାଇ ସିନର ନମ୍ବର ୱାନ୍



ଜାନିକ ସିନର

### ଏଟିପି ର୍‍ୟାଙ୍କିଙ୍ଗ

**ରୋମ୍, ୧୩।୪ (ଏପି)**

ସଦ୍ୟ ପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ ତାଲିକାରେ କାର୍ଲୋସ ଅଲ୍‌କାରାଜଙ୍କୁ ହଟାଇ ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି ଜାନିକ ସିନର। ରବିବାର ଫାଇନାଲରେ ତାଙ୍କର ସବୁଠାରୁ ଚ୍ୟାଲେଞ୍ଜିଂ ସର୍ଫେସରେ ସେ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କାର୍ଲୋସ ଅଲ୍‌କାରାଜଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ୨୦୨୬ରେ ତାଙ୍କର ପ୍ରଧାନ ଲକ୍ଷ୍ୟ ହେଲା ଫ୍ରେଞ୍ଚ ଓପନ ଜିତି ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିବା। ଅଲ୍‌କାରାଜ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ଜିତି ମାତ୍ର ୨୨ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ହିସାବରେ ସମସ୍ତ ୪ଟି ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିପାରିଛନ୍ତି। ସିନରଙ୍କ କୋଚ୍ ସିମୋନ୍ ଭାଗ୍‌ନୋଜି କହିଛନ୍ତି, ଚଳିତ ବର୍ଷ କ୍ଲେ-କୋର୍ଟରେ ଏକ ବଡ଼ ଟୁର୍ନାମେଣ୍ଟ ଜିତିବା ଆମର ଏକ ଅନ୍ୟତମ ଲକ୍ଷ୍ୟ ଥିଲା।

# ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ରେକର୍ଡ ପୁରସ୍କାର ରାଶି

**ଦୁବାଇ, ୧୩।୪(ପି.ଟି.)**

ଇଂଲଣ୍ଡ ଓ ୱେଲ୍ସରେ ହେବାକୁଥିବା ମହିଳା ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ପକ୍ଷରୁ ରେକର୍ଡ ପୁରସ୍କାର ରାଶି ଘୋଷଣା କରାଯାଇଛି। ପୂର୍ବ ସଂସ୍କରଣ ଅପେକ୍ଷା ଏଥର ପୁରସ୍କାର ରାଶିକୁ ୧୦ ପ୍ରତିଶତ ଅଧିକ ଅର୍ଥାତ୍ ୮୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଜୁନ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ହେବାକୁଥିବା ଟୁର୍ନାମେଣ୍ଟରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ମ୍ୟାଚଗୁଡ଼ିକ ୭ଟି ଭେନ୍ୟୁରେ ଖେଳାଯିବ। ଫାଇନାଲ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପୂର୍ବ ସଂସ୍କରଣରେ ପ୍ରତିଯୋଗିତାର ପୁରସ୍କାର ରାଶି ୭,୯୫୮,୦୭୭ ଆମେରିକୀୟ ଡଲାର (ପ୍ରାୟ ୭୪ କୋଟି ଟଙ୍କା) ରହିଥିଲା। ଏଥର ଏହାକୁ ୮,୭୬୪,୬୧୫ ଆମେରିକୀୟ ଡଲାର (ପ୍ରାୟ ୮୨ କୋଟି ଟଙ୍କା)କୁ ବଢ଼ାଇ ଦିଆଯାଇଛି। ଚାମ୍ପିୟନ ଦଳ ୨,୩୪୦,୦୦୦ ଆମେରିକୀୟ ଡଲାର (ପ୍ରାୟ ୨୧.୮ କୋଟି) ଏବଂ ରନରଅପ୍ ଦଳ ୧,୧୭୦,୦୦୦ (ପ୍ରାୟ ୧୦ କୋଟି ଟଙ୍କା) ହାସଲ କରିବ। ଦୁଇ ପରାଜିତ ସେମିଫାଇନାଲିଷ୍ଟ ଦଳକୁ ୬୭୫,୦୦୦ ଆମେରିକୀୟ ଡଲାର (୬.୨୯ କୋଟି) ଦିଆଯିବ। ପ୍ରତି ଗ୍ରୁପ୍ ମ୍ୟାଚ ବିଜେତାଙ୍କୁ ୩୧,୧୫୪ ଆମେରିକୀୟ ଡଲାର (୨୯ ଲକ୍ଷ ଟଙ୍କା) ପ୍ରଦାନ କରାଯିବ। ଏହା ବ୍ୟତୀତ ସମସ୍ତ ଅଂଶଗ୍ରହଣକାରୀ ୧୨ ଦଳକୁ ୨୪୭,୫୦୦ ଆମେରିକୀୟ ଡଲାର (ପ୍ରାୟ ୨.୦୬ କୋଟି ଟଙ୍କା) ଦିଆଯିବ। ଜୁନ୍ ୧୨ରେ ବର୍ମିଂହାମର ଏଜବାଷ୍ଟନଠାରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଅଷ୍ଟ୍ରେଲିଆ, ବାଂଲାଦେଶ, ଭାରତ, ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ସ୍କଟଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ। ୨୪ ଦିନ ମଧ୍ୟରେ ମୋଟ ୩୩ଟି ମ୍ୟାଚ ଅନୁଷ୍ଠିତ ହେବ।

# ସବାନାୟକନ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ନିର୍ବାଚିତ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

### ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ପ୍ରେସ୍ ଆସୋସିଏଶନ

ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ପୂର୍ବତନ ସଭାପତି ଏସ୍. ସବାନାୟକନ ସୁଇଜରଲାଣ୍ଡର ଲାଉସାନେଠାରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ପ୍ରେସ୍ ଆସୋସିଏଶନ (ଏସ୍ପ)ର ୮୮ତମ କଂଗ୍ରେସରେ ଏହାର କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ସବାନାୟକନ ବର୍ତ୍ତମାନ କୋଲକତା, ଗୁଆହାଟୀ ଓ ସିଲ୍‌ଚରରେ ପ୍ରକାଶ ପାଉଥିବା ଏକ ଇଂଲିଶ ବ୍ରଡ୍‌ଶିଟ୍ ଇଷ୍ଟର୍ନ କ୍ରୋନିକଲର ସ୍ପୋର୍ଟ୍ସ ଏଡିଟର ଅଛନ୍ତି। ଲାଉସାନେସ୍ଥିତ ଅଲିମ୍ପିକ ମ୍ୟୁଜିୟମଠାରେ ରବିବାର ୨୦୨୬-୨୦୩୦ କାର୍ଯ୍ୟକାଳ ପାଇଁ ଏସ୍ପ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସାବାନାୟକନ ପ୍ରଥମ ଭାରତୀୟ ଭାବେ ଏସ୍ପ କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚତି ହୋଇଛନ୍ତି। ଇଟାଲୀର ଜିଆନି ମେର୍ଲୋ ହଙ୍ଗେରିର ଜିସୁଜ୍‌ସା ସିସ୍‌ଜୁଙ୍କୁ ପରାସ୍ତ କରି ଏସ୍ପ କାର୍ଯ୍ୟନିର୍ବାହୀ କମିଟି ସଭାପତି ଭାବେ ଆଉ ୪ବର୍ଷ ପାଇଁ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ସବାନାୟକନ ବର୍ତ୍ତମାନ ଏସ୍ପ ଏସିଆର ଉପସଭାପତି ଅଛନ୍ତି।

# ଭାରତକୁ ଫେରିପାରେ ଫର୍ମୁଲା-୧

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

୨୦୨୭ରେ ଭାରତକୁ ଫେରିପାରେ ଫର୍ମୁଲା-୧ ରେସ୍। ଏଥିପାଇଁ ଉଦ୍ୟମ କରାଯାଉଥିବା କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ଟିକସ ସମ୍ବନ୍ଧୀୟ ସମସ୍ୟା ଯୋଗୁ ତିନୋଟି ସଂସ୍କରଣ ପରେ ୨୦୧୩ ପରଠାରୁ ଏହି ଇଭେଣ୍ଟ ଆଉ ଦେଶରେ ଆୟୋଜନ ହେଉ ନାହିଁ। ମାଣ୍ଡବ୍ୟ କହିଛନ୍ତି, ଗ୍ରେଟର ନଏଡାରେ ଥିବା ବୁଦ୍ଧ ଇଣ୍ଟରନ୍ୟାଶନାଲ ସର୍କିଟର ପରିଚାଳନା ପାଇଁ ୩ଟି କମ୍ପାନୀ ଆଗ୍ରହ ପ୍ରକାଶ କରିଛନ୍ତି, ଯେଉଁଠାରେ କି ରେସ୍ ଆୟୋଜନ ପାଇଁ ପ୍ରସ୍ତାବ ରହିଛି। ଟିକସ ଓ ଅମଲାତନ୍ତ୍ରିକ ବାଧା ଯୋଗୁ ଇଣ୍ଡିଆନ ଗ୍ରାଁ ପ୍ରି ୨୦୧୩ରେ କ୍ୟାଲେଣ୍ଡରରୁ ବାଦ୍ ପଡ଼ିଥିଲା। ତେବେ ଫର୍ମୁଲା-୧ ମାଲିକ ଲିବର୍ଟି ମେଡିଆ ଭାରତ ଯଦିଓ ରେସ୍ ଆୟୋଜନ ପାଇଁ ଆଗ୍ରହ ଦେଖାଉଛି ତେବେ ୨୦୨୭ରେ ରେସ୍ ଆୟୋଜନ ହେବାର ସମ୍ଭାବନା ସେ ଦେଖୁ ନାହାନ୍ତି।

# ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ଲାଗି ୨୫ଲକ୍ଷ ଟଙ୍କା ପୁରସ୍କାର

**ଗୁଆହାଟୀ, ୧୩।୪ (ପି.ଟି.)**

ଖରାପ ପାଗ ସତ୍ତ୍ୱେ ଚଳିତ ସିଜନରେ ୩ଟି ଆଇପିଏଲ୍ ମ୍ୟାଚ ସଫଳତା ସହିତ ଆୟୋଜନ କରିପାରିଥିବାରୁ ଆସାମ କ୍ରିକେଟ ଆସୋସିଏଶନ (ଏସିଏ) ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ଲାଗି ୨୫ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ପିଚ୍ ପ୍ରସ୍ତୁତି ଓ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଦିଗରେ କ୍ୟୁରେଟର ଓ ଗ୍ରାଉଣ୍ଡ୍ସମ୍ୟାନଙ୍କ କାର୍ଯ୍ୟ ପ୍ରଶଂସନୀୟ ଥିଲା ବୋଲି ଏସିଏ ସମ୍ପାଦକ ସନାତନ ଦାସ ଓ ସଭାପତି ତରଙ୍ଗ ଗୋଗୋଇ ପ୍ରକାଶ କରିଛନ୍ତି। ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁ ଗୁଆହାଟୀର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ୨୦୨୬ରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚଗୁଡ଼ିକ ପ୍ରଭାବିତ ହୋଇଥିଲା। ଏପ୍ରିଲ ୭ରେ ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚକୁ ୧୧ ଓଭର ବିଶିଷ୍ଟ କରାଯାଇଥିଲା। ପରେ ଏପ୍ରିଲ ୧୦ରେ ରାଜସ୍ଥାନ ରୟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବିଳମ୍ବ ଘଟିଥିଲା। ଗ୍ରାଉଣ୍ଡ୍ସମ୍ୟାନମାନେ ତୁରନ୍ତ ପିଚ୍‌କୁ କଭର କରିଦେଇଥିଲେ। ବିଭିନ୍ନ ସମସ୍ୟା ସତ୍ତ୍ୱେ ଗ୍ରାଉଣ୍ଡ୍ସମ୍ୟାନମାନେ ଏସିଏ ଷ୍ଟାଡିୟମରେ ମ୍ୟାଚଗୁଡ଼ିକ ଆୟୋଜନ କରାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ।

# ଡକାୟତ ଆକ୍ରମଣରେ ଘାନା ପ୍ରିମିୟର ଲିଗ୍ ଖେଳାଳି ନିହତ

**ଆକ୍ରା (ଘାନା), ୧୩।୪ (ଏପି)**

ସଶସ୍ତ୍ର ଡକାୟତଙ୍କ ଆକ୍ରମଣରେ ଘାନାନିଆନ ପ୍ରିମିୟର ଲିଗ୍ କ୍ଲବ ବେରେକୁମ୍ ଚେଲ୍‌ସୀର ଡୋମିନିକ୍ ଫ୍ରିମ୍‌ପଙ୍ଗ୍ ନିହତ ହୋଇଛି। ଏହି ଘଟଣାଟି ରବିବାର ଘଟିଛି। କ୍ଲବ ସୂତ୍ରରୁ ପ୍ରକାଶ ଘାନାର ଦକ୍ଷିଣାଞ୍ଚଳରେ ଅବସ୍ଥିତ ସାମ୍‌ରେବୋଇଠାରେ ସମରଟେକ୍ସ ବିପକ୍ଷ ମ୍ୟାଚ ଖେଳି ବେରେକୁମ୍ ଚେଲ୍‌ସୀ ଦଳ ଟିମ୍ ବସ୍ ଯୋଗେ ଫେରୁଥିବା ବେଳେ ସେମାନଙ୍କ ସଶସ୍ତ୍ର ଡକାୟତଙ୍କ ଆକ୍ରମଣର ଶିକାର ହେବାକୁ ପଡ଼ିଥିଲା। ମୁଖାପିନ୍ଧା ବନ୍ଧୁକଧାରୀ ଡକାୟତମାନେ ବସ୍ ଉପରୁ ଗୁଳିମାଡ଼ କରିବାରୁ ଜୀବନ ବଞ୍ଚାଇବାକୁ ଯାଇ ଡ୍ରାଇଭର ବସ୍‌କୁ ପଛୁଆ ଚଳାଇଥିଲେ। ଖେଳାଳି ଓ ଷ୍ଟାଫ୍‌ମାନେ ନିକଟସ୍ଥ ଘଞ୍ଚ ବୁଦାରେ ଆତ୍ମଗୋପନ କରିଥିଲେ। ପ୍ରଥମେ କ୍ଲବ ତରଫରୁ କୁହାଯାଇଥିଲା ଯେ, ଜଣେ ଖେଳାଳି ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇ ନିକଟସ୍ଥ ହସ୍ପିଟାଲରେ ଯାଇ ଚିକିତ୍ସିତ ହେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଛାନାନିଆନ ଫୁଟ୍‌ବଲ ଆସୋସିଏଶନ ତରଫରୁ ଘୋଷଣା କରାଯାଇ କୁହାଯାଇଥିଲା ଯେ, ଘଟଣାରେ ୨୦ ବର୍ଷୀୟ ୱିଙ୍ଗର ଡୋମିନିକ ଫ୍ରିମ୍‌ପଙ୍ଗ୍ ନିହତ ହୋଇଛନ୍ତି।

# ଭିନ୍ଦରଙ୍କୁ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିବାରଣ ଓ ସୁରକ୍ଷା ୟୁନିଟ (ଏସିଏସ୍ୟୁ) ରାଜସ୍ଥାନ ରୟାଲ୍ସ ମ୍ୟାନେଜର ରୋମି ଭିନ୍ଦରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ତାଙ୍କୁ ୨୪ ଘଣ୍ଟା ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ଗୁଆହାଟୀଠାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ୍‌ରେ ଡଗ୍‌ଆଉଟ ବେଳେ ସେ ସେଲ୍ ଫୋନ୍ ବ୍ୟବହାର କରିଥିଲେ। ଭିନ୍ଦର ତାଙ୍କ ସ୍ମାର୍ଟ ଫୋନ୍ ସ୍କ୍ରୋଲିଂ କରୁଥିଲେ। ତାଙ୍କ ନିକଟରେ ସ୍ୱଳ୍ପ ବୟସ୍କ କ୍ରିକେଟ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କୁ ଦେଖିବାକୁ ମିଳିଥିଲା। ପ୍ରୋଟୋକଲ ଅନୁସାରେ ଟିମ୍ ମ୍ୟାନେଜର ମୋବାଇଲ ଫୋନ୍ ବ୍ୟବହାର କରିପାରିବେ, କିନ୍ତୁ ଡଗ୍‌ଆଉଟ ବେଳେ ନୁହେଁ ଯାହାକି ଆଚରଣ ସଂହିତାର ଉଲ୍ଲଂଘନ ବୋଲି ବିବେଚନା କରାଯିବ।




ଧ-୧୦୧


# 'ପାରା ତୀରନ୍ଦାଜଙ୍କ ସଫଳତାରେ ପ୍ରତ୍ୟେକ ଭାରତୀୟ ଗର୍ବିତ'




କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଅନ୍ୟମାନଙ୍କ ସହ ସମ୍ବର୍ଦ୍ଧିତ ପାରା ତୀରନ୍ଦାଜ୍‌ମାନେ।

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

### ସମ୍ବର୍ଦ୍ଧିତ କଲେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

ବ୍ୟାଙ୍କକ୍‌ରେ ନିକଟରେ ଅନୁଷ୍ଠିତ ୱାର୍ଲ୍ଡ ଆର୍ଚେରୀ ପାରା ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ପ୍ରତିନିଧି ଦଳକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ପ୍ରତିଯୋଗିତାରେ ଏସିଆ ଏବଂ ପାନ୍-ଆମେରିକାନ୍ କ୍ଷେତ୍ରରୁ ୨୧ ଦେଶର ୧୧୩ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଭାରତୀୟ ତୀରନ୍ଦାଜମାନେ ପ୍ରଭାବୀ ପ୍ରଦର୍ଶନ କରି ମୋଟ ୧୩ ପଦକ ସହ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଥିଲେ। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସାମିଲ। ''କେବଳ ପଦକ ତାଲିକାର ଶୀର୍ଷରେ ରହିବାପାଇଁ ନୁହେଁ ଦ୍ୱିତୀୟ ସ୍ଥାନରେ ଥିବା ଦେଶଠାରୁ ଡବଲ ପଦକ ଜିତିଥିବାରୁ ମୁଁ ତୁମମାନଙ୍କୁ ଅଭିନନ୍ଦନ ଜଣାଉଛି। ତୁମେମାନେ ଯେତେବେଳେ ପଦକ ଜିତ ସେତେବେଳେ ତାହା ବ୍ୟକ୍ତିଗତ ନ ହୋଇ ଦେଶର ହୋଇ ଯାଇଥାଏ। ତେଣୁ ପ୍ରତ୍ୟେକ ଭାରତୀୟ ତୁମମାନଙ୍କ ପ୍ରଦର୍ଶନରେ ଗର୍ବିତ'' ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ପାଇଁ ସଙ୍ଗଠିତ ପାଣ୍ଠିଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ଟ୍ରେନିଂ ଏବଂ ଅନ୍ତର୍ଜାତୀୟ ଏକ୍ସପୋଜର ଆଦି ସବୁ କ୍ଷେତ୍ରରେ ପାରା ଆଥଲେଟଙ୍କୁ ସମର୍ଥନଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ଏହି ଅବସରରେ ମାଣ୍ଡବ୍ୟ ଦୋହରାଇଛନ୍ତି। ଭାରତ ଏକ ଗ୍ଲୋବାଲ ସ୍ପୋର୍ଟିଂ ପାୱାରହାଉସ ହେବା ପଥରେ ଗତି କରୁଛି ବୋଲି ସେ କହିଛନ୍ତି।

ମାର୍ଚ୍ଚ ୩୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ପାୟଲ ନାଗ ବିଶ୍ୱର ପ୍ରଥମ ହାତଗୋଡ଼ ବିହିନ ପାରା ଆର୍ଚରଭାବେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ଗୋଟିଏ ବ୍ୟକ୍ତିଗତ ଇଭେଣ୍ଟରେ ହୋଇଥିବାବେଳେ ଅନ୍ୟଟି ବିଶ୍ୱର ନମ୍ବର ୱାନ ପାରା ଆର୍ଚର ଶୀତଲ ଦେବୀଙ୍କୁ ସାଥିକରି ସେ ଏହି ସଫଳତା ପାଇଥିଲେ। ପାରା ଅର୍ଚରଙ୍କ ପାଇଁ ବ୍ୟାଙ୍କକରେ ହୋଇଥିବା ବ୍ୟବସ୍ଥା ଉପରେ ଶୀତଲ ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ଅବସରରେ ତ୍ରିରଙ୍ଗା ଉଡ଼ାଇବା ସହ ଏକାଧିକ ଥର ଜାତୀୟ ସଙ୍ଗୀତ ଶୁଣିବା ଭାବପ୍ରବଣ ମୁହୂର୍ତ୍ତ ସୃଷ୍ଟି କରିଥିଲା ବୋଲି ଶୀତଲ କହିଛନ୍ତି। କୋଚ୍ ଅଭିଳାଷା ଚୌଧାରୀ ମଧ୍ୟ ଭାରତୀୟ ଦଳର ପ୍ରଦର୍ଶନରେ ଗର୍ବ ଅନୁଭବ କରୁଥିବା କହିଛନ୍ତି। ଏକାଧିକ କ୍ଷେତ୍ରରେ ଭାରତ ବିଶ୍ୱର ପାୱାର ହାଉସ ହେବା ପଥରେ ଗତି କରୁଛି। ତା' ମଧ୍ୟରୁ କ୍ରୀଡ଼ା ଅନ୍ୟତମ ବୋଲି ସେ କହିଛନ୍ତି। ଭାରତୀୟ ପ୍ରତିନିଧି ଦଳରେ ମୋଟ ୩୯ (୨୧ ଆଥଲେଟ୍, ୫ କୋଚ୍, ୩ ସପୋର୍ଟ ଷ୍ଟାଫ, ୧୦ ଏସକର୍ଟ)ଜଣ ସାମିଲ ଥିଲେ। ଇଣ୍ଡୋନେସିଆ ୬ ପଦକ ସହ ଦ୍ୱିତୀୟ ଓ ଥାଇଲାଣ୍ଡ ୫ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ ମହାସଚିବ ବୀରେନ୍ଦ୍ର ସଚଦେବା, ଗୌତମ ଆବରୋଲ ଏବଂ ଅନ୍ୟ ସିନିୟର କର୍ମକର୍ତ୍ତା ଉପସ୍ଥିତ ଥିଲେ।


Classified Everyday
0674-2580101, 9692975378



REAL ESTATE
SALE

DO U NEED TO INVEST on property/Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-251

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498.** D-250




Newly open SPA health benefits relax refresh good therapist. 8658466886. D-76959

AFFIDAVIT

By virtue of an affidavit sworn before the Executive Magistrate, Nuapada, Dt.17.09.25, I, GULJAR BEE, D/O- SIKANDAR MOHAMMAD, R/o. At./ P.O./Village- JHAGRAHI, P.S.- Jonk, Dist.- Nuapada declare that I have changed my name from Shabnam Begam and Guljar Bano to Guljar Bee. Henceforth, I shall be known as Guljar Bee for all purposes.
Guljar Bee
D-100

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସୌନ୍ଦର୍ଯ୍ୟ

# କଳା କରନ୍ତୁ କେଶ

ଆଧୁନିକ ଲାଇଫଷ୍ଟାଇଲ୍ ଓ ଅତ୍ୟଧିକ ଚାପ ଯୋଗୁ ଅନେକଙ୍କର ଶୀଘ୍ର କେଶ ଧଳା ହୋଇଯାଉଛି। ତେବେ ଧଳା କେଶକୁ ରାସାୟନିକ ଉପାୟରେ କଳା କରିବା ବଦଳରେ ପ୍ରାକୃତିକ ଉପାୟରେ କିଭଳି କଳା କରିବେ ଜାଣନ୍ତୁ...





➔ନଡ଼ିଆତେଲରେ ଭୃଙ୍ଗରାଜପତ୍ର ପକାଇ କିଛି ସମୟ ଫୁଟାନ୍ତୁ। ଥଣ୍ଡା ହେବା ପରେ ଏହାକୁ ଛାଣି କେଶ ମୂଳରେ ଲଗାନ୍ତୁ। ସପ୍ତାହକୁ ୨ ଥର ଏପରି କରନ୍ତୁ। କିଛିଦିନ ପରେ କେଶ ପ୍ରାକୃତିକ ଭାବରେ କଳା ହୋଇଯିବ।

➔ଅଁଳାତେଲ କେଶକୁ କଳାକରିବା ସହ ସୁସ୍ଥ କରିଥାଏ। ଏଥିପାଇଁ ପ୍ରଥମେ ଏକ ଲୁହା କଡ଼େଇ ନିଅନ୍ତୁ। ସେଥିରେ ନଡ଼ିଆତେଲ ଓ ଅଁଳାକୁ ଛୋଟ ଛୋଟ କରି ପକାଇ ଗରମ କରନ୍ତୁ। କିଛି ସମୟ ଫୁଟିବା ପରେ ତେଲର ରଙ୍ଗ କଳା ଦେଖାଯିବ। ଏହାପରେ ଥଣ୍ଡା କରି ଛାଣିରଖନ୍ତୁ। ଏହି ତେଲକୁ କିଛିଦିନ ଲଗାଇବା ପରେ ଧୀରେ ଧୀରେ ଧଳା କେଶର ରଙ୍ଗ ବଦଳିଯିବ।

➔ସୋରିଷ ତେଲରେ ମେଥି ପକାଇ ରଖନ୍ତୁ। ଏହି ତେଲକୁ କେଶ ମୂଳରେ ଲଗାନ୍ତୁ। କିଛିଦିନ ଏହାକୁ ବ୍ୟବହାର କରିବା ଫଳରେ କେଶ ମଜଭୁତ ହେବା ସହ ଘନ ଓ କଳା ହେବ।

➔ଲେମ୍ବୁରସକୁ ମହୁ ସହ ମିଶାଇ କେଶ ମୂଳରେ ଲଗାଇଲେ କିଛିଦିନ ପରେ କଳା ହୋଇଯିବ।

➔ପିଆଜରସ ମଧ୍ୟ କେଶ ମୂଳରେ ଲଗାଇଲେ ତାହା କେଶର ଧଳାରଙ୍ଗକୁ ବଦଳାଇବା ସହ ନୂଆ କେଶ ଉଠିବାରେ ସାହାଯ୍ୟ କରେ।

➔ହଳଦୀ ସହ ଦହି ମିଶାଇ କିଛିଦିନ ଲଗାଇବା ଫଳରେ କେଶ କଳା ହୋଇଥାଏ। ଏହା ବ୍ୟତୀତ ହଳଦୀକୁ ସୋରିଷ ତେଲରେ କଳା ହେବା ପର୍ଯ୍ୟନ୍ତ ଭାଜି ଲଗାଇଲେ ତାହା ମଧ୍ୟ କେଶକୁ କଳା କରିଥାଏ।

➔ସମସ୍ତଙ୍କ କେଶ ଏକ ପ୍ରକାର ହୋଇ ନ ଥାଏ। ସବୁ ଉପାୟ ହୁଏତ କାମ କରି ନ ଥାଏ। ତେଣୁ ପ୍ରଥମେ ପରୀକ୍ଷା କରି ଏହି ପ୍ରାକୃତିକ ଉପାୟକୁ ବ୍ୟବହାର କରନ୍ତୁ।

ଖାଦ୍ୟରୁଚି

# କାଠିଆୱାଡି ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ**

ଚାଉଳ– ୧ କପ୍, ମୁଗଡାଲି– ୧ କପ୍, ବୁଟଡାଲି– ୨ ଚାମଚ, ଆଳୁ– ୧ଟି, ଫୁଲ କୋବି– ୧ କପ୍ (କଟା), ଗାଜର– ୧ କପ୍ (କଟା), ଟମାଟୋ– ୧ଟି ବଡ଼, ଆବଶ୍ୟକ ଅନୁସାରେ ତେଲ, ଲୁଣ ଓ ହଳଦୀ।

ଛୁଙ୍କ ପାଇଁ ଘିଅ– ୩ ଚାମଚ, ଅଦା ଓ କଞ୍ଚାଲଙ୍କା ପେଷ୍ଟ– ୧ ବଡ଼ ଚାମଚ, ଜିରା ଓ ସୋରିଷ– ୧ ଚାମଚ, ଶୁଖିଲା ଲଙ୍କା– ୫ଟି, ହେଙ୍ଗୁ– ଅଳ୍ପ, ତେଜପତ୍ର– ୫ଟି, ଲବଙ୍ଗ– ୬–୭ଟି, ଡାଲଚିନି– ୨ ଖଣ୍ଡ। ଲଙ୍କାଗୁଣ୍ଡ– ୧ ଚାମଚ, ଧନିଆଗୁଣ୍ଡ– ୧ ଚାମଚ, ଗରମ ମସଲା– ୧ ଚାମଚ, ଧନିଆପତ୍ର– ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଚାଉଳ ଓ ଡାଲିକୁ ଭଲଭାବରେ ଧୋଇ କିଛି ସମୟ ଭିଜାଇ ରଖି ଦିଅନ୍ତୁ। ଆଳୁ, ଫୁଲକୋବି ଓ ଗାଜରକୁ ଛୋଟ ଛୋଟ କରି କାଟି ରଖି ଦିଅନ୍ତୁ। ଏବେ ପ୍ରେସର କୁକରରେ ଡାଲି ଓ ଚାଉଳ ସହ ସବୁ ପରିବା ପକାନ୍ତୁ। ଲୁଣ, ହଳଦୀ ପକାଇ ଆବଶ୍ୟକ ଅନୁସାରେ ପାଣି ଦେଇ ପ୍ରେସର କୁକର ବନ୍ଦ କରିଦିଅନ୍ତୁ। ୪ଥରେ ସିଟି ଆସିବା ପରେ ଖୋଲି ଦିଅନ୍ତୁ। ଏବେ କଡ଼େଇ ଗରମକରି ସେଥିରେ ଘିଅ ଗରମ କରନ୍ତୁ। ଏବେ ସେଥିରେ ଶୁଖିଲା ଲଙ୍କା, ଜିରା, ସୋରିଷ, ହେଙ୍ଗୁ ପକାନ୍ତୁ। ଭଲଭାବେ ଫୁଟିବା ପରେ ସେଥିରେ ଅଦା ଓ କଞ୍ଚାଲଙ୍କା ପେଷ୍ଟ ପକାନ୍ତୁ। ଏହାପରେ ଟମାଟୋକୁ ଛୋଟ ଛୋଟ କରି କାଟି ପକାନ୍ତୁ। ଟମାଟୋ ନରମ ହୋଇ ଆସିଲେ ସେଥିରେ ଜିରାଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କାଗୁଣ୍ଡ ଓ ଅନ୍ୟ ମସଲା ପକାନ୍ତୁ। ଅଳ୍ପ ଅଳ୍ପ ପାଣି ଦେଇ ମସଲା ଭଲଭାବରେ କଷି ଦିଅନ୍ତୁ। ମସଲା କଷି ହୋଇଗଲା ପରେ ସେଥିରେ ସିଝିଥିବା ଖେଚୁଡ଼ିକୁ ପକାଇ ଅଳ୍ପ ପାଣି ଦିଅନ୍ତୁ। ଏବେ ଏହାକୁ ଅଳ୍ପ ସମୟ ଫୁଟିବାକୁ ଛାଡ଼ନ୍ତୁ। ଏହା ପରେ ଶେଷରେ ଧନିଆପତ୍ର ପକାଇ ଓହ୍ଲାଇ ଦିଅନ୍ତୁ। ଏହାକୁ ଗରମ ଗରମ ଖାଆନ୍ତୁ।



# ଷ୍ଟ୍ରେସ୍ ଶପିଂ

**ଘ**ର, ଅଫିସ୍ ଏମିତି ବିଭିନ୍ନ ପ୍ରକାର କାମ ଭିତରେ ଅନେକ ସମୟରେ ମହିଳାମାନେ ଷ୍ଟ୍ରେସ୍‌ର ଶିକାର ହୋଇଥାନ୍ତି। ଫଳରେ ମୁଡ୍ ଖରାପ ହୋଇଯାଏ ଓ ମନରେ ବିରକ୍ତିଭାବ ଆସେ। ମନ ଦୁଃଖ ଥିବା ସମୟରେ, ବିରକ୍ତ ଲାଗୁଥିବାବେଳେ କୌଣସି ପ୍ରକାର ଚାପ କିମ୍ବା ଆଙ୍ଗ୍‌ଜାଇଟି ଭଳି ପରିସ୍ଥିତିରୁ ନିଜକୁ ରିଲାକ୍ସ କରିବା ପାଇଁ ଅଧିକାଂଶ ମହିଳା ଶପିଂ କରିଥାନ୍ତି। କେହି କେହି ବାହାରକୁ ଯାଇ ଶପିଂ କରନ୍ତି ତ କେହି ଅନ୍‌ଲାଇନ ମାଧ୍ୟମରେ। ଏଭଳି ଭାବରେ କିଛି ସମୟ ପାଇଁ ହୁଏତ ମୁଡ୍ ଫ୍ରେଶ୍ ହୋଇଯାଏ। କିନ୍ତୁ ଅନାବଶ୍ୟକଭାବେ ବହୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଏହି କାରଣରୁ ପରବର୍ତ୍ତୀ ସମୟରେ ଆର୍ଥିକ ଚାପ ବି ଆସିଥାଏ। ତେଣୁ ଏଭଳି ଷ୍ଟ୍ରେସ୍ ଶପିଂ କରୁଥିଲେ ସଚେତନ ହେବା ଜରୁରୀ।

**ଆର୍ଥିକ ବୋଝ:** ଷ୍ଟ୍ରେସ୍ ଶପିଂର ସବୁଠୁ ବଡ଼ ନକାରାତ୍ମକ ଦିଗ ହେଉଛି ଆର୍ଥିକ ବୋଝ। କାରଣ ଏହି ପ୍ରକାର





ଶପିଂ କରିବାବେଳେ ଆମେ ସେହି ସବୁ ଜିନିଷ କିଣିଥାଉ ଯାହା ଆମ ପାଇଁ ନିହାତି ଆବଶ୍ୟକ ହୋଇ ନ ଥାଏ। ମନ ଖୁସିକରିବା ପାଇଁ ଯାହା ଇଚ୍ଛା ହୁଏ ହଠାତ୍ ତାହା କିଣିଥାଉ। ଫଳରେ ସେସବୁ ଜିନିଷ ଅନେକ ଦିନ ପର୍ଯ୍ୟନ୍ତ ଘରେ ପଡ଼ି ରହିଥାଏ। କିଛି ଜିନିଷ ଅନେକଦିନ ଯାଏ ବ୍ୟବହାରଯୋଗ୍ୟ ହୋଇ ନ ପାରି ଖରାପ ବି ହୋଇଥାଏ। ଅନ୍ୟପଟେ ଜିନିଷ କିଣିବା ନିମନ୍ତେ ବଜେଟ ବାହାରେ ଯଦି ଖର୍ଚ୍ଚ ହୋଇଥାଏ ତାହା ଆର୍ଥିକ ବୋଝକୁ ବଢ଼ାଇଥାଏ। କେହି କେହି କ୍ରେଡିଟ୍ କାର୍ଡ ବି ବ୍ୟବହାରକରି ଲୋନ୍ କରି ଦେଇଥାନ୍ତି, ଯାହା ଭବିଷ୍ୟତରେ ଋଣଭାରକୁ ବଢ଼ାଇଥାଏ। ତେଣୁ କିଛିଦିନ ପରେ ଏସବୁ ଋଣ ଶୁଝିବାର ସାମର୍ଥ୍ୟ ନ ରହିଲେ ତାହା ଷ୍ଟ୍ରେସ୍‌କୁ ବହୁଗୁଣ ବଢ଼ାଇ ଦେଇଥାଏ।

**କେମିତି ଜାଣିବେ:** ଯେଉଁମାନେ ବି ଷ୍ଟ୍ରେସ୍ ଶପିଂର ଶିକାର ହୋଇଥାନ୍ତି ସେମାନେ ହଠାତ୍ ଜାଣିପାରନ୍ତି ନାହିଁ। ତେଣୁ କେତେକ ଲକ୍ଷଣ ଦେଖାଗଲେ ଆପଣ ଏଭଳି ଏକ ପରିସ୍ଥିତିର ଶିକାର ହୋଇଛନ୍ତି ବୋଲି ଜାଣିପାରିବେ। ଏହାର ପ୍ରଥମ ଲକ୍ଷଣ ହେଉଛି ଅନେକ ଜିନିଷ କିଣିସାରିବାର କିଛି ସମୟ ପରେ କାହିଁକି କିଣିଲେ ବୋଲି ପଶ୍ଚାତାପ କରିବେ। ଶପିଂ କରିବାର କାରଣ କେବଳ ମୁଡ୍ ଠିକ୍ କରିବା ହୋଇଥିବ। ନିଜ ପାଇଁ କିମ୍ବା ଘର ପାଇଁ କୌଣସି ଜିନିଷ ଆବଶ୍ୟକ ନ ଥିବ। ଏଭଳି ସବୁ ଲକ୍ଷଣ ଥିଲେ ଜାଣିବେ ଯେ ଆପଣ ଷ୍ଟ୍ରେସ୍ ଶପିଂର ଶିକାର ହୋଇଛନ୍ତି।

**ସଚେତନ ରୁହନ୍ତୁ:** ଏଭଳି ଏକ ପରିସ୍ଥିତିରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଥିଲେ କେତେକ ବିଶେଷ ଦିଗ ପ୍ରତି ଧ୍ୟାନଦିଅନ୍ତୁ। ବିରକ୍ତିଭାବରେ ଯଦି କିଛି କିଣିବାକୁ ଯାଉଥାନ୍ତି ତେବେ ନିଜକୁ କିଛି ସମୟ ଦିଅନ୍ତୁ। ଅତି କମ୍‌ରେ ୨୪ ଘଣ୍ଟା ପରେ ଯଦି ଅନୁଭବ କରନ୍ତି ଯେ ଯାହା କିଣିବାକୁ ଚାହୁଁଛନ୍ତି, ସେସବୁର ଆବଶ୍ୟକତା ରହିଛି ତା'ହେଲେ କିଣନ୍ତୁ। ପ୍ରଥମେ ମାସିକ ବଜେଟ ସ୍ଥିର କରନ୍ତୁ। ନିଜ ଖୁସି ନିମନ୍ତେ ଶପିଂ କରିବାକୁ ମଧ୍ୟ ନିଜ ବଜେଟ୍‌ରେ କିଛି ଅର୍ଥ ରଖନ୍ତୁ। ସେହି ଅର୍ଥର ପରିମାଣ ଅନୁସାରେ ହିଁ ଖର୍ଚ୍ଚ କରନ୍ତୁ। ଷ୍ଟ୍ରେସ୍‌ରୁ ନିଜକୁ ରକ୍ଷା କରିବାକୁ ଚାହୁଁଥିଲେ ଶପିଂ କରିବା ବଦଳରେ ମେଡିଟେସନ କରନ୍ତୁ କିମ୍ବା ସାଙ୍ଗମାନଙ୍କ ସହ କଥା ହୁଅନ୍ତୁ ଅବା କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ସବୁଠୁ ବଡ଼ କଥା ହେଉଛି ଫୋନ୍‌ରେ କୌଣସି ପ୍ରକାରର ଶପିଂ ଆପ୍ ରଖନ୍ତୁ ନାହିଁ।

ଷ୍ଟ୍ରେସ୍‌ରେ ଥିବା ସମୟରେ ମନ ଏତେ ବିରକ୍ତ ହୋଇଯାଏ ଯେ, କିଛି କରିବାକୁ ଇଚ୍ଛା ହୁଏନି। ତେବେ ଏହି ଷ୍ଟ୍ରେସ୍‌ରୁ ବାହାରିବା ପାଇଁ ଅନେକ ମହିଳା ଶପିଂ କରିଥାନ୍ତି। ହେଲେ ଏହି ଷ୍ଟ୍ରେସ୍ ଶପିଂ ଦ୍ୱାରା ହୁଏତ କିଛି ସମୟ ପାଇଁ ରିଲାକ୍ସ ଲାଗିପାରେ, କିନ୍ତୁ ଅକାରଣରେ ଗୁଡ଼ାଏ ଖର୍ଚ୍ଚ ବି ହୋଇଯାଏ...





## ଏମାନେ କ'ଣ କରନ୍ତି



**ଏକୁଟିଆ ରହେ:** ମନ ଭଲ ନ ଲାଗିଲେ ବେଳେବେଳେ ବାହାରକୁ ବୁଲିବାକୁ ଯାଏ। ମାର୍କେଟରେ ବୁଲାବୁଲି କରି କିଛି ଖିଆପିଆ କରି ଫେରିଆସେ। ଯଦି ନିହାତି ଇଚ୍ଛା ହୁଏ ତା'ହେଲେ କିଛି କିଣେ। ମାତ୍ର ନିଜ ପାଇଁ ଅବା ଘର ପାଇଁ ଦରକାର ନ ଥିଲେ କିଛି କିଣେ ନାହିଁ। ନ ହେଲେ ଏକୁଟିଆ ରହିବାକୁ ପସନ୍ଦ କରେ। ଆଉ ପ୍ରାୟ ସମୟ ଗୀତ ଶୁଣେ। ବିଭିନ୍ନ ପ୍ରକାର ରୋଷେଇ କରେ। ଏମିତି ଭାବରେ ଧୀରେ ଧୀରେ ରିଲାକ୍ସ ହୁଏ। ଶପିଂ କରିବାକୁ ତ ଭଲ ଲାଗେ, ହେଲେ ଏମିତି ଚାପରେ ଥିବା ସମୟରେ କିଛି କିଣିବାକୁ ଯାଏନାହିଁ। ଏକୁଟିଆ କେବେ ଶପିଂ କରିବାକୁ ଯାଏ ନାହିଁ, ସାଙ୍ଗସାଥୀ କିମ୍ବା ଅନ୍ୟ କାହା ସହ ମିଶି ଶପିଂ କରିବାକୁ ଗଲେ ମତେ ଭଲ ଲାଗେ। ତେଣୁ ଷ୍ଟ୍ରେସ୍ ଶପିଂ ଆଦୌ କରେ ନାହିଁ।

– ***ସ୍ମିତା ପଟ୍ଟନାୟକ,*** *ଗୃହିଣୀ, ନୟାପଲ୍ଲୀ, ଭୁବନେଶ୍ୱର*



**ସାଙ୍ଗମାନଙ୍କ ସହ କଥା ହୁଏ:** ମନ ଖରାପ ଥିଲେ କିମ୍ବା କୌଣସି ପ୍ରକାର ଚାପରେ ଥିଲେ ସମସ୍ତଙ୍କ ପାଖରୁ ଦୂରେଇ କିଛି ସମୟ ଏକୁଟିଆ ବାହାରକୁ ଯିବାକୁ ତ ଭାରି ଇଚ୍ଛା ହୁଏ। କିନ୍ତୁ ପରିସ୍ଥିତି ସବୁବେଳେ ସେଭଳି କିଛି କରିବାକୁ ସୁଯୋଗ ଦେଇ ନ ଥାଏ। ତେଣୁ ବାଧ୍ୟହୋଇ ଘରେ ରୁହେ। ହେଲେ ବିରକ୍ତ ଲାଗୁଥିବା ସମୟରେ ପ୍ରାୟ ଚୁପ୍ ରହେ। ଘରେ କି କଲେଜ୍‌ରେ ଯାହା କାମ ଥାଏ ସବୁ କାମ ସାରି ଏକୁଟିଆ କିଛି ସମୟ ବସେ। ତା'ପରେ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହୁଏ। ଯଦି ସେମିତି କିଛି ସମସ୍ୟା ଥାଏ ତା'ହେଲେ ସେମାନଙ୍କ ସହ କଥା ହୋଇ କିଛି ସମାଧାନ ବାହାର କରେ ଓ ତା'ପରେ ରିଲାକ୍ସ ହୋଇଯାଏ।

– ***ମଧୁସ୍ମିତା ସ୍ୱାଇଁ,*** *ଅଧ୍ୟାପିକା, ଭୁବନେଶ୍ୱର*



**ବଗିଚା କାମ କରୁଛି:** ଏମିତି ଷ୍ଟ୍ରେସ୍‌ରେ ଥିବାବେଳେ ଆଗରୁ ସବୁବେଳେ ଘରେ ଏକୁଟିଆ ବସି ଅନ୍‌ଲାଇନ ଶପିଂ କରି ଦେଉଥିଲି। ସେଥିପାଇଁ ପରେ ମନ ଖରାପ ଲାଗୁଥିଲା। ଏମିତିକି ପାଖରେ ପଇସା ନ ଥିଲେ କ୍ରେଡିଟ୍ କାର୍ଡରେ ମଧ୍ୟ କିଣୁଥିଲି। କିନ୍ତୁ ଏବେ ଏସବୁକୁ ନେଇ ସଚେତନ ହୋଇଯାଇଛି। କ୍ରେଡିଟ୍ କାର୍ଡ ବନ୍ଦ କରିଦେଇଛି। ଦରକାର ନ ଥିଲେ କିଛି କିଣୁନାହିଁ। ବରଂ ଷ୍ଟ୍ରେସ୍‌ରେ ଥିବାବେଳେ ଘର କାମ କିମ୍ବା ବାଡ଼ିରେ କାମ କରି ରିଲାକ୍ସ ହେଉଛି। ବିଶେଷକରି ବାଡ଼ିରେ ମୁଁ ଲଗାଇଥିବା ଗଛର ଯତ୍ନନେବା ସହ ସେହିଠାରେ କିଛି ସମୟ କଟାଇ ଦେଲେ ବହୁତ ଭଲ ଲାଗେ।

– ***ରଶ୍ମିତା ପଟ୍ଟନାୟକ,*** *କର୍ମଜୀବୀ, ମହାନଦୀ ବିହାର, କଟକ*

# ଗରମ କରନ୍ତୁ ନାହିଁ

ଗରମ ଖାଦ୍ୟ ଖାଇବା ପ୍ରାୟ ସମସ୍ତଙ୍କର ପସନ୍ଦ। ଏଥିପାଇଁ କେତେକେ ରନ୍ଧା ହୋଇଥିବା ଖାଦ୍ୟକୁ ପୁଣି ଥରେ ଗରମ କରି ଖାଆନ୍ତି। ହେଲେ ଏମିତି କେତେକ ଖାଦ୍ୟ ରହିଛି ଯାହାକୁ ବାରମ୍ବାର ଗରମ କଲେ ସ୍ୱାସ୍ଥ୍ୟ ଉପରେ ବିପରୀତ ପ୍ରଭାବ ପଡ଼ିଥାଏ...

➤ ଚା'କୁ ବାରମ୍ବାର ଗରମକରି ପିଇବା ଠିକ୍ ନୁହେଁ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ ଏପରି କରିବା ଫଳରେ ଚା'ରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ନଷ୍ଟ ହୋଇଯାଏ। ଏହା ବ୍ୟତୀତ ଏଥିରେ ଥିବା କେତେକ ଉପାଦାନ ପରିବର୍ତ୍ତନ ହୋଇଯାଏ, ଯାହା ହଜମ ସମସ୍ୟା ସୃଷ୍ଟିକରେ ଓ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ।

➤ ସେହିଭଳି ରୁଟିକୁ ମଧ୍ୟ ଦ୍ୱିତୀୟ ଥର ଗରମ କରିବା ଠିକ୍ ନୁହେଁ। କାରଣ ଏହାକୁ ପୁଣିଥରେ ଗରମ କଲେ ଏହା ଅଧିକ ଶୁଖିଲା ହୋଇଯାଏ ଓ ଏଥିରେ ଥିବା ଖାଦ୍ୟ ଉପାଦାନରେ ପରିବର୍ତ୍ତନ ଆସିଥାଏ। ତେଣୁ ପେଟ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ।

➤ଭାତକୁ ମଧ୍ୟ ଫ୍ରିଜ୍‌ରେ ରଖି କେତେକେ ପୁଣି ଥରେ ଗରମ କରି ଖାଆନ୍ତି। କିନ୍ତୁ ଏପରି କରିବା ଠିକ୍ ନୁହେଁ। କାରଣ ଅନେକ ସମୟରେ ଭାତକୁ ରଖିବା ଫଳରେ ଏଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି। ତେଣୁ ଏହାକୁ ବାରମ୍ବାର ଗରମ କରିବା ଫଳରେ ଖାଦ୍ୟଗୁଣ ନଷ୍ଟ ହୋଇଥାଏ।

➤ସବୁ ପ୍ରକାର ଖାଦ୍ୟକୁ ରାନ୍ଧିବା ପରେ ସଙ୍ଗେ ସଙ୍ଗେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ। ଆୟୁର୍ବେଦ ଅନୁସାରେ ଏହି ଖାଦ୍ୟରେ ଖାଦ୍ୟଗୁଣ ସବୁଠୁ ଅଧିକ



ରହିଥାଏ। ତେଣୁ ଯେତିକି ପରିମାଣରେ ଖାଇବେ ସେହି ଅନୁସାରେ ରୋଷେଇ କରିବା ଭଲ। ଯଦି ଅଳ୍ପ କିଛି ଖାଦ୍ୟ ବଳିଥାଏ ତା'ହେଲେ ଠିକ୍ ଭାବରେ ଷ୍ଟୋରେଜ୍ କରି ଶୀଘ୍ର ଖାଇ ଦିଅନ୍ତୁ। ଯଦି ନିହାତି ଗରମ କରିବା ଦରକାର ହୁଏ ତା'ହେଲେ ଥରେ ଗରମ କରି ଖାଆନ୍ତୁ, କିନ୍ତୁ ବାରମ୍ବାର ଗରମ କରନ୍ତୁ ନାହିଁ।

# ଖାଆନ୍ତୁ ଡ୍ରାଏ ଫ୍ରୁଟ୍‌ସ

ଖରାଦିନେ ଡ୍ରାଏ ଫ୍ରୁଟ୍‌ସ ଖାଇବେ କି ନାହିଁ ଏହାକୁ ନେଇ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ତେବେ ଠିକ୍ ଢଙ୍ଗରେ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ..

➤ଖରାଦିନେ ଅତ୍ୟଧିକ ଗରମ ପ୍ରଭାବରେ ଶରୀର ଶୀଘ୍ର ଥକିଯାଏ ଓ ଅନେକ ସମୟରେ ଡିହାଇଡ୍ରେସନ୍ ଭଳି ସମସ୍ୟା ମଧ୍ୟ ଦେଖାଯାଏ। ତେଣୁ ଏହି ଦିନେ ଡ୍ରାଏ ଫ୍ରୁଟ୍‌ସ ଶରୀରକୁ ପୋଷଣ ଦେବା ସହ ଏନର୍ଜି ମଧ୍ୟ ଦେଇଥାଏ।

➤ଖରାଦିନେ ଡ୍ରାଏ ଫ୍ରୁଟ୍‌ସ ଶରୀରକୁ ଅଧିକ ଗରମ କରିଥାଏ ବୋଲି ଅନେକଙ୍କର ଧାରଣା ରହିଥାଏ। ହେଲେ ଉପଯୁକ୍ତ ମାତ୍ରା ଓ ଠିକ୍ ଭାବରେ ଏହାକୁ ଖାଇଲେ ଏଥିରେ ଥିବା ଭିଟାମିନ୍, ମିନେରାଲ ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ମିଳିଥାଏ।

➤କିସ୍‌ମିସ୍‌କୁ ଖରାଦିନେ ରାତିରୁ ପାଣିରେ ଭିଜାଇ ସକାଳେ ଖାଆନ୍ତୁ। ଏହା ଶରୀରକୁ ଜଳୀୟ ଅଂଶ ପ୍ରଦାନ କରିବା ସହ ହଜମ ଶକ୍ତି ବଢ଼ାଇଥାଏ। ଏଥିରେ ଆଇରନ୍ ଓ ଫାଇବର ଥିବାରୁ ଖୁବ୍‌ଶୀଘ୍ର ଶରୀରକୁ ଶକ୍ତି ମିଳିଥାଏ। ତେଣୁ ଥକ୍କାପଣ ଅନୁଭବ ହୋଇ ନ ଥାଏ।

➤ କାଜୁ, ପିସ୍ତା ବାଦାମରେ ଫ୍ୟାଟ୍ ଓ ପ୍ରୋଟିନ୍ ରହିଛି। ତେଣୁ ଏହାକୁ କମ୍ ପରିମାଣରେ ଭିଜାଇ ଖାଆନ୍ତୁ।

➤ଖଜୁରିକୁ ସାଧାରଣତଃ ଶୀତଦିନିଆ ଖାଦ୍ୟ ଭାବରେ ଗ୍ରହଣ କରାଯାଏ। ତେବେ ଖରାଦିନେ ଏହାକୁ ଅଳ୍ପ ପରିମାଣରେ ଖାଇହେବ। ଥକ୍କା ଲାଗୁଥିଲେ ସଙ୍ଗେ ସଙ୍ଗେ ଶରୀରରେ ଉର୍ଜା ସୃଷ୍ଟିକରିବା ନିମନ୍ତେ ଏହାକୁ ଖାଆନ୍ତୁ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୪/୨୦୨୬ Bhubaneswar, Tuesday, April 14/ 2026

# କିଶନ, ହିଙ୍ଗେ, ହୁସେନଙ୍କ ରାଜୁତି




ଆଇପିଏଲ୍ ପଦାର୍ପଣର ପ୍ରଥମ ଓଭରରେ ୩ ଉଇକେଟ ହାସଲରେ ଉଲ୍ଲସିତ ପ୍ରଫୁଲ୍ଲ ହିଙ୍ଗେ।

## ସନ୍‌ରାଇଜର୍ସର ଦ୍ୱିତୀୟ ବିଜୟ

**ହାଇଦ୍ରାବାଦ, ୧୩।୪**

ଅଧିନାୟକ ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ ପରେ ପ୍ରଫୁଲ୍ଲ ହିଙ୍ଗେ ଓ ସାକିବ ହୁସେନଙ୍କ ଡ୍ରିମ୍ ଡେବ୍ୟୁ ବଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ ସୋମବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚରେ ୫୭ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ହାଇଦ୍ରାବାଦ ୨୦ ଓଭରରେ ୬ ଉଇକେଟ ହରାଇ ୨୧୬ ରନ କରିଥିଲା। ଜବାବରେ ଏକଦା ୯ ରନରେ ୫ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିବା ରାଜସ୍ଥାନ ଡୋନୋଭାନ ଫେରିରାଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ୧୯ ଓଭରରେ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା। ୫ ମ୍ୟାଚରୁ ରାଜସ୍ଥାନର ଏହା ପ୍ରଥମ ପରାଜୟ ହୋଇଥିବାବେଳେ ସନ୍‌ରାଇଜର୍ସର ଦ୍ୱିତୀୟ ବିଜୟ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ରାଜସ୍ଥାନ ଅଧିନାୟକ ରିୟାନ ପରାଗ। ଜୋଫ୍ରା ଆର୍ଚରଙ୍କ ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା ଆଉଟ ହେବାରୁ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ନିରବତା ଛାଇ ଯାଇଥିଲା। ଟ୍ରାଭିସ ହେଡ୍ ଓ ଅଧିନାୟକ ଇଶାନ କିଶନ ଦ୍ୱିତୀୟ ଉଇକେଟରେ ୫୫ ରନ ଯୋଡ଼ି ଇନିଂସ ସମ୍ଭାଳିଥିଲେ। ହେଡ୍ ୧୮ ରନକରି ଆଉଟ ହୋଇଥିବାବେଳେ ବିସ୍ଫୋରକ ବ୍ୟାଟିଂ କରିଥିଲେ କିଶନ। କିଶନ ଓ ହେନରିଚ୍ କ୍ଲାସେନଙ୍କ ତୃତୀୟ ଉଇକେଟ ଯୋଡ଼ିରେ ମାତ୍ର ୩୯ ବଲ୍‌ରୁ ୮୮ ରନ ସଂଗୃହୀତ ହୋଇଥିଲା। କିଶନ ଶତକର ନିକଟତର ହୋଇଥିଲେ ହେଁ ୪୪ ବଲ୍‌ରୁ ୮ ଚୌକା ଓ ୬ ଛକା ସହାୟତାରେ ୯୧ ରନ ସଂଗ୍ରହ କରିଥିବାବେଳେ ସନ୍ଦିପ ଶର୍ମାଙ୍କ ବୋଲିଂରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। କ୍ଲାସେନ ବ୍ୟକ୍ତିଗତ ୪୦ (୨୬ ବଲ, ୧ ଚୌକା, ୩ ଛକା) ରନ କରିଥିଲେ। ଶେଷ ଭାଗରେ ନୀତୀଶ କୁମାର ରେଡ୍ଡୀ ଓ ସଲିଲ ଆରୋରା କେତେକ ଦର୍ଶନୀୟ ଶଟ୍ ଖେଳିବାରୁ ହାଇଦ୍ରାବାଦ ସ୍କୋର ୨୦୦ ଅତିକ୍ରମ କରିଥିଲା। ନୀତୀଶ ୨୮ ରନକରି ଆଉଟ ହୋଇଥିବାବେଳେ ଆରୋରା ୨୪ ରନରେ ଅପରାଜିତ ରହିଥିଲେ।

### ପ୍ରଫୁଲ୍ଲ ହିଙ୍ଗେଙ୍କ ଡ୍ରିମ୍ ଡେବ୍ୟୁ

ପ୍ରଥମ ଓଭର ଦ୍ୱିତୀୟ ବଲ୍‌ରେ ବିସ୍ଫୋରକ ବୈଭବ ସୂର୍ଯ୍ୟବଂଶୀ (୦), ୪ର୍ଥ ବଲ୍‌ରେ ଧ୍ରୁବ ଜୁରେଲ (୦) ଓ ୬ଷ୍ଠ ବଲ୍‌ରେ ଲୁଆନ-ଡ୍ରେ ଗିଲବର୍ଟ ପ୍ରିଟୋରିଅସ (୦)ଙ୍କ ଉଇକେଟ। ଏପରି ଥିଲା ହାଇଦ୍ରାବାଦ ଦ୍ରୁତ ବୋଲର ପ୍ରଫୁଲ୍ଲ ହିଙ୍ଗେଙ୍କ ଡ୍ରିମ୍ ଡେବ୍ୟୁ। କେବଳ ସେତିକି ନୁହେଁ ସେ ନିଜ ଦ୍ୱିତୀୟ ଓଭରର ୬ଷ୍ଠ ବଲ୍‌ରେ ରାଜସ୍ଥାନ ଅଧିନାୟକ ରିୟାନ ପରାଗ (୪)ଙ୍କୁ ମଧ୍ୟ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଯଶସ୍ୱୀ ଜୟସ୍ୱାଲ (୧)ଙ୍କୁ ସାକିବ ହୁସେନଆଉଟ କରିବାରୁ ୩ ଓଭର ଶେଷରେ ମାତ୍ର ୯ ରନ ମଧ୍ୟରେ ରାଜସ୍ଥାନ ୫ ଉଇକେଟ ହରାଇ ବଡ଼ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଫେରିରା ଓ ରବୀନ୍ଦ୍ର ଜାଡେଜା ସତର୍କତାର ସହ ବ୍ୟାଟିଂ କରି ଦଳକୁ କେବଳ ଲଜ୍ଜାଜନକ ପରିସ୍ଥିତିରୁ ମୁକୁଳାଇ ନ ଥିଲେ ୬ଷ୍ଠ ଉଇକେଟରେ ୧୧୮ ରନର ଭାଗୀଦାରି ଗଢ଼ି ବିପକ୍ଷ ଦଳର ସହଜ ବିଜୟ ଆଶାରେ ପାଣି ଭରିଥିଲେ। ଫେରିରା ୪୪ ବଲ୍‌ରୁ ୬୯ (୭ ଚୌକା, ୩ ଛକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଜାଡେଜା ୪୫ ରନର ଯୋଗଦାନ ଦେଇଥିଲେ। ଅନ୍ୟତମ ଆଇପିଏଲ୍ ପଦାର୍ପଣକାରୀ ସାକିବ ହୁସେନ ମଧ୍ୟ ୪ଟି ଉଇକେଟ ନେଇଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ଚେନ୍ନାଇ ବନାମ କୋଲକାତା**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୧୬/୬ (ଇଶାନ କିଶନ-୯୧, ହେନରିଚ କ୍ଲାସେନ-୪୦, ନୀତୀଶ କୁମାର ରେଡ୍ଡୀ-୨୮, ସଲିଲ ଆରୋରା-୨୪*, ଜୋଫ୍ରା ଆର୍ଚର-୨/୩୭, ସନ୍ଦିପ ଶର୍ମା-୧/୫୨, ତୁଷାର ଦେଶପାଣ୍ଡେ-୧/୫୫, ରିୟାନ ପରାଗ-୧/୫)। ରାଜସ୍ଥାନ ରୟାଲ୍ସ ୧୯ ଓଭରରେ ୧୫୯/ଅଲଆଉଟ (ଡୋନୋଭାନ ଫେରିରା-୬୯, ରବୀନ୍ଦ୍ର ଜାଡେଜା-୪୫, ପ୍ରଫୁଲ୍ଲ ହିଙ୍ଗେ-୪/୩୪, ସାକିବ ହୁସେନ-୪/୨୪, ଏହସାନ ମାଲିଙ୍ଗା-୨/୩୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୦ | ୧ | ୭ | +୦.୭୨୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୪ | ୩ | ୧ | ୦ | ୬ | +୧.୧୪୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୦ | ୪ | -୦.୫୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୦ | ୪ | -୦.୪୨୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୦ | ୨ | -୦.୭୭୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୧ | ୩ | ୦ | ୨ | -୧.୫୩୨ |
| ନାଇଟ ରାଇଡର୍ସ | ୪ | ୦ | ୩ | ୧ | ୧ | -୧.୩୧୫ |




ଛକା ମାରିବା ଅବସରରେ ଇଶାନ କିଶନ।



DOWN PAYMENT STARTS FROM ₹6 999# | NO PROCESSING FEE** | NO COST EMI**
* Ex-showroom price of TVS Raider Drum variant in Odisha.
# Finance plans are mutually exclusive and cannot be clubbed with each other.
Scheme valid till 31st May, 2026. ** T&C apply.
FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: KISHORE TVS: 9778371171, BOLANGIR: RAJALAXMI TVS: 8260437538, BARGARH: SHUBHAMM TVS: 8860625628, ROURKELA: UNIQUE TVS: 8114372182, 8114372181, GURU GOBIND TVS: 9776280701, JHARSUGUDA: MARUTI TVS: 9124590071, 9124590070, SONEPUR: MINERVA TVS: 6370700730, 6370700732, BHAWANIPATNA: MAA BANJARI TVS: 8926220488, 8926242352, JUNAGARH: MAA BANJARI TVS: 9437939586, 7978323005. Authorised Dealers: BRAJRAJNAGAR: 9937077883, DEOGARH: 9437392892, MODIPARA: 9337016000, BAMRA: 9668005302, KUCHINDA: 9777189689, KANTAPALI: 9437096134, DHAMA: 7735079641, RAIRAKHOL: 9937503010, PATNAGARH: 9938621078, RAJ KHARIAR: 9439144433, KANTABANJI: 8596980487, GAISILAT: 7683848645, SAINTALA: 9861471371, BANGAMUNDA: 9937526500, TUSURA: 9437890955, UDANBANDH: 9437626855, LATHOR: 7008086417, TITILAGARH: 9776516666, BELPARA: 7008771977, BELPAHAR: 8249880971, NUAPARA: 9938098888, BARAGARH: 9938739550, ATTABIRA: 9583558398, PAIKAMAL: 9938119999, BHEDEN: 7008822177, GODBAGHA: 9438043220, DIPTIPUR: 9937119913, PADAMPUR: 8018570957, JAGADALPUR: 7974013864, AGALPUR: 8658048760, LAIKERA: 9938465363, BAGDEHI: 9438736989, RAJGANGPUR: 9437172724, KUTRA: 6370578102, BONAI: 9124187787, BADGAON: 9937060901, SABDEGA: 9583907310, SUNDARGARH: 7008604840, JALDA: 9437555007, DUNGRIPALLY: 9937926986, KANTAMAL: 7008225996, BIRMAHARAJPUR: 8018860710, BOUDH: 9668507569, BAUNSUNI: 9938312281, NARLA: 9437707650, KESINGA: 9437625573, CHARBAHAL: 9178236679, M. RAMPUR: 9078855864, SINAPALI: 9937906526, LADUGAON: 8594857691, DHARAMGARH: 9938883405, KALAMPUR: 7008516495.
dentsu/dha sam/01/26

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ